# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ ୧୧/୨୦୨୨ (୧୪ ପୃଷ୍ଠା) Bhubaneswar, Wednesday, May 11/2022 Page 14 ₹ 7.00 | ★★★★
୪୮ଶ ଭାଗ ୧୬୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ଶୁବମନ ଗିଲ୍‌ଙ୍କ ଅର୍ଦ୍ଧଶତକ**
ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଗୁଜରାଟ ଟାଇଟାନ୍ସର ଶୁବମନ ଗିଲ୍।

୧୪

୧୦

**ଜୁନ୍ ୩'ରେ ପୃଥ୍ୱୀରାଜ**
ହିନ୍ଦୀ ଫିଲ୍ମ 'ପୃଥ୍ୱୀରାଜ' ଜୁନ୍ ୩ରେ ରିଲିଜ୍ ହେବାକୁ ଥିବାବେଳେ ବିଶ୍ୱ ସୁନ୍ଦରୀ ମାନୁଷୀ ଚିଲ୍ଲର ଏହା ଜରିଆରେ ବଲିଉଡ୍ ଡେବ୍ୟୁ କରିଛନ୍ତି।



# ନୀରବିଲା ଶିବକୁମାରଙ୍କ ସନ୍ତୁର

ମୁମ୍ବାଇ,୧୦।୫(ପି.ଟି.)



ପଣ୍ଡିତ ଶିବକୁମାର ଶର୍ମା

କିମ୍ବଦନ୍ତୀ ସନ୍ତୁର ବାଦକ ପଣ୍ଡିତ ଶିବକୁମାର ଶର୍ମାଙ୍କର ମଙ୍ଗଳବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ୧୯୩୮ରେ ଜମ୍ମୁରେ ଜନ୍ମିତ ଶିବକୁମାର ସନ୍ତୁରକୁ ବିଶ୍ୱ ମଞ୍ଚରେ ପହଞ୍ଚାଇବା ସହ ଶାସ୍ତ୍ରୀୟ ତଥା ଚଳଚ୍ଚିତ୍ର ସଙ୍ଗୀତ ଜଗତରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଭାରତର ଏହି ଖ୍ୟାତନାମା ଶାସ୍ତ୍ରୀୟ ସଙ୍ଗୀତକାରଙ୍କର ପଲି ହିଲ୍ ବାସଭବନରେ ପରଲୋକ ହୋଇଯାଇଥିବା ତାଙ୍କ ସଚିବ ଦିନେଶ ଗଣମାଧ୍ୟମକୁ ଜଣାଇଛନ୍ତି। ପଦ୍ମ ବିଭୂଷଣ ପୁରସ୍କାରରେ ସମ୍ମାନିତ ଶିବକୁମାର କିଛିଦିନ ହେଲା ଅସୁସ୍ଥ ଥିଲେ ମଧ୍ୟ ସଙ୍ଗୀତ ପରିବେଷଣରେ ସକ୍ରିୟ ରହିଥିଲେ। ଆସନ୍ତା ସପ୍ତାହରେ ଭୋପାଳରେ ତାଙ୍କର ସଙ୍ଗୀତ କାର୍ଯ୍ୟକ୍ରମ ରହିଥିଲା। ପ୍ରସିଦ୍ଧ ବଂଶୀବାଦକ ହରିପ୍ରସାଦ ଚୌରାସିଆଙ୍କ ସହ ସେ ଅନେକ ସଙ୍ଗୀତର ସଙ୍ଗୀତକାର ଥିଲେ। ତାଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ପଣ୍ଡିତ ଶିବକୁମାରଙ୍କ ସନ୍ତୁର ନୀରବ ହୋଇଯିବା ଖବର ପାଇ ଦୁଃଖିତ। ତାଙ୍କ ପରିବାର, ବନ୍ଧୁ ଓ ପ୍ରଶଂସକମାନଙ୍କୁ ସମବେଦନା ଜଣାଉଛି ବୋଲି ରାଷ୍ଟ୍ରପତି କହିଛନ୍ତି। ମହାନ୍ ସଙ୍ଗୀତକାରଙ୍କ ପରଲୋକରେ ସଂସ୍କୃତି ଜଗତର ଅପୂରଣୀୟ କ୍ଷତି ହେଲା ବୋଲି ପ୍ରଧାନମନ୍ତ୍ରୀ କହିବା ସହ ତାଙ୍କ ପରିବାର ଓ ଆତ୍ମୀୟ ସ୍ୱଜନଙ୍କୁ ସମବେଦନା ଜଣାଇଛନ୍ତି। ଶିବକୁମାରଙ୍କ ପରଲୋକରେ ଏକ ଯୁଗର ଅବସାନ ହେଲା। ସଙ୍ଗୀତ ଜଗତକୁ ତାଙ୍କ ଅବଦାନ ଅତୁଳନୀୟ ବୋଲି ସରୋଦ ଉସ୍ତାଦ ଅମଜାଦ ଅଲି ଖାନ୍ କହିଛନ୍ତି।

**ଆଜିର ସମ୍ପାଦକୀୟ** ଅସାନି ଆସିଲା

# ଆଜି ସ୍ଥଳଭାଗ ଛୁଇଁବ 'ଅସାନି'

## କାକିନାଡ଼ା-ବିଶାଖାପାଟଣା ଦେଇ ଗତିକରିବ

- ୮ ଜିଲାରେ ବର୍ଷା ସମ୍ଭାବନା
- ଉପକୂଳରେ ବହିବ ୫୦ କି.ମି.
- ୧୩ ଯାଏ ସମୁଦ୍ରକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ମନା, ନ ମାନିଲେ କାର୍ଯ୍ୟାନୁଷ୍ଠାନ
- ଗୋପାଳପୁର ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ବାତ୍ୟା 'ଅସାନି' ବୁଧବାର ପୂର୍ବାହ୍ନ ୧୧ ସୁଦ୍ଧା ଆନ୍ଧ୍ରପ୍ରଦେଶର କାକିନାଡ଼ା-ବିଶାଖାପଟଣା ମଧ୍ୟଦେଇ ସ୍ଥଳଭାଗ ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆକଳନ କରିଛି। ମଙ୍ଗଳବାର 'ଅସାନି' ଭୀଷଣ ବାତ୍ୟାରେ ପରିଣତ ହୋଇସାରିଛି। ଏହା ପଶ୍ଚିମ-କେନ୍ଦ୍ରୀୟ ଓ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଘଣ୍ଟା ପ୍ରତି ୨୩ କିଲୋମିଟର ବେଗରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି। ବାତ୍ୟା ଗୋପାଳପୁରଠାରୁ ଦକ୍ଷିଣ-ଦକ୍ଷିଣ ପଶ୍ଚିମରେ ☞ପୃଷ୍ଠା-୪







ପୁରୀରେ ପର୍ଯ୍ୟଟକ ଓ ମତ୍ସ୍ୟଜୀବୀଙ୍କୁ ସତର୍କ କରାଇ ଦିଆଯାଉଛି (ବାମ)। ପାଣିପାଗ ବିଭାଗ ପକ୍ଷରୁ ଜାରି ବାତ୍ୟାର ଗତି ଚିତ୍ର।

## ପ୍ରସ୍ତୁତି ନେଇ ରାଜ୍ୟ-କେନ୍ଦ୍ର ଆଲୋଚନା

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଭିଡିଓ କନଫରେନ୍ସ ଜରିଆରେ ନ୍ୟାଶନାଲ ଏକଜିକ୍ୟୁଟିଭ କମିଟି ବୈଠକକୁ ଅଧ୍ୟକ୍ଷତା କରି କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲ୍ଲା ଓଡ଼ିଶା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ବାତ୍ୟା ମୁକାବିଲା ପାଇଁ ରାଜ୍ୟ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ କୋରାପୁଟ, ମାଲକାନଗିରି, ଗଞ୍ଜାମ, ରାୟଗଡା ଓ ଗଜପତି ଜିଲାକୁ ହାଇ ଆଲର୍ଟରେ ରଖାଯାଇଛି। ଉପକୂଳ ଜିଲାଗୁଡିକୁ ମଧ୍ୟ ସତର୍କ କରାଯାଇଛି।

## ହାଇଆଲର୍ଟରେ ଦକ୍ଷିଣ ଓଡ଼ିଶା

ଓଡ୍ରାଫ ଓ ଅଗ୍ନିଶମ ବିଭାଗର ଟିମ୍‌କୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ମୁତୟନ କରାଯାଇଛି। ବାତ୍ୟା ଉପକୂଳ ଛୁଇଁବା ପୂର୍ବରୁ ପ୍ରସ୍ତୁତି ଶେଷ ହୋଇଥିବ ବୋଲି ମୁଖ୍ୟ ଶାସନ ସଚିବ ଅବଗତ କରାଇଛନ୍ତି।

# ଡାନିଶ୍ ସିଦ୍ଦିକିଙ୍କୁ ମରଣୋତ୍ତର ପୁଲିଜର



**ଅନ୍ୟ ୩ ଭାରତୀୟ ଫଟୋଜର୍ନାଲିଷ୍ଟ ପୁରସ୍କୃତ**

ନ୍ୟୁୟର୍କ,୧୦।୫

ପରଲୋକଗତ ଫଟୋଜର୍ନାଲିଷ୍ଟ ଡାନିଶ ସିଦ୍ଦିକିଙ୍କ ସମେତ ୪ ଭାରତୀୟଙ୍କୁ ଫିଚର ଫଟୋଗ୍ରାଫି ବର୍ଗରେ ୨୦୨୨ ବର୍ଷ ଲାଗି ମର୍ଯ୍ୟାଦାଜନକ ପୁଲିଜର ପୁରସ୍କାରରେ ସମ୍ମାନିତ କରାଯାଇଛି। ଅନ୍ୟମାନେ ହେଲେ ସିଦ୍ଦିକିଙ୍କ ସହକର୍ମୀ ଆଦନାନ ଆବିଦି, ସନ୍ନା ଇର୍ଶାଦ ମାଟ୍ଟୁ ଏବଂ ଅମିତ୍ ଡାଭେ। ରଏଟର୍ସ ନ୍ୟୁଜ୍ ଏଜେନ୍ସି ପାଇଁ କାର୍ଯ୍ୟ କରୁଥିବା ଏହି ଫଟୋଜର୍ନାଲିଷ୍ଟମାନଙ୍କୁ ସୋମବାର ପୁଲିଜର ପୁରସ୍କାର ବିଜେତା ଘୋଷଣା କରାଯାଇଛି। ସେମାନେ ଭାରତରେ କୋଭିଡ୍ ମୃତ୍ୟୁ ଉପରେ ☞ପୃଷ୍ଠା-୪





# ବିଚାରାଧୀନ ବନ୍ଦୀଙ୍କ ଆତ୍ମହତ୍ୟା

## ହାତରେ ଲେଖିଛନ୍ତି 'ଆଇ ଲଭ୍ ୟୁ ମଞ୍ଜୁ'

ସୋହେଲା,୧୦।୫(ଡି.ଏନ.ଏ)

ବରଗଡ଼ ଜିଲା ସୋହେଲା ସବ୍‌ଜେଲରେ ଜଣେ ବିଚାରାଧୀନ କଏଦୀ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସୋହେଲା ଥାନା ଅଧୀନ ପେଟୁପାଲି ଗାଁର ମନମୋହନ ରାଉତିଆ (୨୬)। ତାଙ୍କ ହାତ ପାପୁଲିରେ 'ଆଇ ଲଭ୍ ୟୁ ମଞ୍ଜୁ' ବୋଲି ଉଲ୍ଲେଖ ରହିଛି। ମଞ୍ଜୁ ହେଉଛନ୍ତି ମନମୋହନଙ୍କ ସ୍ତ୍ରୀ। ଗତ ୬ତାରିଖରେ ମଞ୍ଜୁ ଆତ୍ମହତ୍ୟା କରିଥିଲେ। ହେଲେ ସ୍ତ୍ରୀଙ୍କ ହତ୍ୟା ଅଭିଯୋଗରେ ମନମୋହନ ଗିରଫ





ହୋଇ ଗତ ୭ତାରିଖରୁ ଜେଲରେ ଥିଲେ। ସ୍ତ୍ରୀ ମୃତ୍ୟୁରେ ମ୍ରିୟମାଣ ହୋଇ ମନମୋହନ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଅପରପକ୍ଷରେ ମନମୋହନଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ମୃତକଙ୍କ ବାପା ଅଶୋକ ରାଉତିଆ ଏ ନେଇ ସୋହେଲା ଥାନାରେ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ପୋଲିସ ମୃତଦେହ ☞ପୃଷ୍ଠା-୪

# ଟୁଇଟର ଡିଲ୍ ପଛରେ ବିନିତା

## ମସ୍କଙ୍କୁ ୪୦ କୋଟି ଡଲାର ଫଣ୍ଡିଂରେ ରହିଛି ମୁଖ୍ୟ ଭୂମିକା

ୱାଶିଂଟନ୍, ୧୦।୫

ଟେସ୍‌ଲା ସିଇଓ ଏଲନ୍ ମସ୍କ ଟୁଇଟର କିଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଏବେ ଏଥିରେ ଆଉ ଏକ ଖବର ଆଲୋଚନାକୁ ଆସିଛି। ଟୁଇଟର ଡିଲ୍‌ରେ ଏହି ମାଇକ୍ରୋ ବ୍ଲଗିଂ ସାଇଟ୍‌ର ସିଇଓ ପରାଗ ଅଗ୍ରୱାଲଙ୍କ ସ୍ତ୍ରୀ ବିନିତା ଅଗ୍ରୱାଲ୍‌ଙ୍କ ଭୂମିକା ରହିଥିବା ଚର୍ଚ୍ଚା ହେଉଛି। ମସ୍କ ୭.୧ ବିଲିୟନ ଡଲାର ଫାଇନାନ୍ସ କମିଟମେଣ୍ଟ (ପାଣ୍ଠି ଯୋଗାଣ ପ୍ରତିଶ୍ରୁତି) କରିଥିବାବେଳେ ସେଥିରୁ ୪୦ କୋଟି ଡଲାର କେବଳ ଆଣ୍ଡ୍ରିସେନ୍ ହୋରୋୱିଜ୍ ନାମକ ଆମେରିକୀୟ ଭେଞ୍ଚର କ୍ୟାପିଟାଲ ଫାର୍ମ ଦେବ ବୋଲି ରାଜି ହୋଇଛି। ୩୫ ବର୍ଷୀୟା ବିନିତା ଏହି ଫାର୍ମର ଜେନେରାଲ ପାର୍ଟନର ରହିଛନ୍ତି। ତେଣୁ ମସ୍କଙ୍କ ଏହି ଡିଲ୍‌କୁ ଫଣ୍ଡିଂ ପାଇଁ ବିନିତାଙ୍କ ପ୍ରମୁଖ ଭୂମିକା ଥିବା କୁହାଯାଉଛି। ମସ୍କ ଟୁଇଟର କ୍ରୟ କରିବା ପରେ ବିନିତାଙ୍କୁ ଟୁଇଟରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ ବୋଲି ମଧ୍ୟ ରିପୋର୍ଟ ପ୍ରକାଶ ପାଇଥିଲା। ଅପରପକ୍ଷେ ଟୁଇଟର ଓ ଫେସବୁକ୍ ପରସ୍ପରର ପ୍ରମୁଖ ☞ପୃଷ୍ଠା-୪





## ସଂକ୍ଷେପରେ

### ୟୁଏନ୍ଏଚ୍ଆର୍ସି ବୈଠକରେ ଯୋଗଦେବନି ରୁଷିଆ

**ମସ୍କୋ, ୧୦।୫:** ୟୁକ୍ରେନ୍ ପ୍ରସଙ୍ଗରେ ଆସନ୍ତା ଗୁରୁବାର ହେବାକୁ ଥିବା ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍ଏଚ୍ଆର୍ସି) ବୈଠକରେ ରୁଷିଆ ସାମିଲ ହେବ ନାହିଁ ବୋଲି ମଙ୍ଗଳବାର ଘୋଷଣା କରିଛି। ଏହି ବୈଠକ ଏକ ନୂଆ 'ପଲିଟିକାଲ ଶୋ' ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟର ଜଣେ ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି। ଏଥିରେ ମସ୍କୋ ପ୍ରତିନିଧି ଯୋଗ ଦେବା ଯଥାର୍ଥ ହେବ ନାହିଁ। ୟୁକ୍ରେନ୍ରେ ରୁଷିଆର ଅଭିଯାନ ପଛର ପ୍ରକୃତ ଉଦ୍ଦେଶ୍ୟ ଓ ଯୁକ୍ତିକୁ ଏଥିରେ ପୁଣି ଅଣଦେଖା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ୟୁକ୍ରେନ୍ରେ ମାନବାଧିକାର ଉଲ୍ଲଂଘନ ପାଇଁ ଗତ ଏପ୍ରିଲ ୭ରେ ଜାତିସଂଘର ସାଧାରଣ ଅଧିବେଶନରେ ରୁଷିଆକୁ ୟୁଏନ୍ଏଚ୍ଆର୍ସି ସଦସ୍ୟ ପଦରୁ ନିଲମ୍ବନ କରାଯାଇଥିଲା।

### ପରେଡ୍ ବେଳେ ଛୋଟାଉଥିଲେ ପୁଟିନ୍

**ମସ୍କୋ, ୧୦।୫:** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କ୍ୟାନ୍ସର ଓ ପାର୍କିନସନ୍ସ ରୋଗରେ ପୀଡ଼ିତ ଥିବାନେଇ ଅନ୍ତର୍ଜାତୀୟ ଗଣମାଧମରେ ଏକାଧିକ ରିପୋର୍ଟ ପ୍ରକାଶ ପାଇବା ପରେ ବିଜୟ ଦିବସ ପରେଡରେ ସେ ଠିକ୍ ଭାବେ



ଚାଲିପାରୁ ନ ଥିବାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସୋମବାର ରୁଷିଆର ବିଜୟ ଦିବସ ପାଳନବେଳେ ପୁଟିନ୍ ଗୋଡ଼ରେ ସବୁଜ ରଙ୍ଗର କପଡ଼ା ଗୁଡ଼ାଇ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭେଟେରାନ୍ ଓ ବରିଷ୍ଠ ଅଧିକାରୀଙ୍କ ଗହଣରେ ବସିଥିବା ଦେଖିବାକୁ ମିଳିଥିଲା। ଏଥିସହ ସେ କଳାରଙ୍ଗର ବନ୍ଧର ଜ୍ୟାକେଟ୍ ପିନ୍ଧି ବାରମ୍ବାର କାଶୁଥିଲେ। ଅନ୍ୟମାନଙ୍କ ଅପେକ୍ଷା ପୁଟିନ୍ ଅଧିକ ମୋଟା କପଡ଼ାରେ ନିଜ ଶରୀରକୁ ଢାଙ୍କି ରଖିଥିବା ରିପୋର୍ଟ ପ୍ରକାଶ ପାଇଛି। ଆସନ୍ତା ମାସରେ ପୁଟିନ୍ ତାଙ୍କ କ୍ୟାନ୍ସର ଚିକିତ୍ସା ନିମନ୍ତେ ଅସ୍ତ୍ରୋପଚାର କରାଇପାରନ୍ତି ବୋଲି କୁହାଯାଉଛି। ସେହିପରି ସୋସିଆଲ ମିଡିଆରେ ଅପ୍ଲୋଡ୍ ହୋଇଥିବା ଆଉ ଏକ ଭିଡିଓରେ ୧୨ମିନିଟ୍ର ବୈଠକରେ ପୁଟିନ୍ ଟେବୁଲର ଏକ କୋଣକୁ ଜାବୁଡ଼ି ଧରିଥିବା ଦେଖିବାକୁ ମିଳିଛି।

### 'ଦେଶକୁ ୧ ଲକ୍ଷ ଡ୍ରୋନ୍ ପାଇଲଟ ଆବଶ୍ୟକ'

**ନୂଆଦିଲ୍ଲୀ,୧୦।୫:** ଆଗାମୀ ଭବିଷ୍ୟତରେ ଦେଶକୁ ୧ ଲକ୍ଷ ଡ୍ରୋନ୍ ପାଇଲଟଙ୍କ ଆବଶ୍ୟକତା ଥିବା ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଙ୍ଗଳବାର କହିଛନ୍ତି। ପାଖାପାଖି ୧୨ ରାଷ୍ଟ୍ରମନ୍ତ୍ରୀ ଦେଶରେ ଡ୍ରୋନ୍ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଦେଶରେ ଡ୍ରୋନ୍ ସେକ୍ଟରକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଲା ଦେଶରେ ଡ୍ରୋନ ସେକ୍ଟର ପାଇଁ ଜରୁରୀ ପଲିସିର ଆବଶ୍ୟକତା ରହିଛି। ଦ୍ୱିତୀୟରେ ନୀତି ଆୟୋଗର ପ୍ରୋତ୍ସାହନ ରାଶି ଯୋଗାଣ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ପ୍ରଡକ୍ସନ ଲିଙ୍କଡ୍ ଇନ୍ସେଣ୍ଟିଭ୍ (ପିଏଲ୍ଆଇ) ଜରିଆରେ ଡ୍ରୋନ୍ ନିର୍ମାଣ କ୍ଷେତ୍ରରେ ଉନ୍ନତୀକରଣ କରାଯାଉଥିବା ରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

# ଇସ୍ତଫା ପରେ ପ୍ରଧାନମନ୍ତ୍ରୀଙ୍କ ପଳାୟନ

**ଶ୍ରୀଲଙ୍କା ସଙ୍କଟ**



ମହିନ୍ଦା ରାଜପାକ୍ସେ

- ପରିବାର ସହ ନାଭାଲ ବେସ୍ରେ ଆଶ୍ରୟ ନେଇଛନ୍ତି
- ୮ରେ ପହଞ୍ଚିଲା ହିଂସା ମୃତ୍ୟୁସଂଖ୍ୟା
- ବିକ୍ଷୋଭକାରୀଙ୍କୁ ଦେଖିବା ମାତ୍ରେ ଗୁଳି ନିର୍ଦ୍ଦେଶ
- ମିଳିତ ସରକାର ଗଠନକୁ ବିରୋଧୀ ଦଳର ଅଗ୍ରାହ୍ୟ

**କଲମ୍ବୋ,୧୦।୫**

ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେ ସୋମବାର ଇସ୍ତଫା ଦେବା ପରେ ନିଜ ପରିବାର ସହ ରାଜଧାନୀ କଲମ୍ବୋରୁ ପଳାୟନ କରିଛନ୍ତି। ସେମାନେ ଦ୍ୱୀପରାଷ୍ଟ୍ରର ଉତ୍ତରପୂର୍ବରେ ଥିବା ତ୍ରିଙ୍କୋମାଲି ନାଭାଲ ବେସ୍ରେ ଆଶ୍ରୟ ନେଇଥିବାବେଳେ ଆର୍ଥିକ ସଙ୍କଟକୁ ନେଇ ଆନ୍ଦୋଳନ ତୀବ୍ରତର ହୋଇଛି। ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରୁଥିବା ବିକ୍ଷୋଭକାରୀଙ୍କୁ ଦେଖିବା ମାତ୍ରେ ଗୁଳି କରିବାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମହିନ୍ଦା ଓ ତାଙ୍କ ପରିବାର ହେଲିକପ୍ଟର ଯୋଗେ ନାଭାଲ ବେସ୍କୁ ଚାଲିଯାଇଥିବାବେଳେ ଏହା ବାହାରେ ବିକ୍ଷୋଭ ଜୋର୍ଦାର ହୋଇଛି।

ସୋମବାର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସମର୍ଥକ ଓ ସରକାର ବିରୋଧୀ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ବିକ୍ଷୋଭକାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଚଳାଇଥିବାବେଳେ ମହିନ୍ଦାଙ୍କ ସମର୍ଥକମାନେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଶାସକ ଦଳ ଏମ୍ପି ଅମରକୀର୍ତ୍ତି ଅଥୁକୋରଲା ୨ ଜଣ ବିକ୍ଷୋଭକାରୀଙ୍କୁ ଗୁଳିକରି ମାରିବା ପରେ ଆନ୍ଦୋଳନକାରୀ ତାଙ୍କୁ ଘେରିଯିବାରୁ ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ। ଘଟଣାସ୍ଥଳରୁ ଏମ୍ପିଙ୍କ ଅଙ୍ଗରକ୍ଷୀଙ୍କ ମୃତଦେହ ମଧ୍ୟ ମିଳିଥିଲା। ସେଠାରେ ହିଂସାକାଣ୍ଡଜନିତ ମୃତ୍ୟୁସଂଖ୍ୟା ୮ରେ ପହଞ୍ଚିଲାଣି। କଲମ୍ବୋ ଏବଂ ଅନ୍ୟ ସହରରେ ଘଟିଥିବା ହିଂସାରେ ୨୨୫ରୁ ଊର୍ଦ୍ଧ୍ୱ ଆହତ ହେଲେଣି। ବିକ୍ଷୋଭକାରୀମାନେ ମହିନ୍ଦାଙ୍କ ପୈତୃକ ଘରକୁ ଗତ ରାତିରେ ଜାଳିଦେଇଥିଲେ। ହିଂସା ରୋକିବା ପାଇଁ ଦେଶବ୍ୟାପୀ କର୍ଫ୍ୟୁ ଜାରି ହେବା ସହ ହଜାର ହଜାର ସୈନ୍ୟ ଓ ପୋଲିସଙ୍କୁ ମୁତୟନ କରାଯାଇଛି। ମହିନ୍ଦାଙ୍କ ଇସ୍ତଫା ସତ୍ତ୍ୱେ ଉତ୍ତ୍ୟକ୍ତ ବିକ୍ଷୋଭକାରୀଙ୍କ ରାଗ ଶାନ୍ତ ହୋଇନାହିଁ। ସେମାନେ ଗତ ରାତିରେ ତାଙ୍କ କଲମ୍ବୋ ସରକାରୀ ବାସଭବନ ମଧ୍ୟକୁ ପ୍ରବେଶ ଉଦ୍ୟମ କରିଥିଲେ। ବାସଭବନ ପରିସର ମଧ୍ୟକୁ ଅନ୍ୟୂନ ୧୦ଟି ପେଟ୍ରୋଲ ବୋମା ଫିଙ୍ଗାଯାଇଥିବା ଏକ ରିପୋର୍ଟରେ କୁହାଯାଇଛି। ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଗୁଳି କରିବା ଲାଗି ଧମକ ଦେବାରୁ ଫେରିଯାଇଥିଲେ। ଭୋର ସମୟରେ ସୈନ୍ୟମାନେ ମହିନ୍ଦା ଓ ତାଙ୍କ ପରିବାରକୁ ସେଠାରୁ ନାଭାଲ ବେସ୍କୁ



କଲମ୍ବୋରେ ସରକାର ବିରୋଧୀ ଓ ସମର୍ଥକଙ୍କ ମଧ୍ୟରେ ସଂଘର୍ଷରୁ ଭାଙ୍ଗିଯାଇଥିବା ଏକ ଗାଡ଼ି ନିକଟରେ ଯବାନ ଛିଡ଼ା ହୋଇଛନ୍ତି।

ନେଇଯାଇଥିବା ଜଣାପଡ଼ିଛି। କର୍ଫ୍ୟୁ ସତ୍ତ୍ୱେ ଶାସକ ଦଳ ନେତାଙ୍କର ୪୧ରୁ ଅଧିକ ଘର ଏବଂ ଶତାଧିକ ଗାଡ଼ିକୁ ପୋଡ଼ିଦିଆଗଲାଣି।

ଶ୍ରୀଲଙ୍କାରେ ଦୀର୍ଘଦିନ ହେଲା ଆର୍ଥିକ ସଙ୍କଟ ଲାଗିରହିଛି। ଲୋକେ ନାହିଁ ନ ଥିବା ଦୁର୍ଦ୍ଦିନର ସମ୍ମୁଖୀନ ହୋଇଛନ୍ତି। ସେଠାରେ ଖାଦ୍ୟ, ଔଷଧ, ଇନ୍ଧନ ଆଦି ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଦେଖାଦେଇଥିବାବେଳେ କୋଇଲା ଅଭାବରୁ ଦୀର୍ଘ ସମୟ ବିଜୁଳି କାଟ୍ ହେଉଛି। ୧୯୪୮ରେ ଦେଶ ସ୍ୱାଧୀନ ହେବା ପରେ ଏଭଳି ଗମ୍ଭୀର ଆର୍ଥିକ ସଙ୍କଟ କେବେ ଦେଖାଦେଇ ନ ଥିଲା। ଏଥିପାଇଁ ରାଜପାକ୍ସେ ସରକାରଙ୍କୁ ଦାୟୀ କରାଯାଇ ସେମାନଙ୍କ ଇସ୍ତଫା ଦାବି ହୋଇଆସୁଥିଲା। ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଦେଶରେ ଏମର୍ଜେନ୍ସି ଜାରି କରିବାରୁ ଆନ୍ଦୋଳନ ଅଧିକ ଜୋର୍ଦାର ହୋଇଛି।

ପ୍ରଧାନମନ୍ତ୍ରୀ ପଦରୁ ମହିନ୍ଦାଙ୍କ ଇସ୍ତଫା ପରେ ଅନ୍ତରୀଣ ସରକାର ଗଠନ ଲାଗି ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ଆମନ୍ତ୍ରଣକୁ ମୁଖ୍ୟ ବିରୋଧୀ ଦଳ ସାମାଗି ଜନ ବଲୱେଗୟା (ଏସ୍ଜେବି) ମଙ୍ଗଳବାର ଅଗ୍ରାହ୍ୟ କରିଦେଇଛି। ଅନ୍ତରୀଣ ସରକାର ଗଢ଼ିବା ପରିବର୍ତ୍ତେ ରାଷ୍ଟ୍ରପତି ଇସ୍ତଫା ଦିଅନ୍ତୁ ବୋଲି ଏହି ଦଳ ଦାବି କରିଛି।

ଶ୍ରୀଲଙ୍କାର ଆୟ ମୁଖ୍ୟତଃ ପର୍ଯ୍ୟଟନ ଓ ବାହାର ଦେଶରୁ ଆସୁଥିବା ରୋଜଗାର ଅର୍ଥ ଉପରେ ନିର୍ଭର କରିଥାଏ। କରୋନା ମହାମାରୀ ଯୋଗୁ ଆୟ ବନ୍ଦ ହୋଇଯିବାରୁ ଋଣ ଶୁଝିବା ପାଇଁ ବିଦେଶୀ ବିନିମୟ ଭଣ୍ଡାରରେ ନିଅଣ୍ଟ ଦେଖାଦେଲା। ସରକାର ବିଦେଶରୁ ଇନ୍ଧନ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀ ବନ୍ଦ କରିବାକୁ ବାଧ୍ୟ ହେଲେ। ଫଳରେ ଇନ୍ଧନ ଅଭାବ ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହେଲା ଏବଂ କୋଇଲା ଅଭାବରୁ ଅଧାଦିନ ବିଜୁଳି ରହିଲା ନାହିଁ। ସରକାରଙ୍କ ଉପରେ ଏବେ ୫୧ ବିଲିୟନ ଡଲାର ବିଦେଶୀ ଋଣ ବୋଝ ରହିଛି। ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ପରେ ମିଳିତ ସରକାର ଗଢ଼ିବା ପାଇଁ ବିରୋଧୀ ଦଳ ମନା କରିଦେବା ପରେ ରାଷ୍ଟ୍ରପତି କାମଚଳା ସରକାର ନିଯୁକ୍ତ କରିପାରନ୍ତି କିମ୍ବା ଇସ୍ତଫା ଦେଇପାରନ୍ତି ଅଥବା ଆନ୍ଦୋଳନ ଦମନ ଲାଗି ଅଧିକ ସୈନ୍ୟ ଓ ପୋଲିସ ମୁତୟନ କରିପାରନ୍ତି ବୋଲି କୁହାଯାଉଛି।

## ପବନରେ ଭୁଶୁଡ଼ିଲା ବ୍ରିଜ୍

### ଅଫିସରଙ୍କ ଉତ୍ତରରେ ଗଡ଼କରୀ ବିସ୍ମିତ

**ପାଟନା, ୧୦।୫**

ବିହାରର ସୁଲତାନଗଞ୍ଜରେ ଏକ ନିର୍ମାଣାଧୀନ ବ୍ରିଜ୍ ଭାଙ୍ଗିବାର କାରଣକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସ୍ପଷ୍ଟୀକରଣରେ ଜଣେ ଆଇଏଏସ୍ ଅଧିକାରୀ ପୋଲ ଭାଙ୍ଗିବାରେ ପବନକୁ ଦାୟୀ କରିବା ଆଶ୍ଚର୍ଯ୍ୟକର ବୋଲି କହି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ବିହାରରେ ନୀତିଶ କୁମାରଙ୍କ ସରକାରଙ୍କୁ ପରୋକ୍ଷରେ ସମାଲୋଚନା କରିଛନ୍ତି।

ସୁଲତାନଗଞ୍ଜରେ ଗଙ୍ଗା ନଦୀ ଉପରେ ନିର୍ମାଣଧୀନ ଏକ ପୋଲ ଗତ ଏପ୍ରିଲ ୨୯ରେ ଭୁଶୁଡ଼ି ଯାଇଥିଲା। ଏଥିରେ କେହି ମୃତାହତ ହୋଇ ନ ଥିଲେ। ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଗଡ଼କରୀ କହିଛନ୍ତି, ବ୍ରିଜ୍ ଭାଙ୍ଗିବାର କାରଣ ସମ୍ପର୍କରେ ସେ ତାଙ୍କ ସଚିବଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। ହେଲେ ଆଇଏଏସ୍ ଅଧିକାରୀଙ୍କ କଥାରେ ସେ ଆଶ୍ଚର୍ଯ୍ୟ ହୋଇଥିଲେ। ଗଡ଼କରୀ କହିଥିଲେ, ପବନରେ କିପରି ଏକ ପୋଲ ଭାଙ୍ଗିପାରିବ



ତାହା ବୁଝାପଡୁନାହିଁ। ଏଥିରେ କିଛି ନା କିଛି ତ୍ରୁଟି ନିଶ୍ଚୟ ରହିଛି। ବ୍ରିଜ୍ ଭୁଶୁଡ଼ିବା ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନିର୍ଦ୍ଦେଶ ଦେଇଥିବା ସୁଲତାନଗଞ୍ଜ ବିଧାୟକ ଲଳିତ ନାରାୟଣ ମଣ୍ଡଳ କହିଛନ୍ତି। ୧୭୧୦ କୋଟି ଟଙ୍କାରେ ନିର୍ମାଣ ହେଉଥିବା ଏକ ବ୍ରିଜ୍ ପବନରେ ଭାଙ୍ଗିଯିବା ଯାଞ୍ଚ ପରିସରଭୁକ୍ତ ବୋଲି ବିଧାୟକ କହିଛନ୍ତି।

## କୁତବ୍ମିନାର ନାଁ ବିଷ୍ଣୁ ସ୍ତମ୍ଭ ରଖିବା ଦାବିରେ ବିକ୍ଷୋଭ

**ନୂଆଦିଲ୍ଲୀ,୧୦।୫**

ଦିଲ୍ଲୀର କୁତବ୍ମିନାର ନାଁ ବଦଳାଇ ବିଷ୍ଣୁ ସ୍ତମ୍ଭ ରଖିବା ଦାବିରେ ମଙ୍ଗଳବାର ହିନ୍ଦୁ ସଂଗଠନ ଆନ୍ଦୋଳନକୁ ଓହ୍ଲାଇଛି। ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ସ୍ୱୀକୃତି ପାଇଥିବା କୁତବ ମିନାରରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଏହା ସତ୍ତ୍ୱେ ମହାକାଳ ମାନବ ସେବା ଓ ଅନ୍ୟ ହିନ୍ଦୁ ସଂଗଠନର କର୍ମୀମାନେ ସେଠାରେ ପ୍ଲାକାର୍ଡ ଧରି ବିକ୍ଷୋଭ କରିଥିଲେ। ସେମାନେ ସେଠାରେ ହନୁମାନ ଚାଳିଶା ଜପ କରିଥିଲେ। ମୋଗଲ ଶାସକଙ୍କ ଦ୍ୱାରା ନାମିତ ଦିଲ୍ଲୀର ଆକବର ରୋଡ୍, ହୁମାୟୁନ୍ ରୋଡ୍, ଆଉରଙ୍ଗଜେବ୍ ଲେନ୍, ତୋଗଲକ ଲେନ୍ ଆଦିର ନାମ ପରିବର୍ତ୍ତନ ଲାଗି ଇତିମଧ୍ୟରେ ଦିଲ୍ଲୀ ଭାଜପା ପକ୍ଷରୁ ଦାବି କରାଯାଇଛି। ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନର ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଦିଲ୍ଲୀ ଭାଜପା ସଭାପତି ଆଦେଶ ଗୁପ୍ତା ଉକ୍ତ ରାସ୍ତାଗୁଡ଼ିକର ନାମ ମହାରାଣା ପ୍ରତାପ, ଗୁରୁ ଗୋବିନ୍ଦ ସିଂ, ମହର୍ଷି ବାଲ୍ମୀକି ଏବଂ ଜେନେରାଲ ବିପିନ ରାୱତ ରଖିବାକୁ ପ୍ରସ୍ତାବ ଦେଇଛନ୍ତି।





କୁତବମିନାର ନାଁ ବଦଳାଇ ବିଷ୍ଣୁ ସ୍ତମ୍ଭ ରଖିବା ଦାବିରେ ମଙ୍ଗଳବାର ହିନ୍ଦୁ ସଂଗଠନର କର୍ମୀମାନେ ଆନ୍ଦୋଳନ କରୁଛନ୍ତି।

### ଜେଲରେ ଦଙ୍ଗା: ୪୩ କଏଦୀ ମୃତ

**ୱାଶିଂଟନ,୧୦।୫:** କଲରାଡୋ ସାଣ୍ଟୋଡୋମିଙ୍ଗୋ ଡେ ଲସ୍ର ବେଲାଭିଷ୍ଟା ଜେଲ ଦଙ୍ଗାରେ ୪୩ ବନ୍ଦୀଙ୍କ ପ୍ରାଣହାନି ହୋଇଥିବାବେଳେ ୧୦୮ ଜଣ ଫେରାର ଅଛନ୍ତି। ଅନ୍ୟ ୧୦୦ କଏଦୀ ଜେଲରୁ ଲୁଚି ପଳାଇବାକୁ ଉଦ୍ୟମ କଲାବେଳେ ଧରାପଡ଼ିଛନ୍ତି। ଜେଲରେ ଥିବା ଦୁଇ ଗୋଷ୍ଠୀ ରିଭାଲ ଲୋସ୍ ଲୋବସ୍ ଏବଂ ଆର୍ ୭ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୧୩ କଏଦୀ ଆହତ ହୋଇଛନ୍ତି। ଜେଲ ଭିତରେ ନିଶା କାରବାର ସାଙ୍ଗକୁ ଆବଶ୍ୟକ ରହିବା ସ୍ଥାନର ଅଭାବ କାରଣରୁ ଜେଲ ଭିତରେ ଦଙ୍ଗା ହୋଇଥାଏ।

### ସାନିଟାଇଜର ପିଇ ଖେଳାଳି ଅସୁସ୍ଥ

**ଟୋକିଓ,୧୦।୫:** ଜାପାନରେ ତିନିଜଣ ଆଥଲେଟ ସାନିଟାଇଜର ପିଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ୟାମାନାଶିରେ ଆୟୋଜିତ ୫ ହଜାର ମିଟର ଚାଲିବା ପ୍ରତିଯୋଗିତାରେ ଏହି ଆଥଲେଟ ଯୋଗଦେଇଥିଲେ। ପାଣି ରହିବା ସ୍ଥାନରେ ଏକ ପ୍ଲାଷ୍ଟିକ୍ ବୋତଲରେ ସାନିଟାଇଜର ରଖାଯାଇଥିବା କାରଣରୁ ଏ ପ୍ରକାର ବ୍ୟତିକ୍ରମ ଘଟିଥିବା ୟାମାନାଶି ହାଇସ୍କୁଲ ସ୍ପୋର୍ଟସ୍ ଫେଡେରେଶନ ପକ୍ଷରୁ କୁହାଯାଇଛି। ଘଟଣା ନେଇ ୟାମାନାଶି ରାଜ୍ୟପାଳ କୋଟାରୋ ନାଗାସାକି କ୍ଷମା ମାଗିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ଦେଶଦ୍ରୋହ ଆଇନ ସମୀକ୍ଷାକୁ ସୁପ୍ରିମକୋର୍ଟଙ୍କ ଅନୁମତି

**ବିଚାରାଧୀନ ମାମଲା ଉପରେ କେନ୍ଦ୍ରକୁ ଜବାବ ମାଗିଲେ**

**ନୂଆଦିଲ୍ଲୀ,୧୦।୫**

ଦେଶଦ୍ରୋହ ଆଇନର ସମୀକ୍ଷା ଲାଗି ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଅନୁମତି ଦେଇଛନ୍ତି। ତେବେ ସମୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ଏହି ଉପନିବେଶୀୟ ଆଇନରେ ଦାଏର ହେଉଥିବା ନୂଆ ମାମଲାଗୁଡ଼ିକର ବିଚାର ସ୍ଥଗିତ ରଖାଯିବ କି ନାହିଁ, ତାହା ଉପରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ ଜବାବ ମାଗିଛନ୍ତି। ଛୋଟମୋଟ ଘଟଣାରେ ଧାରା ୧୨୪ଏ ଲଗାଯାଉଥିବାରୁ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଚିନ୍ତାବ୍ୟକ୍ତ କରିଥିଲେ। ତେବେ ଉପଯୁକ୍ତ ଫୋରମ୍ ଦ୍ୱାରା ଏହି ଆଇନର ପୁନର୍ବିଚାର ଓ ସମୀକ୍ଷା କରିବା ଲାଗି କେନ୍ଦ୍ର କହିଥିବାରୁ ସେଥିପାଇଁ ଖଣ୍ଡପୀଠ ଅନୁମତି ପ୍ରଦାନ କରିଛନ୍ତି। ଯେଉଁମାନେ ଏହି ଆଇନରେ ଗିରଫ ହୋଇଛନ୍ତି, ସମୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ନିମନ୍ତେ ଗାଇଡ୍ଲାଇନ ଆଣିବେ କି ବୋଲି ଅଦାଲତ ପ୍ରଶ୍ନ କରିଥିଲେ। ବିଚାରାଧୀନ ମାମଲା ତଥା ଭବିଷ୍ୟତ ମାମଲାଗୁଡ଼ିକର କିପରି ପରିଚାଳନା କରାଯିବ ସେ ନେଇ ବୁଧବାର ସୁଦ୍ଧା ସରକାର ଜବାବ ରଖିବା ଲାଗି କୁହାଯାଇଛି।

## ସଂଖ୍ୟାଲଘୁ ଚିହ୍ନଟ ଲାଗି ରାଜ୍ୟ ସହ ପରାମର୍ଶ କର

**ନୂଆଦିଲ୍ଲୀ,୧୦।୫:** ରାଜ୍ୟ ସ୍ତରରେ ସଂଖ୍ୟାଲଘୁ ଚିହ୍ନଟ ଲାଗି କେନ୍ଦ୍ର ସରକାର ଭିନ୍ନ ଆଭିମୁଖ୍ୟ ଆପଣାଉଥିବାରୁ ସୁପ୍ରିମକୋର୍ଟ ମଙ୍ଗଳବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପ୍ରସଙ୍ଗରେ ୩ ମାସ ମଧ୍ୟରେ ରାଜ୍ୟଗୁଡ଼ିକ ସହ ପରାମର୍ଶ କରିବା ଲାଗି ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ସଂଖ୍ୟାଲଘୁ ଚିହ୍ନଟ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିବା କ୍ଷମତା କେନ୍ଦ୍ର ହାତରେ ରହିଛି ବୋଲି ସୋମବାର ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏ ସମ୍ପର୍କିତ କୌଣସି ନିଷ୍ପତ୍ତି ରାଜ୍ୟ ଓ ଅନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା ପରେ ନିଆଯିବ ବୋଲି କେନ୍ଦ୍ର କହିଥିଲା। ତେବେ ହିନ୍ଦୁ ଓ ଅନ୍ୟ ସମ୍ପ୍ରଦାୟଙ୍କୁ ସଂଖ୍ୟାଲଘୁ ମାନ୍ୟତା ଦିଆଯିବା ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ନିଷ୍ପତ୍ତି ନେବେ ବୋଲି ଗତ ମାର୍ଚ୍ଚରେ କେନ୍ଦ୍ର କହିଥିଲା।

## ମହାରାଣୀଙ୍କ ଅଭିଭାଷଣ ପଢ଼ିଲେ ପ୍ରିନ୍ସ ଚାର୍ଲସ

**ଲଣ୍ଡନ, ୧୦।୫**

ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ (୯୬) ଚାଲିବାରେ ଅସୁବିଧା ଯୋଗୁ ମଙ୍ଗଳବାର ଆରମ୍ଭ ହୋଇଥିବା ବ୍ରିଟିଶ ପାର୍ଲାମେଣ୍ଟ ଅଧିବେଶନରେ ଉପସ୍ଥିତ ହୋଇପାରିନାହାନ୍ତି। ପରମ୍ପରା ଅନୁସାରେ ମହାରାଣୀ ପ୍ରଥମେ ଅଭିଭାଷଣ ଦେବା କଥା। କିନ୍ତୁ ତାଙ୍କ ଅନୁପସ୍ଥିତିରେ ପ୍ରଥମ ଥର ପାଇଁ ପ୍ରିନ୍ସ ଚାର୍ଲସ୍ ପ୍ୟାଲେସ୍ ଅଫ୍ ୱେଷ୍ଟମିନାରରେ ଏହି ଅଭିଭାଷଣ ପଢ଼ିଛନ୍ତି। ନିକଟରେ ଏକ ଟେବୁଲରେ ମହାରାଣୀଙ୍କ ମୁକୁଟ ରଖାଯାଇଥିଲା। ଏହି ବକ୍ତବ୍ୟ ବ୍ରିଟେନ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ। ଏଥିରେ ସରକାରୀ ଏଜେଣ୍ଡା ସ୍ଥାନିତ ହୋଇଥାଏ। ଅଭିଭାଷଣ ଆରମ୍ଭରେ ମହାରାଣୀ 'ମାଇ ମାଜେଷ୍ଟି' ପଢ଼ିଥାନ୍ତି। ତେବେ ପ୍ରିନ୍ସ ଚାର୍ଲସ ଏହା ବଦଳରେ 'ହର ମାଜେଷ୍ଟି'ରୁ ବକ୍ତବ୍ୟ ଆରମ୍ଭ କରିଥିଲେ। ବିଶ୍ୱର ସବୁଠୁ ଦୀର୍ଘ ସମୟ (୭୦ ବର୍ଷ) ପର୍ଯ୍ୟନ୍ତ ମହାରାଣୀ ଥିବା ଏଲିଜାବେଥ ଗର୍ଭବତୀ ଥିବାବେଳେ ୧୯୫୯ ଓ ୧୯୬୩ରେ ଅଭିଭାଷଣ ପ୍ରଦାନ କରି ନ ଥିଲେ।



# ଫିଲିପାଇନ୍ସକୁ ଫେରିଲା ମାର୍କୋସ ଶାସନ

## ମାର୍କୋସ୍ ଜୁନିୟର ରାଷ୍ଟ୍ରପତି, ଡୁଟେର୍ଟେ ଉପରାଷ୍ଟ୍ରପତି

**ମାନିଲା, ୧୦।୫**

ଫିଲିପାଇନ୍ସକୁ ପୁଣି ଫେରିଛି ମାର୍କୋସ୍ ଶାସନ। ଏକଚ୍ଛତ୍ରବାଦୀ ଶାସକ ସ୍ୱର୍ଗତଃ ଫର୍ଡିନାଣ୍ଡ ଇମାନ୍ୱେଲ ଇଡ୍ରାଲିନ୍ ମାର୍କୋସ୍ଙ୍କ ପୁଅ ଫର୍ଡିନାଣ୍ଡ ମାର୍କୋସ୍ ଜୁନିୟର ଦେଶର ନୂଆ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। କଡ଼ା ଟକ୍କର ଦେଇଥିବା ଲେନି ରୋବ୍ରୋଡୋଙ୍କୁ ସେ ପରାଜିତ କରିଛନ୍ତି। ସେହିପରି ବିଦାୟୀ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେଙ୍କ ଝିଅ ସାରା ଡୁଟେର୍ଟେ ଉପରାଷ୍ଟ୍ରପତି ଭାବେ ନିର୍ବାଚନରେ ବିଜୟୀ ହୋଇଛନ୍ତି। ୬୪ ବର୍ଷୀୟ ମାର୍କୋସ୍ ଜୁନିୟର ପାର୍ଟିଡୋ ଫେଡେରାଲ ଫିଲିପିନାସ୍ (ପିଏଫ୍ପି) ଦଳ ଟିକେଟରେ ବିପୁଳ ବିଜୟ ହାସଲ ପରେ ଦେଶରେ ଡିକ୍ଟେଟରଶିପ୍ ଶାସନ ବଜାୟ ଜାରି ରହିବା ଆଶଙ୍କା ଦେଖାଦେଇଛି। ତେବେ ସେ ତାଙ୍କ ବାପାଙ୍କଠାରୁ ଭିନ୍ନ ଆଭିମୁଖ୍ୟ ଆପଣାଇପାରନ୍ତି ବୋଲି କୁହାଯାଉଛି।

୨୦ ବର୍ଷ ଧରି ଶାସନରେ ଥିବା ଫର୍ଡିନାଣ୍ଡ ଇମାନ୍ୱେଲ ଇଡ୍ରାଲିନ୍ ମାର୍କୋସ୍ଙ୍କୁ ୧୯୮୬ରେ 'ପିପୁଲ ପାୱାର' କ୍ରାନ୍ତି ପରେ ପଦରୁ ହଟିବାକୁ ପଡ଼ିଥିଲା। ତାଙ୍କ ବିରୋଧରେ ବହୁ ସଂଖ୍ୟାରେ ମାନବାଧିକାର ଉଲ୍ଲଂଘନ ସହ ପ୍ରାୟ ୧୦ ବିଲିୟନ ଡଲାର ଅର୍ଥ ଲୁଟ୍ ଅଭିଯୋଗ ରହିଥିଲା। ଏହା ପରେ ସେ ପରିବାର ସହ ହୱାଇକୁ ପଳାୟନ କରିଥିଲେ। ଏହାର ୩୬ ବର୍ଷ ପରେ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ପୁଅ ଜୁନିୟର ମାର୍କୋସ ପ୍ରାୟ ୧୧ କୋଟି ଜନସଂଖ୍ୟା ବିଶିଷ୍ଟ ଏସୀୟ ରାଷ୍ଟ୍ର ଫିଲିପାଇନ୍ସରେ ୩ କୋଟିରୁ ଊର୍ଦ୍ଧ୍ୱ ଭୋଟ ହାତେଇ ବଡ଼ ଧରଣର ବିଜୟ ହାସଲ କରିଛନ୍ତି। ୧୯୮୯ରେ ମାର୍କୋସ୍ ଜୁନିୟରଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ମାର୍କୋସ୍ ଜୁନିୟରଙ୍କ ମା' ଇମେଲଦା ମାର୍କୋସ୍ କ୍ଷମତା ହାସଲ ପାଇଁ ୨ ଥର ଉଦ୍ୟମ କରି ବିଫଳ ହୋଇଥିଲେ। ବାପାଙ୍କ କର୍ତ୍ତୃତ୍ୱ ପାଇଁ ମାର୍କୋସ୍ ଜୁନିୟର କ୍ଷମା ମାଗିବାକୁ ପୂର୍ବରୁ ମନା କରିଥିଲେ। ତେବେ ମାର୍କୋସ୍ ଜୁନିୟରଙ୍କ ବିଜୟ ଆମେରିକା ପାଇଁ ସମସ୍ୟା ସୃଷ୍ଟି କରିପାରେ। ଏହି ଦେଶରେ ଚାଇନାର ପ୍ରଭାବ ହ୍ରାସ ପାଇଁ ଆମେରିକା ଉଦ୍ୟମ କରିଆସୁଥିବାବେଳେ ବେଜିଂ ପ୍ରତି ମାର୍କୋସ୍ ଅଧିକ ଢଳିବା ୱାଶିଂଟନ୍ ପାଇଁ ଚିନ୍ତାର କାରଣ ହୋଇପାରେ। ମାର୍କୋସ ଜୁନିୟର ବିଦେଶ ନୀତି ସମ୍ପର୍କରେ ବିଶେଷ କରି କହି ନ ଥିଲେ ହେଁ ଚାଇନା ସହ ସେ ଭଲ ସମ୍ପର୍କ ଚାହୁଁଥିବା ଏକ ସାକ୍ଷାତ୍କାରରେ ପ୍ରକାଶ କରିଥିଲେ।



ଫର୍ଡିନାଣ୍ଡ ମାର୍କୋସ୍ ଜୁନିୟର



ସାରା ଡୁଟେର୍ଟେ

ଅପରପକ୍ଷେ ଲାକାସ୍ ସିଏମ୍ଡି ଟିକେଟରେ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ୪୩ ବର୍ଷୀୟା ସାରା ଡୁଟେର୍ଟେ ଡାଭାଓ ସହରର ମେୟର ଥିଲେ। ସେ ଜଣେ ଆଇନଜୀବୀ ଏବଂ ଫିଲିପାଇନ୍ ଆର୍ମିରେ ରିଜର୍ଭ ଅଫିସର ମଧ୍ୟ ରହିଛନ୍ତି। ରାଜନୈତିକ କ୍ୟାରିୟରରେ ସେ ନିଜ ଦକ୍ଷତାରେ ସଫଳତା ହାସଲ କରିଛନ୍ତି। ସେ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହୁଅନ୍ତୁ ବୋଲି ଡୁଟେର୍ଟେଙ୍କ ଦଳ ଚାହୁଁଥିଲା। କିନ୍ତୁ ୩ ସନ୍ତାନଙ୍କ ମା' ସାରା ଉପରାଷ୍ଟ୍ରପତି ପଦରେ ନିର୍ବାଚନ ଲଢ଼ିବାକୁ ବାଛିଥିଲେ।

| କରୋନା ସଂକ୍ରମଣ ସ୍ଥିତି | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୮୦,୩୨,୬୩୧ | ୬୨,୭୮,୭୯୩ | ୪୭,୨୮,୪୨,୭୫୦ |
| ଭାରତ | ୪,୩୧,୦୭,୬୮୯ | ୫,୨୪,୧୦୩ | ୪,୨୫,୬୩,୯୪୯ |
| ଓଡ଼ିଶା | ୧୨,୮୮,୨୨୨ | ୯୧୨୬(+୫୩) | ୧୨,୭୮,୯୨୯ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଓୟୁଟିଆର୍ ନବକଳେବର ପାଇଁ ୧୫୦୦ କୋଟି

## ବୈଷୟିକ ଶିକ୍ଷାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



## ୫ ବର୍ଷରେ ୧୦ ହଜାର ଛାତ୍ରୀଛାତ୍ର ପାଠପଢ଼ିବା ସୁଯୋଗ ପାଇବେ

**ଭୁବନେଶ୍ୱର, ୧୦।୫(ବ୍ୟୁରୋ)**

ଓଡ଼ିଶାର ବୈଷୟିକ ଶିକ୍ଷା କ୍ଷେତ୍ରର ଅଗ୍ରଣୀ ଅନୁଷ୍ଠାନ ଓଡ଼ିଶା ବୈଷୟିକ ଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ର ନବକଳେବର ହେବ। ଓୟୁଟିଆର ବିକାଶ ସମ୍ପର୍କିତ ମାଷ୍ଟରପ୍ଲାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଆସନ୍ତା ୩ ବର୍ଷରେ ୩ଟି ପର୍ଯ୍ୟାୟରେ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। କେବଳ ପ୍ରଥମ ବର୍ଷରେ ବିନିଯୋଗ ହେବ ୧୦୦୦ କୋଟି ଟଙ୍କା। ଆଇଆଇଏମ୍, ଆଇଆଇଟି ଓ ଏନ୍ଆଇଟି ପରି ଖ୍ୟାତିସମ୍ପନ୍ନ ବୈଷୟିକ ଅନୁଷ୍ଠାନ ପରି ଏହାର ବିକାଶ କରାଯିବ। ବର୍ତ୍ତମାନ ଓୟୁଟିଆରରେ ୪୬୦୦ ଛାତ୍ରୀଛାତ୍ର ପଢୁଥିବା ବେଳେ ଆଗାମୀ ୫ ବର୍ଷରେ ଯେପରି ୧୦ ହଜାର ଛାତ୍ରୀଛାତ୍ର ପଢ଼ିବାର ସୁଯୋଗ ପାଇବେ, ତାକୁ ଦୃଷ୍ଟିରେ ରଖି ଏହାକୁ ଆଇଆଇଟି ଢାଞ୍ଚାରେ ବିକାଶ କରାଯିବ। ପୂର୍ବରୁ ଏହା କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ବା ସିଇଟି ଭାବେ ପରିଚିତ ଥିଲା। ଭିତ୍ତିଭୂମିଠାରୁ ଆରମ୍ଭ କରି ମାନବ ସମ୍ବଳର ବିକାଶ ଜରିଆରେ ଏହି ଅନୁଷ୍ଠାନର ରୂପାନ୍ତର ହେବ।

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଓୟୁଟିଆର ଭିତ୍ତିଭୂମି, ପରିଚାଳନା, ଶିକ୍ଷାଦାନ ଆଦି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ବିଶ୍ୱବିଦ୍ୟାଳୟକୁ ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଶିକ୍ଷା ଓ ଗବେଷଣାର ଗୁଣାତ୍ମକ ମାନ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଉଚ୍ଚମାନର ଶିକ୍ଷାଦାନ ସହ ନ୍ୟୁ ଏଜ୍ ଟେକ୍ନୋଲୋଜି ପାଇଁ ନୂଆ ନୂଆ ପାଠ୍ୟକ୍ରମ ଖୋଲାଯାଇ ମାନବ ସମ୍ବଳର ବିକାଶ ତଥା ଆନ୍ତଃ ବିଭାଗୀୟ ଗବେଷଣା କାର୍ଯ୍ୟକ୍ରମକୁ ଉତ୍ସାହିତ କରିବା ପାଇଁ ଅଧିକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମଧ୍ୟ ପ୍ରତିଷ୍ଠା କରାଯିବ। ଏଥିସହିତ ଶିକ୍ଷାଦାନ ଓ ଗବେଷଣା ପାଇଁ ଦେଶ ବିଦେଶର ବିଶ୍ୱବିଦ୍ୟାଳୟ ସହ ମଧ୍ୟ ସହଭାଗିତାରେ କାର୍ଯ୍ୟ କରାଯିବ। ପ୍ରଯୁକ୍ତିବିଦ୍ୟା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଷ୍ଟାର୍ଟଅପ୍ କଲଚରକୁ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଉଦ୍ୟୋଗୀ ମନୋଭାବର ବିକାଶ ପାଇଁ ବିଭିନ୍ନ ଅଗ୍ରଣୀ ଶିଳ୍ପାନୁଷ୍ଠାନ ସହଯୋଗରେ ଇନ୍କ୍ୟୁବେଶନ ସେଣ୍ଟର ମଧ୍ୟ ବିକାଶ କରାଯିବ। ବିଶ୍ୱବିଦ୍ୟାଳୟ ମଧ୍ୟରେ ଗବେଷଣା ସହିତ ଯେପରି ନୂଆ ନୂଆ ପେଟେଣ୍ଟ ଓ ବୌଦ୍ଧିକ ସମ୍ପତ୍ତି ଅଧିକାର ହାସଲ କରାଯାଇପାରିବ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ।

ସୂଚନାଯୋଗ୍ୟ ଯେ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଓୟୁଟିଆର(ସିଇଟି) ପରିଦର୍ଶନ କରି ଅଧ୍ୟାପକ ତଥା ଛାତ୍ରୀଛାତ୍ରମାନଙ୍କ ସହିତ ଅନୁଷ୍ଠାନର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

ଉଲ୍ଲେଖଯୋଗ୍ୟ,ଏହି ବିଶ୍ୱବିଦ୍ୟାଳୟ ୧୯୮୧ ମସିହାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ବା ସିଇଟି ନାମରେ ପ୍ରତିଷ୍ଠିତ ହୋଇଥିଲା। ୨୦୦୧ ମସିହାରେ ଏହା ଭୁବନେଶ୍ୱରର ଘାଟିକିଆଠାରେ ଥିବା ୧୦୦ ଏକର ବିଶିଷ୍ଟ ନିଜସ୍ୱ କ୍ୟାମ୍ପସକୁ ସ୍ଥାନାନ୍ତରିତ ହୋଇଥିଲା। ଏହା ହେଉଛି ଓଡ଼ିଶାର ଏକମାତ୍ର ଅନୁଷ୍ଠାନ, ଯିଏକି ନାକ୍ 'ଏ' ଗ୍ରେଡ୍ ମାନ୍ୟତା ହାସଲ କରିପାରିଛି। ୨୦୨୧ରେ ଏହା ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିଲା ଏବଂ ଓଡ଼ିଶା ବୈଷୟିକ ଶିକ୍ଷା ତଥା ଗବେଷଣା ବିଶ୍ୱବିଦ୍ୟାଳୟ ଭାବରେ ନାମିତ ହୋଇଥିଲା।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ଓୟୁଟିଆର ରୂପାନ୍ତର ସମ୍ପର୍କିତ ଏକ ଉପସ୍ଥାପନା ଉପସ୍ଥାପନ କରିଥିଲେ। ସଚିବ (୫-ଟି) କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୈଠକରେ ଓୟୁଟିଆର ଓଏସ୍ଡି ରମେଶ ପାତ୍ର ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ ନିଷ୍ଠାପର ଉଦ୍ୟମ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ ସରକାରଙ୍କ ଏହି ଉଦ୍ୟମ ପାଇଁ ଧନ୍ୟବାଦ ଜଣାଇବା ସହିତ ବିଶ୍ୱବିଦ୍ୟାଳୟର ଗୌରବ ବୃଦ୍ଧି ପାଇଁ ଯତ୍ନବାନ ହେବେ ବୋଲି କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭିଆଇଟି-ଏପି ପକ୍ଷରୁ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ

**ନୂଆଦିଲ୍ଲୀ,୧୦।୫**

ଭେଲୋର୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି-ଆନ୍ଧ୍ରପ୍ରଦେଶ (ଭିଆଇଟି-ଏପି) ବିଶ୍ୱବିଦ୍ୟାଳୟ ପକ୍ଷରୁ ନିକଟରେ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାଇକୋମ୍ (ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ) ଏବଂ ଜିସିଆର୍ଏସ୍ ( ଜିଓ କ୍ଲାଇମେଟ୍ ରିସ୍କ ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍)ର ମିଳିତ ସହଯୋଗରେ ଉକ୍ତ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀ ବିଶେଷ କରି 'ପରିବେଶ ସଙ୍କଟ ଏବଂ ଭବିଷ୍ୟତ ଚିନ୍ତା' ଶୀର୍ଷକ ବିଷୟ ବସ୍ତୁ ଉପରେ ଆଧାରିତ ଥିଲା। ଏହି ଅବସରରେ ସାଇକୋମ୍ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ମିଶନ ମୁଖ୍ୟ ସଞ୍ଜୟ ଜାଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭିଆଇଟି-ଏପି ବିଶ୍ୱବିଦ୍ୟାଳୟର କୁଳପତି ଏସ୍.ଭି କୋଟା ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ଶିକ୍ଷାବିତ୍, ନୀତି ନିର୍ମାତା, ଅଭିଜ୍ଞ ବୁଦ୍ଧିଜୀବୀ ପ୍ରମୁଖ ଉକ୍ତ ସମ୍ମିଳନୀରେ ସାମିଲ୍ ଥିଲେ।

ଆମେ ଜଳବାୟୁ ପରିବର୍ତ୍ତନ ଏବଂ ଏହାର ପରିଣତିରୁ ବର୍ତ୍ତିବାକୁ ଚାହୁଁଥିଲେ, ପରିବେଶ କ୍ଷତି କରୁଥିବା ଭଳି ଜିନିଷର ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ଆବଶ୍ୟକ। ଏହାଛଡ଼ା ପ୍ରାକୃତିକ ସମ୍ପଦର ଅଯଥା ବ୍ୟବହାରକୁ ମଧ୍ୟ ରୋକିବାକୁ ହେବ ବୋଲି ସଞ୍ଜୟ ମତବ୍ୟକ୍ତ କରିଛନ୍ତି। ପରିବେଶର ସଙ୍କଟ ଏବଂ ସମସ୍ତଙ୍କ ସହଯୋଗ ଏବଂ ସହଭାଗିତା ସମ୍ପର୍କରେ ବିସ୍ତୃତ ଆଲୋଚନା ଉକ୍ତ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ପରିପ୍ରେକ୍ଷୀରେ ଶିକ୍ଷାନୁଷ୍ଠାନର କୁଳପତି ରେଡ୍ଡି ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଗବେଷଣାପତ୍ର ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାନର ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ। ସେହିଭଳି ଆମେରିକା ଏବଂ ମଧ୍ୟପୂର୍ବାଞ୍ଚଳରୁ ଆମନ୍ତ୍ରିତ ବକ୍ତାମାନେ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ବହୁମୁଖୀ ବୈଶ୍ୱିକ ଦୃଷ୍ଟିକୋଣ ପ୍ରଦାନ କରିଥିବା ଉତ୍ତାପ ଲହରୀ ଏବଂ ଭାରତୀୟ ପରିବେଶର ସମସ୍ୟା ସମ୍ପର୍କିତ ନିଜ ଗବେଷଣା ବିଷୟରେ ଉପସ୍ଥାପନା କରିଥିଲେ।






# ଆଇଟିଆଇରେ ହେବ କ୍ରୀଡ଼ାର ବିକାଶ

- 'ଲେଟ୍ ଅସ୍ ପ୍ଲେ ଆଇଟିଆଇ' କାର୍ଯ୍ୟକ୍ରମ ଶୁଭାରମ୍ଭ
- ୧୭ ଆଇଟିଆଇରେ ପାଇଲଟ ପ୍ରକଳ୍ପ ଆରମ୍ଭ

**ଭୁବନେଶ୍ୱର, ୧୦।୫(ବ୍ୟୁରୋ)**

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅଧୀନସ୍ଥ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଟାଟା ଷ୍ଟ୍ରାଇଭର ମିଳିତ ସହଭାଗିତାରେ 'ଲେଟ୍ ଅସ୍ ପ୍ଲେ ଆଇଟିଆଇ' କାର୍ଯ୍ୟକ୍ରମର ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଏଥିଯୋଗୁ କ୍ରୀଡ଼ା ବିଭାଗ ଅଧୀନସ୍ଥ କ୍ରୀଡ଼ା ଛାତ୍ରାବାସର ପୁରାତନ ପ୍ରଶିକ୍ଷାର୍ଥୀମାନେ କ୍ରୀଡ଼ା ଚେଞ୍ଜ ଲିଡର ଭାବେ ଆଇଟିଆଇରେ ନିଯୁକ୍ତି ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ କହିଥିଲେ, କ୍ରୀଡ଼ା ସହିତ ଦକ୍ଷତା ବିକାଶକୁ ଯୋଡ଼ି କ୍ୟାରିୟର କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ପାଇଁ ପ୍ରୟାସ ଆରମ୍ଭ କରାଯାଇଛି। କ୍ରୀଡ଼ା ଛାତ୍ରାବାସରୁ ଉତ୍ତୀର୍ଣ୍ଣ ହୋଇଥିବା ଅନେକ ଯୁବପିଢ଼ୀଙ୍କୁ ଏହା ନୂଆ ବୃତ୍ତି ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

ସମ୍ମାନିତ ଅତିଥି ଭାବେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍ଚୀ ଯୋଗଦେଇ କ୍ରୀଡ଼ା ଚେଞ୍ଜ ଲିଡରମାନଙ୍କ ହାତରେ ନୂତନ ଭବିଷ୍ୟତ ସୃଷ୍ଟି ହେବାକୁ ଯାଉଛି ବୋଲି କହିଥିଲେ। କ୍ରୀଡ଼ା ସଚିବ ଆର୍ ଭିନିଲ କ୍ରିଷ୍ଣା କହିଥିଲେ, ଶିକ୍ଷା ପାଠ୍ୟକ୍ରମରେ କ୍ରୀଡ଼ାକୁ ଏକ ସମ୍ପୂର୍ଣ୍ଣ ବିଷୟ ଭାବେ ସାମିଲ କରିବା ଜରୁରୀ। ଏହି ଅବସରରେ ଟାଟା ଷ୍ଟ୍ରାଇଭର ସିଇଓ ଅନିତା ରାଜନ କହିଥିଲେ, ସ୍କିଲ ଓ କ୍ରୀଡ଼ା ସହ ସହଭାଗିତା ସୃଷ୍ଟି କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ଏବଂ ଅନନ୍ୟ। ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ରେଘୁ ଜି କହିଥିଲେ, ଦକ୍ଷତା ବିକାଶରେ ମହିଳାଙ୍କୁ ଅଧିକ ପ୍ରୋତ୍ସାହନ କରାଯାଉଛି। ଯୁବତୀଙ୍କ ସୁବିଧା ପାଇଁ ନୂତନ ଆଇଟିଆଇଗୁଡ଼ିକରେ ସ୍ୱତନ୍ତ୍ର ପୋଷାକ ପରିବର୍ତ୍ତନ କକ୍ଷ ତିଆରି ହେବ। ଆଇଟିଆଇରେ ରାତ୍ରିକାଳୀନ କ୍ରୀଡ଼ା ବ୍ୟବସ୍ଥା ପାଇଁ ଜାତିସଂଘ ମହିଳା ଏବଂ ପ୍ରୋ ସ୍ପୋର୍ଟସ ସହ ସହଭାଗିତା କରାଯାଇଛି। ସ୍ୱତନ୍ତ୍ର ଆଇଟିଆଇ ଜଟଣୀରେ ଭିନ୍ନକ୍ଷମଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ କ୍ରୀଡ଼ା ଚେଞ୍ଜ ଲିଡରମାନଙ୍କର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ପ୍ରାଥମିକ ପର୍ଯ୍ୟାୟରେ ଗୋପବନ୍ଧୁ ଆଇଟିଆଇ ଆମ୍ବାଗୁଡ଼ା, ସରକାରୀ ଆଇଟିଆଇ ହୀରାକୁଦ, ଆଇଟିଆଇ ଉମରକୋଟ, ଆଇଟିଆଇ ମାଲକାନଗିରି, ଆଇଟିଆଇ ବ୍ରହ୍ମପୁର, ଆଇଟିଆଇ ଭବାନୀପାଟଣା, ଆଇଟିଆଇ ରାୟଗଡ଼ା, ଆଇଟିଆଇ ବଲାଙ୍ଗୀର, ଆଇଟିଆଇ ଗନ୍ଧମାର୍ଦ୍ଦନ, ଆଇଟିଆଇ ରାଉରକେଲା, ପୂର୍ଣ୍ଣଚନ୍ଦ୍ର ଆଇଟିଆଇ, ଟିଟିଆଇ ତକତପୁର, ସ୍ୱତନ୍ତ୍ର ଆଇଟିଆଇ ଜଟଣୀ, ଆଇଟିଆଇ କଟକ, ଆଇଟିଆଇ ବଡବିଲ, ଆଇଟିଆଇ ଫୁଲବାଣୀ ଏବଂ ଆଇଟିଆଇ ବାଲେଶ୍ୱର ଆଦି ୧୭ଟି ଆଇଟିଆଇରେ ପାଇଲଟ ପ୍ରକଳ୍ପ ଭାବେ ଏହାକୁ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଟାଟା ଷ୍ଟ୍ରାଇଭ ଓଡ଼ିଶା ମୁଖ୍ୟ ସଞ୍ଜୋଗିତା ମିଶ୍ର ପରିଚାଳନା କରିଥିଲେ।




ଧରିତ୍ରୀ
DHARITRI
ବୁଧବାର, ୧୧ ମେ, ୨୦୨୨

**ଆଜିର ମନ୍ତବ୍ୟ**

"ଦେଶର ସମ୍ବଳ ଗରିବଙ୍କ ପାଇଁ। କିନ୍ତୁ ଭାଜପା ସରକାର ଏହାକୁ କେବଳ କେତେଜଣ ଧନୀଙ୍କୁ ଦେଉଛି।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହାଲୋ ଜଗତଜିତା**
**ହଲେଇ ଦଉଚୁ କାନ ମଲକଢି**
**ଦେଖେଇ ଦଉଚୁ ବାହାଟିତା।**

ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣା ଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ନିଜ ରୂପ ଲାବଣ୍ୟକୁ ନେଇ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ନିଜର ଛଇଛଟକି ଭାବ ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଆଟିକା ଭିତରେ ସୋରିଷ**
**କେତେ ରଙ୍ଗେ ଫୁଟଇ**
**କେତେ ଟୁପୁ ଟୁପୁ ହେଉଛ**
**ମୋତେ ସବୁ ଶୁଭଇ।**

ସୋରିଷ ଫୁଟିଲେ ଶୁଭେ। କାନ୍ଥର ବି କାନ ଥାଏ ବୋଲି କୁହାଯାଇଥାଏ। ବେଳେବେଳେ ଚୁପ୍‌ଚାପ୍ କଥା ମଧ୍ୟ କାନକୁ ଶୁଭିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୧୫୩୪ କେଜି ଗଞ୍ଜେଇ ଜବତ, ୩ ଗିରଫ

ମାଲକାନଗିରି, ୧୦।୫ (ଡି.ଏନ୍.ଏ.)

ଗଞ୍ଜେଇ ଚୋରାଚାଲାଣ ବେଳେ ମାଲକାନଗିରି ଜିଲା ମାଥିଲି ପୋଲିସ ୧୫୩୪ କେଜି ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଖବରରୁ ଜଣାପଡ଼ିଛି ମାଥିଲି ଥାନା ଅନ୍ତର୍ଗତ ସପ୍ତଧାରା ଜଙ୍ଗଲ ରାସ୍ତା ଦେଇ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇ ଏସ୍ଆଇ ସୋମନାଥ ଦଳବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଜଙ୍ଗଲରେ ଚଢ଼ାଉ କରିଥିଲା। ଅଭିଯୁକ୍ତମାନେ ଗଞ୍ଜେଇ ପ୍ୟାକେଟ କରି ଛତିଶଗଡ଼ର ଜଗଦଲପୁର ଅଞ୍ଚଳକୁ ଚାଲାଣ କରିବାକୁ ପ୍ରସ୍ତୁତି ଚଳାଇଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୫୯ଟି ଗଞ୍ଜେଇ ପ୍ୟାକେଟ ଜବତ କରିଥିଲା। ସେଥିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ବଜାର ମୂଲ୍ୟ ୯ କୋଟି ଟଙ୍କା ହେବ ବୋଲି ଏସ୍‌ପି ନୀତେଶ ୱାଧୱାନି ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

### ଆଜି ସ୍ଥଳଭାଗ...

୬୦୦ କି.ମି. ଏବଂ ପୁରୀଠାରୁ ଦକ୍ଷିଣ-ପଶ୍ଚିମ ଦିଗରେ ୫୭୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି। ଆକଳନ ଅନୁଯାୟୀ ଏହା ସ୍ଥଳଭାଗ ଛୁଇଁବା ପରେ ଉତ୍ତର ପଶ୍ଚିମ ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶା ଉପକୂଳକୁ ମୁହାଁଇବ ଏବଂ ଧୀରେ ଧୀରେ ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଯିବ। ବାତ୍ୟା ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, ରାୟଗଡା, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ କଟକ ଜିଲାରେ କେତେକ ସ୍ଥାନରେ ୭ରୁ ୧୧ ସେମି ବର୍ଷା ହୋଇପାରେ। ବାତ୍ୟା ପ୍ରଭାବରେ ମଙ୍ଗଳବାର ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। ସେହିପରି ଆସନ୍ନ ବାତ୍ୟାର ଭୟାବହତାକୁ ଦୃଷ୍ଟିରେ ରଖି ବିଶାଖାପାଟଣା ଅନ୍ତର୍ଜାତୀୟ ବିମାନବନ୍ଦର ପକ୍ଷରୁ ୨୩ଟି ବିମାନ ଚଳାଚଳ ବାତିଲ କରାଯାଇଛି।

ଆସନ୍ତା ୧୨ ତାରିଖ ଯାଏ ଉପକୂଳରେ ୪୦ରୁ ୫୦ କିଲୋମିଟର, ବେଳେ ବେଳେ ୬୦ କିଲୋମିଟର ବେଗରେ ପବନ ବହିପାରେ। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ଆସନ୍ତା ୧୩ ତାରିଖ ଯାଏ ମାଛ ଧରିବା ପାଇଁ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଗୋପାଳପୁର ବନ୍ଦରରେ ୩ ନମ୍ବର ଏବଂ ରାଜ୍ୟର ଅନ୍ୟାନ୍ୟ ବନ୍ଦରରେ ୨ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗର ସତର୍କ ସୂଚନା, ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶ ଓ ଜିଲା ପ୍ରଶାସନର ତାଗିଦ୍‌କୁ ଅଣଦେଖା କରି କେତେଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ବୋଟ ସହ ମାଛ ଧରିବାକୁ ଯାଇ ନିଜ ଜୀବନକୁ ବିପନ୍ନ କରିବା ସହ ପ୍ରଶାସନକୁ ଅସୁବିଧାରେ ପକାଉଛନ୍ତି। ଏ ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର,କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲାପାଳଙ୍କ ନିମନ୍ତେ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାପାଳମାନେ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଆଧାରରେ ମତ୍ସ୍ୟଜୀବୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ସଚେତନା ସୃଷ୍ଟି ପାଇଁ ମଧ୍ୟ ପଦକ୍ଷେପ ନେବେ। ସେହିପରି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଏ କ୍ଷେତ୍ରରେ ଆଇନ ଭଙ୍ଗ କରୁଥିବା ମତ୍ସ୍ୟଜୀବୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ବାତ୍ୟାଜନିତ ବର୍ଷା ଯୋଗୁ ଉପକୂଳ ଓଡ଼ିଶାରେ ପନିପରିବା, ଡାଲିଜାତୀୟ ଫସଲ ଉପରେ ପ୍ରଭାବ ପଡିବା ଆଶଙ୍କା ରହିଛି। ମୁଗ, ବାଦାମ ଓ ରବି ଫସଲ ଅମଳ କରି ସୁରକ୍ଷିତ ସ୍ଥାନକୁ ନେଇଯିବାକୁ କୃଷି ବିଭାଗ ପକ୍ଷରୁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି) ପ୍ରଦୀପ ଜେନା କହିଛନ୍ତି, ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଓଡ୍ରାଫର ୧୨ଟି ଟିମ୍‌କୁ ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ପୁରୀ ଓ ଜଗତ୍‌ସିଂହପୁର ଜିଲାରେ ମୁତୟନ କରାଯାଇଛି । ସେହିପରି ଅଗ୍ନିଶମ ସେବାର ୧୨ଟି ଟିମ୍‌କୁ ମଧ୍ୟ ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡ଼ା ଓ ଗଞ୍ଜାମ ଜିଲାରେ ମୁତୟନ କରାଯାଇଛି। ବାତ୍ୟା ଦୁର୍ବଳ ହେବା ପରେ ଆସନ୍ତା ୧୩ ତାରିଖରୁ ସମଗ୍ର ରାଜ୍ୟରେ ପୁଣି ତତଲା ପବନ ବହିବ। ୧୪ ତାରିଖରେ ପଶ୍ଚିମ, ଆଭ୍ୟନ୍ତରୀଣ ଓଡିଶାରେ ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସକୁ ଟପିଯାଇପାରେ। ସେହିପରି ୧୫ ତାରିଖରୁ ଉପକୂଳ ଓଡ଼ିଶାରେ ମଧ୍ୟ ତାତି କଲବଲ କରିବ। ପାରଦ ୪୫ ଡିଗ୍ରୀକୁ ଛୁଇଁବା ସହିତ ଆର୍ଦ୍ରତା ପରିମାଣ ବଢ଼ିଯିବ। ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

### ଡାନିଶ୍ ସିଦ୍ଦିକିଙ୍କୁ...

ଉତ୍ତୋଳନ କରିଥିବା ଫଟୋ ଅନ୍ତରଙ୍ଗତା ଓ ବିପର୍ଯ୍ୟୟ ମଧ୍ୟରେ ଏକ ସନ୍ତୁଳନ ଚିତ୍ର ପ୍ରଦାନ କରିଥିଲା ବୋଲି ପୁଲିଜର ପ୍ରାଇଜ୍ ୱେବ୍‌ସାଇଟରେ ଉଲ୍ଲେଖ କରାଯାଇଛି। ବ୍ରେକିଂ ନ୍ୟୁଜ୍ ଫଟୋଗ୍ରାଫି ବର୍ଗରେ ପ୍ରଦର୍ଶିତ ଉକ୍ତ ଫଟୋଗୁଡ଼ିକ ବିଚାରକଙ୍କୁ ପ୍ରଭାବିତ କରିଥିଲା। ୩୮ ବର୍ଷୀୟ ସିଦ୍ଦିକି ଗତବର୍ଷ ଜୁଲାଇରେ ନ୍ୟୁଜ୍ ଏଜେନ୍ସି ପାଇଁ ଆଫଗାନିସ୍ତାନରେ କାମ କରୁଥିବାବେଳେ ଗୁଳିମାଡ଼ରେ ପ୍ରାଣ ହରାଇଥିଲେ। ସେହି ସମୟରେ ସେ କାନ୍ଦାହାର ସହରର ସ୍ପିନ୍ ବୋଲ୍‌ଡାକ୍ ଜିଲାରେ ଆଫଗାନ ସେନା ଓ ତାଲିବାନ ମଧ୍ୟରେ ସଂଘର୍ଷର ଫଟୋ ସଂଗ୍ରହ କରୁଥିଲେ।

ସିଦ୍ଦିକି ଦ୍ୱିତୀୟ ଥର ପାଇଁ ପୁଲିଜର ପୁରସ୍କାର ବିଜୟୀ ହୋଇଛନ୍ତି। ୨୦୧୮ରେ ସେ ରଏଟର ଟିମ୍ ସହ ରୋହିଙ୍ଗ୍ୟା ସଙ୍କଟର ଚିତ୍ର ଉତ୍ତୋଳନ କରି ପୁରସ୍କୃତ ହୋଇଥିଲେ। ଏଥର ତାଙ୍କୁ ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯିବ। ସେ ଆଫଗାନ ସଂଘର୍ଷ, ହଂକଂ ଆନ୍ଦୋଳନ ଏବଂ ଏସିଆ, ମଧ୍ୟପ୍ରାଚ୍ୟ ଓ ୟୁରୋପର ଅନେକ ବଡ଼ ଘଟଣାର ଫଟୋ ସଂଗ୍ରହ କରିଥିଲେ। ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକ ପରେ ୨୦୦୭ରେ ସେ ଜାମିଆର ଏଜେକେ ମାସ୍ କମ୍ୟୁନିକେଶନ ରିସର୍ଚ୍ଚ ସେଣ୍ଟରରୁ ଗଣଯୋଗାଯୋଗରେ ଡିଗ୍ରୀ ହାସଲ କରିଥିଲେ। ସିଦ୍ଦିକିଙ୍କ ସଫଳତାରେ ଆମେ ଗର୍ବିତ, ହେଲେ ତାଙ୍କୁ ମିସ୍ କରୁଛୁ ବୋଲି ତାଙ୍କ ବାପା ଅଖତର ସିଦ୍ଦିକି କହିଛନ୍ତି। ସେ ଦୁଃସାହସୀ ଓ ପେସାଦାର ଥିଲେ ଏବଂ ବିଶ୍ୱରେ ଦୁଃଖଯନ୍ତ୍ରଣା ପ୍ରତି ସହାନୁଭୂତିଶୀଳ ଥିଲେ ବୋଲି ଅଖତର ପୁଅଙ୍କ କାର୍ଯ୍ୟକୁ ମନେପକାଇ କହିଛନ୍ତି।

### ଟୁଇଟର ଡିଲ୍...

ପ୍ରତିଦ୍ୱନ୍ଦୀ ହୋଇଥିବାବେଳେ ଏହି ଫାର୍ମ ମେଟାକୁ ମଧ୍ୟ ବିପୁଳ ମାତ୍ରାରେ ପାଣ୍ଠି ଯୋଗାଣ କରିଛି। ଫାର୍ମ ସହ-ପ୍ରତିଷ୍ଠାତା ବେନ୍ ହୋରୋୱିଜ୍ ନିକଟରେ ମସ୍କଙ୍କୁ ପ୍ରଶଂସା କରିବା ସହ ଟୁଇଟରକୁ ଆଶା ଅନୁଯାୟୀ ସଫଳତାର ଶୀର୍ଷକୁ ନେବାରେ ଟେସ୍‌ଲା ସିଇଓଙ୍କ ନିକଟରେ ସାହସ ଓ ଦକ୍ଷତା ଥିବା ଟୁଇଟ କରିଥିଲେ। ଏହାଦ୍ୱାରା ଏକ ବଡ଼ ଧରଣର କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟ୍ରେଷ୍ଟ (ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ) ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି।

### ବିନିତା ଅଗ୍ରୱାଲ କିଏ

ଆଣ୍ଡ୍ରିସେନ୍ ହୋରୋୱିଜ୍‌ରେ କାମ କରିବା ପୂର୍ବରୁ ଭାରତୀୟ-ଆମେରିକୀୟ ବିନିତା ଅଗ୍ରୱାଲ ହେଲ୍‌ଥ କେୟାର ସେକ୍ଟରରେ କାର୍ଯ୍ୟରତ ଥିଲେ। ସେ ଜଣେ ଫିଜିସିଆନ୍ ସହ ହେଲ୍‌ଥଟେକ୍ ଷ୍ଟାର୍ଟଅପ୍ ପରିଚାଳକ ଥିଲେ। ଗୁଗଲ ଭେଞ୍ଚର ଲାଇଫ୍ ସାଇନ୍ସ ଟିମ୍‌ରେ ଜଣେ ଭେଞ୍ଚର ଇନ୍‌ଭେଷ୍ଟର ରହିଛନ୍ତି। କିରୁସ୍‌ରେ ଜଣେ ଡାଟା ସାଇଣ୍ଟିଷ୍ଟ ଭାବେ ସେ କାମ କରିବା ସହ ମ୍ୟାକ୍‌କିଞ୍ଜି ଆଣ୍ଡ୍ କୋ. ସଂସ୍ଥାରେ ବାୟୋଟେକ୍, ଫାର୍ମାସ୍ୟୁଟିକାଲ, ମେଡିକାଲ ଡିଭାଇସ୍ କ୍ଲାଇଣ୍ଟଙ୍କ ପାଇଁ ମ୍ୟାନେଜମେଣ୍ଟ କନ୍‌ସଲଟାଣ୍ଟ ଭାବେ କାର୍ଯ୍ୟ କରିଛନ୍ତି। ଫ୍ଲାଟିରନ୍ ହେଲ୍‌ଥରେ ସେ ପ୍ରଡକ୍ଟ ମ୍ୟାନେଜମେଣ୍ଟ ଡିରେକ୍ଟର ମଧ୍ୟ ରହିଛନ୍ତି। ବିନିତା ବୋର୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମ୍ଆଇଟି ଏବଂ ହାଭାର୍ଡରୁ କମ୍ପ୍ୟୁଟେଶନାଲ ବାୟୋଲୋଜି ଓ ହ୍ୟୁମାନ୍ ଜେନେଟିକ୍ସରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଆଣ୍ଡ୍ରେସେନ୍ ହୋରୋୱିଜ୍‌ରେ ଜେନେରାଲ ପାର୍ଟନର ଭାବେ ସେ ଫାର୍ମର ବାୟୋ ଏବଂ ହେଲ୍‌ଥ ଫଣ୍ଡ ପାଇଁ ପୁଞ୍ଜି ବିନିଯୋଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ଏହାବାଦ୍ ବିନିତା ବିଗ୍‌ହ୍ୟାଟ୍ ବାୟୋସାଇନ୍ସ, ଜିସି ଥେରାପିଟିକ୍ସ, ମେମୋରା ହେଲ୍‌ଥ, ଥାଇମି କେୟାର, ପର୍ଲ ହେଲ୍‌ଥ ଏବଂ ୱେମାର୍କ କମ୍ପାନୀରେ ବୋର୍ଡ ସଦସ୍ୟ ରହିଛନ୍ତି। ୨୦୧୬ରେ ବିନିତା ତାଙ୍କ ଦୀର୍ଘଦିନର ପ୍ରେମିକ ପରାଗ ଅଗ୍ରୱାଲଙ୍କୁ ବିବାହ କରିଥିଲେ।

### ବିଚାରାଧୀନ ବନ୍ଦୀଙ୍କ...

ଜବତ କରିବା ସହ ବରଗଡ଼ ଜିଲା ହସ୍ପିଟାଲରେ ବ୍ୟବଚ୍ଛେଦ କରାଇଛି। ପୋଲିସ ସୂଚନା ଅନୁସାରେ, ପ୍ରାୟ ବର୍ଷେ ତଳେ ଲୁହୁରାଚଟିର ଜୟଦେବ ମେହେରଙ୍କ ଝିଅ ମଞ୍ଜୁଲତାଙ୍କ ସହ ମନମୋହନଙ୍କ ବିବାହ ହୋଇଥିଲା। ବିବାହର କିଛିଦିନ ପରେ ଶ୍ୱଶୁର ଘର ଲୋକେ ମଞ୍ଜୁଲତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଗତ ୬ ତାରିଖରେ ମଞ୍ଜୁଲତା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ମଞ୍ଜୁଲତାଙ୍କ ପରିବାର ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ପରେ ମେଲଛାମୁଣ୍ଡା ପୋଲିସ ଆଇପିସି ଦଫା ୩୦୨, ୪୯୮ଏ,୩୪ରେ ଏକ ମାମଲା ରୁଜୁକରି ମନମୋହନଙ୍କୁ ୭ତାରିଖରେ କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୋହେଲା ସବ୍‌ଜେଲକୁ ପଠାଇ ଦିଆଯାଇଥିଲା। ମଙ୍ଗଳବାର ଭୋର୍ ସମୟରେ ସାଥୀ ବନ୍ଦୀଙ୍କଠାରୁ ସୂଚନା ପାଇ ଜେଲ କର୍ମଚାରୀମାନେ ପାଇଖାନା ସ୍କାଇଲାଇଟରେ ବେକରେ ଗାମୁଛା ଲଗାଇ ଝୁଲୁଥିବା ଅବସ୍ଥାରେ ମନମୋହନଙ୍କୁ ଉଦ୍ଧାର କରି ସୋହେଲା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ନିଜ ହାତ ପାପୁଲିରେ ଡଟ୍‌ପେନ୍‌ରେ 'ଆଇ ଲଭ ୟୁ ମଞ୍ଜୁ' ଲେଖିଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ମୃତଦେହରେ ମଧ୍ୟ ସମାନ ଢଙ୍ଗରେ 'ଆଇ ଲଭ ମଞ୍ଜୁ' ଲେଖାଯାଇଥିଲା। ଏ ସମ୍ପର୍କରେ ସୋହେଲା ଥାନାଧିକାରୀ ତଥା ତଦନ୍ତକାରୀ ଅଫିସର ହାଡ଼ିବନ୍ଧୁ ଗଡ଼ତିଆଙ୍କୁ ପଚାରିବାରୁ ମୃତ ମନମୋହନଙ୍କ ବାପା ଅଶୋକ ରାଉତିଆ ତାଙ୍କ ପୁଅର ମୃତ୍ୟୁରେ ସନ୍ଦେହ ପ୍ରକାଶ କରି ଅଧିକ ତଦନ୍ତ ପାଇଁ ଲିଖିତ ଦାବି କରିଛନ୍ତି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଶନି ଓ ମଙ୍ଗଳଙ୍କ ପ୍ରତ୍ୟକ୍ଷଦୃଷ୍ଟିରେ ଚନ୍ଦ୍ର ଥିବାରୁ ମାନସିକ ସ୍ଥିତି ଉତ୍ତେଜନାମୂଳକ ରହିବ। ତଥାପି ଉଚ୍ଚସ୍ଥ ଶୁକ୍ରଙ୍କ ଯୋଗୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସୁଫଳ ପାଇବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**

ଏକାଦଶସ୍ଥ ଶୁକ୍ର ଓ ବୃହସ୍ପତି ଆପଣଙ୍କୁ ସମସ୍ତ ସୁଖ, ସମୃଦ୍ଧି ପ୍ରଦାନ ଦିଗରେ ମାର୍ଗ ଉନ୍ମୁକ୍ତ କରିବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି । ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ**

ବକ୍ରୀ ବୁଧ ଦ୍ୱାଦଶସ୍ଥ ହେତୁ ଭାବୁଥିବେ ଗୋଟିଏ କଥା କଲା ବେଳକୁ ଆଉ ଗୋଟିଏ କାମ କରିବେ। ଏହାର କୁପରିଣାମ ସ୍ୱରୂପ ପରିବାର ମଧ୍ୟରୁ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ ଓ ପ୍ରାଚୁର୍ଯ୍ୟ ପାଇବେ। ଅନ୍ୟମନସ୍କ ନ ରହି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**କର୍କଟ**

ଭାଗ୍ୟସ୍ଥାନରେ ଗୁରୁଦ୍ୱୟ ଆପଣଙ୍କୁ ସମ୍ମାନର ସହ ବିଳାସପ୍ରାଚୁର୍ଯ୍ୟ ମଧ୍ୟରେ ଅବସ୍ଥାପିତ କରାଇବେ। ଗୁରୁଜନଙ୍କ ପ୍ରେରଣାରେ ବିଭିନ୍ନ ପ୍ରକାରର ଯୋଜନା କରିବାରେ ମନ ଦେଇପାରନ୍ତି। କିନ୍ତୁ ଅଶ୍ଳେଷା କେତେକ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ସିଂହ**

ରାହୁଙ୍କ ଦ୍ୱାରା ଦୃଷ୍ଟ ଚନ୍ଦ୍ରଙ୍କ ପ୍ରଭାବରେ ସମସ୍ୟା ମଧ୍ୟରେ କାମ କରିବା ଦୁଷ୍କର ହୋଇପଡ଼ିବ। ସାମାଜିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ସହଯୋଗ ପାଇବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ଅତି ନିକଟରୁ ପାଇପାରନ୍ତି। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ ।

**କନ୍ୟା**

ସ୍ୱଗୃହାଭିମୁଖୀ ବୁଧଙ୍କ ଯୋଗୁ ଅନ୍ୟମାନଙ୍କ ସମସ୍ୟାମୂଳକ ଅଭିଶାପ ଆପଣଙ୍କ ପାଇଁ ଆଶୀର୍ବାଦ ହେବ। ପାରିବାରିକ ଜୀବନରେ ବିଲୁପ୍ତ ସ୍ନେହ, ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଆକସ୍ମିକ ଅନୁଭବ କରିବେ। କିନ୍ତୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା**

ପାପକ୍ରାନ୍ତ ମଙ୍ଗଳ ହେତୁ ଧନହାନି ସହ ବିତର୍କଜନିତ କଳହର ଆଶଙ୍କା ରହିଛି। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଜିନିଷଟି ନ ପାଇ ନିରାଶ ହେବେ । ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ ।

**ବିଛା**

ଆଜି ଚନ୍ଦ୍ରଙ୍କ କୁପ୍ରଭାବରୁ ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି । ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**

ବୃହସ୍ପତି କୋଣାବସଯାନ କରିଥିବାରୁ ପାରିବାରିକ କ୍ଷେତ୍ର, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପରିବାରରେ କଳହ ଦେଖାଦେଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବିଲେ କ୍ଷତିରେ ପଡ଼ିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ସଙ୍ଗକୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର**

ମୁଖଭାବସ୍ଥ ଶନି ଓ ମଙ୍ଗଳ ପ୍ରଭାବରେ କଠୋର ବାକ୍ୟ ପ୍ରତ୍ୟେକ କ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। କର୍ମକ୍ଷେତ୍ରରେ ସମସ୍ୟା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ। ସ୍ୱାସ୍ଥ୍ୟପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ**

ବ୍ୟବହାରରେ ମଧୁରତା ଯୋଗୁ ଆପଣଙ୍କ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ। କିନ୍ତୁ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ**

ଗାମ୍ଭୀର୍ଯ୍ୟପୂର୍ଣ୍ଣ କଥାବାର୍ତ୍ତା ଓ ଓଜସ୍ୱନୀ ଭାଷା ମାଧ୍ୟମରେ ବୁଦ୍ଧିଜୀବୀମାନଙ୍କ ସୁନଜରରେ ଆସିବେ। କିନ୍ତୁ ତୃତୀୟସ୍ଥ ବୁଧଙ୍କ ଯୋଗୁ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଗୁରୁଜନଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।


# classifieds

**Everyday**
0674-2580101, 2549302




**GROOM WANTED**

**Required Karan/ Khandayat groom for our elder daughter 26y/5'3" mula/dhanu, B.Tec software Engineer.Infosys at Bangalore (10.2l). Father Govt. Class -1 officer, educated family. Searching for suitable IT proposal parents. Contact: 9437188370, 9937328966.** D-359

ବୟସ-34 Government Job ସୁନ୍ଦର Divorce ଏକୁଟିଆ ରହୁଥିବା ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7077495623. D-398




**SALE**

Gharabadi residential plot for sale near Daisipatana- 450/-, Uttara- 1300/-, Sundarapada- 1200/-, duplex near Gudiapokhari- 55lakhs. Contact: 7978551614, 9439049194. D-71990

3BHK duplex 22,00,000/- corehouse Balianta (Bainchua), finance available- 8093465134, 9668194157. D-73318

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515

Gharabari yellowzone plot sale at Samantarapur and Uttara, Bhubaneswar. 6371040313, 9337235066. D-59892

**BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975.** D-73245

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800706644, 9439101373. D-106

**5000sqft (50ftX100ft.) premium commercial yellowzone, gharabari, sthitiban single patta owner plot for sale with boundary & filling completed at Dhauli Square. Price Rs.-1,45,00000/- contact direct owner. 9040026465 (Babu Babu).** D-135

ଭୁବନେଶ୍ୱର ତମାଣ୍ଡୋ ଛକଠାରୁ କାଶୀପୁରୁ ମୌଜାରେ ଘରବାରି ପ୍ଲଟ୍- 30x50=(1500sqft.) 29ଟି ପ୍ଲଟ୍ ଅଛି। ନିୟର ଆଣ୍ଡ ବ୍ୟାକ୍ ସାଇଡ୍ D.N. ରିଗଲିଆ ଗ୍ରୀନ୍ ଭିଲେଜ ଆପାର୍ଟମେଣ୍ଟ ପାଖରେ yellowzone ଅଣ୍ଡର BDA ଭୁକ୍ତ ପ୍ଲଟ୍ ଘର ନିର୍ମାଣ କରିବା ପାଇଁ ଉପଯୋଗୀ ପ୍ଲଟ୍ ଯୋଗାଇ ଦିଆଯାଉଅଛି। ଯୋଗାଯୋଗ ମୋବାଇଲ ନମ୍ବର- 7077583420, 9938015353. SUVAM CONSTRUCTIONS. D-366

**NH-16A କାଟେଣି ଛକରୁ 1K.M. ଦୂରରେ କଟକ ଆଡ଼କୁ କଣ୍ଟାବାଡ଼ ହାଇସ୍କୁଲ ପାଖରେ ରୋଡ୍ side ଘରବାଡ଼ି ପ୍ଲଟ୍ ମିଳୁଛି। 8658219495.** D-220

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-252

**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237




3BHK & 1BHK rent Jagamara, Sidhi Vihar. Mob: 9437963953. D-399

2BHK and 3BHK for rent at 118- Ratnakarbag-1. Mob: 9902406161. D-356

3BHK for rent at Sri Jagannath Palace, Acharya Vihar, Bhubaneswar. Contact: 9437015191. D-71635

**Rent out your vacant land. Contact: 9692095626, 7978456831.** D-71634

2BHK for rent Mahatab road Oldtown, Bhubaneswar. Rent- 7000/-. 9338636105. D-70796

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types body massage with high profile smart Lady room service available. 9142145769. D-71345

"Call me for only professional body massage, steam bath. 9861550765". D-396

Ayurvedic full body massage ladies & jents. Contact: 8093860513, 8658994614. D-71897

Take wellness relax body massage by experienced lady therapist. 7008773793. D-73601

Refreshing your mind and body with the best therapy, 7873794731. D-317

Newly open SPA positively health benefits expert therapist, Kalpana. 7846814019. D-73602

Newly open SPA positively health benefit with expert. Contact: 7749976301. D-71987

Newly open full body massage ladies and gents. 7750904837. D-71894

**Relax, Refresh your body, Mind at Saikrupa Spa with best therapies. 8984068077.** D-327

**LOST**

ମୁଁ, ଭଗବତ ତାରଣ ଗଡ଼ନାୟକ, ପିତା- ଭବାନୀ ଶଙ୍କର ଗଡ଼ନାୟକ, ଗ୍ରାମ- ପଳସମା, ଥାନା- କୁଣ୍ଡେଇଗୋଳା, ଜିଲ୍ଲା- ଦେବଗଡ଼ ଘୋଷଣା କରେ କି, ମୋର ଓରିଜିନାଲ B.Tech Certificate, and Marksheets, Regd No.- 0821214018/ ତା।୧୫।୦୨।୨୦୨୨ରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ହଜିଯାଇଛି। ଧ-୩୯୨

# ୭୪ ଶିଳ୍ପାନୁଷ୍ଠାନରୁ ୯ ମୁଖ୍ୟ ଦୁର୍ଘଟଣାପ୍ରବଣ



ବୈଠକରେ ଜିଲାପାଳ, ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ଶିଳ୍ପାନୁଷ୍ଠାନର କର୍ମକର୍ତ୍ତାମାନେ।

## ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣା: ଜିଲା ଆପାତକାଳୀନ ବୈଠକ

- ଆମୋନିଆ, କ୍ଲୋରିନ୍ ଗ୍ୟାସ୍ ଲିକ୍‌ର ଭୟ ରହିଛି
- ପାରାଦୀପରେ ନୂଆ ଅଗ୍ନିଶମ ୟୁନିଟ୍ ଖୋଲିବାକୁ ପ୍ରସ୍ତାବ

ଜଗତ୍‌ସିଂହପୁର ଅଫିସ,୧୦।୫

ଜଗତ୍‌ସିଂହପୁରରେ ଥିବା ମୋଟ ୭୪ ଶିଳ୍ପାନୁଷ୍ଠାନ ମଧ୍ୟରୁ ୯ ମୁଖ୍ୟ ଦୁର୍ଘଟଣା ପ୍ରବଣ ଓ ୬ଟି ବିପଦପୂର୍ଣ୍ଣ ଶିଳ୍ପାନୁଷ୍ଠାନ ରହିଛି। ସେଠାରେ ଆମୋନିଆ ଓ କ୍ଲୋରିନ୍ ଗ୍ୟାସ ଲିକ୍ ହେବାର ସମ୍ଭାବନା ରହୁଛି। ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ସମସ୍ତ ପ୍ରସ୍ତୁତି ଜରୁରୀ। ବିଶେଷକରି ଅଫସାଇଟ୍ ଏମର୍ଜେନ୍ସି ପ୍ଲାନ ପ୍ରସ୍ତୁତ ସହ ଅବିଚ୍ଛିନ୍ନ ଭାବେ ରାସାୟନିକ ଦୁର୍ଘଟଣା ପରିଚାଳନା କରିବା, ରାଜ୍ୟ ଓ କେନ୍ଦ୍ର କ୍ରାଇସେସ୍ ଗ୍ରୁପ୍‌କୁ ସୂଚନା ପଠାଇବା, ମକ୍‌ଡ୍ରିଲ୍ କରାଇବା, ଆଖପାଖ ଜନସାଧାରଣଙ୍କୁ ରାସାୟନିକ ଦୁର୍ଘଟଣା ସମ୍ପର୍କରେ ସଚେତନ କରାଇବା ଆଦି ଉପରେ ଧ୍ୟାନ ଦେବା ଆବଶ୍ୟକ । ମଙ୍ଗଳବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣା ମୁକାବିଲା ନିମନ୍ତେ ଅନୁଷ୍ଠିତ ଜିଲା ଆପାତକାଳୀନ ବୈଠକରେ ପୌରୋହିତ୍ୟ କରି ଜିଲାପାଳ ପାରୁଲ ପଟାୱାରୀ ଉପସ୍ଥିତ ଶିଳ୍ପାନୁଷ୍ଠାନ କର୍ମକର୍ତ୍ତାମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି । ସେ କହିଥିଲେ, ପାରାଦୀପରେ ଗଢ଼ି ଉଠିଥିବା ବୃହତ ଶିଳ୍ପାନୁଷ୍ଠାନଗୁଡିକରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ଜିଲା ଆପାତକାଳୀନ (ଡିଷ୍ଟ୍ରିକ୍ଟ କ୍ରାଇସେସ୍ ଗ୍ରୁପ୍) ବୈଠକ ହେଉଛି। ଏହି ଗ୍ରୁପ୍ ଆଗୁଆ ପ୍ରସ୍ତୁତି, ସୁରକ୍ଷା ବନ୍ଦୋବସ୍ତ ଗ୍ରହଣ କରିବା ଉପରେ କାର୍ଯ୍ୟ କରୁଛି। ପାରାଦୀପରେ ଏକ ଅଗ୍ନିଶମ ୟୁନିଟ ଖୋଲିବା ଉଚିତ। ଏଥିସହ ଅଗ୍ନି ପ୍ରପୀଡିତଙ୍କ ଚିକିତ୍ସା ସୁବିଧା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ବାହାର ରାଜ୍ୟର ବୃହତ୍ ଶିଳ୍ପାନୁଷ୍ଠାନଗୁଡିକରେ ରାସାୟନିକ ଦୁର୍ଘଟଣା ନିମନ୍ତେ ନିଆଯାଉଥିବା ସୁରକ୍ଷା ଉପାୟ ଉପରେ ସୂଚନା ଆଦାନପ୍ରଦାନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଭୋପାଳସ୍ଥିତ ବିପର୍ଯ୍ୟୟ ପରିଚାଳନା ଅନୁଷ୍ଠାନର ଡେପୁଟି ଡାଇରେକ୍ଟର ଡ. ଅସିତ କୁମାର ପାତ୍ରୋ ରିସୋର୍ସପର୍ସନ ଭାବେ ଯୋଗଦେଇ ସୁରକ୍ଷା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ। ସ୍ଥାନୀୟ କ୍ରାଇସିସ୍ ଗ୍ରୁପର ଅଧକ୍ଷ ତଥା ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ପ୍ରାକୃତିକ ବିପର୍ଯ୍ୟୟ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମ୍ପର୍କରେ ଅବତାରଣା କରିଥିଲେ। ପ୍ରାରମ୍ଭରେ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବ୍ରଏଲର୍ ବିଭାଗ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ ଜିଲାରେ ଶିଳ୍ପାନୁଷ୍ଠାନର ସଂକ୍ଷିପ୍ତ ଦୃଶ୍ୟକ୍ରମ, ଜିଲା କ୍ରାଇସିସ୍ ଗ୍ରୁପ୍‌ର କାର୍ଯ୍ୟାବଳୀ ସମ୍ପର୍କରେ କହିଥିଲେ। ବୈଠକରେ ଇଫ୍‌କୋ, ଆଇଓସିଏଲ୍ ରିଫାଇନାରୀ, ପିପିଏଲ୍, ଗେଲ୍ ଇଣ୍ଡିଆ ଆଦି ଶିଳ୍ପାନୁଷ୍ଠାନର କର୍ମକର୍ତ୍ତାମାନେ ଭାଗନେଇ ପାୱାର ପଏଣ୍ଟ ମାଧ୍ୟମରେ ସେମାନଙ୍କ କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଥିବା ସୁରକ୍ଷା, ମକ୍‌ଡ୍ରିଲ୍, ପ୍ରସ୍ତୁତି ସମ୍ପର୍କରେ ପ୍ରଦର୍ଶନ କରିଥିଲେ। ଏଥିରେ ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ, ସିଡିଏମ୍‌ଓ, ପରିବହନ ଅଧିକାରୀ, ଡିଏସ୍‌ପି ସତ୍ୟ ନାରାୟଣ ପଟ୍ଟନାୟକ, ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ, ସିଡିଏଓ, ଫାୟାର ଅଫିସର, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀଯନ୍ତ୍ରୀ, ଜନସ୍ୱାସ୍ଥ୍ୟ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଶେଷରେ ଜରୁରୀ ବିଭାଗ ଡେପୁଟି କଲେକ୍ଟର ବିଶ୍ୱସ୍ୱିନୀ ପୃଥାଳ ଧନ୍ୟବାଦ ଦେଇଥିଲେ।




## ନିଯୁକ୍ତି ପରାମର୍ଶ ଶିବିରରେ ୭୫ ଯୁବତୀ ଯୁବକ

ବିରିଡି, ୧୦।୫ (ଡି.ଏନ.ଏ)

ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଭି ମାର୍ଟ ରିଟେଲ ଲିମିଟେଡ୍ ଆନୁକୂଲ୍ୟରେ ବିପିଏଲ, ରାଶନକାର୍ଡ, ଜବକାର୍ଡଧାରି ପିଲାମାନଙ୍କ ପାଇଁ ଏକ ନିଯୁକ୍ତି ପରାମର୍ଶ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିରିଡି ବ୍ଲକ ସମିତି ଗୃହରେ ଆୟୋଜିତ ଏହି ବୈଠକରେ ଓର୍‌ମାସର ଜିଲା ଅଧିକାରୀ ପ୍ରଭାତ କୁମାର ଦାଶ, ଜିଲା ସଂଯୋଜକ ପବିତ୍ର କୁମାର ସ୍ୱାଇଁ, ବ୍ଲକ ଦକ୍ଷତା ସଂଯୋଜକ ପ୍ରମୋଦ କୁମାର ସିଂହ, ଜୀବିକା ସଂଯୋଜକ ସସ୍ମିତା ବରାଳ, ଭିମାର୍ଟର ନିଯୁକ୍ତି ଅଧିକାରୀ ସାଗରିକା ମିଶ୍ର ଯୋଗଦେଇଥିଲେ। ଏଥିରେ ବ୍ଲକର ୭୫ ଜଣ ଯୁବତୀ ଯୁବକ ଯୋଗଦେଇ ପରାମର୍ଶ ନେଇଥିଲେ।

## ଡେରାବିଶରେ ପହଞ୍ଚିଲା ଏନ୍‌ଡିଆର୍‌ଏଫ୍ ଟିମ୍


ଡେରାବିଶ୍‌ରେ ଏନ୍‌ଡିଆରଏଫ୍ ଟିମ୍‌ର ସଦସ୍ୟମାନେ।

ଡେରାବିଶ,୧୦।୫(ସ୍ୱ.ପ୍ର.)

ବାତ୍ୟା 'ଅସାନି' ପ୍ରଭାବରେ ଉପକୂଳ କେନ୍ଦ୍ରାପଡ଼ା ଜିଲାରେ ବର୍ଷାର ପ୍ରଭାବ ରହିଛି। ଏଥିପାଇଁ ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ୨୬ଟି ପଞ୍ଚାୟତରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିବା ବିଡିଓ ଗୋପବନ୍ଧୁ ଭୋସାଗର ସୂଚନା ଦେଇଛନ୍ତି। ତେବେ ବାତ୍ୟାର ପ୍ରଭାବ ବ୍ଲକ ଅଞ୍ଚଳରେ ନ ଥିଲା ବେଳେ ଏନ୍‌ଡିଆରଏଫ୍ ଟିମ୍‌ର ୨୪ଜଣ କର୍ମଚାରୀ ବ୍ଲକ ପରିସରରେ ସଜାଗ ରହିଛନ୍ତି। ଆସନ୍ତା ୧୩ ତାରିଖ ଯାଏ ବର୍ଷାର ପ୍ରଭାବ ଥିବାରୁ ତଳିଆ ଅଞ୍ଚଳରେ ଥିବା କଚ୍ଚା ଘରଗୁଡିକରୁ ଆବଶ୍ୟକ ପଡ଼ିଲେ ବାତ୍ୟା ଆଶ୍ରୟସ୍ଥଳକୁ ଲୋକମାନଙ୍କୁ ସ୍ଥାନାନ୍ତର କରାଯିବ ବୋଲି ବିଡିଓ ଭୋସାଗର କହିଛନ୍ତି।

## ୨ ପରିବାର ମଧ୍ୟରେ ଗଣ୍ଡଗୋଳ: ୨ ଗିରଫ

ଧର୍ମଶାଳା,୧୦।୫(ଡି.ଏନ.ଏ.)

ଧର୍ମଶାଳା ଥାନା ଅନ୍ତର୍ଗତ ସାରୋଇ ଗ୍ରାମରେ ୨ ପରିବାର ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗ୍ରାମର ଅଜୟ ମଲିକ ଓ ଭୀମ ସେଠୀ। ଗତ ରବିବାର ଅଜୟ ଓ ଭୀମଙ୍କ ପରିବାର ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ଓ ମାରପିଟ ହୋଇଥିଲା। ଏସମ୍ପର୍କରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୨୫୪/୨୨ ଓ ୨୫୩/୨୨ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

## କୁମ୍ଭୀରଭରା ନଦୀରେ ପେଟ ପାଇଁ ଜୀବନ ବିପଦ

ମହାକାଳପଡ଼ା,୧୦।୫ (ଡି.ଏନ୍.ଏ.)


ମହାକାଳପଡ଼ା ବ୍ଲକର ଗୋବରୀ ନଦୀ କୂଳରେ ମହିଳାମାନେ ବାଗଦା ଚିଙ୍ଗୁଡ଼ି ଯାଆଁଳ ସଂଗ୍ରହ କରୁଛନ୍ତି।

- ବାଗଦା ଚିଙ୍ଗୁଡ଼ି ଯାଆଁଳ ହଜାର ପ୍ରତି ୨ ଶହ ଟଙ୍କା
- କୋଲକାତା, ଆନ୍ଧ୍ରପ୍ରଦେଶରେ ଚାହିଦା ରହିଛି

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ନଦୀଗୁଡିକରୁ ବାଗଦା ଚିଙ୍ଗୁଡ଼ି ଯାଆଁଳ (ପିନ୍ ସଦୃଶ)କୁ ମହିଳାମାନେ ସଂଗ୍ରହ କରିଥାନ୍ତି। ସମୁଦ୍ର ଜଳ ନଦୀରେ ଭଟ୍ଟା ବା ଛାଡ଼ ପାଣିରେ ସରୁ ଗାଞ୍ଜି ଜାଲ ଦ୍ୱାରା ନଦୀ ମଧ୍ୟରେ ମହିଳାମାନେ ପ୍ରବେଶ କରି ସଂଗ୍ରହ କରନ୍ତି। ପରେ ସ୍ଥାନୀୟ ଚିଙ୍ଗୁଡ଼ି ବ୍ୟବସାୟୀମାନେ ଯାଆଁଳ ହଜାର ପ୍ରତି ୨ ଶହ ଟଙ୍କା ଦେଇ କିଣିଥାନ୍ତି। ଏହାପରେ ବ୍ୟବସାୟୀମାନେ କୋଲକାତା, ଆନ୍ଧ୍ରପ୍ରଦେଶ ଆଦି ସ୍ଥାନର ଚିଙ୍ଗୁଡ଼ି ଘେରିକୁ ଚଢ଼ା ଦରରେ ଯାଆଁଳ ଚାଲାଣ କରିଥାନ୍ତି। ସାଧାରଣତଃ ଏହି ବାଗଦା ଚିଙ୍ଗୁଡି ଯାଆଁଳ ପିନ୍ ସଦୃଶ ଦେଖା ଯାଇଥାଏ। ସମୁଦ୍ର ଜଳ ମେଞ୍ଚା ମେଞ୍ଚା ଫେଣରେ ନଦୀ ଜୁଆର ପାଣିରେ ଭାସି ଆସିଥାନ୍ତି। ଏହି ସମୟରେ ସ୍ଥାନୀୟ ମହିଳାମାନେ ପରିବାର ପ୍ରତିପୋଷଣ ପାଇଁ ନଦୀ ମଧ୍ୟରେ ପ୍ରବେଶ କରି ବିପଦପୂର୍ଣ୍ଣ ଭାବେ ଚିଙ୍ଗୁଡ଼ି ଯାଆଁଳ ସଂଗ୍ରହ କରି ରୋଜଗାରକ୍ଷମ ହୋଇଥାନ୍ତି। ଦୈନିକ ସ୍ଥାନୀୟ ମହିଳାମାନେ ୫ ଶହରୁ ଅଧିକ ରୋଜଗାର କରଥାନ୍ତି। ଅନେକ ସମୟରେ ଭରା ନଦୀରେ କୁମ୍ଭୀର ଭୟ ଥିବାରୁ ନିଜ ଜୀବନକୁ ଖାତିର ନ କରି ପେଟ ପୋଷିବାକୁ ଏହି କାର୍ଯ୍ୟ ଆପଣେଇଥାନ୍ତି ବୋଲି ଲତା ମଣ୍ଡଳ, ମମତା ସର୍ଦ୍ଦାର, ରାଧାରାଣୀ ମଣ୍ଡଳ, ସରୋଜିନୀ ମଣ୍ଡଳ, ରମା ଗାୟନ ପ୍ରମୁଖ କହିଛନ୍ତି। ସେମାନଙ୍କ କହିବା କଥା, ବାଗଦା ଚିଙ୍ଗୁଡ଼ି ଯାଆଁଳ ବର୍ଷର ଖରାଦିନେ ଅତି ଲୁଣି ପାଣି ଯୋଗୁ ଫେଣରେ ଭାସି ଭାସି ଆସନ୍ତି। ଏହି ସମୟରେ ଆମେ ସରୁ ଗାଞ୍ଜି ଜାଲରେ ଛାଣି ସଂଗ୍ରହ କରିଥାଉ। ସଂଗ୍ରହ ପରେ ଶାମୁକାରେ ପିନ୍‌ସଦୃଶ ଯାଆଁଳ ଗଣିବାକୁ ପଡେ। ଏହି ଚିଙ୍ଗୁଡ଼ି ଯାଆଁଳକୁ କୋଲକାତା ଓ ଆନ୍ଧ୍ରପ୍ରଦେଶକୁ ଟ୍ରକ, ପିକ୍‌ଅପ୍ ଭ୍ୟାନ ଯୋଗେ ପଲିଥିନ୍ ପ୍ୟାକେଟ କରାଯାଇ ଚାଲାଣ ହୋଇଥାଏ। ସେଠାରେ ଏହାର ମୁଖ୍ୟ ଚାହିଦା ରହିଛି ବୋଲି ସ୍ଥାନୀୟ ମହିଳାମାନେ କହିଛନ୍ତି। ବ୍ଲକର ମହାନଦୀ, ଗୋବରୀ ନଦୀ ଓ ଶାଖା ଯୋରୀଗୁଡ଼ିକରେ ବହୁଳ ପରିମାଣରେ ସମୁଦ୍ର ଫେଣରୁ ଜମ୍ବୁ, କାଁଶପାଳ, ପେଟଛେଲା, ବଡ଼ଦାଣ୍ଡୁଆ, ବାଗଗହଣ, ପଙ୍କପାଳ, ବଡପାଳ, କଣ୍ଡରା ପାଟିଆ, ରାମନଗର, ଖରିନାସୀ, ବତୀଘର, ତନ୍ତିଆପାଳ, ଶାସନ ଆଦି ଅଞ୍ଚଳରେ ବହୁ ବଙ୍ଗୀୟ ମହିଳାମାନେ ଏହି ଯାଆଁଳ ନଦୀରୁ ସଂଗ୍ରହ କରି ବେପାରୀମାନଙ୍କୁ ବିକ୍ରିକରି ପରିବାର ପ୍ରତିପୋଷଣ କରିଥାନ୍ତି। ଅପରପକ୍ଷେ ନଦୀ ସମୁଦ୍ରରୁ ବାଗଦା ଚିଙ୍ଗୁଡ଼ି ଯାଆଁଳ ଯଥେଷ୍ଟ ପରିମାଣରେ ହ୍ରାସ ପାଉଛି ବୋଲି ମହିଳାମାନେ କହିଛନ୍ତି।


ବ୍ୟାଙ୍କ ଅଫ୍ ବରୋଦା
Bank of Baroda

**ଆଞ୍ଚଳିକ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
E-mail: armcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ପରିଶିଷ୍ଟ-୪-ଏ (ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬) ଏବଂ ୬(୨) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସୁରକ୍ଷିତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ/ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଦଖଲ ସମ୍ପତ୍ତିର ସ୍ଥିତି (ଗଠନାତ୍ମକ (ସାଙ୍କେତିକ)/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ |
|---|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଲକ୍ଷ୍ମୀ ଗଣପତି ଷ୍ଟିଲ୍ସ ପ୍ରା. ଲିଃ., ସା.: ତଳ ମହଲା, ବସୁନ୍ଧରା ବିଲ୍ଡିଂ, ଟାଉନ ପ୍ଲାନିଂ, ପଦ୍ମା ବଜାର, ଢ଼େଙ୍କାନାଳ-୭୫୯୦୧୩ / ଜାମିନ୍‌ଦାରମାନେ: ୧) ଶ୍ରୀ ଏମ୍. ବାବୁରାଓ, ପିତା: ଏମ୍ କୁପ୍ପୋସ୍ୱାମୀ, ୨) ଶ୍ରୀମତୀ ଏମ୍. ବାଣୀ, ସ୍ୱାମୀ: ଏମ୍. ବାବୁ ରାଓ, କ୍ର. ନଂ. ୧ ଏବଂ ୨ଙ୍କ ଠିକଣା- ମାର୍ଫତ: ଡଃ. ବି.କେ. ପଣ୍ଡା, ପ୍ଲଟ୍ ନଂ.: ୪୨, ଗାୟତ୍ରୀ ନଗର, ନୂଆ ଶାସନ, ଢ଼େଙ୍କାନାଳ-୭୫୯୦୦୧, ୩) ଶ୍ରୀ ହେମନ୍ତ କୁମାର ମହାନ୍ତି, ପିତା: ଶରତ ଚନ୍ଦ୍ର ମହାନ୍ତି, ମିନା ବଜାର, ଢ଼େଙ୍କାନାଳ-୭୫୯୦୦୧, ୪) ଶ୍ରୀ. ଭି. ସୁରେଶ, ମାର୍ଫତ: ଏସ୍.କେ. ଆଚାର୍ଯ୍ୟ, ଟାଉନ ପ୍ଲାନିଂ, ପଦ୍ମା ବଜାର, ଢ଼େଙ୍କାନାଳ-୭୫୯୦୧୩, ୫) ଶ୍ରୀ ସୁରେଶ ଚନ୍ଦ୍ର ବିଶ୍ୱାଳ, ପିତା: ଭାଲୁ ବିଶ୍ୱାଳ, ୬) ଶ୍ରୀମତୀ ଗୀତାଞ୍ଜଳୀ ବିଶ୍ୱାଳ, ସ୍ୱାମୀ: ସୁରେଶ ଚନ୍ଦ୍ର ବିଶ୍ୱାଳ, କ୍ର. ନଂ. ୫ ଏବଂ ୬ଙ୍କ ଠିକଣା- ମହିଷାପାଟ, ଢ଼େଙ୍କାନାଳ-୭୫୯୦୦୧, ୭) ଶ୍ରୀ ଏମ୍. ସୟା ଶିବା ରାଓ, ବିଜୟଲକ୍ଷ୍ମୀ ଆପାର୍ଟମେଣ୍ଟସ୍, ଚେଞ୍ଚୁପେଟା, ସା/ପୋ.: ତେନାଲି, ଥାନା: ତେନାଲି, ଜିଲ୍ଲା: ଗୁଣ୍ଟୁର-୫୨୨୨୦୨, ୮) ଶ୍ରୀ ସଚ୍ଚିଦାନନ୍ଦ ମହାନ୍ତି, ପିତା: ବୈକୁଣ୍ଠନାଥ ମହାନ୍ତି, ସା/ପୋ.: ଗୋବିନ୍ଦପୁର, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ୯) ଶ୍ରୀ ଦିପ୍ତିଶ କୁମାର ପଟ୍ଟନାୟକ, ୧୦) ଶ୍ରୀ ଦିନେଶ କୁମାର ପଟ୍ଟନାୟକ, ୧୧) ଶ୍ରୀ କ୍ଷୀତିଶ କୁମାର ପଟ୍ଟନାୟକ, ୧୨) ଶ୍ରୀ ଧିରେନ କୁମାର ପଟ୍ଟନାୟକ, ୧୩) ଶ୍ରୀ ନିରେନ କୁମାର ପଟ୍ଟନାୟକ, କ୍ର. ନଂ. ୯, ୧୦, ୧୧, ୧୨ ଏବଂ ୧୩ଙ୍କ ପିତା: ଚକ୍ରଧର ପଟ୍ଟନାୟକ, ସମସ୍ତଙ୍କ ଠିକଣା- ସା.: ମିନା ବଜାର, ଗାନ୍ଧୀ ମନ୍ଦିର ରୋଡ୍, ଢ଼େଙ୍କାନାଳ-୭୫୯୦୦୧ | ଶ୍ରୀ ଏମ୍. ବାବୁରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ୱାର୍ଡ ନଂ. ୧୨, ବ୍ଲକ୍ ନଂ. ୫, ତହସିଲ ନଂ. ୨୯୩, ମ୍ୟୁନିସିପାଲ ଡ଼ୋର ନଂ. ୪-୧୪/୫/୨ (କ୍ଷେତ୍ର: ଆପାତତଃ ୧୫୭.୫ ବର୍ଗ ୟାର୍ଡ), କାକୁମାନୁଭରି ଷ୍ଟ୍ରିଟ୍, ଇଠାନଗର, ତେନାଲି ଟାଉନ୍, ଜିଲ୍ଲା: ଗୁଣ୍ଟୁର, ଆନ୍ଧ୍ର ପ୍ରଦେଶ | ୧୬.୦୫.୨୦୧୨ / ୨୩.୧୧.୨୦୧୨ / ଟ.୫,୫୫,୦୨,୯୨୪.୦୫ + ୦୧.୦୫.୨୦୧୨ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ ବିଯୁକ୍ତ ପରିଶୋଧ ରାଶି ଯଦି ଥାଏ ଏବଂ ବର୍ତ୍ତମାନ ସୁଦ୍ଧା ଚୁକ୍ତି ଅନୁଯାୟୀ ବକେୟା ଦେୟ ଟ.୧୧,୮୫,୩୬,୧୨୩.୫୪ (ଯୁକ୍ତ ଖର୍ଚ୍ଚ ଏବଂ ଦେୟ) | ୩୧.୦୫.୨୦୨୨ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୨୧,୧୫,୦୦୦/- / ଟ.୨,୧୧,୫୦୦/- / ଟ.୧୦,୦୦୦/- | ଗଠନାତ୍ମକ (ସାଙ୍କେତିକ) | ୨୬.୦୫.୨୦୨୨ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ମଧ୍ୟରେ (ସମ୍ପତ୍ତିକୁ କେବଳ ବାହାର ପାର୍ଶ୍ୱରୁ ନିରୀକ୍ଷଣ କରିହେବ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ :
https://www.bankofbaroda.in/e-auction.htm ଏବଂ https://ibapi.in ଦେଖନ୍ତୁ।
ସମସ୍ତ ସମ୍ଭାବ୍ୟ ବିଡ୍‌ରମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରବେ।

ନିମ୍ନଲିଖିତ ବିଷୟ ପ୍ରତି ମଧ୍ୟ ଦୃଷ୍ଟି ଦିଅନ୍ତୁ:
୧. କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରାକ୍ ବିଜ୍ଞପ୍ତି ବିନା କୌଣସି ବିଡ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ/ନାକଚ/ବିକ୍ରୟର ନିଲାମ ଓ ସର୍ତ୍ତାବଳୀର ସଂଶୋଧନ ସହିତ ପୂର୍ବ ନିଲାମଧାରୀ ଅକୃତକାର୍ଯ୍ୟ ହେବା କାରଣରୁ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ ଡକାଇବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି।
୨. କ୍ରେତା ଯଦି ନିଲାମ ତାରିଖର ଠିକ୍ ଦୁଇ ଦିନ ପୂର୍ବରୁ କେୱାଇସି କାଗଜାତ୍ ଦାଖଲ କରିଥାନ୍ତି ତେବେ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀଙ୍କର କେୱାଇସି ଯାଞ୍ଚ ସମ୍ପୂର୍ଣ୍ଣ କରିବା ଏବଂ ଅମାନତ ରାଶି ଗ୍ରହଣ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି। ଏଭଳି ସ୍ଥିତିରେ କ୍ଷମତାପ୍ରାପ୍ତ ଅଧିକାରୀ ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀ କେୱାଇସି କାଗଜାତ୍ ଯାଞ୍ଚ କରିବାରେ ବିଳମ୍ବିତ/ବିଫଳତା ଏବଂ ଇଏମଡି ୱାଲେଟ୍‌କୁ ଟ୍ରାନ୍ସଫର ବିଫଳତା ପାଇଁ ଦାୟୀ ରହିବେ ନାହିଁ। ନିଲାମ ତାରିଖ ଓ ସମୟରେ ବିଡ଼ରଙ୍କ ଗ୍ଲୋବାଲ ୱାଲେଟ୍‌ରେ ପର୍ଯ୍ୟାପ୍ତ ବାଲାନ୍ସ (>=ଇଏମଡି ରାଶି) ଥିଲେ ଇଚ୍ଛୁକ ନିଲାମଧାରୀ ନିଲାମ ତାରିଖରେ ବିଡ୍ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍।

ସ୍ଥାନ: କଟକ, ତାରିଖ: ୧୦.୦୫.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

SBI
**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସ୍‌ମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ ''ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି'' ଏବଂ ''ସେଠାରେ ଯାହା ଅଛି'' ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ସମ୍ପତ୍ତିଗୁଡିକର ତନଖି କରିବାର ତାରିଖ ଓ ସମୟ: ୨୬.୦୫.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

**ଇ-ନିଲାମ ତାରିଖ ଏବଂ ସମୟ: ତା୩୦.୦୫.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ସୋନାଲି ଆଇସ୍ ପ୍ଲାଣ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରସନ୍ନ କୁମାର ସାହୁ, ପିତା: ୰ ଅଦୈତ ଚରଣ ସାହୁ / ୰ ଅଦୈତ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ ପ୍ରସନ୍ନ କୁମାର ସାହୁ, ପିତା: ୰ ଅଦୈତ ଚରଣ ସାହୁ, ୨) ଶ୍ରୀମତୀ ଶାନ୍ତିଲତା ସାହୁ, ସ୍ୱାମୀ: ୰ ଅଦୈତ ଚରଣ ସାହୁ, ୩) ଶ୍ରୀ ପ୍ରଶାନ୍ତ କୁମାର ସାହୁ, ପିତା: ୰ ଅଦୈତ ଚରଣ ସାହୁ, ୪) ଶ୍ରୀ ବସନ୍ତ ଚରଣ ସାହୁ, ପିତା: ୰ ଅଦୈତ ଚରଣ ସାହୁ, ୫) ଶ୍ରୀ ଶିବ ଶଙ୍କର ସାହୁ, ପିତା: ୰ ଅଦୈତ ଚରଣ ସାହୁ, ସମସ୍ତଙ୍କ ଠିକଣା ସା: କୁମ୍ଭାର ସାହି, ଚୌଦ୍ୱାର, କଟକ-୭୫୪୦୨୫, ୬) ଶ୍ରୀମତୀ ମିନତୀ ସାହୁ, ସ୍ୱାମୀ: ଭୁର୍ବ ଚରଣ ସାହୁ, ସା: କନ୍ଦୋଲ, ଆଠଗଡ, ଜିଲ୍ଲା: କଟକ-୭୫୪୦୨୯, ୭) ଶ୍ରୀମତୀ ଝୁନୁବାଳା ସାହୁ, ସ୍ୱାମୀ: ଶିବ ପ୍ରସାଦ ସାହୁ, ସା: ବକ୍ସି ବଜାର, କଟକ-୭୫୩୦୦୧, ୮) ଶ୍ରୀମତୀ ଉର୍ମିଳା ସାହୁ, ସ୍ୱାମୀ: ପଦ୍ମ ଚରଣ ସାହୁ, ପୁର୍ଣ୍ଣଗଡ, ଜିଲ୍ଲା: ଅନୁଗୁଳ-୭୫୯୧୨୨ / ଆକାଉଣ୍ଟ ନଂ.: ୩୬୨୩୫୧୦୮୭୩୯, ୩୫୭୭୫୨୭୫୩୭୩ | ୰ ଅଦୈତ୍ୟ ଚରଣ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଚୌଦ୍ୱାର, ଖାତା ନଂ.: ୫୩୪/୩୩, ପ୍ଲଟ୍ ନଂ.: ୮୪୪/୧୯୩୯, କ୍ଷେତ୍ର: ଏକର ୦.୦୧୬ ଡିସିମିଲି, କିସମ: ଘରବାରୀ | ଟ.୨୧,୬୮,୦୦୦/- / ଟ.୨,୧୬,୮୦୦/- / ଟ. ୫୦,୦୦୦/- | ତା୦୬.୦୫.୨୦୨୧ରିଖ ସୁଦ୍ଧା ଟ.୨୯,୯୨,୭୯୩/- + ସେବାବଦ ତତ୍‌ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୩୦.୧୧.୨୦୧୯ |
| ୨. | ଋଣଗ୍ରହୀତାମାନେ: ୧) ଶ୍ରୀ ଯୁଧିଷ୍ଠିର ସାମଲ, ପିତା: ଇନ୍ଦ୍ରମଣି ସାମଲ, ୨) ଶ୍ରୀ ବିଜୟ କୁମାର ସାମଲ, ପିତା: ଇନ୍ଦ୍ରମଣି ସାମଲ, ୩) ଶ୍ରୀ କୈଳାସ ଚନ୍ଦ୍ର ସାମଲ, ପିତା: ଇନ୍ଦ୍ରମଣି ସାମଲ, ସମସ୍ତଙ୍କ ଠିକଣା- ସା: ଫତେପୁର, ପୋ.: ଗୋପିଆକୁଦ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର (ଓଡ଼ିଶା) / ଆକାଉଣ୍ଟ ନଂ: ୬୨୨୧୫୧୫୨୦୫୨ | ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ ସାମଲ ଏବଂ ଶ୍ରୀ କୈଳାସ ଚନ୍ଦ୍ର ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଫତେପୁର, ତହସିଲ/ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୫୯୦/୧୯୬, ପ୍ଲଟ୍ ନଂ.: ୭୩୨/୧୪୫୫, କ୍ଷେତ୍ର: ଏକର୦.୨୬ଡିସିମିଲି, କିସମ: ଘରବାରୀ | ଟ.୪୧,୦୫,୩୫୦/- / ଟ.୪,୧୦,୫୩୫/- / ଟ. ୫୦,୦୦୦/- | ତା୩୧.୦୧.୨୦୧୮ରିଖ ସୁଦ୍ଧା ଟ.୧୯,୧୭,୮୮୪/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୧୩.୦୨.୨୦୧୮ |
| ୩. | ଋଣଗ୍ରହୀତା: ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ., ସା./ପୋ.: ସମିଆ କଳାକଳ, ବରୀ, ଜିଲ୍ଲା: ଯାଜପୁର-୭୫୪୦୮୨, ଓଡ଼ିଶା/ ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, ସା: ପ୍ଲଟ୍ ନଂ.: ୭୮/୧୬୫୪, ବିଡାନାସୀ, ବାସେଲୀଗଡା, କଟକ-୭୫୩୦୧୪, ନିର୍ଦ୍ଦେଶକ: ଶ୍ରୀମତୀ ବନଶ୍ରୀ ମହାପାତ୍ର, ସ୍ୱାମୀ: ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, ସା: ପ୍ଲଟ୍ ନଂ.: ୭୮/୧୬୫୪, ବିଡାନାସୀ, ବାସେଲୀଗଡା, କଟକ-୭୫୩୦୧୪ / ୧) ଶ୍ରୀମତୀ ବନଶ୍ରୀ ମହାପାତ୍ର, ସ୍ୱାମୀ: ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, ୨) ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୭୮/୧୬୫୪, ବିଡାନାସୀ, ବାସେଲୀଗଡା, କଟକ-୭୫୩୦୧୪, ୩) ଶ୍ରୀମତୀ ସଂଘମିତ୍ରା ମହାପାତ୍ର, ଗାୟତ୍ରୀ ଭବନ, ଗୋପବନ୍ଧୁ ଲେନ୍, ଅରୁଣୋଦୟ ମାର୍କେଟ, କଟକ-୧୨ / ଆକାଉଣ୍ଟ ନଂ: ୩୧୯୬୫୭୧୨୮୨୯, ୩୧୬୮୪୯୦୯୩୦୨ | ୧) ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ. ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସମିଆ, ତହସିଲ: ଦର୍ପଣ, ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୯୯୮/୭୩, ପ୍ଲଟ୍ ନଂ.: ୩୫୬୯/୪୫୪୬, କ୍ଷେତ୍ର: ଏକର୫.୦୧ ଡିସିମିଲି, କିସମ: ଘରବାରୀ, ଖାତା ନଂ.: ୯୯୮/୭୨, ପ୍ଲଟ୍ ନଂ.: ୬୧୧/୪୫୪୪, କ୍ଷେତ୍ର: ଏକର୧.୫୪ ଡିସିମିଲି, କିସମ: ଘରବାରୀ, ପ୍ଲଟ୍ ନଂ.: ୩୫୬୯/୪୫୪୫, କ୍ଷେତ୍ର: ଏକର୧.୪୬ ଡିସିମିଲି, କିସମ: ଘରବାରୀ, ଖାତା ନଂ.: ୯୯୮/୧୦୩, ପ୍ଲଟ୍ ନଂ.: ୩୫୬୯/୪୫୬୫, କ୍ଷେତ୍ର: ଏକର୦.୨୮ ଡିସିମିଲି, କିସମ: ଘରବାରୀ, ସମୁଦାୟ କ୍ଷେତ୍ର: ଏକର୮.୨୯ ଡିସିମିଲି<br>୨) କାରଖାନାରେ ଥିବା ଯନ୍ତ୍ରପାତି ଓ କଳକବ୍ଜା | (୧) ଟ.୨,୬୫,୫୦,୦୦୦/- / ଟ.୨୬,୫୫,୦୦୦/- / ଟ. ୫,୦୦,୦୦୦/-<br>(୨) ଟ.୧୨,୮୬,୦୦୦/- / ଟ.୧,୨୮,୬୦୦/- / ଟ. ୫୦,୦୦୦/- | ତା୦୫.୦୪.୨୦୨୨ରିଖ ସୁଦ୍ଧା ଟ.୭,୮୬,୨୪,୦୦୦/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୩୦.୦୩.୨୦୧୫ |

ଇଚ୍ଛୁକ ବିଡର୍‌ମାନେ ଇ-ନିଲାମ ଶେଷ ହେବା ପୂର୍ବରୁ MSTC ରେ ପ୍ରାକ୍ ବିଡ୍ ଅମାନତ ରାଶି ଜମା କରିପାରିବେ । ପ୍ରାକ୍ ବିଡ୍ ଅମାନତ ରାଶିର କ୍ରେଡିଟ୍ ବିଡ୍‌ରଙ୍କୁ କେବଳ MSTC ର ବ୍ୟାଙ୍କ ଆକାଉଣ୍ଟରେ ଦେୟ ରସିଦ୍ ଏବଂ ଇ-ନିଲାମ ୱେବସାଇଟ୍‌ରେ ସୂଚନା ଅପଡେଟ୍ କରିବା ପରେ ପ୍ରଦାନ କରାଯିବ । ବ୍ୟାଙ୍କିଙ୍ଗ୍ ପ୍ରକିୟା ଅନୁଯାୟୀ ଏହା କିଛି ସମୟ ନେଇପାରେ, ତେଣୁ ବିଡ୍‌ରମାନେ ଶେଷ ମୂହୁର୍ତ୍ତରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ପାଇଁ ନିଜ ଇଚ୍ଛା ଅନୁସାରେ ପ୍ରାକ ବିଡ୍ ଅମାନତ ରାଶି ଯଥେଷ୍ଟ ପୂର୍ବରୁ ଦାଖଲ କରିବାକୁ ଅନୁରୋଧ କରାଯାଉଛି ।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଏନ୍ କେ ପଣ୍ଡା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୩୨୭୭୭୧୭୫୨, ଶ୍ରୀମତୀ ପି ଏକ୍କା (ସିଟି କେସ୍ ଅଫିସର), ମୋ.: ୭୯୭୮୩୫୧୯୯୮, ଏବଂ ଶ୍ରୀ ମୁକ୍ତିକାନ୍ତ ଶତପଥୀ (ସିଟି କେସ୍ ଅଫିସର), ମୋ.: ୯୦୭୮୧୩୬୧୯୯

ସମସ୍ତ ସମ୍ପତ୍ତି ବ୍ୟାଙ୍କରେ ସାଙ୍କେତିକ ଦଖଲରେ ଅଛି

ତାରିଖ : ୧୦.୦୫.୨୦୨୨
ସ୍ଥାନ : କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

❝ କେତେବେଳେ ମଣିଷ ଓ ଈଶ୍ୱରଙ୍କର ସାକ୍ଷାତ ସମ୍ବନ୍ଧ ହୁଏ ? ଯେତେବେଳେ ଈଶ୍ୱର ମଣିଷ ଭିତରକୁ ତାଙ୍କ ଆଡୁ ପ୍ରବେଶ କରନ୍ତି ଏବଂ ମଣିଷ ବି ଯେତେବେଳେ ଈଶ୍ୱରଙ୍କ ଭିତରକୁ ଝାସ ଦିଏ- ସେତିକି ବେଳେ। -ଶ୍ରୀଅରବିନ୍ଦ

# ଅସାନି ଆସିଲା

ଚଳିତ ବର୍ଷ ମେ' ପ୍ରଥମାର୍ଦ୍ଧରେ ପ୍ରଚଣ୍ଡ ତାତି ମଧ୍ୟରେ ଅସାନି ବାତ୍ୟା ଚିନ୍ତାର କାରଣ ପାଲଟିଛି। ପ୍ରତିବର୍ଷ ବାତ୍ୟା ଯୋଗୁ ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, ମହାରାଷ୍ଟ୍ର ଓ ଗୁଜରାଟ ଭଳି ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ବିପତ୍ତିର ସମ୍ମୁଖୀନ ହେଉଛନ୍ତି। ବାତ୍ୟାର ସଂଖ୍ୟା ମଧ୍ୟ ପୂର୍ବାପେକ୍ଷା ବୃଦ୍ଧିପାଉଛି। ବିଶେଷଜ୍ଞଙ୍କ ମତରେ, ସବୁଜ ଗୃହ ବାଷ୍ପ ଯୋଗୁ ସୃଷ୍ଟି ହେଉଥିବା ତାପମାତ୍ରାର ୯୦% ସମୁଦ୍ର ଶୋଷି ନେଉଥିବାରୁ ପାଣିର ତାପମାତ୍ରା ବଢ଼ୁଛି ଓ ଅଧିକ ବାତ୍ୟା ହେଉଛି। ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅନ୍ କ୍ଲାଇମେଟ୍ ଚେଞ୍ଜ (ଆଇପିସିସି)ର ରିପୋର୍ଟ ଏଭଳି ସିଦ୍ଧାନ୍ତକୁ ସମର୍ଥନ କରିଛି। ବାତ୍ୟା ନିରୀକ୍ଷଣ, ପୂର୍ବାନୁମାନ ଏବଂ ଗବେଷଣା ସହ ଜଡ଼ିତ ଅନ୍ତଃରାଷ୍ଟ୍ରୀୟ ଜର୍ନାଲ 'ଟ୍ରପିକାଲ ସାଇକ୍ଲୋନ ରିସର୍ଚ୍ଚ ଆଣ୍ଡ୍ ରିଭ୍ୟୁ' ମଧ୍ୟ ଏହାସହ ଏକମତ ବୋଲି ଜଣାପଡ଼ିଛି। ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ତଥ୍ୟ ଅନୁଯାୟୀ, ୧୯୭୧ରୁ ୨୦୨୦ ମଧ୍ୟରେ ୧୨୧ଟି ଟ୍ରପିକାଲ ବାତ୍ୟା ସୃଷ୍ଟି ହୋଇଛି। ଆରବ ସାଗର ଏବଂ ବଙ୍ଗୋପ ସାଗରରେ ବିଶ୍ୱ ତୁଳନାରେ କମ୍ ବାତ୍ୟା ସୃଷ୍ଟି ହେଉଥିଲେ ବି ଏହାର କ୍ଷୟକ୍ଷତି ଅନ୍ୟ ଦେଶ ତୁଳନାରେ ଅଧିକ, କାରଣ ଏହା ବେଶି ଜନବହୁଳ ଅଞ୍ଚଳକୁ ପ୍ରଭାବିତ କରିଥାଏ। ଭାରତରେ କେନ୍ଦ୍ର ଓ ରାଜ୍ୟ ସରକାର ଦାବି କରୁଛନ୍ତି ଯେ, ସେମାନଙ୍କର ବାତ୍ୟା ଓ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବା ଦକ୍ଷତା ବୃଦ୍ଧି ପାଉଛି। ସରକାରଙ୍କ ଏହି ପ୍ରଚାର ସମ୍ପୂର୍ଣ୍ଣ ଭାବେ ଅସତ୍ୟ ବୋଲି ବାରମ୍ବାର ପ୍ରମାଣିତ ହେଉଛି। ତାହାର ପ୍ରମାଣ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ବାସିନ୍ଦା ୩ ମେ ୨୦୧୯ ଫନୀ ପରେ ଅନୁଭବ କରିଥିବେ। ବିଦ୍ୟୁତ୍ ସଂଯୋଗ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକ। ପୁରୀ ଏବଂ ଖୋର୍ଦ୍ଧା ଜିଲା କଥା ଛାଡ଼ି ଦିଆଯାଉ। ରାଜଧାନୀରେ ଥିବା ରାଜଭବନର ଚାରିପାର୍ଶ୍ୱରେ ମଧ୍ୟ ୨୬ ଦିନରୁ ଅଧିକ ସମୟ ଲାଗିଗଲା ବିଦ୍ୟୁତ୍ ସଂଯୋଗ କରିବାରେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପ୍ରାକୃତିକ ବିପର୍ଯ୍ୟୟ ଘଟିବା ପୂର୍ବରୁ ସରକାରୀ ପ୍ରସ୍ତୁତି ଅପେକ୍ଷା ଗଣମାଧ୍ୟମରେ ସୂଚନା ଦିଆଯାଉଥିବା ଯୋଗୁ ଜନସାଧାରଣ ସଚେତନ ହେବା ଫଳରେ ଜୀବନହାନି ଘଟୁନାହିଁ। କିନ୍ତୁ ତାହାର ଅର୍ଥ ନୁହେଁ ଯେ, ସରକାରୀ ସଂସ୍ଥା ସବୁକିଛି କରିଦେଉଛନ୍ତି। ଏଠାରେ ଫନୀ ପରବର୍ତ୍ତୀ ସମୟର କଥା ଅନେକଙ୍କର ମନେଥିବ। ଫନୀ ପରେ ଓଡ଼ିଶାର ସରକାରୀ ସଂସ୍ଥାଗୁଡ଼ିକ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟରେ ଅନେକାଂଶରେ ବିଫଳ ହୋଇଥିଲେ। କିନ୍ତୁ ବାସ୍ତବରେ ୨ ସପ୍ତାହ ପରେ ଆନ୍ଧ୍ରରୁ ଆସିଥିବା ଉଦ୍ଧାରକାରୀ ଗୋଷ୍ଠୀ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିଥିଲେ। ସେମାନଙ୍କୁ କିଭଳି ଅସୁବିଧାରେ ରଖାଯାଇଥିଲା ଓ ଉଚିତ ଅର୍ଥ ମିଳୁ ନ ଥିବାର ଖବର ମଧ୍ୟ ପ୍ରକାଶ ପାଇଥିଲା।

ଏହିସବୁ ବିଷୟ ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପାଇଁ ବୈଷୟିକ ଜ୍ଞାନ ବୃଦ୍ଧିପାଉଛି। ଆଜିର ଦିନରେ ସମୁଦ୍ର ମଧ୍ୟରେ କ୍ଷୁଦ୍ର ବାତ୍ୟାର ଜନ୍ମ ହେବା ମାତ୍ରକେ ତତ୍‌କ୍ଷଣାତ୍ ସୂଚନା ମିଳୁଛି। ସେହି ବାତ୍ୟା କେଉଁ ଦିଗକୁ ପ୍ରଭାବିତ କରିବ, ତାହା ମଧ୍ୟ ଅଳ୍ପବହୁତେ ଜଣାପଡ଼ିଯାଉଛି। କେବଳ ବାତ୍ୟା ନୁହେଁ, ବର୍ଷା ଏବଂ ସେଥିରୁ ସୃଷ୍ଟି ହେଉଥିବା ବଢ଼ି ସମ୍ପର୍କରେ ଆଗୁଆ ଖବର ମିଳିପାରୁଛି। ତଥାପି ଭୂମିକମ୍ପ ଏବଂ ଜଙ୍ଗଲ ନିଆଁକୁ ଆକଳନ କରିବା ଭଳି ଜ୍ଞାନକୌଶଳ ଆଜି ପର୍ଯ୍ୟନ୍ତ ବିକଶିତ ହୋଇପାରି ନାହିଁ। ହୁଏତ ନିକଟ ଭବିଷ୍ୟତରେ ଏହିଭଳି ବିପର୍ଯ୍ୟୟ ସମ୍ପର୍କରେ ପୂର୍ବସୂଚନା ମିଳିବାର ବ୍ୟବସ୍ଥା ସୃଷ୍ଟି ହୋଇପାରେ। ଏହା ସତ୍ତ୍ୱେ ପ୍ରକୃତି ସବୁବେଳେ ମଣିଷଠାରୁ ୫ ହଜାର ପାଦ ଆଗରେ ରହିବ।

# ପବନ ଉଡ଼େଇନେଲା

ବିହାର ସୁଲତାନଗଞ୍ଜରେ ଗଙ୍ଗା ନଦୀ ଉପରେ ନିର୍ମିତ ଏକ ପୋଲର କିଛି ଅଂଶ ଏପ୍ରିଲ ୨୯ରେ ହୋଇଥିବା ଝଡ଼ବାତ୍ୟାରେ ଭୁଶୁଡ଼ି ପଡ଼ିଥିଲା। ସୁଖର କଥା ଯେ, ଏଥିରେ କେହି ମୃତାହତ ହୋଇ ନ ଥିଲେ। ଏ ବିଷୟରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ ତାଙ୍କ ମନ୍ତ୍ରଣାଳୟର ସଚିବଙ୍କୁ ଏହାର କାରଣ ପଚାରିବାରୁ ମନ୍ତ୍ରୀଙ୍କ କହିବା ଅନୁଯାୟୀ ଉତ୍ତର ମିଳିଥିଲା, ପୋଲଟି ଜୋର୍ ପବନ ହେବାରୁ ଭାଙ୍ଗିଯାଇଛି। ମନ୍ତ୍ରୀ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ବୋଲି ନିଜେ କହିଛନ୍ତି। ବ୍ରିଜ୍ ଖସିପଡ଼ିବା ପଛରେ ନିଶ୍ଚିତ ନିର୍ମାଣଜନିତ ତ୍ରୁଟି ଥିବା ବୁଝି ହେଉଛି ବୋଲି ସେ କହିଥିଲେ। ତେବେ ଗଡ଼କରୀ ତାଙ୍କ ସଚିବଙ୍କ ଉଦାହରଣ ଦେଇ ଏହି ବିଷୟ ମେ ୧୦ରେ ଏକ କାର୍ଯ୍ୟକ୍ରମରେ କହିବା ପରେ ତାହା ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟି କରିଛି।

ଏ ଦେଶରେ ବ୍ରିଜ୍ ଭୁଶୁଡ଼ିପଡ଼ିବା ଓ ସରକାରୀ ସ୍କୁଲ କିମ୍ବା କାର୍ଯ୍ୟାଳୟ ଭାଙ୍ଗି ପଡ଼ିବା ପରେ ତାହାର ବାରମ୍ବାର ମରାମତି ହେବା ଏକ ନିତିଦିନିଆ କଥା। ଓଡ଼ିଶାର ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଓ ବଲାଙ୍ଗୀର ଆଦି ସ୍ଥାନରେ ବ୍ରିଜ୍ ଭୁଶୁଡ଼ି ଲୋକଙ୍କ ଜୀବନ ଯିବା ବିଷୟରେ ସମସ୍ତେ ଅବଗତ ଅଛନ୍ତି। ନିମ୍ନମାନର କଞ୍ଚାମାଲ ଓ ତରବରିଆ କାମ ଶେଷ କରିବାର ନିଶା ଯୋଗୁ ନିର୍ମାଣରେ ତ୍ରୁଟି ରହିବା ଓ ସେଗୁଡ଼ିକ ଭୁଶୁଡ଼ି ପଡୁଥିବା ଦେଖିବାକୁ ମିଳେ। ବିହାରରେ ଯେଉଁ ବ୍ରିଜ୍‌ର କିଛି ଅଂଶ ଭାଙ୍ଗିଯାଇଛି ତାହା ଏହି ପର୍ଯ୍ୟାୟଭୁକ୍ତ ହୋଇଥାଇପାରେ। କିନ୍ତୁ ଏହି ନିମ୍ନମାନର କାର୍ଯ୍ୟ କେବଳ ବିହାରରେ ସୀମିତ ନୁହେଁ। ସେହିରାଜ୍ୟ ସମେତ ଭାରତର ଅନ୍ୟସବୁ ରାଜ୍ୟରେ ଏହିଭଳି ଖରାପ ମାନର ଇଞ୍ଜିନିୟରିଂ କାମ ସବୁଆଡ଼େ ଦେଖିବାକୁ ମିଳୁଛି। ଏଥିରୁ ବୁଝାପଡୁଛି ଯେ, ଆମ ଦେଶରେ ପାଠପଢ଼ି ଇଞ୍ଜିନିୟର ହେଉଥିବା ଯୁବତୀଯୁବକମାନଙ୍କର ଦକ୍ଷତାରେ ଅନେକ ଅଭାବ ରହୁଛି। କୌଣସି ସ୍ତରରେ ଏମାନେ ମନଦେଇ ପାଠ ପଢୁନାହାନ୍ତି। ସିଭିଲ୍ ଇଞ୍ଜିନିୟରିଂ କ୍ଷେତ୍ରରେ ବିଶ୍ୱ ଅନେକ ଦୂରକୁ ଆଗେଇଯାଇଥିବା ବେଳେ ଭାରତରେ ଏବେ ମଧ୍ୟ ସେହି ପୁରୁଣା ଢାଞ୍ଚାରେ କାର୍ଯ୍ୟ ଚଳାଇବାକୁ ଇଞ୍ଜିନିୟରିଂ ପାଠ ପଢ଼ିଥିବା ଯୁବପିଢ଼ି ପସନ୍ଦ କରୁଛନ୍ତି। ହୁଏତ ସେଥିପାଇଁ ସେମାନଙ୍କ ମଧ୍ୟରେ ପ୍ରବଳ ଦୁର୍ନୀତି ଦେଖିବାକୁ ମିଳୁଛି ଏବଂ ଚାକିରି ପାଇବା ପୂର୍ବରୁ ପ୍ରତିବାଦ କରୁଥିବା ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ସପକ୍ଷରେ ସାଧାରଣତଃ ସାମାଜିକ ସମର୍ଥନ ମିଳିପାରୁ ନ ଥିବା ଭଳି ସ୍ପଷ୍ଟ ଜଣାପଡୁଛି।

ଦେଖିବାକୁ ଗଲେ ବିନା ପର୍ସେଣ୍ଟେଜ୍ ବା ପିସିରେ କୌଣସି ସରକାରୀ ପ୍ରକଳ୍ପ କାର୍ଯ୍ୟ ଆଗେଇ ନ ଥାଏ ବୋଲି ସମାଜର ସବୁ ବର୍ଗ ଜାଣିଛନ୍ତି। ବିଶେଷକରି ବ୍ଲକ ସ୍ତରରୁ କନିଷ୍ଠ ଯନ୍ତ୍ରୀମାନେ ଦୁର୍ନୀତିରେ ବୁଡ଼ିରହି ପିସି ନ ଖାଇଲେ କୌଣସି କାର୍ଯ୍ୟ କରାଇବା ସମ୍ଭବପର ହୁଏ ନାହିଁ। ଗଡକରୀ ଯେଉଁ ବିଷୟଟି ଉଠାଇଛନ୍ତି ଓ ତାଙ୍କ ସଚିବଙ୍କୁ ପଦାରେ ପକାଇ ଭାବିଛନ୍ତି ବୋଧହୁଏ ତାଙ୍କ ବ୍ୟକ୍ତିତ୍ୱ ଉଚ୍ଚା ଭାବେ ଦେଖାଯିବ। ଏଠାରେ କୁହାଯାଇପାରେ ଯେ, ବାସ୍ତବ କ୍ଷେତ୍ରରେ ସେ ସମ୍ପୃକ୍ତ ସଚିବ ଓ ପୋଲ ନିର୍ମାଣ କରିଥିବା ସଂସ୍ଥା ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନେଲେ। ସଡ଼କ ପରିବହନ ମନ୍ତ୍ରୀ ଭାବରେ ମୁଖ୍ୟତଃ ତାଙ୍କର ନୈତିକ ଦାୟିତ୍ୱ ତୁଲାଇବାକୁ ଯାଇ ନିଜର ଦୋଷ ସ୍ୱୀକାର କରିବା ଉଚିତ ଥିଲା।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 2 | 5 | | |
| 4 | | | | | | | 9 | |
| | | 2 | | | 7 | 4 | | 6 |
| | | | | | | | | |
| | | | 9 | | 5 | 6 | | 4 |
| 8 | | 6 | 4 | | 1 | | | |
| 9 | 3 | | | | | | 5 | 2 |
| | 5 | | | | 8 | | | |
| | | | | 7 | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 5 | 7 | 3 | 2 | 1 | 6 | 9 |
| 7 | 9 | 2 | 5 | 1 | 6 | 3 | 8 | 4 |
| 6 | 3 | 1 | 4 | 9 | 8 | 7 | 5 | 2 |
| 2 | 5 | 8 | 3 | 7 | 1 | 9 | 4 | 6 |
| 4 | 1 | 3 | 6 | 2 | 9 | 8 | 7 | 5 |
| 9 | 7 | 6 | 8 | 4 | 5 | 2 | 3 | 1 |
| 5 | 2 | 4 | 1 | 8 | 7 | 6 | 9 | 3 |
| 1 | 6 | 7 | 9 | 5 | 3 | 4 | 2 | 8 |
| 3 | 8 | 9 | 2 | 6 | 4 | 5 | 1 | 7 |

ଗତକାଲିର ଉତ୍ତର

# ପ୍ରଯୁକ୍ତି ବିଦ୍ୟାରେ ଭାରତ



ଡ. ଗୌରୀଶଙ୍କର ସାହୁ

ମେ' ୩୧, ୧୮୯୩। ଜାପାନର ୟୋକୋହାମାରୁ କାନାଡାର ଭାଙ୍କୋଭର ଅଭିମୁଖେ ଚଳମାନ ଏକ ଷ୍ଟିମର। ଅନ୍ୟ ସହଯାତ୍ରୀଙ୍କ ସହ ଯାତ୍ରା କରୁଥାନ୍ତି ଭାରତର ଦୁଇଜଣ ଯୁଗପୁରୁଷ- ସ୍ୱାମୀ ବିବେକାନନ୍ଦ ଓ ଜାମସେଦ୍‌ଜୀ ଟାଟା। ଟାଟା ସ୍ୱାମିଜୀଙ୍କୁ ନିଜ ମନ କଥା ଜଣାଇଲେ-'ଭାରତକୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ପାଇଁ ସେ ବିଦେଶୀ ଜ୍ଞାନକୌଶଳ ଓ ଯନ୍ତ୍ରାଂଶ ସାହାଯ୍ୟରେ ସ୍ୱଦେଶୀ ଇସ୍ପାତ କାରଖାନା ନିର୍ମାଣ କରିବାକୁ ଚାହୁଁଛନ୍ତି।' ସ୍ୱାମିଜୀ କହିଲେ 'ବିଦେଶରୁ କାହିଁକି? ଯନ୍ତ୍ରାଂଶ ଭାରତରେ କ'ଣ ତିଆରି କରିହେବ ନାହିଁ?' ଟାଟା କହିଲେ, 'ଏଥିପାଇଁ ସ୍ୱଦେଶୀ ଜ୍ଞାନ କୌଶଳ ଆମ ଦେଶରେ ନାହିଁ। ଯଦି ଭାରତରେ ଗୋଟିଏ ବିଶ୍ୱସ୍ତରୀୟ ଗବେଷଣା ପ୍ରତିଷ୍ଠାନଟିଏ ଖୋଲାଯାଇପାରନ୍ତା ଏହା ସମ୍ଭବ ହୋଇପାରନ୍ତା।' ବିବେକାନନ୍ଦ କହିଲେ, 'ଯଦି ପାଶ୍ଚାତ୍ୟଜଗତର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସାଂପ୍ରତିକ ଉତ୍କର୍ଷ ସହିତ ମହାଭାରତୀୟ ମାନବବାଦ ଓ ତପସ୍ୟାର ସଙ୍ଗମରେ ଆପଣଙ୍କ ସ୍ୱପ୍ନର ଅନୁଷ୍ଠାନ ଗଢ଼ାହୋଇପାରନ୍ତା, ତେବେ ଭଲ ହୁଅନ୍ତା।' ଟାଟା କହିଲେ, ''ଆପଣ ମୋର ମାର୍ଗଦର୍ଶନ କରନ୍ତୁ, ଏପରି ମଠ(ମୋନାଷ୍ଟରୀ)ଟିଏ ଗଢ଼ାହେବ; ଯେଉଁଠି ମଣିଷମାନେ ତ୍ୟାଗ ତିତିକ୍ଷାର ମୁକ୍ତିମନ୍ତ୍ର ପ୍ରତୀକ ହେବେ, ତପସ୍ୱୀସମ ଜୀବନଯାପନ କରିବେ ଓ ସେମାନଙ୍କ ଜୀବନକୁ ପ୍ରାକୃତିକ ଓ ମାନବବାଦୀ ବୈଜ୍ଞାନିକ ଗବେଷଣାରେ ଉତ୍ସର୍ଗ କରିବେ।'' ସ୍ୱାମିଜୀ ଟାଟାଙ୍କୁ ଆଶୀର୍ବାଦ ପ୍ରଦାନ କଲେ। ୨୩ ନଭେମ୍ବର ୧୮୯୮ରେ ସେ ସ୍ୱାମିଜୀଙ୍କୁ ଚିଠିଲେଖି ଜଣାଇଲେ ଯେ ସେ ଭାରତରେ ଗୋଟିଏ ଗବେଷଣା ପ୍ରତିଷ୍ଠାନ ସ୍ଥାପନ ପାଇଁ କାମ ଆରମ୍ଭ କରିବାକୁ ଚାହୁଁଛନ୍ତି। ଏ ଉଦ୍ୟମର ନେତୃତ୍ୱ ନେବାପାଇଁ ଏହି ଚିଠିରେ ସେ ସ୍ୱାମିଜୀଙ୍କୁ ଅନୁରୋଧ କରିଥିଲେ। ସ୍ୱାମିଜୀ ସେତେବେଳେ ରାମକୃଷ୍ଣ ମିଶନ ପ୍ରତିଷ୍ଠାରେ ବ୍ୟସ୍ତ ଥିବାରୁ ଭଗିନୀ ନିବେଦିତାଙ୍କୁ ଟାଟାଙ୍କୁ ସହଯୋଗ କରିବା ପାଇଁ ପଠାଇଲେ।

୧୯୦୪ରେ ଜାମସେଦ୍‌ଜୀଙ୍କ ସ୍ୱର୍ଗବାସ ହୋଇଯିବା ପରେ ତାଙ୍କ ପୁତ୍ର ଦୋରାବଜୀ ଟାଟା ଓ ଭଗିନୀ ନିବେଦିତା ସେମାନଙ୍କ ପ୍ରୟାସ ଜାରିରଖିଲେ। ୧୯୦୯ରେ ତତ୍କାଳୀନ ଭାଇସ୍‌ରାଏ ଲର୍ଡ ମିଣ୍ଟୋ ପ୍ରସ୍ତାବିତ ପ୍ରକଳ୍ପକୁ ମଞ୍ଜୁରୀ ଦେଲେ। ସ୍ୱାମୀ ବିବେକାନନ୍ଦଙ୍କ ଶିଷ୍ୟ ମହୀଶୁର ରାଜା ଚାମରାଜା ୱାଡିଅର୍‌ଙ୍କ ସୁପୁତ୍ର ମହାରାଜା କୃଷ୍ଣରାଜ ୱାଡିଅର୍ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ବାଙ୍ଗାଲୋରର ଯଶୱନ୍ତପୁର ଅଞ୍ଚଳରେ ୩୭୧ ଏକର ଜମି ଦାନ କଲେ। ପ୍ରତିଷ୍ଠାନର ଭବନ, ଗବେଷଣାଗାର ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ଦୋରାବଜୀ ଟାଟା ଅର୍ଥ ଯୋଗାଇଲେ। ୧୯୧୧ରେ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ (ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ)ର ଭିତ୍ତିପ୍ରସ୍ତର ସ୍ଥାପନ ହେଲା ଓ ସେହିବର୍ଷ ଜୁଲାଇ ୨୪ରେ ପ୍ରଥମ ବ୍ୟାଚ୍ ଆଡ୍‌ମିଶନ୍ ହେଲା। ବିଶିଷ୍ଟ ବୈଜ୍ଞାନିକ ଟ୍ରାଭର୍ସ ହେଲେ ଏହାର ପ୍ରଥମ ନିର୍ଦ୍ଦେଶକ। ଅଳ୍ପ ଦିନରେ ଏହା ଏକ ବିଶ୍ୱପ୍ରସିଦ୍ଧ ଅନୁଷ୍ଠାନ ଭାବେ ଗଣାହେଲା।



ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ ଉପଲକ୍ଷେ

୧୯୩୯ରେ ହୋମି ଜାହାଙ୍ଗୀର ଭାଭା ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନରେ ରିଡରଭାବେ ଯୋଗଦେଲେ। ଭାଭା ୧୯୪୪ରେ ଜେ.ଆର୍.ଡି. ଟାଟାଙ୍କୁ ଚିଠି ଲେଖି ମୌଳିକ ଗବେଷଣା ପାଇଁ ଏକ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ସକାଶେ ଅନୁରୋଧ କଲେ। ଜେ.ଆର୍.ଡି. ଟାଟାଙ୍କ ଆର୍ଥିକ ଓ ବ୍ୟକ୍ତିଗତ ସହଯୋଗରେ ୧୯୪୫ରେ ଟାଟା ମୌଳିକ ଗବେଷଣା ଅନୁଷ୍ଠାନ (ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ) ଗଠିତ ହେଲା।

ଆମେରିକାର ମାନହାଟନ୍ ପ୍ରକଳ୍ପର ସଫଳତା ପରେ ଭାଭା ଭାରତକୁ ଏକ ପରମାଣୁ ଶକ୍ତିସମ୍ପନ୍ନ ଦେଶ ଭାବେ ଗଢ଼ିବାକୁ ଚାହିଁଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କୁ ବୁଝାଇ ସେ ୧୯୫୪ରେ ପରମାଣୁ ଶକ୍ତି ପ୍ରତିଷ୍ଠାନ (ଆଟମିକ୍ ଏନର୍ଜି ଏଷ୍ଟାବ୍ଲିଶ୍‌ମେଣ୍ଟ) ଟ୍ରମ୍ବେଠାରେ ଗଢ଼ିଲେ। ୧୯୬୭ରେ ଏହାର ନାମ 'ଭାଭା ଆଣବିକ ଗବେଷଣା କେନ୍ଦ୍ର'କୁ ରୂପାନ୍ତରିତ ହୋଇଛି। ଟାଟା ପ୍ରତିଷ୍ଠାନର ବୈଜ୍ଞାନିକମାନଙ୍କ ନେତୃତ୍ୱରେ ଏହି ଅନୁଷ୍ଠାନ ଗଢ଼ିଉଠିଲା। ଅଗଷ୍ଟ ୦୨, ୧୯୬୩ରେ ଭାଭା ନେହେରୁଙ୍କୁ ଚିଠି ଲେଖି ଜଣାଇଲେ ''ଚାଇନା ଗଣରାଜ୍ୟର ମାନସିକ ଓ ରାଜନୈତିକ ଚାପରୁ ରକ୍ଷାପାଇବା ପାଇଁ ଭାରତକୁ ପରମାଣୁ ପରୀକ୍ଷଣ କରିବାକୁ ପଡ଼ିବ। ତେଣୁ ଆପଣ ଅନୁମତି ଦିଅନ୍ତୁ। ନେହେରୁ ପରମାଣୁ ବୋମାକୁ 'ସଇତାନର ପ୍ରତୀକ' କହି ଭାଭାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ। ନେହେରୁଙ୍କ ମୃତ୍ୟୁପରେ ଶାସ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ ହେଲେ ଓ ସେ ମଧ୍ୟ ଭାଭାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ। ୨୪ ଜାନୁୟାରୀ ୧୯୬୬ରେ ଏୟାର ଇଣ୍ଡିଆ ବିମାନ-୧୦୧ରେ ଯାତ୍ରା କରୁଥିବା ବେଳେ ସନ୍ଦିଗ୍ଧ ଅବସ୍ଥାରେ ମଣ୍ଟବ୍ଲାଙ୍କ ପାଖରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଭାଭା ଇହଲୀଳା ସମ୍ବରଣ କଲେ। ତାଙ୍କ ପରେ ଭାଭା ଅନୁଷ୍ଠାନର ମଙ୍ଗ ସମ୍ଭାଳିଲେ ପଦାର୍ଥ ବିଜ୍ଞାନୀ ରାଜା ରମନ୍ନା। ଭାଭାଙ୍କ ସେହି ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ରୂପ ଦେବାପାଇଁ ରମନ୍ନାଙ୍କୁ ନିର୍ଦ୍ଦେଶ ଦେଲେ। ବୈଜ୍ଞାନିକ ଦଳ ୧୮ ମେ ୧୯୭୪ରେ ପୋଖରାନ୍‌ଠାରେ ପରମାଣୁ ପରୀକ୍ଷଣ କଲେ। ଏହାପରେ ପାଶ୍ଚାତ୍ୟ ଦେଶମାନେ ନ୍ୟୁକ୍ଲୀୟ ପଦାର୍ଥ ଯୋଗାଣ ବନ୍ଦ କରିଦେଲେ। ଭାରତର ପରମାଣୁ ପରୀକ୍ଷଣ ଶୀତସୁପ୍ତିକୁ ଚାଲିଗଲା। ଅଟଳ ବିହାରୀ ବାଜପେୟୀ ଭାରତର ପ୍ରଧାନମନ୍ତ୍ରୀ ହେବା ପରେ ଭାଭା ଆଣବିକ ଗବେଷଣା କେନ୍ଦ୍ରର ତତ୍କାଳୀନ ନିର୍ଦ୍ଦେଶକ ରାଜଗୋପାଳ ଚିଦାମ୍ବରମଙ୍କୁ ପରମାଣୁ ବୋମା ପରୀକ୍ଷଣ ପାଇଁ ନିର୍ଦ୍ଦେଶ ଦେଲେ। ୧୧ ମେ ୧୯୯୮ରେ ଭାରତ ପାଞ୍ଚଟି ପରମାଣୁ ବୋମା ସଫଳତାର ସହ ପରୀକ୍ଷା କଲା ପୋଖରାନ୍‌ଠାରେ। ଏହି ପରୀକ୍ଷଣର ପ୍ରମୁଖ ବିନ୍ଧାଣୀ ଥିଲେ ରାଜଗୋପାଳ ଓ ପ୍ରଧାନମନ୍ତ୍ରୀଙ୍କ ବୈଜ୍ଞାନିକ ପରାମର୍ଶଦାତା ଅବଦୁଲ୍ କଲାମ୍। ପ୍ରତୀକାତ୍ମକ ଭାବେ ୧୧ ମେ'କୁ ପ୍ରତିବର୍ଷ ଭାରତୀୟ ପ୍ରଯୁକ୍ତି ବିଦ୍ୟାଦିବସ ଭାବେ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ବାଜପେୟୀ ଘୋଷଣା କଲେ।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଭାରତ ବିଶ୍ୱର ଅଗ୍ରଣୀ ଦେଶର ମାନ୍ୟତା ପାଇବାରେ ଯେଉଁ ଅନୁଷ୍ଠାନଟିର ଭୂମିକା ରହିଛି, ସେଇ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ୱାମୀ ବିବେକାନନ୍ଦ, ଭଗିନୀ ନିବେଦିତା, ଜାମସେଦ୍‌ଜୀ ଟାଟା ଓ ମହାରାଜା କୃଷ୍ଣରାଜ ୱାଡିଅରଙ୍କ ଯୋଗୁ ଗଢ଼ା ହୋଇପାରିଥିଲା। ଯନ୍ତ୍ରରେ ବି ମନ୍ତ୍ର ଭରି ଦେଇଥିଲେ ଏହି ଯୁଗପୁରୁଷ ଓ ତାଙ୍କ ସ୍ୱପ୍ନର ମଣିଷମାନେ। ଆଜି ଦିନଟି ହେଉ ଆମମାନଙ୍କ ପାଇଁ ଆତ୍ମସମୀକ୍ଷାର ଦିନ।

ଅଧ୍ୟାପକ, ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଧର୍ମଶାଳା
ମୋ-୭୯୭୮୪୨୧୮୩୫

# ଅର୍ଥନୀତିର ବିସଙ୍ଗତି ଓ ପରିଣାମ



ଶକ୍ତି ରଞ୍ଜନ ଦାଶ

ଆମ ପଡ଼ୋଶୀ ଦେଶ ଶ୍ରୀଲଙ୍କାର ପରିସ୍ଥିତି ଯଦି ନିରୀକ୍ଷଣ କରିବା ତାହା ଅତ୍ୟନ୍ତ ଦୟନୀୟ ପରିସ୍ଥିରେ ଗତି କରୁଛି। ଋଣଗ୍ରସ୍ତ ଶ୍ରୀଲଙ୍କା ଏବେ ଦେବାଳିଆ ସ୍ଥିତିରେ। ଏହାର ଦୁର୍ବଳ ଅର୍ଥନୀତି ଦେଶର ସାର୍ବଭୌମତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆର୍ଥିକ ସଙ୍କଟକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଜୋରଦାର ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେ ଇସ୍ତଫା ଦେଇଛନ୍ତି। ତେଣୁ ପ୍ରଶ୍ନ ଉଠେ, ଏହି ପରିସ୍ଥିତି ହେଲା କିପରି? ଦୁଇଟି ବ୍ୟାପକ ବର୍ଗ ପାଇଁ ସରକାର ଋଣ ନେବା ଆବଶ୍ୟକ କରନ୍ତି; ବ୍ୟାପକ-ଆର୍ଥିକ ଉଦ୍ଦେଶ୍ୟ (MACROECONOMIC PURPOSE) ଯେପରି କି ଅଧିକ ବିନିଯୋଗ, ଅଧିକ ବ୍ୟବହାର (ଶିକ୍ଷା ଏବଂ ସ୍ୱାସ୍ଥ୍ୟ) କିମ୍ବା ନିଅଣ୍ଟ ବଜେଟକୁ ଭରଣା କରିବାକୁ। ପ୍ରତ୍ୟେକ ବର୍ଷ ଦେଶରେ ଥିବା ସରକାର ଦେଶକୁ ଚଳେଇବା ପାଇଁ ଏକ ବଜେଟ ଉପସ୍ଥାପନ କରିଥାନ୍ତି। ଯଦି ଆୟ ସହ ଖର୍ଚ୍ଚ ସମାନ ହୋଇଥାଏ ତାହାକୁ ସମତୁଲ ବଜେଟ କୁହାଯାଏ ଓ ଯଦି ଅସମାନତା ଥାଏ ତାହାକୁ ଅସମତୁଲ ବଜେଟ କୁହାଯାଏ। ସ୍ୱାଭାବିକ ଭାବେ ଏହି ଅସମାନତାରେ ଖର୍ଚ୍ଚ ଆୟଠାରୁ ଅଧିକ ହୋଇଥାଏ, ଯାହାକୁ ବିତ୍ତୀୟ ନିଅଣ୍ଟ କୁହାଯାଏ। ଏହି ନିଅଣ୍ଟକୁ ମୁଖ୍ୟତଃ ସରକାର ୩ଟି ମାଧ୍ୟମରେ ଦୂର କରିପାରିବେ ଯଥା ଅଧିକ ମୁଦ୍ରା ଛପେଇ, ଅଧିକ ଟିକସ ଆଦାୟ କରି କିମ୍ବା ବିଦେଶରୁ ଋଣ ଆଣିକରି। ଏହି ୩ଟି ମାଧ୍ୟମରୁ ସରକାର ମୁଖ୍ୟତଃ ଋଣ ସଂଗ୍ରହକୁ ପସନ୍ଦ କରନ୍ତି। କାରଣ ଏହା ମୁଦ୍ରଣ କିମ୍ବା ଟିକସ ଲାଗୁ କରିବା ପରି ମୁଦ୍ରାସ୍ଫୀତିକୁ ବୃଦ୍ଧି କରି ନ ଥାଏ। ଯଦିଓ ସରକାର ଏହାର ବଜେଟ ନିଅଣ୍ଟକୁ ଦୂରକରିବା ପାଇଁ ଟିକସ ବ୍ୟବହାର କରିପାରିବେ, କିନ୍ତୁ ଟିକସ ଆପେକ୍ଷିକ ମୂଲ୍ୟର ସଂରଚନାକୁ ବିକୃତ କରିଥାଏ। ଅନ୍ୟପକ୍ଷରେ ଋଣ ଯଦି ଅର୍ଥନୀତିର ବହନ କ୍ଷମତାଠାରୁ ଅଧିକ ନିଆଯାଏ ତାହା ମଧ୍ୟ ପରବର୍ତ୍ତୀ ସମୟରେ ସମସ୍ୟା ସୃଷ୍ଟି କରେ।

ଏହି ଅନୁକ୍ରମରେ ଶ୍ରୀଲଙ୍କାର ବୃହତ୍ ଋଣ ବୋଝର ମୁଖ୍ୟ କାରଣ ହେଉଛି କମ୍ ଟିକସ ରାଜସ୍ୱ ଏବଂ କମ୍ ବୈଦେଶିକ ପ୍ରତ୍ୟକ୍ଷ ବିନିଯୋଗ (ଏଫ୍‌ଡିଆଇ))। ବିଗତ ୪୦ ବର୍ଷ ଧରି ବିକାଶ ଆଶାରେ ଦେଶ ବିଦେଶୀ ଋଣ ଉପରେ ଅଧିକ ନିର୍ଭରଶୀଳ ହୋଇପଡିଛି। ୧୯୮୯ରେ ଶ୍ରୀଲଙ୍କାର ମୋଟ ଘରୋଇ ଉତ୍ପାଦ(ଜିଡିପି)ର ପ୍ରାୟ ୬୨% ଥିଲା ବୈଦେଶିକ ଋଣ। ୧୯୯୦ର ପ୍ରାରମ୍ଭ ତୁଳନାରେ ଶ୍ରୀଲଙ୍କାର ଜିଡିପି ଅନୁପାତରେ ବୈଦେଶିକ ଋଣ ବହୁ ମାତ୍ରାରେ ହ୍ରାସ ପାଇଛି। କିନ୍ତୁ ୧୯୯୦ର ପ୍ରାରମ୍ଭରେ ଶ୍ରୀଲଙ୍କାର ଅଧିକାଂଶ ବିଦେଶୀ ଋଣ ରିହାତି ମୂଲ୍ୟରେ ଧାରଣ କରାଯାଇଥିଲା ଏବଂ ଏହି ଋଣଗୁଡ଼ିକ ଅଧିକାଂଶ ବିଶ୍ୱ ବ୍ୟାଙ୍କ, ଏସୀୟ ବିକାଶ ବ୍ୟାଙ୍କ ଏବଂ ଜାପାନ ଅନ୍ତର୍ଜାତୀୟ ସହଯୋଗ ଏଜେନ୍ସି ଭଳି ବିକାଶ ଏଜେନ୍ସି ଦ୍ୱାରା ଅଧିକୃତ ହୋଇଥିଲା। ଏହି ଋଣଗୁଡ଼ିକ ଶ୍ରୀଲଙ୍କା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, କାରଣ ସେମାନଙ୍କର ଏକ ଲମ୍ବା ଦେୟ ଅବଧି (୨୫-୪୦ ବର୍ଷ), ବହୁତ କମ ସୁଧ ହାର (୧% କିମ୍ବା ୧% ରୁ କମ) ଏବଂ ଯଥେଷ୍ଟ ଅନୁଗ୍ରହ ଅବଧି (GRACE PERIOD) ଯାହାର ଅର୍ଥ ଧାର୍ଯ୍ୟ ତାରିଖ ପରେ ମଧ୍ୟ ବିନା ଦଣ୍ଡରେ ଦେୟ ପ୍ରଦାନ କରାଯାଇପାରିବ ସୁବିଧାମାନ ଆଦି ଥିଲା। ତେଣୁ ସେତେବେଳର ବିଦେଶୀ ଋଣ ଶ୍ରୀଲଙ୍କାର 'ବୈଦେଶିକ ମୁଦ୍ରା ଭଣ୍ଡାର' ପାଇଁ ଏକ ବୋଝ କିମ୍ବା ବିପଦ ସୃଷ୍ଟି କରୁ ନ ଥିଲା। କିନ୍ତୁ ବର୍ତ୍ତମାନ ଶ୍ରୀଲଙ୍କାର ଋଣ ପରିସ୍ଥିତି ସେତେବେଳଠାରୁ ଭିନ୍ନ। ଫେବୃୟାରୀ ସୁଦ୍ଧା ଶ୍ରୀଲଙ୍କା ସଂରକ୍ଷଣରେ ମାତ୍ର ୨.୩ ବିଲିୟନ ଡଲାର ରହିଥିଲା, କିନ୍ତୁ ୨୦୨୨ରେ ଏହା ପ୍ରାୟ ୪ ବିଲିୟନ ଡଲାରର ଋଣ ପରିଶୋଧର ସମ୍ମୁଖୀନ ହେବାକୁ ଯାଉଛି, ଯେଉଁଥିରେ ଜୁଲାଇରେ ୧ ବିଲିୟନ ଡଲାରର 'ଅନ୍ତର୍ଜାତୀୟ ସାର୍ବଭୌମ ବଣ୍ଡ' ପରିପକ୍ୱ ହେବାକୁ ଯାଉଛି।



'ଅନ୍ତର୍ଜାତୀୟ ସାର୍ବଭୌମ ବଣ୍ଡ' ହେଉଛି ଏକ ସୁବିଧା, ଯେଉଁଥିରେ ଏକ ସରକାର ଆର୍ଥିକ ଆବଶ୍ୟକତା ମୁକ୍ତ ବଜାରରୁ ପ୍ରାପ୍ତ କରିଥାଆନ୍ତି। ସରକାର ଏହି 'ବଣ୍ଡ'ର ନିୟାମକ ସୁଧ ଓ ମୂଳ ଧନକୁ ଠିକ୍ ସମୟରେ ଫେରାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି। ଏହି ବଣ୍ଡ ଶ୍ରୀଲଙ୍କା ଋଣର ସର୍ବାଧିକ ଅଂଶ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଅନୁସାରେ ନିକଟ ଅତୀତର ଋଣ ଦେୟ ପାଇଁ ଶ୍ରୀଲଙ୍କାର ବୈଦେଶିକ ମୁଦ୍ରା ଭଣ୍ଡାର ପର୍ଯ୍ୟାପ୍ତ ନୁହେଁ। ଶ୍ରୀଲଙ୍କା ଅର୍ଥନୀତିରେ ମିଳିଥିବା ପ୍ରମୁଖ ଗଠନମୂଳକ ଦୁର୍ବଳତା ହେଉଛି କମ୍ ମାତ୍ରାରେ 'ମୋଟ ଘରୋଇ ଉତ୍ପାଦନ', 'ବୈଦେଶିକ ପ୍ରତ୍ୟକ୍ଷ ବିନିଯୋଗ'ର ନିମ୍ନ ସ୍ତର, 'ଟିକସ ରାଜସ୍ୱ' ହ୍ରାସ ଓ ବିଭିନ୍ନ କ୍ଷେତ୍ରରେ ରପ୍ତାନିରେ ଉନ୍ନତି ଆଣିବାରେ ବିଫଳତା। ଅଧିକ ରପ୍ତାନି ଆୟ ପାଇଁ ଶ୍ରୀଲଙ୍କାକୁ ଏହା ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ। କୋଭିଡ୍ ମହାମାରୀ ପୂର୍ବରୁ ମଧ୍ୟ ଶ୍ରୀଲଙ୍କା ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲା। ଏହି ଲକ୍‌ଡାଉନ ଅନୌପଚାରିକ କ୍ଷେତ୍ରକୁ (INFORMAL SECTOR) ଅଧିକ ପ୍ରଭାବିତ କରିଛି, ଯାହା ଦେଶର ପ୍ରାୟ ୬୦% କର୍ମଜୀବୀଙ୍କର ଜୀବିକା ନିର୍ବାହ କରେ। ଶ୍ରୀଲଙ୍କାର ବୈଦେଶିକ ଆୟର ପ୍ରାୟ ୨୦% ପର୍ଯ୍ୟଟନ ଶିଳ୍ପ ମାଧ୍ୟମରେ ଉତ୍ପାଦିତ ହୁଏ, କୋଭିଡ୍ ମହାମାରୀ ହେତୁ ପର୍ଯ୍ୟଟନଜନିତ ଆୟ ମଧ୍ୟ ପ୍ରଭାବିତ ହୋଇଛି। ଏକ ଯୁକ୍ତିଯୁକ୍ତ ଏବଂ ସ୍ଥାୟୀ ସମାଧାନ ବିଷୟରେ ଚିନ୍ତା କରିବାର ସମୟ ଆସିଛି। ବିଭିନ୍ନ କ୍ଷେତ୍ରଗୁଡ଼ିକରେ ଅଧିକ ଉତ୍ପାଦନ କରିବାକୁ ଶ୍ରୀଲଙ୍କାକୁ ବିଚାର କରିବାକୁ ପଡ଼ିବ, ଯାହା ତାହାର ଜିଡିପି ଏବଂ ରପ୍ତାନି ବୃଦ୍ଧି କରିବା ସହ ରଣନୀତି ଅନୁଯାୟୀ ଆମଦାନୀକୁ ଧୀରେ ଧୀରେ ହ୍ରାସ କରିବ। ଫଳସ୍ୱରୂପ ଏହା ଦେଶର କରେଣ୍ଟ ଆକାଉଣ୍ଟକୁ ଅନୁକୂଳ ରଖିବ। ଏଥିସହ ଶ୍ରୀଲଙ୍କାକୁ ମଧ୍ୟ ବୈଦେଶିକ ମୁଦ୍ରା ଭଣ୍ଡାରର ବୃଦ୍ଧି ପାଇଁ ଅଧିକ 'ମୁଦ୍ରା ଅଦଳବଦଳ' (CURRENCY SWAP) କରିବାକୁ ପଡ଼ିବ। କୃଷିକୁ ପୁନଃ ସ୍ଥାପିତ କରିବା ପାଇଁ ରାସାୟନିକ ସାର ବଦଳରେ ଜୈବିକ ସାରର ବ୍ୟବହାର ଉପରେ ଚାଷୀମାନଙ୍କୁ ଉପଯୁକ୍ତ ତାଲିମ ଓ ପ୍ରୋତ୍ସାହନ ଦେବା ଆବଶ୍ୟକ। କୃଷି ଜାତ ଦ୍ରବ୍ୟର ରପ୍ତାନି ବୈଦେଶିକ ମୁଦ୍ରା ଆୟକୁ ବୃଦ୍ଧି କରିବ। ଶ୍ରୀଲଙ୍କାକୁ ଏହାର ପୁନରୁଦ୍ଧାର ପାଇଁ ଏକ ଠିକ୍ ଟିକସ ମନିଟରିଂ ସିଷ୍ଟମ୍ ଏବଂ ଉପଯୁକ୍ତ ପ୍ରଶାସନ ଲାଗୁ କରିବା ଜରୁରୀ। ଅର୍ଥ ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ଔଦ୍ୟୋଗିକର ସଂକଳ୍ପ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶ୍ରୀଲଙ୍କା ଅର୍ଥନୀତିରେ ବୈଷୟିକ ଜ୍ଞାନକୌଶଳ ତଥା ପ୍ରଯୁକ୍ତିବିଦ୍ୟାର ସଂପ୍ରସାରଣକୁ ଉଦ୍ୟୋଗ ପ୍ରତିଷ୍ଠା ଦିଗରେ ଅନୁଧାବନ କରିବାକୁ ହେବ। ଯଦି ଶ୍ରୀଲଙ୍କା ଉପରୋକ୍ତ ଆଲୋଚନାକୁ ବିଚାର କରେ ଏହା ତାହାର ଆର୍ଥିକ ପରିସ୍ଥିତିର ଉନ୍ନତିରେ ସହାୟକ ହେବ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
shaktiranjan.srd@gmail.com

## ଏଇ ଭାରତରେ

ସହରଗୁଡ଼ିକରେ ବର୍ଜ୍ୟ ଠୁଳ ହେବାକୁ ନେଇ ବହୁ ସମୟରେ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିବାଦ ଦେଖାଯାଇଥାଏ। କିନ୍ତୁ ସେହି ସ୍ଥାନରେ ଯଦି ଜଙ୍ଗଲ କରାଯାଏ ତେବେ ତାହା ପରିବେଶ ପାଇଁ ଉପଯୋଗୀ ହେବା ସହ ଜନଅସନ୍ତୋଷକୁ ରୋକିପାରିବ। ଏହିଭଳି ଭାବନାକୁ ଗ୍ରହଣ କରିଛନ୍ତି ନଭି ମୁମ୍ବାଇର ସିଭିକ୍ ଚିଫ୍ ତଥା ଆଇଏଏସ୍ ଅଧିକାରୀ ଅଭିଜିତ ବାଙ୍ଗର। ସେ ନଭି ମୁମ୍ବାଇ କୋପରଖୈରେନ ଅଞ୍ଚଳରେ ଏକ ବୃହତ୍ ଡମ୍ପୟାର୍ଡକୁ ମିୱାକି ପଦ୍ଧତିରେ ଜଙ୍ଗଲ କରିପାରିଛନ୍ତି। ମିୱାକି ପଦ୍ଧତିରେ ମାତ୍ର ୧ ବର୍ଷ ମଧ୍ୟରେ ଏହି ଜଙ୍ଗଲ ହୋଇପାରିଛି। ଏଭଳି ଜଙ୍ଗଲ କରିବା ଲାଗି ଡମ୍ପୟାର୍ଡର ଏକ ମିଟର ଯାଏ ବର୍ଜ୍ୟର ସ୍ଥିତି ଆକଳନ କରାଯାଇଥାଏ ବୋଲି କହନ୍ତି ବାଙ୍ଗର। ପରେ ଏଥିପାଇଁ କିଛି ଶୁଦ୍ଧ ମାଟି ମଧ୍ୟ ବ୍ୟବହାର କରାଯାଏ। ଏହା ପୂର୍ବରୁ ବାଙ୍ଗରେ ନାଗପୁରରେ ମଧ୍ୟ ଏଭଳି ଏକ ଜଙ୍ଗଲ କରିଥିଲେ। ଏଭଳି ଜଙ୍ଗଲ ପାଇଁ ସେ 'ଗ୍ରୀନ୍ ଯାତ୍ରା' ଏନ୍‌ଜିଓର ସହଯୋଗ ନେଉଛନ୍ତି। ଉକ୍ତ ଏନ୍‌ଜିଓ ଭାରତର ବିଭିନ୍ନ ସହରରେ ଡମ୍ପୟାର୍ଡରେ ଜଙ୍ଗଲ କରୁଛି। ନଭି ମୁମ୍ବାଇରେ ସୃଷ୍ଟି କରାଯାଇଥିବା ଜଙ୍ଗଲରେ ଜାମୁ, ନିମ୍ବ, ଆମ୍ବ, ପଳାଶ, ଅଁଳା ସହ ୬୦ ପ୍ରକାରର ୬୦ ହଜାର ଗଛ ଲଗାଯାଇଛି। ମାଟିର ଉର୍ବରତା ବୃଦ୍ଧି କରିବା ପାଇଁ ଜୈବିକ ଓ ପ୍ରାକୃତିକ ସାମଗ୍ରୀ ବ୍ୟବହାର କରାଯାଇଛି। ଏବେ ଏହି ଜଙ୍ଗଲରେ ୩୫ ପ୍ରଜାତିର ପକ୍ଷୀ, ୧୫ ପ୍ରକାର ପ୍ରଜାପତି, ୧୨ ପ୍ରଜାତି ସାପ ରହିସାରିଲେଣି। ଏହି ଜଙ୍ଗଲ ପାଇଁ ଏକ ପ୍ରସିଦ୍ଧ ସଙ୍ଗୀତ କମ୍ପାନୀ ପାଣ୍ଠି ଯୋଗାଇ ଦେଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ମେ ୧୯୯୭

- ଦକ୍ଷିଣ ଚୀନ୍‌ସ୍ଥିତ ଗୁଆଙ୍ଗଝୁଉ ସହର ଏବଂ ତା'ର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହେବା ଫଳରେ ୪୩ ମୃତ।
- ନୟାଗଡ଼ ଜିଲାର ଗଣିଆଠାରୁ ୫ କି.ମି. ଦୂର କାଳିକା ପ୍ରସାଦଠାରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ମିନିଟ୍ରକ ପୋଲ ସହ ଧକ୍କା ଲାଗି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୧ ଯାତ୍ରୀଙ୍କ ମୃତ୍ୟୁ।
- ରାଷ୍ଟ୍ରପତି ଶାସନ ଜାରି ଓ ଜରୁରୀକାଳୀନ ପରିସ୍ଥିତି ପାଇଁ ୩୫୬ ଧାରାର ସଂଶୋଧନ ପ୍ରସ୍ତାବ ଉପରେ ଆନ୍ତଃରାଜ୍ୟ ପରିଷଦ ବୈଠକରେ ସହମତି।

## ଚିରନ୍ତନୀ

ଫଗୁଣର ହୁରିଖେଳ ଗୀତ ହେ
ଆସିଛି ଧରାରେ ପ୍ରାଣମିତ
ଆଜି ଖାଲି ହସିବାର ଭୁଲିବାର
ଜୋଛନାରେ ନାଚ ଆଜି ବାରବାର
ପୋଛି ଆସ ନୟନରୁ ଲୁହ ଧାର,
ବିଶ୍ୱ ହୋଇଛି ଉଲ୍ଲସିତ ଯେ।
ଫଗୁଣ ଜୋଛନା ତଳେ ମିତ ହେ!
-(ଫଗୁଣ ଜ୍ୟୋତ୍ସ୍ନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରଧାନ ଶିକ୍ଷକ ପଦବୀ ପୂରଣ ହେଉ

ମହାଶୟ,

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହଜାର ହଜାର ସଂଖ୍ୟାରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସରକାରଙ୍କର ତ୍ରୁଟିପୂର୍ଣ୍ଣ କ୍ୟାଡର ନିୟମ ହେତୁ ବର୍ଷ ବର୍ଷ ଧରି ପ୍ରଧାନ ଶିକ୍ଷକ ନିଯୁକ୍ତି ହୋଇପାରୁନାହାନ୍ତି। ପରିତାପର ବିଷୟ ବହୁ ଉଚ୍ଚ ଯୋଗ୍ୟତାସମ୍ପନ୍ନ ଶିକ୍ଷକ ବିନା ପଦୋନ୍ନତିରେ ଅବସର ନେଉଛନ୍ତି। ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନ ଥିବାରୁ ସ୍କୁଲସ୍ତରରେ ପ୍ରଶାସନିକ କ୍ଷମତା ହ୍ରାସ ପାଉଛି। କାମଚଳା ପ୍ରଧାନ ଶିକ୍ଷକ ନିଜକୁ ପ୍ରଧାନ ଶିକ୍ଷକ ଭାବୁନାହାନ୍ତି। ଫଳରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଦାନରେ ପ୍ରଧାନ ଶିକ୍ଷକ ଅଭାବ ବାଧକ ସାଜୁଛି। ସରକାରଙ୍କ ଅଜବ କ୍ୟାଡର ନିୟମ ଏଥିରେ ପ୍ରତିବନ୍ଧ ବି ହଉଛି। ୨୫ରୁ ୩୦ବର୍ଷ ଧରି ବିନା ପଦୋନ୍ନତିରେ ଶିକ୍ଷକମାନେ କାମ କରିବା ପରେ ଚତୁର୍ଥବର୍ଗରେ ପୁଣି ୨ବର୍ଷ ରହିବା ପରେ ପଦୋନ୍ନତି ପାଇବା ଏକ ହାସ୍ୟାସ୍ପଦ କଥା। ଚତୁର୍ଥବର୍ଗରେ ଦିନେ ରହିଲେ ମଧ୍ୟ ପଦୋନ୍ନତି ମିଳିବାର ବ୍ୟବସ୍ଥା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଉ। ପ୍ରାଥମିକ ସ୍ତରରେ ଥିବା କ୍ୟାଡରରେ ଶିକ୍ଷକମାନଙ୍କୁ ଏ, ବି ଭଳି ପଦୋନ୍ନତି ଦେବା ଅତ୍ୟନ୍ତ ଲଜ୍ଜାଜନକ। ପୁନଶ୍ଚ ଉଚ୍ଚ ଯୋଗ୍ୟତାସମ୍ପନ୍ନ ଶିକ୍ଷକଙ୍କୁ ଅପେକ୍ଷାକୃତ କମ୍ ଯୋଗ୍ୟତା ସମ୍ପନ୍ନ ଶିକ୍ଷକ ସହିତ ସମାନ କରି ଗୋଟିଏ ବର୍ଗରୁ ଅନ୍ୟ ବର୍ଗକୁ ପଦୋନ୍ନତି ଦେବା କ୍ଷୋଭର ବିଷୟ। ତେଣୁ ସରକାର କ୍ୟାଡର ନିୟମରେ ପରିବର୍ତ୍ତନ କରି ତୁରନ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ପୂରଣ କରନ୍ତୁ।

-ସନ୍ତୋଷ କୁମାର ମିଶ୍ର, ଦାଣ୍ଡମୁକୁନ୍ଦପୁର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୪ ବାଇକ୍ ଜାଳିଦେଲେ ଦୁର୍ବୃତ୍ତ



**ଜଗତ୍‌ସିଂହପୁର ଅଫିସ,୧୦।୫:** ଜଗତ୍‌ସିଂହପୁର ବଡବଜାରରେ ଶିଶୁ ମନ୍ଦିର ନିକଟ ଶତ୍ରୁଘ୍ନ ସାହୁଙ୍କ ଘର ପାର୍କିଂ ସ୍ଥାନରେ ସୋମବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଫଳରେ ୪ଟି ବାଇକ୍ ପୋଡ଼ିଯାଇଥିବାବେଳେ ଆଉ କିଛି ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଏନେଇ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା (ନଂ.୨୭୫/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ସାହୁଙ୍କ ପରିବାର ପକ୍ଷରୁ କୁହାଯାଇଛି, ତାଙ୍କ ବିଲ୍ଡିଂରେ ସେମାନଙ୍କ ସହ କିଛି ପରିବାର ଭଡା ସୂତ୍ରରେ ରୁହନ୍ତି। ରାସ୍ତା ପାର୍ଶ୍ୱ ତାଙ୍କ ବିଲ୍ଡିଂ ପରିସର ପାର୍କିଂ ସ୍ଥାନରେ ଦୀର୍ଘ ବର୍ଷ ହେବ ବାଇକ୍ ଆଦି ରଖାଯାଏ। ସେଠାରେ ନିଆଁ ଲଗାଇଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଧରିବା ପାଇଁ ସାହୁ ଦାବି କରିଛନ୍ତି। ଜଗତ୍‌ସିଂହପୁରରେ ବ୍ରାଉନସୁଗାର ର୍ୟାକେଟ୍ ସକ୍ରିୟ ରହିଛି । ଏଠାରେ ପ୍ରାୟ ପ୍ରତି ସାହି, ଗଳିରେ ବିଶେଷକରି ଅନେକ ଯୁବଗୋଷ୍ଠୀ ନିଶା କବଳରେ କବଳିତ ହେବାରେ ଲାଗିଛନ୍ତି। କୌଣସି ଦୁର୍ବୃତ୍ତ ବ୍ରାଉନ୍‌ସୁଗାର ସେବନ କରିବା ପରେ ସେଠାରେ ନିଆଁ ଲଗାଇ ଦେଇଥିବା କୁହାଯାଉଛି । ଅନ୍ୟପଟେ ବ୍ୟକ୍ତିଗତ ରାଗ କିମ୍ବା ପାରିବାରିକ କଳହରୁ ଏଭଳି କାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି । ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ପୋଲିସ କହିଛି।

### ଚନ୍ଦ୍ରଶେଖରଙ୍କ ମନ୍ଦିର ପ୍ରତିଷ୍ଠା, ଯଜ୍ଞ

**ପଟ୍ଟାମୁଣ୍ଡାଇ,୧୦।୫(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶିମୁଳିଆ ଗାଁର ଆରାଧ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ବୈଦିକ ରୀତିନୀତିରେ ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ସୋମବାର ପ୍ରାତଃରୁ ଅଙ୍କୁରାରୋପଣ, ଦେବାଧିବାସ, ମନ୍ଦିର ଅଧିବାସ ଆଦି କାର୍ଯ୍ୟ ହୋଇଥିଲା। ୬ ଦିନ ଧରି ହେବାକୁ ଥିବା ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି। ଦେବ ଉତ୍‌ଥାପନ, ଆବାହିତ ଦେବାର୍ଚ୍ଚନ ରୁଦ୍ର ବିଗ୍ରହ ଓ ପାର୍ଶ୍ୱଦେବତା ମହାସ୍ନାନ, ଗ୍ରାମ ପରିକ୍ରମା, ମଣ୍ଡପାଧିଷ୍ଠିତ ଦେବତା ଅର୍ଚ୍ଚନ, ମନ୍ଦିର ସ୍ନାନ୍ୟାସ, ବୃକ୍ଷରୋପଣ, ଦେବତା ସିଂହାସନ ବିଜେ ଓ ଚଣ୍ଡୀଯଜ୍ଞ, ମହାରୁଦ୍ରାଭିଷେକ, ଷୋଡ଼ଶ ଉପଚାର ପୂଜା, ବଡ଼ସିଂହାର ବେଶ, ରୁଦ୍ରଯଜ୍ଞ, ରିଦ୍ରାଭିଷେକ ମାଧ୍ୟନ୍ହିକ ଗୀତାଯଜ୍ଞ, ଶିବସହସ୍ର ନାମ ହବନ, ସପ୍ତାଙ୍ଗ ହୋମ, ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଥିବା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ଏହା ବିଦିତ ଭିନ୍ନ ନେମାଳର ନାରାୟଣ ଓଝା, ଛତିଆର ବାବାଜୀ ଅମୃତାନନ୍ଦ ଦାସମହାରାଜ ଆଧ୍ୟାତ୍ମିକ ପ୍ରବଚନ ଦେଉଛନ୍ତି। ଏହି କାର୍ଯ୍ୟକୁ ପଣ୍ଡିତ ଅନନ୍ତ ବିହାରୀ ନନ୍ଦ, ବାସୁଦେବ ମିଶ୍ର, ତ୍ରିଲୋଚନ ପଣ୍ଡା, ଚନ୍ଦ୍ରକାନ୍ତ ପଣ୍ଡା, ମନୋରଞ୍ଜନ ପଣ୍ଡା, କୈଳାସ ଚନ୍ଦ୍ର କର, ପଦ୍ମଲୋଚନ ପଣ୍ଡା, ଦେବାଶିଷ ମହାପାତ୍ର ଓ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ବେଦଜ୍ଞମାନେ ପରିଚାଳନା କରିଛନ୍ତି।

# ବନ୍ୟା, ବାତ୍ୟା ବେଳେ ସ୍ଥାନାନ୍ତର ମନେପଡ଼େ

**କେନ୍ଦ୍ରାପଡ଼ା ଅଫିସ, ୧୦।୫**

କେନ୍ଦ୍ରାପଡ଼ା ଜିଲାରେ ବନ୍ୟା, ବାତ୍ୟା, ସୁନାମି ଭୟ ପ୍ରତିବର୍ଷ ଲାଗି ରହିଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନଜୀବନ ସୁରକ୍ଷା ପାଇଁ ସ୍ଥାନାନ୍ତର ସାଧାରଣ କଥା ହୋଇଛି। ସମୁଦ୍ର ତଟକ୍ଷୟ ପାଇଁ ସାତଭାୟାର ୫୭୧ପରିବାର ୮କି.ମି. ଦୂର ବଗପାଟିଆକୁ ସ୍ଥାନାନ୍ତର ହୋଇଛନ୍ତି। ବରାହୀପୁର, ମଗରକନ୍ଦା, ଅଡ଼ସଲ, ଚାରିଘରିଆର ୧୪୮ ପରିବାର ଦୀର୍ଘଦିନ ଧରି ଆବେଦନ ପତ୍ର ଜିଲା ପ୍ରଶାସନକୁ ଦେଇଥିଲେ ମଧ୍ୟ ଅଦ୍ୟାବଧି ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହେଉନାହିଁ। ତେବେ ପ୍ରାକୃତିକ ବିପର୍ଯ୍ୟୟର ସୂଚନା ମିଳିଲେ ଜିଲା ପ୍ରଶାସନ ତତ୍ପର ହେଉଛନ୍ତି। ତେବେ ଏହି ପ୍ରାକୃତିକ ବିପର୍ଯ୍ୟୟକୁ ରୋକୁଥିବା ହେନ୍ତାଳ ବଣ ସୃଷ୍ଟି ଓ ସାମୁଦ୍ରିକ ପ୍ରାଚୀର ନିର୍ମାଣକୁ ଗୁରୁତ୍ୱ ଦିଆଯାଉନାହିଁ। ସ୍ଥାନାନ୍ତର ହେଉ କି ନ ହେଉ ଏତେ ଖର୍ଚ୍ଚ ହୋଇଛି ବୋଲି ଦର୍ଶାଇ ସରକାରୀ ଅର୍ଥ ହରିଲୁଟ୍ କରାଯାଉଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ, ଡା. ପି.ଏନ. ଗୌରାଙ୍ଗ, ପରିବେଶବିତ୍ ଲକ୍ଷ୍ମୀଧର ସ୍ୱାଇଁ, ସମରେନ୍ଦ୍ର ମାହାଳି ପ୍ରମୁଖ କହିଛନ୍ତି, ୨୦୦୪ ଡିସେମ୍ବରରେ ଇଣ୍ଡୋନେସିଆ ସମେତ ଭାରତର ତାମିଲନାଡୁ, ଆଣ୍ଡାମାନ ନିକୋବର, କେରଳ, ପଣ୍ଡିଚେରୀ ଓ ଆନ୍ଧ୍ର ଉପକୂଳରେ ସୁନାମିର ପ୍ରଭାବ ପଡିଥିଲା। ଏହାର ଭୟାବହତାକୁ ଦୃଷ୍ଟିରେ ରଖି ମୁକାବିଲା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପ୍ରଥମ ପଦକ୍ଷେପ ସ୍ୱରୂପ ଦେଶ ବ୍ୟାପୀ ସୁନାମି ପ୍ରବଣ ଅଞ୍ଚଳ ଚିହ୍ନଟ କରାଯାଇଥିଲା। ଓଡ଼ିଶାରେ ଓସଡମା ପକ୍ଷରୁ ଏହି ଚିହ୍ନଟ କାର୍ଯ୍ୟ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ସ୍ଥାନୀୟ ଜଙ୍ଗଲ ବିଭାଗ ସହଯୋଗରେ ତଟବର୍ତ୍ତୀ ମହାକାଳପଡ଼ା ଓ ରାଜନଗର ବ୍ଲକ ଅଞ୍ଚଳର ୬୪ ଗ୍ରାମକୁ ସୁନାମି ପ୍ରବଣ ବୋଲି ଓସଡମା ଚିହ୍ନଟ କରିଥିଲା। ସୁନାମିର ମୁକାବିଲା ପାଇଁ ତଟାଞ୍ଚଳରେ ସାମୁଦ୍ରିକ ପ୍ରାଚୀର ଓ ହେନ୍ତାଳ ବଣ ସୃଷ୍ଟି କରିବାକୁ ତତ୍କାଳୀନ ସମୟରେ ପ୍ରସ୍ତାବ ରହିଥିଲା। ହେଲେ



ରାଜନଗର ବ୍ଲକ ସମୁଦ୍ର କୂଳ ସାତଭାୟାର ବରାହୀପୁର ଗାଁ।

- **୬୪ ଗାଁ ଚିହ୍ନଟରେ ସୀମିତ ସୁନାମି ମୁକାବିଲା**
- **ଜିଲାର ୨ ଲକ୍ଷରୁ ଅଧିକ ଲୋକ ଅସୁରକ୍ଷିତ**
- **ସାମୁଦ୍ରିକ ପ୍ରାଚୀର, ହେନ୍ତାଳ ବଣ ପାଇଁ ଥିଲା ପ୍ରସ୍ତାବ**

ଏହାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉପାନ୍ତ ଅଞ୍ଚଳର ପ୍ରାୟ ୨ ଲକ୍ଷ ଅଧିବାସୀ ବନ୍ୟା ଓ ସାମୁଦ୍ରିକ ଝଡ ପରି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଥିବା ବେଳେ ସୁନାମିକୁ ନେଇ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗତ ୟାସ୍ ସାମୁଦ୍ରିକ ଝଡ ସମୟରେ ସମୁଦ୍ର ଜୁଆର ଜିଲାର ତଟାଞ୍ଚଳ ଡେଇଁ ପ୍ରାୟ ୩ କି.ମି. ମାଡି ଆସିଥିଲା । କୌଣସି କାରଣରୁ ସୁନାମି ଆସିଲେ ତଟାଞ୍ଚଳ କ୍ଷୟକ୍ଷତିକୁ ରୋକିବା ସମ୍ଭବ ହେବ ନାହିଁ। ଏହାର ପ୍ରକୋପକୁ କିଛି ମାତ୍ରାରେ ହେନ୍ତାଳବଣ କମ କରିପାରେ। ଓଡ଼ିଶାର ତଟବର୍ତ୍ତୀ ଅଞ୍ଚଳର ଭିତ୍ତିଭୂମି ତଦାରଖ ପାଇଁ ୨୦୦୬ ମସିହାରେ ଗୋଆ ଜାତୀୟ ସାମୁଦ୍ରିକ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଟି. ଜି. ଜଗତାପ, ଡ. ବି.ସି. ଇନଗୋଲିଓ, ଡ. କେ. ମୁଷା ପ୍ରମୁଖ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଥିଲେ। ଭିତରକନିକା ଗସ୍ତରେ ଆସି ତଟାଞ୍ଚଳରେ ଥିବା ହେନ୍ତାଳ ଜଙ୍ଗଲ ଦେଖିବା ପରେ ଏହା ସର୍ବୋତ୍କୃଷ୍ଟ ବୋଲି ସନ୍ତୋଷ ପ୍ରକାଶ କରିଥିଲେ। ଭିତରକନିକାର ବ୍ୟାପକ ହେନ୍ତାଳ ବଣ ସୁନାମି ପ୍ରଭାବରୁ ମୁକ୍ତ କରିପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏଥିସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତଟବର୍ତ୍ତୀ ସ୍ଥାନରେ ହେନ୍ତାଳ ବଣ ଓ ଆବଶ୍ୟକ ମୁତାବକ ସୁରକ୍ଷା ପ୍ରାଚୀର କରିବାକୁ ପରାମର୍ଶ ଦେଇଥିଲେ। ଇତିମଧ୍ୟରେ ଏହି ଗସ୍ତକୁ ୧୬ ବର୍ଷ ବିତିଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲାର ସୁନାମି ମୁକାବିଲା କେବଳ ୬୪ ଗ୍ରାମ ଚିହ୍ନଟରେ ସୀମିତ ହୋଇଛି। ତଟାଞ୍ଚଳକୁ ହେନ୍ତାଳ ଜଙ୍ଗଲ ପରିପୂର୍ଣ୍ଣ କରି ସୁନାମୀ ଓ ସାମୁଦ୍ରିକ ଝଡରୁ ସୁରକ୍ଷା ଦେବାକୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନାହିଁ। ଅପରପକ୍ଷରେ ତଟାଞ୍ଚଳରେ ଥିବା ହେନ୍ତାଳ ବଣର ଦ୍ରୁତ ଅବକ୍ଷୟ ହେବାରେ ଲାଗିଛି। ଏହି ତଟକ୍ଷୟ ପାଇଁ ସାତଭାୟାର ୫ ରାଜସ୍ୱ ଗ୍ରାମ ଜିଲା ମାନଚିତ୍ରରୁ ଲିଭି ଯାଇଛି। ତଟାଞ୍ଚଳରେ କ୍ରମ ବର୍ଦ୍ଧିଷ୍ଣୁ ଚିଙ୍ଗୁଡି ଘେରି ପ୍ରାକୃତିକ ପରିବେଶକୁ ଉଜାଡି ଦେଇଛି। ସୁନାମି ଆତଙ୍କରେ ଆତଙ୍କିତ ଜିଲାର ପ୍ରାୟ ୨ ଲକ୍ଷ ଅଧିବାସୀ ମକ୍ ଡ୍ରିଲ ଓ ଅସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳ ଭରସାରେ ରହିଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ହେନ୍ତାଳ ବଣ ସୃଷ୍ଟିକୁ ଜିଲା ପ୍ରଶାସନ ଅଧିକ ଗୁରୁତ୍ୱ ଦେଇଛି। ପେଣ୍ଟଠାରେ ଜିଓ ସିନ୍ଥେଟିକ ଟିଉବ ୱାଲ ନିର୍ମାଣ ହୋଇଛି। ଏଥିସହ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇଁ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଯାଉଛି ବୋଲି ସେ କହିଛନ୍ତି।

## ମୋବାଇଲ ଲୁଟେରା ଗ୍ୟାଙ୍ଗକୁ ଧରିଲା ପୋଲିସ

**କେନ୍ଦ୍ରାପଡ଼ା ଅଫିସ, ୧୦।୫**

କେନ୍ଦ୍ରାପଡ଼ା ଟାଉନ ଥାନା ପୋଲିସ ଏକ ମୋବାଇଲ ଲୁଟେରା ଗ୍ୟାଙ୍ଗକୁ ଧରିଛି। ଏହି ଗ୍ୟାଙ୍ଗରେ ୭ ସଦସ୍ୟ ଥିବା ବେଳେ ୩ ଲୁଟେରା ଓ ୨ ମୋବାଇଲ କ୍ରେତାଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ନଂ.୬୫/୨୨ ଓ ୭୭/୨୨ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ସହରର ବଳରାମପୁର ଗାଁର କମଳାକାନ୍ତ ବେହେରା, ଭଗବାନପୁର ଗାଁର ମୁରଲୀଧର ସ୍ୱାଇଁ ଓ ଚକଡା ଗାଁର ପ୍ରସନ୍ନଜିତ ସୁଆର ମୋବାଇଲ ଲୁଟ୍ କରିଥିଲେ। ସେମାନେ ଆଳିଜଙ୍ଗା ଗାଁର ରଞ୍ଜନ କୁମାର ନାୟକ ଓ ମାର୍ଶାଘାଇ ଥାନା ଚକରପୁର ଗାଁର ଚନ୍ଦନ ଶର୍ମାଙ୍କୁ ମୋବାଇଲ ବିକ୍ରି କରିଥିଲେ। ସମସ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏ ସମ୍ପର୍କରେ ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି ଥାନା ପରିସରରେ ଖବରଦାତା ସମ୍ମିଳନୀ ଆୟୋଜିତ କରି ଜଣାଇଥିଲେ ଯେ, ସହର ମଧ୍ୟରେ ଏହି ଲୁଟେରାମାନେ ମହିଳା ଓ ଛାତ୍ରୀଙ୍କୁ ଟାର୍ଗେଟ କରୁଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ପରେ ଏସ୍‌ଆଇ ରତିରଞ୍ଜନ ନାୟକ, ହାବିଲଦାର ନରେନ୍ଦ୍ରନାଥ ସୋରେନଙ୍କ ନେତୃତ୍ୱରେ ଅଭିଯୁକ୍ତଙ୍କ ସମ୍ପର୍କରେ ଖୋଳତାଡ ହୋଇଥିଲା। ଅଭିଯୁକ୍ତଙ୍କ ନିକଟରୁ ୭ଟି ମୋବାଇଲ ଫୋନ୍ ଜବତ କରାଯାଇଛି।

# ବାତ୍ୟା: କ୍ଷୟକ୍ଷତି ଆଶଙ୍କାରେ ଚାଷୀ

**ପଟ୍ଟାମୁଣ୍ଡାଇ,୧୦।୫(ସ୍ୱ.ପ୍ର.)**

**ଧାନ, ମୁଗ, ପନି ପରିବା ଫସଲ**

ସମ୍ଭାବ୍ୟ ବାତ୍ୟା 'ଅସାନି' ପ୍ରଭାବରେ ଉପକୂଳବର୍ତ୍ତୀ କେନ୍ଦ୍ରାପଡ଼ା ଜିଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବା ପାଣିପାଗ ବିଭାଗ ସତର୍କ କରାଇଛି। ବାତ୍ୟା ବିପଦ ଟଳିଥିଲେ ମଧ୍ୟ ଏବେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଲୋକେ ଆଶଙ୍କା ମଧ୍ୟରେ ଅଛନ୍ତି। ସବୁଠୁ ଅଧିକ ଚିନ୍ତାରେ ଚାଷୀମାନେ ରହିଛନ୍ତି। ବର୍ଷା ଅଧିକ ହେଲେ ଡାଲୁଅ ଧାନ, ମୁଗ ଓ ପନିପରିବା ଫସଲ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ କହିଛନ୍ତି। ଗତବର୍ଷ ଖରିଫ ଋତୁରେ ଲଘୁଚାପଜନିତ ବର୍ଷା ବିପ୍ରାତରେ ଧାନ ଫସଲ ନଷ୍ଟ ହୋଇଥିଲା। ପରେ ମୁଗ ଫସଲରେ ପୋକ ଲାଗିଥିବା ବେଳେ ଲଘୁଚାପଜନିତ ବର୍ଷାରେ ସମୂଳେ ନଷ୍ଟ ହୋଇଯାଇଥିଲା। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ମଧ୍ୟ ବ୍ୟାପକ ପନିପରିବା ନଷ୍ଟ ହୋଇଥିଲା। ଖରାଦିନେ ପୁଣି ଚାଷୀମାନେ କେନାଲ ଓ ଉଠା ଜଳସେଚନ ସୁବିଧା ଥିବା ସ୍ଥାନରେ ମୁଗ, ବିରି, ଡାଲୁଅ ଧାନ ଓ ପରିବା ଫସଲ କରିଛନ୍ତି। ବାତ୍ୟା ପ୍ରଭାବରେ ଯଦି ଅଧିକ ବର୍ଷା ହେବ ତେବେ ଫସଲ ସବୁ ଉଜୁଡିଯିବା ଚିନ୍ତା ଚାଷୀଙ୍କୁ ଘାରିଛି। ୧୯୯୯ ମହାବାତ୍ୟା ସମୟରେ ଉପକୂଳବର୍ତ୍ତୀ ରାଜନଗର ବ୍ଲକ ଅପେକ୍ଷା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମହାବାତ୍ୟା ଅଧିକ ତାଣ୍ଡବ ରଚିଥିଲା। ପୂର୍ବକଥାକୁ ସ୍ମରଣ କରି ଲୋକମାନେ ଏବେ ମଧ୍ୟ ଭୟଭୀତ ଅବସ୍ଥାରେ ଅଛନ୍ତି। ସୋମବାର ଅପରାହ୍ନରୁ ଆକାଶ ମେଘାଚ୍ଛନ୍ନ ରହିବା ସହ ଝିପିଝିପି



ଚାଷ ହୋଇଥିବା ପରିବା ଫସଲ।

ବର୍ଷା ଲାଗିରହିଛି। ଏଥିସହ ପବନର ବେଗ ମଧ୍ୟ ସାମାନ୍ୟ ଅଧିକ ଥିବା ଦେଖିବାକୁ ମିଳିଛି। ତେବେ ପ୍ରଶାସନ ପକ୍ଷରୁ ଜିଲାକୁ ରେଡ୍ ଆଲର୍ଟରେ ରଖାଯାଇଛି। ବାତ୍ୟାକୁ ଲକ୍ଷ୍ୟକରି ଆବଶ୍ୟକ ପଡ଼ିଲେ ସ୍ଥାନାନ୍ତର କରାଯିବ। ଆଶ୍ରୟସ୍ଥଳ ଓ ସ୍କୁଲଘରଗୁଡିକୁ ବ୍ୟବହାର କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖାଯିବା ସହ ଡଙ୍ଗା, ମୋଟରଯାନ ବ୍ୟବସ୍ଥା ଓ ଗମନାଗମନକୁ ବିଶେଷ ଭାବେ ଧ୍ୟାନ ଦିଆଯାଉଛି। ଜିରୋ କାଜୁଆଲିଟି ପ୍ରଥମ ଲକ୍ଷ୍ୟ ବୋଲି ଜିଲାପାଳ ଅମ୍ରିତ ଋତୁରାଜ ପ୍ରକାଶ କରିଛନ୍ତି। ଅତ୍ୟଧିକ ବର୍ଷାରେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। କୌଣସି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲେ ଏହାଠାରୁ ଦୂରରେ ରହି ବିଭାଗୀୟ କର୍ମଚାରୀଙ୍କୁ ସୂଚନା ଦେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ବାତ୍ୟା ଅସାନିର ମୁକାବିଲା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ତହସିଲ ପରିସରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ତହସିଲଦାର ଦିଲୀପ କୁମାର ସେଠୀ, ବିଡିଓ ଭରତ ଚନ୍ଦ୍ର ପରିଡା ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ଥିବାବେଳେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଦିଆଯାଇଛି। ମେଡିକାଲ ଟିମ୍‌କୁ ମଧ୍ୟ ସଜାଗ ରହିବାକୁ ଜିଲାପାଳ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି।

## ଷଣ୍ଢ ବିକ୍ରି ଅଭିଯୋଗରେ ୨ ଅଟକ

**ବ୍ରହ୍ମବରଦା,୧୦।୫(ଡି.ଏନ.ଏ.)**

ଧର୍ମଶାଳା ଥାନା ବ୍ରହ୍ମବରଦା ଫାଣ୍ଡି ଅର୍ନ୍ତଗତ କୋଠଡିହ ଗାଁ ନିକଟରେ ମହେଶ୍ୱରପୁର ଗାଁର ସେକ୍ ତସିରୁଦ୍ଦିନ ଏକ ଷଣ୍ଢ ନେଇ ଚାଲିକି ଯାଉଥିଲେ। ସ୍ଥାନୀୟ ଯୁବକଙ୍କ ସନ୍ଦେହ ହେବାରୁ ତସିରୁଦ୍ଦିନଙ୍କ ଅଟକାଇ ଫାଣ୍ଡିକୁ ଜଣାଇଥିଲେ। ପୋଲିସ ତସିରୁଦ୍ଦିନଙ୍କ ଧରି ଫାଣ୍ଡରେ ଅଟକ ରଖି ପଚାରିବାରେ ସେ ଧର୍ମଶାଳା ଥାନା ଅର୍ନ୍ତଗତ ମୁଣ୍ଡମାଳ ଗାଁର ମକୁ ଦାସଙ୍କଠାରୁ ଷଣ୍ଢଟିକୁ ୩,୫୦୦ ଟଙ୍କାରେ କିଣିଥିବା କହିଥିଲେ। ମକୁଙ୍କୁ ପୋଲିସ ଡକାଇ ପଚାରିବାରେ ମୋ ଷଣ୍ଢ ବିକ୍ରି କରିଛି ବୋଲି ସେ କହିଥିଲେ। ପୋଲିସ ଉଭୟଙ୍କୁ ଚୁକ୍ତିପତ୍ରରେ ସ୍ୱାକ୍ଷର କରି ଛାଡ଼ି ଦେଇଥିଲା । କୋଠଡିହ ଓ ଚାନ୍ଦପୁର-ମହେଶ୍ୱରପୁରର ଯୁବକମାନେ ଷଣ୍ଢଟିକୁ କ୍ଲବରେ ରଖି ଖାଦ୍ୟ ଦେବା ସହ ବୁଧବାର ଗୋଶାଳାରେ ଛାଡିବେ ବୋଲି କହିଛନ୍ତି।

## କର୍ପୋରେଟ ଦିବାରାତ୍ର କ୍ରିକେଟ: ପିପିଏ ଚାମ୍ପିୟନ

**ପାରାଦୀପ, ୧୦।୫(ସ୍ୱ.ପ୍ର.)**

ସ୍ଥାନୀୟ ନୂଆବଜାରସ୍ଥିତ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା କର୍ପୋରେଟ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଶେଷ ହୋଇଛି। ଫାଇନାଲରେ ପିପିଏ (ପାରାଦୀପ ବନ୍ଦର ଅଥରିଟି) ଚାମ୍ପିୟନ ହୋଇଛି। ଏଥିରେ ୧୨ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ପିପିଏଲ (ପାରାଦୀପ ପୋର୍ଟ ଲିମିଟେଡ) ଓ ପିପିଏ ମଧ୍ୟରେ ହୋଇଥିଲା। ପିପିଏ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ ହରାଇ ୨୧୧ରନ କରିଥିଲା। ଜବାବରେ ପିପିଏଲ୍ ୧୫ ଓଭରରେ ୯ ଉଇକେଟ୍ ହରାଇ ୧୫୨ ରନ କରି ହାରି ଯାଇଛି। ପିପିଏ ପକ୍ଷରୁ ଅମିତ ସାହୁ ସର୍ବାଧିକ ୮୪ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅନୁଷ୍ଠିତ ଉତ୍ସବରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଏ.କେ ବୋଷ, କୋଷ୍ଟଗାର୍ଡ ଡିଆଇଜି ୱାଇ.କେ. ସିଂ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

## ଗୌରହରିଙ୍କୁ ମହାକବି କାଳିଦାସ ଉପାଧି

**କୁଜଙ୍ଗ,୧୦।୫(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ଗ୍ରାମର ଗୌରହରି ଦାଶଶର୍ମାଙ୍କୁ ଚଳିତ ବର୍ଷ ମହାକବି କାଳିଦାସ ଉପାଧିରେ ଭୂଷିତ କରାଯାଇଛି। ଗଞ୍ଜାମ ବ୍ରହ୍ମପୁର ଓଡ଼ିଶା ବ୍ରାହ୍ମଣ ସମିତିର ଉପନୟନ ସଂସ୍କାର ମହୋତ୍ସବ ୨୦୨୨ରେ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଭାରତୀୟ ସାଂସ୍କୃତିକ ପରମ୍ପରା ଓ ବୈଦିକ କର୍ମକାଣ୍ଡ ପଦ୍ଧତିର ପ୍ରଚାର ପ୍ରସାର ସହ ବିଭିନ୍ନ ପୁସ୍ତକ ପାଇଁ ସେ ସମ୍ମାନିତ ହୋଇଛନ୍ତି। ସେ ରଚନା କରିଥିବା ପୁସ୍ତକଗୁଡ଼ିକ ହେଲା ମନ୍ତ୍ରତତ୍ତ୍ୱ ସାର ସଂଗ୍ରହ, ରତ୍ନମାଳା ଦର୍ପଣ, ଯାହା ଚାହିଁବେ ତାହା ପାଇବେ, ସର୍ବଦେବଦେବୀ ପୂଜା ବାରିଧି, ଜ୍ଞାନଲୋକ, ଈଶ୍ୱରଗୀତା, ପରାସର ସ୍ମୃତି, ମୁଦ୍ର ଓ ମଣ୍ଡଳଖଣ୍ଡଳ ପ୍ରମୁଖ ରହିଛି। ଏହି ଉପଲକ୍ଷେ ବ୍ରହ୍ମପୁର ବେଦପାଠଶାଳାଠାରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ଓଡିଶା ବ୍ରାହ୍ମଣ ସମିତିର ସଭାପତି ମନୋଜ କୁମାର ପାଣିଗ୍ରାହୀ, ମୁଖ୍ୟ ଉପଦେଷ୍ଟା ବ୍ୟୋମକେଶ ଉପାଧ୍ୟାୟ ଯୋଗଦେଇ ଗୌରହରିଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ। ସେ ୨୦୨୧ରେ ହିନ୍ଦୁଜାଗରଣ ମଞ୍ଚ ପକ୍ଷରୁ ଅନୁଷ୍ଠିତ ଆଧ୍ୟାତ୍ମିକ ପ୍ରତିଦ୍ୱନ୍ଦ୍ୱିତାରେ ଶ୍ରୀଜଗନ୍ନାଥଷ୍ଟକମ୍ ଆବୃତ୍ତିରେ ପ୍ରଥମ ସ୍ଥାନ ଅଧିକାରକରି ସମ୍ବର୍ଦ୍ଧିତ ହୋଇଥିଲେ। ପୂର୍ବରୁ ବ୍ରାହ୍ମଣ ସୁରକ୍ଷା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତାଙ୍କୁ କର୍ମକାଣ୍ଡ ରତ୍ନ ଉପାଧିରେ ଭୂଷିତ କରାଯାଇଥିଲା

# ପୂର୍ଣ୍ଣାହୁତିରେ ୨୦ ହଜାର ଭକ୍ତଙ୍କ ସମାଗମ

**ରଘୁନାଥପୁର,୧୦।୫(ଡି.ଏନ୍.ଏ.)**

**ଗୋରେଖନାଥ ଯଜ୍ଞ ସମ୍ପନ୍ନ**

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଆଠଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ସମ୍ପନ୍ନ ହୋଇଛି। ପୂର୍ଣ୍ଣାହୁତି ଅବସରରେ ପୀଠରେ ୨୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ବଡିଭୋରରୁ ପ୍ରଭୁଙ୍କ ନୀତିକାନ୍ତି ହେବା ପରେ ପୀଠକୁ ଭକ୍ତଙ୍କ ଆଗମନ ହୋଇଥିଲା। ବହୁ ବ୍ୟକ୍ତି ଯଜ୍ଞ କୁଣ୍ଡରେ ଆହୁତି ଦେବା ପାଇଁ ଘୃତ ଦାନ କରିଥିଲେ। ମଧ୍ୟାହ୍ନରେ ପ୍ରଭୁଙ୍କ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା ହୋଇଥିଲା। ଅପରାହ୍ନରୁ ଯଜ୍ଞ ମଣ୍ଡପ ଚତୁଃପାର୍ଶ୍ୱରେ ଲୋକଙ୍କ ଭିଡ଼ ଜମିଥିଲା। ପୂର୍ଣ୍ଣାହୁତି ସମୟରେ ପୀଠ ପରିସର ପ୍ରକମ୍ପିତ ହୋଇ ଉଠିଥିଲା। ମିନାବଜାରରେ ସନ୍ଧ୍ୟାରୁ ଜନଗହଳି ଲାଗି ରହିଥିଲା। ରାତିରେ ଅପେରା ଦେଖି ଲୋକେ ମନୋରଞ୍ଜନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା, ପ୍ରମୋଦ କୁମାର ମହାନ୍ତି, କ୍ଷୀରୋଦ ମହାନ୍ତି, ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ଶରତ ଚନ୍ଦ୍ର ଦାସ, ଗନ୍ଧର୍ବ ସ୍ୱାଇଁ ଓ ଗୌରାଙ୍ଗ ମହାନ୍ତି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।



ଗୋରେଖନାଥ ପୀଠରେ ଶ୍ରଦ୍ଧାଳୁଙ୍କ ଗହଳି।

# ଗୋବରୀକୂଳ ପଡ଼ାର ଦୁଃଖ ପାଲଟିଛି ଗୋବରୀ ନାଳ

**ନାଉଗାଁ,୧୦।୫(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଦେଇ ପ୍ରବାହିତ ଗୋବରୀ ନାଳ ପାର୍ଶ୍ୱବର୍ତ୍ତୀ ଗୋବରୀପଡାବାସୀଙ୍କ ଦୁଃଖର କାରଣ ସାଜିଛି। ନାଳ ଖନନ, ବନ୍ଧ ଓ ପୋଲି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏଥିଯୋଗୁ ପଡାକୁ ଯାଇଥିବା ରାସ୍ତାରୁ ମାଟି ଅତଡା ଧସିବାରେ ଲାଗିଛି। ଏଥିଯୋଗୁ ପଡ଼ାବାସୀଙ୍କ ଯାତାୟାତରେ ବାଧା ଉପୁଜିଛି।

ଗୋବରୀ ନାଳ ଦେଇ ବର୍ଷାଦିନେ ଚାଷ ଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସିତ ହୋଇଥାଏ। ୨୦୨୧-୨୨ ଆର୍ଥିକ ବର୍ଷରେ ଜଳ ସମ୍ପଦର ଡ୍ରେନେଜ ବିଭାଗ ପକ୍ଷରୁ ଏହାର ସଫେଇ କାର୍ଯ୍ୟ ଜାରି ରହିଛି। ଏଥିସହ ନାଳରେ ପୋଲ ଓ ୨ ପାର୍ଶ୍ୱରେ ବନ୍ଧ ନିର୍ମାଣ କରାଯାଉଛି। ଉକ୍ତ ନାଳ ସଫେଇ ହେବା ଫଳରେ ବାଂଶ ପଞ୍ଚାୟତର ଗୋବରୀକୂଳପଡାର ୪୦ରୁ ଉର୍ଦ୍ଧ୍ୱ ପରିବାରଙ୍କ ଦୁଃଖ ବଢ଼ିବାରେ ଲାଗିଛି। ନାଳ ପାର୍ଶ୍ୱ ଦେଇ ବାଂଶ ଗ୍ରାମରୁ ଏହି ପଡାକୁ ଏକ ସଂଯୋଗୀ କରଣ ରାସ୍ତା ଯାଇଛି। ନାଳ ସଫେଇ ହେବା ଦ୍ୱାରା ରାସ୍ତା ପାର୍ଶ୍ୱରୁ ମାଟି ଖୋଳା ଯାଉଛି। ରାସ୍ତା ନଷ୍ଟ ହେବାକୁ ଦୃଷ୍ଟିରେ ରଖି ଡ୍ରେନେଜ ବିଭାଗ ପକ୍ଷରୁ ଏଠାରେ ଗାର୍ଡ ୱାଲ ମଧ୍ୟ ନିର୍ମାଣ ହୋଇଛି। କିନ୍ତୁ ଏହି ଗାର୍ଡ ୱାଲଟି ନାଳ ପାର୍ଶ୍ୱରେ



ରାସ୍ତାରୁ ମାଟି ଧସୁଥିବାରୁ ପଡ଼ାବାସୀ ବାଉଁଶ ବଲ୍ଲା ପୋତି ବାଲିବସ୍ତା ପକାଉଛନ୍ତି।

ନିର୍ମାଣ କରାଯାଇଛି। ଫଳରେ ରାସ୍ତା ଉଚ୍ଚା ହୋଇଥିବା ବେଳେ ଓ ଗାର୍ଡ ୱାଲଟି ତଳେ ରହି ଯାଉଛି। ଏଥିଯୋଗୁ ରାସ୍ତାରୁ ମାଟି ଅତଡା ଖସୁଛି। ମାଟି ଅତଡା ଖସିବାରୁ ପଡାକୁ ସଂଯୋଗ କରୁଥିବା ୨ କି.ମି. ରାସ୍ତା ନଷ୍ଟ ହେବାରେ ଲାଗିଛି। ଉକ୍ତ ପଡା ମଧ୍ୟକୁ ଚାରି ଚକିଆ ଯାନ ଯିବା ତ ଦୂରର କଥା, ଦୁଇ ଚକିଆ ଯାନ ଯିବା କଷ୍ଟକର ହୋଇପଡିଛି। ଏପରିକି ରାତି ଅଧରେ କାହାରେ ଦେହ ଖରାପ ହେଲେ ପଡା ମଧ୍ୟକୁ ଆମ୍ବୁଲାନ୍ସ କିମ୍ବା କୌଣସି ଗାଡି ଯାଇ ପାରୁନାହିଁ। କେବଳ ସେତିକି ନୁହେଁ ଗର୍ଭବତୀ, ବୃଦ୍ଧାବୃଦ୍ଧ ଆଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି।

**ରାସ୍ତା ମରାମତି ପାଇଁ ଜିଲା ପ୍ରଶାସନ ନିକଟରେ ଦାବି**

ମାଟି ଅତଡା ଖସିବା ଦ୍ୱାରା ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ଅପରପକ୍ଷେ ଲଘୁଚାପ ଜନିତ ବର୍ଷା ସହ ଆଗକୁ ବର୍ଷାଦିନ ଆସୁ ଥିବାରୁ ତୁହାକୁ ତୁହା ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷାରେ ଉକ୍ତ ରାସ୍ତାଟି ଧୋଇ ଯିବାର ଆଶଙ୍କା ପ୍ରକାଶ ପାଇଛି। ରାସ୍ତା ଧୋଇ ହୋଇ ଗଲେ ପଡା ମଧ୍ୟକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବ। ମାଟି ଅତଡା ଖସୁ ଥିବାରୁ ଏହାକୁ ଅଟକାଇବା ପାଇଁ ପଡାବାସୀଙ୍କ ପକ୍ଷରୁ ବାଉଁଶ, ବାଲି ବସ୍ତା ଆଦି ପକା ଯାଉଛି। ଏହି ରାସ୍ତାପାର୍ଶ୍ୱକୁ ଯଥାଶୀଘ୍ର ପଥର ପ୍ୟାକିଂ ସହ ରାସ୍ତା ମରାମତି କରିବାକୁ ପଡାର ସୁରେଶ ଚନ୍ଦ୍ର ଦାସ, ଚୈତନ୍ୟ ଚରଣ ଦାସ, ଉଲ୍ଲାସ ଚନ୍ଦ୍ର ଦାସ, ଚକ୍ରଧର ଦାସ, ଶଙ୍କର ପଲେଇ, ଶଙ୍କର ଦାସ ପ୍ରମୁଖ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଡ୍ରେନେଜ ବିଭାଗର କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ଦୀକ୍ଷିତଙ୍କୁ ପଚାରିବାରେ ଗୋବରୀ ନାଳ ସଫେଇ କାର୍ଯ୍ୟ ଜାରି ରହିଛି। ରାସ୍ତାକୁ ସୁରକ୍ଷା ଦେବା ପାଇଁ ସେଠାରେ ଗାର୍ଡ ୱାଲ ନିର୍ମାଣ କରାଯାଇଛି। ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନରେ ପଥର ପ୍ୟାକିଂ କରାଯିବ ବୋଲି ମତବ୍ୟକ୍ତ କରିଥିଲେ।

**ହ୍ରାସ ପାଉଛି ଶେୟାର ବଜାର**

**ମୁମ୍ବାଇ :** ସପ୍ତାହର ପ୍ରଥମ ଦିନ ଭଳି ୨ୟ କାରବାର ଦିନ ଅର୍ଥାତ୍ ମଙ୍ଗଳବାର ମଧ ଶେୟାର ବଜାରରେ ହ୍ରାସ ଦେଖିବାକୁ ମିଳିଛି। ଫଳରେ ଦିନର ଟ୍ରେଡିଂ ସମୟରେ ସେନ୍‌ସେକ୍ସରେ ୧୦୫.୮୨ ପଏଣ୍ଟ (୦.୧୯%) ଏବଂ ନିଫ୍ଟିରେ ୬୧.୮୦ ଅଙ୍କ (୦.୩୮%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ଦିନର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୪,୩୬୪.୮୫ ଇଣ୍ଡେକ୍ସ ଏବଂ ୧୬,୨୨୦.୦୫ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ୮୪୮ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୨୪୨୮ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ସ୍ୱଳ୍ପ ବୃଦ୍ଧି

ନୂଆଦିଲ୍ଲୀ,୧୦।୫

ସୋମବାର ଭାରତୀୟ ମୁଦ୍ରା ଟଙ୍କା ମୂଲ୍ୟରେ ଡଲାର ତୁଳନାରେ ସର୍ବାଧିକ ହ୍ରାସ ପରିଲକ୍ଷିତ ହୋଇଥିବା ବେଳେ ମଙ୍ଗଳବାର ଏଥିରେ ସ୍ୱଳ୍ପ ବୃଦ୍ଧି ଘଟିଛି। ସୋମବାର ଶେୟାର ବଜାରର ପ୍ରଥମ କାରବାର ଦିବସରେ ଇଣ୍ଟରବ୍ୟାଙ୍କ୍ ଫରେନ୍ ଏକ୍ସଚେଞ୍ଜ ବଜାର ୭୭.୧୭ରେ ଖୋଲିଥିଲା ଏବଂ ଦିନର କାରବାର ସମୟରେ ୬୦ ପଇସା ହ୍ରାସ ପାଇ ୭୭.୫୦ ସ୍ତରରେ ପହଞ୍ଚିଥିଲା। ତେବେ ପରଦିନ ଅର୍ଥାତ୍ ମଙ୍ଗଳବାର ଏଥିରେ ୧୨ ପଇସାର ସ୍ୱଳ୍ପ ବୃଦ୍ଧି ଘଟି ୭୭.୩୮ରେ ବନ୍ଦ ହୋଇଛି। ଗତ ସପ୍ତାହର ଶେଷ ଟ୍ରେଡିଂ ଦିନ ଅର୍ଥାତ୍ ଶୁକ୍ରବାର ଡଲାର ତୁଳନାରେ ଭାରତୀୟ ମୁଦ୍ରା ୫୫ ପଇସା ହ୍ରାସ ହୋଇ ୭୬.୯୦ରେ ବନ୍ଦ ହୋଇଥିଲା। ବୈଶ୍ୱିକ ବଜାରରେ ଆମେରିକୀୟ ଡଲାରରେ ବୃଦ୍ଧି ଦ୍ୱାରା ଏଭଳି ସ୍ଥିତି ଉପୁଜିଛି। ତେବେ ଆଗକୁ ଡଲାର ପିଛା ଭାରତୀୟ ମୁଦ୍ରାରେ ୮୦ ପଇସା ହ୍ରାସ ହୋଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।

### ବଢ଼ିଲା ତାପଜ ବିଦ୍ୟୁତ୍ ଉତ୍ପାଦନ

ନୂଆଦିଲ୍ଲୀ,୧୦।୫

ଗତ କିଛି ମାସ ହେବ ସାରା କୋଇଲା ସଂକଟ କାରଣରୁ ବିଦ୍ୟୁତ୍ ଉତ୍ପାଦନ ବ୍ୟାଘାତ ହେବ ବୋଲି ବିଭିନ୍ନ ଶିଳ୍ପ ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ଦେଶରେ ବିଦ୍ୟୁତ୍ ସଙ୍କଟ ମଧ୍ୟରେ କୋଇଲା ଆଧାରିତ ବିଦ୍ୟୁତ୍ ଉତ୍ପାଦନ ବାର୍ଷିକ ଆଧାରରେ ଗତ ଏପ୍ରିଲରେ ୯.୨୬% ବୃଦ୍ଧି ଘଟି ୧୦,୦୨୫.୯ କୋଟି ୟୁନିଟ୍‌ରେ ପହଞ୍ଚିଛି। ସେହିଭଳି ୨୦୨୧ର ଏହି ଅବଧି ମଧ୍ୟରେ ତାପଜ ବିଦ୍ୟୁତ୍ ଉତ୍ପାଦନ ୯୩୮୩.୮ କୋଟି ୟୁନିଟ୍‌ରେ ପହଞ୍ଚିଛି। ଅପରପକ୍ଷରେ ୨୦୨୨ ଏପ୍ରିଲରେ ତାପଜ ବିଦ୍ୟୁତ୍ ଉତ୍ପାଦନ ପୂର୍ବମାସ ଅର୍ଥାତ୍ ମାର୍ଚ୍ଚର ୧୦,୦୨୭.୬ କୋଟି ୟୁନିଟ୍ ଅପେକ୍ଷା ୨.୨୫% ଅଧିକ ରହିଛି। ଏହା ବ୍ୟତିତ ଏପ୍ରିଲରେ ମୋଟ୍ ବିଦ୍ୟୁତ୍ ଉତ୍ପାଦନ ବାର୍ଷିକ ଆଧାରରେ ୧୧.୭୫% ବୃଦ୍ଧି ଘଟି ୧୩,୬୫୬.୫ କୋଟି ୟୁନିଟ୍‌ରେ ପହଞ୍ଚିଛି। ପୂର୍ବ ବର୍ଷ ଅର୍ଥାତ୍ ୨୦୨୧ର ଏହି ଅବଧି ମଧ୍ୟରେ ୧୨,୨୨୦.୯ କୋଟି ୟୁନିଟ୍ ରହିଥିଲା।

# ୧୮ ମାସରେ ମୁଦ୍ରାସ୍ଫୀତି ସର୍ବାଧିକ

ନୂଆଦିଲ୍ଲୀ,୧୦।୫



- ୧୮ ମାସରେ ସର୍ବାଧିକ ସ୍ତରରେ ପହଞ୍ଚିବ
- ୧୨ରେ ଜାରିହେବ ସରକାରୀ ତଥ୍ୟ
- କ୍ରମାଗତ ୪ର୍ଥ ମାସ ଲାଗି ଉଚ୍ଚ ରହିବ

ଚଳିତ ବର୍ଷ ଏପ୍ରିଲରେ ଭାରତୀୟ ଖୁଚୁରା ମୁଦ୍ରାସ୍ଫୀତି ୧୮ମାସରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ବୋଲି ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ମୁଖ୍ୟତଃ ଇନ୍ଧନ, ଖାଦ୍ୟପଦାର୍ଥର ଦରଦାମ୍ ବୃଦ୍ଧି ହେଉଛି ମହଙ୍ଗାର ପ୍ରମୁଖ କାରଣ। ତେବେ ରଏଟର୍ସ ତଥ୍ୟ ଅନୁସାରେ ଲଗାତର ୪ର୍ଥ ମାସ ପାଇଁ ମୁଦ୍ରାସ୍ଫୀତି ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଦ୍ୱାରା ନିର୍ଦ୍ଧାରିତ ୨%ରୁ ୬%ଠାରୁ ଉର୍ଦ୍ଧ୍ୱରେ ରହିବ। ତେବେ ମୁଦ୍ରାସ୍ଫୀତିରେ ଏହି ବୃଦ୍ଧି ଘଟିବା ନେଇ ପୂର୍ବରୁ ଅନୁମାନ କରାଯାଉଥିଲା। ପୂର୍ବରୁ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଥିବା କାରଣରୁ ଅନେକ ମାସ ଧରି ଇନ୍ଧନ ଦର ବୃଦ୍ଧି କରାଯାଇ ନ ଥିଲା। ମାର୍ଚ୍ଚରେ ନିର୍ବାଚନ ସରିବା ପରେ ତୈଳ କମ୍ପାନୀଗୁଡ଼ିକ ଇନ୍ଧନ ଦର ଜୋର୍‌ଦାର ବୃଦ୍ଧି କରିଥିଲେ।

ଅପରପକ୍ଷରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ବୈଶ୍ୱିକ ସ୍ତରରେ ତୈଳ ଏବଂ ଗ୍ୟାସ୍ ଦର ଆକାଶ ଛୁଆଁ ହୋଇଯାଇଥିଲା। ଖୁଚୁରା ମୁଦ୍ରାସ୍ଫୀତିକୁ କଞ୍ଜୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ଜରିଆରେ ମପାଯାଇଥାଏ। ସିପିଆଇର ପ୍ରାୟ ଅଧା ୱେଟେଜ୍‌ରେ ଖାଦ୍ୟପାନୀୟ ଜିନିଷ ରହିଛି। ମାର୍ଚ୍ଚରେ ଖାଦ୍ୟ ମୁଦ୍ରାସ୍ଫୀତି ପୂର୍ବ ମାସଗୁଡ଼ିକଠାରୁ ଉଚ୍ଚ ସ୍ତରରେ ରହିଥିଲା। ଏପ୍ରିଲରେ ପନିପରିବା ଏବଂ ଖାଇବା ତେଲ ଦର ଅଧିକ ହେବା କାରଣରୁ ଏହା ଉଚ୍ଚ ସ୍ତରରେ ରହିବ ବୋଲି ଅନୁମାନ କରାଯାଉଛି। ଏହି ସମସ୍ତ ଦରବୃଦ୍ଧିକୁ ନଜରରେ ରଖିଲେ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ଘଟି ୭.୫% ରେ ପହଞ୍ଚିପାରେ। ଗତ ମାର୍ଚ୍ଚରେ ଏହା ୬.୯୫% ରହିଥିଲା। ରଏଟର୍ସର ପୂର୍ବାନୁମାନ ମେ' ୫ରୁ ୯ ମଧ୍ୟରେ କରାଯାଇଥିଲା ଏବଂ ଏଥିରେ ୪୫ ଜଣ ଅର୍ଥଶାସ୍ତ୍ରୀ ଅଂଶଗ୍ରହଣ କରିଥିଲେ। ଠିକ୍ ହେଲେ ୨୦୨୦ ଅକ୍ଟୋବର ପରଠାରୁ ଏହା ସର୍ବାଧିକ ହେବ।

ସୂଚନାଯୋଗ୍ୟ, ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ସମ୍ପର୍କିତ ତଥ୍ୟ ସରକାରଙ୍କ ପକ୍ଷରୁ ମେ' ୧୨ରେ ପ୍ରକାଶ କରାଯିବ। କ୍ୟାପିଟାଲ ଇକୋନୋମିକ୍ସର ବରିଷ୍ଠ ଭାରତୀୟ ଅର୍ଥନୀତିଜ୍ଞ ଶିଲନ୍ ଶାହ ମଧ୍ୟ ବଢ଼ୁଥିବା ମୁଦ୍ରାସ୍ଫୀତି ପାଇଁ ଖାଦ୍ୟ ପାନୀୟ ଏବଂ ଇନ୍ଧନ ଦର ବୃଦ୍ଧିକୁ ଦାୟୀ କରିଛନ୍ତି। ବିଶେଷ ଭାବରେ ଏପ୍ରିଲରେ ତୈଳ ଦର ବୃଦ୍ଧି କାରଣରୁ ଖୁଚୁରା ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିବ ବୋଲି ସେ କହିଛନ୍ତି।

# ସିମ୍ଫୋନି ଅଭିଯାନରେ ହରଭଜନ, ଶିଖର ସାମିଲ

ନୂଆଦିଲ୍ଲୀ,୧୦।୫

ଏୟାର କୁଲର ବ୍ରାଣ୍ଡ ସିମ୍ଫୋନି ଲିମିଟେଡ୍ ପକ୍ଷରୁ ଦେଶବ୍ୟାପୀ ଆୟୋଜିତ ଏକ ସ୍ୱତନ୍ତ୍ର ଏଆଇ-ପରିଚାଳିତ ଅଭିଯାନ ନିମନ୍ତେ ଲୋକପ୍ରିୟ ଭାରତୀୟ କ୍ରିକେଟର ହରଭଜନ ସିଂହ ଓ ଶିଖର ଧାୱନଙ୍କୁ ସାମିଲ କରାଯାଇଛି। ସାରା ଦେଶରେ ଥିବା କମ୍ପାନୀର ୨୩୦୦ରୁ ଅଧିକ ରିଟେଲରଙ୍କ ପାଇଁ ହାଇପର ପର୍ସୋନାଲାଇଜ୍‌ଡ ଭିଡିଓ ପ୍ରସ୍ତୁତ କରିବା ନିମନ୍ତେ ରିଫ୍ରେଜ୍ ଏଆଇ ସହିତ କମ୍ପାନୀ ସହଭାଗିତା ସ୍ଥାପନ କରିଛି। ପ୍ରଥମ ଥର ପାଇଁ ଏକ କଞ୍ଜୁମର ଡ୍ୟୁରେବଲ୍ ଉଦ୍ୟୋଗ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍‌ସର ବ୍ୟବହାର ସହ ପ୍ରତି ରିଟେଲରଙ୍କ ପାଇଁ ଜିଓ ଟାର୍ଗେଟିଂର ସେବା ମଧ୍ୟ ଆରମ୍ଭ କରିଛି। ଏହି ନୂତନ ଭିଡିଓରେ ଉଭୟ ଲୋକପ୍ରିୟ କ୍ରିକେଟର ଡିଲରମାନଙ୍କୁ ସେମାଙ୍କର ନିରନ୍ତର ସହଯୋଗ ଓ ପ୍ରଚେଷ୍ଟା ତଥା ଉତ୍କୃଷ୍ଟ ଗ୍ରାହକ ସେବା ପ୍ରଦାନ ପାଇଁ ପ୍ରଶଂସା କରୁଛନ୍ତି।

ଏ ସମ୍ପର୍କରେ ସିମ୍ଫୋନି ଲିମିଟେଡ୍‌ର ଗ୍ଲୋବାଲ୍ ଚିଫ୍ ମାର୍କେଟିଂ ଅଫିସର, ଅନୁଜ ଅରୋରା କହିଛନ୍ତି, ଆମେ



ପ୍ରଖ୍ୟାତ କ୍ରିକେଟର ହରଭଜନ ସିଂ ଓ ଶିଖର ଧାୱନଙ୍କ ସହିତ ସହଭାଗିତା ସ୍ଥାପନ କରି ଅତ୍ୟନ୍ତ ଆନନ୍ଦିତ। ଆମ କମ୍ପାନୀର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଆମର ଡିଲରଶିପ୍ ପାର୍ଟନରଙ୍କ ନିମନ୍ତେ ଏଆଇ ପରିଚାଳିତ କଷ୍ଟୋମାଇଜଡ୍ ଭିଡିଓକୁ ସୃଷ୍ଟି କରିବା ପାଇଁ ସେମାନେ ଆମ ସହ ସାମିଲ ହୋଇଛନ୍ତି। ସେହିଭଳି ହରଭଜନ ସିଂହ କହିଛନ୍ତି, ସିମ୍ଫୋନି ଲିମିଟେଡ୍ ଦ୍ୱାରା ଗ୍ରହଣ କରାଯାଇଥିବା ଏହି ପଦକ୍ଷେପର ଏକ ଅଂଶ ହୋଇପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଏକ ବ୍ରାଣ୍ଡକୁ ସଫଳ କରିବା ପାଇଁ ଅନେକ ସ୍ତର ରହିଛି ଓ ଏଥିପାଇଁ ଏକ ଉତ୍କୃଷ୍ଟ ଟିମ୍‌ର ଆବଶ୍ୟକ। ଏହାଦ୍ୱାରା ବିକ୍ରି ଲକ୍ଷ୍ୟ ପୂରଣ କରାଯାଇପାରିବ। ଟ୍ରେଡ୍ ପାର୍ଟନର ଓ ସେମାନଙ୍କର ପ୍ରଚେଷ୍ଟାକୁ ସେ ଏହି ଅବସରରେ ପ୍ରଶଂସା କରିଛନ୍ତି। ଅପରପକ୍ଷରେ ଶିଖର ଧାୱନ କହିଛନ୍ତି, ଏହି ମହତ ପଦକ୍ଷେପର ଏକ ଅଂଶ ହୋଇପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ସିମ୍ଫୋନିର ଏହି ନୂତନ ଚିନ୍ତାଧାରାରେ ମୁଁ ଅତ୍ୟନ୍ତ ପ୍ରଭାବିତ ହୋଇଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ସ୍ଥାନୀୟ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଏବଂ ତାଙ୍କର କାର୍ଯ୍ୟକୁ ସ୍ୱୀକୃତି ଦେବା। ସେହିପରି ରିଫ୍ରେଜ୍ ଏଆଇର ସହପ୍ରତିଷ୍ଠାତା ନିଶୀଥ ଲାହୋଟି କହିଛନ୍ତି, ୨ଜଣ ବଡ଼ ତାରକାଙ୍କ ସହିତ ଏଆଇ ଭିଡିଓ ପ୍ରସ୍ତୁତ କରିବା ଏକ ଆନନ୍ଦର ବିଷୟ, ଯାହାକି ଆମ ପାଇଁ ଏକ ଆହ୍ୱାନ।

## ଏସ୍‌ବିଆଇ ବୋର୍ଡର ଅନୁମୋଦନ

ନୂଆଦିଲ୍ଲୀ,୧୦।୫

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସ୍‌ବିଆଇ) ପକ୍ଷରୁ ଚଳିତ ଆର୍ଥିକ ବର୍ଷ ପାଇଁ ଏକକ କିମ୍ବା ଏକାଧିକ କିସ୍ତିରେ ୨ ବିଲିଅନ ଡଲାରର ଦୀର୍ଘକାଳୀନ ପାଣ୍ଠି ସଂଗ୍ରହକୁ ଅନୁମୋଦନ କରାଯାଇଥିବା ସୂଚନା ମିଳିଛି। ଏ ନେଇ ବୋର୍ଡ ମଙ୍ଗଳବାର ଷ୍ଟକ୍ ଏକ୍ସଚେଞ୍ଜ୍‌ରେ କରିଥିବା ଫାଇଲିଂରୁ ଏହା ଜଣାପଡ଼ିଛି। ଏହି ପାଣ୍ଠିକୁ ସର୍ବସାଧାରଣ ଅଫରିଂ କିମ୍ବା ଘରୋଇ ପ୍ଲେସ୍‌ମେଣ୍ଟ ଆଧାରରେ ସଂଗ୍ରହ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏକ୍ସଚେଞ୍ଜ୍ ଫାଇଲିଂରେ କୁହାଯାଇଛି, ଏ ସମ୍ପର୍କିତ ସ୍ଥିତି ଯାଞ୍ଚ ପାଇଁ ଏସ୍‌ବିଆଇର କେନ୍ଦ୍ରୀୟ ବୋର୍ଡକୁ ଅନୁମତି ମିଳିସାରିଛି। ୨୦୨୧ ଡିସେମ୍ବର ଶେଷ ସୁଦ୍ଧା ଏସ୍‌ବିଆଇର ପୁଞ୍ଜି ପର୍ଯ୍ୟାପ୍ତତା ଅନୁପାତ (ସିଏଆର୍) ୨୦୨୨ର ପ୍ରଥମ ୯ ମାସକୁ ବାଦ୍ ଦେଲେ ୧୩.୨୩% ଥିଲା। ଏହି ୯ମାସକୁ ଅନ୍ତର୍ଭୁକ୍ତ କରାଗଲେ ସିଏଆର୍‌ରେ ୯୪ ବିପିଏସ୍ ବୃଦ୍ଧି ପାଇବ। ଆର୍‌ବିଆଇର ମାନଦଣ୍ଡ ଅନୁସାରେ ବ୍ୟାଙ୍କଗୁଡ଼ିକୁ ସର୍ବନିମ୍ନ ପୁଞ୍ଜି ପର୍ଯ୍ୟାପ୍ତତା ୯% ବଜାୟ ରଖିବାର ଆବଶ୍ୟକତା ରହିଛି।

## 'ଗ୍ରାମାଞ୍ଚଳରେ ଏଲ୍‌ଆଇସି ସେବାକୁ ଗୁରୁତ୍ୱ ଦିଅ'




ପ୍ରବୀର କୁମାର ରଥ



ସୁଜିତ କୁମାର

ନୂଆଦିଲ୍ଲୀ,୧୦।୫

ଭାରତୀୟ ଜୀବନ ବୀମା ନିଗମର (ଏଲ୍‌ଆଇସି)ର କ୍ଲାସ୍ ୱାନ୍ ଅଫିସର ଫେଡେରେଶନର ୪୬ତମ ଦ୍ୱିବାର୍ଷିକ ସମ୍ମିଳନୀ ନିକଟରେ ଗୋଆସ୍ଥିତ ବାଗମାଲୋ ବିଚ୍ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ସାରା ଦେଶରୁ ୪୦୦ରୁ ଉର୍ଦ୍ଧ୍ୱ ଏଲ୍‌ଆଇସି ଅଫିସର ଏଥିରେ ପ୍ରତିନିଧିତ୍ୱ କରିଥିଲେ।

୨ଦିନିଆ ଉକ୍ତ ସମ୍ମିଳନୀରେ ସର୍ବସମ୍ମତିକ୍ରମେ ଓଡ଼ିଶା ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କୁ ଚେୟାରମ୍ୟାନ ଭାବେ ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ କୁମାର ଏଲ୍‌ଆଇସିର ସମସ୍ତ ଅଫିସରଙ୍କୁ ଉତ୍ସର୍ଗୀକୃତ ଗ୍ରାହକ ସେବା ପ୍ରଦାନ ସହ ଗ୍ରାମାଞ୍ଚଳରେ ଏଲ୍‌ଆଇସିର ସେବାକୁ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ସେହିଭଳି ଅଫିସରମାନଙ୍କର ସମସ୍ତ ସମସ୍ୟାର ସମାଧାନ ପାଇଁ ସେ କେନ୍ଦ୍ର ସରକାରଙ୍କ ପାଖରେ ଆବଶ୍ୟକ ଦାବି ଓ ପଦକ୍ଷେପ ନେବା ସମ୍ପର୍କରେ ଅବଗତ କରାଇବେ। ସେହିପରି ଫେଡେରେଶନକୁ ଆବଶ୍ୟକ

**ଏଲ୍‌ଆଇସି ଅଫିସର ସଂଘର ଦ୍ୱିବାର୍ଷିକ ସମ୍ମିଳନୀ**

ସମସ୍ତ ପ୍ରକାର ସହଯୋଗ ପାଇଁ ସେ ସଂଘକୁ ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ ଉକ୍ତ ସମ୍ମିଳନୀରେ ଓଡ଼ିଶାର ଭୁବନେଶ୍ୱର ମଣ୍ଡଳରୁ ପ୍ରତିନିଧି କରୁଥିବା ପ୍ରବୀର କୁମାର ରଥ ଫେଡେରେଶନର ସର୍ବଭାରତୀୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ ଅଫିସରମାନେ କିଭଳି ସଂଘବଦ୍ଧ ଭାବେ ଏକତ୍ରିତ ହୋଇ କାମ କରିବେ ଏବଂ ବିଶେଷକରି ଯୁବ ଅଫିସରମାନଙ୍କୁ ସାଙ୍ଗଠନିକ କାର୍ଯ୍ୟକ୍ରମରେ ଭାଗନେବାକୁ ସେ ପରାମର୍ଶ ଦେଇଥିଲେ।

ପରିଶେଷରେ ସଂଘର ସର୍ବଭାରତୀୟ ସମ୍ପାଦକ ଏସ୍.ରାଜକୁମାର ସମ୍ମିଳନୀର ଆଭିମୁଖ୍ୟ ସହ ସଂଘର ବାର୍ଷିକ ବିବରଣୀ ପ୍ରଦାନ ସହ ସଙ୍ଗଠନ ଦ୍ୱାରା ଅଫିସରମାନଙ୍କ ବକେୟା ଦାବି ହାସଲ ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ।

## ବିଓଆଇର ସିଏସ୍‌ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୦।୫

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ କମିଶନରେଟ ପୋଲିସର ଭୁବନେଶ୍ୱର ୟୁନିଟ୍‌କୁ ୨୪ଟି ଟ୍ରାଫିକ ବ୍ୟାରିକେଡ୍ ପ୍ରଦାନ କରାଯାଇଛି। ଏହା ବିଶେଷକରି ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏପରିକି ଟ୍ରାଫିକ ସଚେତନତା ଏବଂ ବ୍ୟାଙ୍କର ପ୍ରଚାର ଓ ପ୍ରସାର ପାଇଁ ଉକ୍ତ ଟ୍ରାଫିକ ବ୍ୟାରିକେଡ୍‌ଗୁଡିକ ପ୍ରଦାନ କରାଯାଇଛି। ସେଗୁଡିକ ଭୁବନେଶ୍ୱରର ବିଭିନ୍ନ ଟ୍ରାଫିକ ଚେକ୍ ପୋଷ୍ଟରେ ରହିବ ବୋଲି ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜୟଦେବ ଭବନ ନିକଟସ୍ଥ ଟ୍ରାଫିକ ଥାନା ପରିସରରେ ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡାଙ୍କ ଉପସ୍ଥିତିରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ପ୍ରିୟବ୍ରତ ପଟ୍ଟନାୟକ ଟ୍ରାଫିକ ବ୍ୟାରିକେଡ୍‌ଗୁଡ଼ିକୁ କମିଶନରେଟ ପୋଲିସ ଉଦ୍ଦେଶ୍ୟରେ ହସ୍ତାନ୍ତର କରିଥିଲେ। ବ୍ୟାଙ୍କର ଏଭଳି ପଦକ୍ଷେପ ପାଇଁ କମିଶନରେଟ ପୋଲିସ ପକ୍ଷରୁ ଏସିପି ପଣ୍ଡା ବ୍ୟାଙ୍କ ଅଫ୍ ଇଣ୍ଡିଆକୁ କୃତଜ୍ଞତା ଜଣାଇଛନ୍ତି।

## ଫୁରସତ୍

### ଜୁନ୍ ୩ରେ 'ପୃଥ୍ୱୀରାଜ'



ମାନୁଷୀ ଚିଲ୍ଲର

**ମୁମ୍ବାଇ:** ମିସ୍ ୱାର୍ଲ୍ଡ ମାନୁଷୀ ଚିଲ୍ଲରଙ୍କ ଦ୍ୱାରା ଅଭିନୀତ ହିନ୍ଦୀ ଫିଲ୍ମ 'ପୃଥ୍ୱୀରାଜ' ଆସନ୍ତା ୩ ତାରିଖରେ ରିଲିଜ୍ ହେବାକୁ ଯାଉଛି। ଫିଲ୍ମ ରିଲିଜ୍ ପୂର୍ବରୁ ଏହାର ପ୍ରମୋଶନ ଜୋର୍‌ଦାର୍ ଆଗେଇ ଚାଲିଛି। ତେବେ ଏହି ଫିଲ୍ମ ଦ୍ୱାରା ମାନୁଷୀ ବଲିଉଡ୍ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବାକୁ ଯାଉଛନ୍ତି। ପୃଥ୍ୱୀରାଜ ଫିଲ୍ମ ମାନୁଷୀଙ୍କ ପାଇଁ ସବୁବେଳେ ସ୍ପେସାଲ ହୋଇ ରହିବ ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି। ଅନ୍ୟପଟେ ଅକ୍ଷୟ କୁମାରଙ୍କ ସହ ଅଭିନୟ କରିବାନେଇ ସେ କହିଛନ୍ତି ଯେ, ଖିଲାଡି କୁମାରଙ୍କ ସହ ସ୍କ୍ରିନ୍ ଶେୟାର କରି ନିଜକୁ ଭାଗ୍ୟବାନ ମଣୁଛି। ଯଶ୍ ରାଜ ଫିଲ୍ମ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ଅକ୍ଷୟ ଓ ମାନୁଷୀଙ୍କ ରୋମାନ୍ସ ଦେଖିବାକୁ ପାଇବେ ଦର୍ଶକ। ଫିଲ୍ମରେ ମାନୁଷୀ ପୃଥ୍ୱୀରାଜଙ୍କ ସ୍ତ୍ରୀ ସଂଯୁକ୍ତାଙ୍କ ଭୂମିକାରେ ନଜରକୁ ଆସିବେ। ଚଳଚ୍ଚିତ୍ରରେ ଅକ୍ଷୟ କୁମାର ସମ୍ରାଟ ପୃଥ୍ୱୀରାଜ ଚୌହାନଙ୍କ ଚରିତ୍ରରେ ଅଭିନୟ କରିଛନ୍ତି। ଫିଲ୍ମରେ ସଞ୍ଜୟ ଦତ୍ତ, ସୋନୁ ସୁଦ, ଅଲ୍ଲି ଜାଫର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଚନ୍ଦ୍ର ପ୍ରକାଶ ଦ୍ୱିବେଦୀ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ୩୦୦ କୋଟିର ବିନିମୟରେ ତିଆରି ହୋଇଛି।

### ଦେଶ ବିକାଶରେ ବୈଷୟିକ ଜ୍ଞାନକୌଶଳ

ଦେଶର ବିକାଶରେ ବୈଷୟିକ ଜ୍ଞାନକୌଶଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଥିବା ବୈଜ୍ଞାନିକ, ଗବେଷକ, ଇଞ୍ଜିନିୟରମାନଙ୍କ ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ସେମାନଙ୍କୁ ସମ୍ମାନ ଦେବା ଲାଗି ପ୍ରତିବର୍ଷ ମେ' ୧୧ରେ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ପାଳନ କରାଯାଏ।




ଏହା ପ୍ରଥମେ ୧୧ମେ' ୧୯୯୯ରେ ପାଳନ କରାଯାଇଥିଲା। କାରଣ ଏହିଦିନ ଭାରତ ପରମାଣୁ ଅସ୍ତ୍ରଶସ୍ତ୍ର ସହିତ ବିଶ୍ୱରେ ନିଜର ସ୍ୱତନ୍ତ ପରିଚୟ ସୃଷ୍ଟି କରିଥିଲା। ୧୧ ମେ' ୧୯୯୮ ରେ ଭାରତ ରାଜସ୍ଥାନର ଭାରତୀୟ ସେନାର ପୋଖରାନ ଟେଷ୍ଟ ରେଞ୍ଜରେ ତିନୋଟି ପରମାଣୁ ପରୀକ୍ଷଣ ସଫଳତାର ସହ କରିଥିଲା। ଏହାପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ଦିବସ ପାଳନ ଲାଗି ଘୋଷଣା କରିଥିଲେ। ବୈଜ୍ଞାନିକ, ଗବେଷକ, ଇଞ୍ଜିନିୟରମାନଙ୍କ ସଫଳତାକୁ ସ୍ମରଣ କରିବାର ଲକ୍ଷ୍ୟ ନେଇ ଏହି ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ।

### ଆତ୍ମଘୋଷିତ ବାବା ଶ୍ରଦ୍ଧାଳୁଙ୍କୁ ପିଆଉଥିଲେ ପରିସ୍ରା

**ବ୍ୟାଙ୍କକ୍:** ଥାୱି ନାନ୍‌ରା ନାମକ ଜଣେ ୭୫ ବର୍ଷୀୟ ଆତ୍ମଘୋଷିତ ବାବାଙ୍କୁ ଥାଇଲାଣ୍ଡ ପୋଲିସ ଗିରଫ କରିଛି। ରୋଗ ଭଲ ହେବା ବିଶ୍ୱାସରେ ତାଙ୍କ ପାଖକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ସେ ତାଙ୍କ ପରିସ୍ରା ଓ ମଳ ଖାଇବାକୁ ଦେଉଥିଲେ। ଥାଇଲାଣ୍ଡ-ମାଲେସିଆ ସୀମାରେ ଥିବା ସୋଙ୍ଗଖଲା ଜଙ୍ଗଲରେ ଥିବା ଥାୱିଙ୍କ ଆଶ୍ରମରୁ ତାଙ୍କୁ ପୋଲିସ ଗିରଫ କରିଥିବାବେଳେ ଆଶ୍ରମରୁ ୧୧ଟି ମୃତଦେହ ଜବତ କରିଛି। ଶ୍ରଦ୍ଧାଳୁଙ୍କ ମୃତଦେହ ହୋଇଥିବା ସନ୍ଦେହ କରାଯାଉଛି। ସେଠାରୁ ୫ ଜଣଙ୍କ ମୃତ୍ୟୁ ପ୍ରମାଣପତ୍ର ପୋଲିସର ହସ୍ତଗତ ହୋଇଛି। ସବୁ ସମ୍ପ୍ରଦାୟର ମୁଖ୍ୟ ହୋଇଥିବା ଥାୱି ଦାବି କରନ୍ତି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଜଣେ ୮୦ ବର୍ଷୀୟା ମହିଳା ରୋଗ ସମସ୍ୟା କାରଣରୁ ଥାୱିଙ୍କ ନିକଟକୁ ଭଲହେବା ପାଇଁ ଯାଇଥିବାବେଳେ ସେ ଆଉ ଫେରି ନ ଥିଲେ। ନିଖୋଜ ବୃଦ୍ଧାଙ୍କ ଝିଅ ଏ ବାବଦରେ ଅଭିଯୋଗ କରିଥିଲେ।

### ମସ୍ତିଷ୍କ ନିୟନ୍ତ୍ରିତ ପ୍ରୋସ୍ଥେଟିକ୍ ଆର୍ମ



**ୱାଶିଂଟନ:** ଆମେରିକାର ୧୭ ବର୍ଷୀୟ ବେଞ୍ଜାମିନ ଚୋଇ ମସ୍ତିଷ୍କ ନିୟନ୍ତ୍ରିତ ପ୍ରୋସ୍ଥେଟିକ୍ ଆର୍ମ ତିଆରି କରିଛନ୍ତି। ୩୦୦ ଡଲାର ବିନିମୟରେ ଚୋଇ ଏହାକୁ ତିଆରି କରିଥିବାବେଳେ ଏହାର ଓଜନ ୪ ଟନ୍ ରହିଛି। ଆମେରିକା ଭର୍ଜିନିଆର ପୋଟୋମାକ୍ ସ୍କୁଲରେ ପଢ଼ୁନ୍ତି ଚୋଇ। ବିଜ୍ଞାନ ପ୍ରତି ତାଙ୍କର ଅହେତୁକ ରୁଚି ରହିଥିବାବେଳେ ବିଜ୍ଞାନ ସମ୍ବନ୍ଧୀୟ ଅନେକ ପ୍ରତିଯୋଗୀତାରେ ସେ ଭାଗନେବା ସହ କୃତକାର୍ଯ୍ୟ ମଧ୍ୟ ହୋଇଛନ୍ତି। ୨୦୨୦ରେ ମହାମାରୀ କରୋନା କାଳରେ ତାଙ୍କୁ ଘରେ ରହିବାକୁ ପଡ଼ିଥିବାବେଳେ ପଢ଼ା ବ୍ୟତୀତ ତାଙ୍କ ପାଖରେ ଅନେକ ସମୟ ବଳୁଥିଲା। ସମୟର ଉପଯୋଗ କରିବା ଉଦ୍ଦେଶ୍ୟରେ ଚୋଇ କିଛି ନୂଆ ଉପକରଣ ତିଆରି କରିବା କଥା ଚିନ୍ତା କରିଥିଲେ, ଯାହାପରେ ସେ ମସ୍ତିଷ୍କ ନିୟନ୍ତ୍ରିତ ପ୍ରୋସ୍ଥେଟିକ୍ ଆର୍ମ ତିଆରି କରିବା ପାଇଁ ସ୍ଥିର କଲେ। ଏହି ଆର୍ମ ମସ୍ତିଷ୍କ ୱେଭ୍ ସାଙ୍ଗକୁ ମୁଣ୍ଡର ଗତିବିଧି ଅନୁସାରେ କାମ କରିପାରିବ ବୋଲି ଚୋଇ କହିଛନ୍ତି। ସେହିପରି ଏ ପ୍ରକାର ପ୍ରୋସ୍ଥେଟିକ୍ ଆର୍ମକୁ ଯେ କୌଣସି ବ୍ୟକ୍ତି ତିଆରି କରିପାରିବେ ବୋଲି ଚୋଇ କହିଛନ୍ତି। ନିଜର ଏ ପ୍ରକାର ଆବିଷ୍କାର ପାଇଁ ସେ ଖୁସିଥିବାବେଳେ ଆଜିର ଦିନରେ ବିଜ୍ଞାନ କ୍ଷେତ୍ରରେ ବହୁ ଉନ୍ନତି ହୋଇଥିବା ଚୋଇ କହିଛନ୍ତି। ମସ୍ତିଷ୍କ ଅସ୍ତ୍ରୋପଚାର ଏକ ଜଟିଳ ପକ୍ରିୟା ହୋଇଥିବାବେଳେ ଏଥିରେ ପ୍ରାଣହାନୀ ଘଟିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏହାକୁ ଦୂର କରିବା ପାଇଁ ମସ୍ତିଷ୍କ ନିୟନ୍ତ୍ରିତ ପ୍ରୋସ୍ଥେଟିକ୍ ଆର୍ମ ସହାୟକ ହେବ ବୋଲି ସେ କହିଛନ୍ତି।

### ଟଏଲେଟ୍ ପାଇଁ ବୋହୂଙ୍କ ଆତ୍ମହତ୍ୟା



**ଚେନ୍ନାଇ:** ତାମିଲନାଡୁ କୁଡ୍ଡାଲୋର ଜଣେ ୨୭ ବର୍ଷୀୟା ଯୁବତୀ ଶାଶୁଘରେ ଟଏଲେଟ୍ ନ ଥିବାରୁ ଆତ୍ମହତ୍ୟା କରିଛନ୍ତି। କୁଡ୍ଡାଲୋର ଜିଲା ଅନ୍ତର୍ଗତ ଆରିସିପେରିୟାଙ୍କୁପ୍ପାମ ଗ୍ରାମରେ ରାମ୍ୟାଙ୍କ ଘର। ସେ ଏକ ଘରୋଇ ଡାକ୍ତରଖାନାରେ ଚାକିରି କରିଥିବାବେଳେ ଗତ ଏପ୍ରିଲ ୬ ତାରିଖରେ କାର୍ତ୍ତିକେୟନଙ୍କୁ ବିବାହ କରିଥିଲେ। ଶାଶୁଘରେ ପାଇଖାନା ନ ଥିବାରୁ ବାହାଘର ପରେ ରାମ୍ୟା ତାଙ୍କ ମା'ଙ୍କ ସହ ରହୁଥିଲେ। ଟଏଲେଟକୁ ନେଇ ରାମ୍ୟା ଓ ସ୍ୱାମୀ କାର୍ତ୍ତିକେୟନଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗୁଥିବା ତାଙ୍କ ମା' କହିଛନ୍ତି। ସୋମବାର ଦମ୍ପତିଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ କୁଡ୍ଡାଲୋରରେ ଏକ ଭଡ଼ାଘର ଖୋଜିବା ପାଇଁ ରାମ୍ୟା ତାଙ୍କ ସ୍ୱାମୀଙ୍କୁ କହିଥିଲେ। ଏହାର ୪ ଘଣ୍ଟା ପରେ ତାଙ୍କ ମୃତ ଦେହ ଘର ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା।

## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ

ରସୁଲପୁର,(ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଟିଲିସ୍ୱାଇସ ହୋଟେଲ ନିକଟରୁ ମଙ୍ଗଳବାର ମଧ୍ୟାହ୍ନରେ କୁଆଖିଆ ପୋଲିସର ପାଟ୍ରୋଲିଂ ଗାଡି ଏକ ମାଙ୍କଡା ପଥର ବୋଝେଇ ଟ୍ରକ୍‌କୁ ଜବତ କରିବା ସହ ଏହାର ଚାଳକଙ୍କୁ ଗିରଫ କରିଛି। ଜବତ ଗାଡ଼ିର କାଗଜପତ୍ର ଯାଞ୍ଚ କରିବାରୁ ପଥର ଚାଲାଣ ବେଆଇନ ଭାବେ ହେଉଥିବା ପୋଲିସ ଜାଣିବାକୁ ପାଇଥଲା। ବୈରୀ ଅଞ୍ଚଳରୁ ପଥରବୋଝେଇ କରି ଗାଡ଼ି ଯାଉଥିବା ବେଳେ ପୋଲିସ ହାତରେ ଧରାପଡ଼ି ଥିଲା। ଗିରଫ ଚାଳକ ବଡ଼ଚଣା ଥାନା ଅନ୍ତର୍ଗତ ମହାଖାଲ ଅଞ୍ଚଳର ସୁଶାନ୍ତ ଖଟୁଆ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା ନଂ.୧୫୮/୨୨ ରୁଜୁ ହୋଇଛି।

## ସଂକ୍ଷେପରେ

### ଗ୍ରାହକଙ୍କୁ ଆକ୍ରମଣ ଘଟଣାରେ ଫଳଦୋକାନୀ ଗିରଫ



**ଯାଜପୁର ଟାଉନ,୧୦।୫(ଡି.ଏନ.ଏ.):** ଯାଜପୁର ଥାନା ଅନ୍ତର୍ଗତ ଖଣ୍ଡରା ଛକରେ ଗ୍ରାହକଙ୍କୁ ଆକ୍ରମଣରେ ଘଟଣାରେ ଫଳଦୋକାନୀ ପ୍ରଶାନ୍ତ କୁମାର ସାହୁ(୩୦)ଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା। ତେବେ ଜାମିନ୍ ଆବେଦନ ଖାରଜ ହେବାରୁ ତାଙ୍କୁ ଯାଜପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗତ ୭ତାରିଖ ଦିନ ଫଳ ଦୋକାନୀଙ୍କ ଆକ୍ରମଣରେ ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ବୈଦ୍ୟରାଜପୁରର କେବୁଲ ବ୍ୟବସାୟୀ ସଞ୍ଜିତ୍ କୁମାର ସାହୁ ଓ ତାଙ୍କର ଜଣେ ସହଯୋଗୀ ପ୍ରମୋଦ ପରିଡ଼ା ଗୁରୁତର ହୋଇଥିଲେ। ଫଳ କିଣାବିକାକୁ ନେଇ ସଞ୍ଜିତ୍‌ଙ୍କ ବେକକୁ ଫଳ ଦୋକାନୀ ଏକ କାତିରେ ଆକ୍ରମଣ କରିବା ସହ ତାଙ୍କ ପିଠିକୁ ହାଣି ପକାଇଥିଲେ। ଏନେଇ ସଞ୍ଜିତ୍‌ଙ୍କ ସ୍ତ୍ରୀ ବାଣିଶ୍ରୀ ପ୍ରିୟଦର୍ଶିନୀ ବେହେରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୩୧/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ନିଃସ୍ୱାର୍ଥପର ଜନସେବୀ ଥିଲେ ପ୍ରମୋଦ

**ଚଣ୍ଡିଖୋଲ,୧୦।୫(ଡି.ଏନ.ଏ.):** ଜୀବନରେ ମାତାପିତାଙ୍କ ସେବା କରି ଯେଉଁ ଆଶୀର୍ବାଦ ମିଳିଥାଏ, ତାହା ହିଁ ସମ୍ମିଳିତ ଦେବତାଙ୍କ ଆଶୀର୍ବାଦ ବୋଲି ଗଣ୍ୟ ହୁଏ। ସେହିଭଳି ଜଣେ ନିଃସ୍ୱାର୍ଥପର ଜନସେବୀ ଥିଲେ ପ୍ରମୋଦ ସାମଲ ବୋଲି ତାଙ୍କ ଶ୍ରାଦ୍ଧୋତ୍ସବରେ ମୁଖ୍ୟଅତିଥି ଭାବେ ଆଧାତ୍ମିକ ପ୍ରବଚକ ବିରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ପ୍ରକାଶ କରିଛନ୍ତି। ପୂର୍ତ୍ତ ବିଭାଗର ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ଥିବା ପ୍ରମୋଦ କୁମାର ସାମଲଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ବଡ଼ଚଣା ବ୍ଲକ ଅନ୍ତର୍ଗତ ବରଦା ଗ୍ରାମସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଉମାକାନ୍ତ ବଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଳାଶୁଣୀ ମଠ ମହନ୍ତ ନାମାନନ୍ଦ ଦାସ, ଗାଙ୍ଗୀ ପୀଠର ସନ୍ନ୍ୟାସୀ କୌସ୍ତୁଭ ବ୍ରହ୍ମଚାରୀ, ଅବସରପ୍ରାପ୍ତ ଅଧକ୍ଷ ରବୀନ୍ଦ୍ର ନାଥ ସାମଲ, ଶିକ୍ଷାବିତ୍ ବିଷ୍ଣୁଚରଣ ପ୍ରଧାନ, ଅଧାପକ ରଞ୍ଜନ ବେହୁରା, ଶିକ୍ଷାବିତ୍ ରମାକାନ୍ତ ସାମଲ, ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ଶିକ୍ଷାବିତ୍ ପ୍ରସନ୍ନ ଶତପଥୀ, ରୁଦ୍ର ସିଂହ, ରୁଦ୍ର ପ୍ରସନ୍ନ ସାମଲ, ପ୍ରକାଶ ଚନ୍ଦ୍ର ଦାଶ, ଶ୍ରୀକାନ୍ତ କୁମାର ସାମଲ, ନରେଶ ଚନ୍ଦ୍ର ଧଳ, ସୁଧାଂଶୁ ଜେନା ଓ ବିଧାନ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ ଓ ଜିଲା ସଂସ୍କୃତି ପରିଷଦର ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସତ୍ୟବ୍ରତ ନନ୍ଦ ବେଦପାଠ କରିଥିଲେ। ଏହି ଅବସରରେ ପ୍ରକାଶିତ ସ୍ମରଣିକା 'ପ୍ରମୋଦାଞ୍ଜଳି' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# ଭଙ୍ଗାବନ୍ଧ ଏମ୍‌ଆଇପିରେ ଟଙ୍କା ହରିଲୁଟ୍

ରଗଡି,୧୦।୫(ଡି.ଏନ.ଏ.)



ଅଧାପନ୍ତରିଆ ଭଙ୍ଗାବନ୍ଧ ଏମ୍‌ଆଇପି।

- ୩ ବର୍ଷ ହେଲା କାମ ଛାଡ଼ି ଠିକାଦାର ଫେରାର
- କାମ ନ ହୋଇ ବିଲ୍ କରାଯାଇ ଥିବା ଅଭିଯୋଗ
- ଜଳସେଚନ ଆଶାରେ ଚାଷୀ ନିରାଶ

ଯାଜପୁର ଜିଲାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍‌ଆଇପି) ଚାଷୀଙ୍କ ବିପଦ ସମୟରେ କାମରେ ଲାଗୁନି। ଜିଲାର କୋରେଇ ବ୍ଲକ ଅନ୍ତର୍ଗତ କେତେକ ଏମ୍‌ଆଇପିକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। କେତେକ ପ୍ରକଳ୍ପରେ ଏଷ୍ଟିମେଟ ଅନୁଯାୟୀ କାମ ନ କରି ଅର୍ଥ ହଡପ କରାଯାଇଛି ତ ଆଉ କେଉଁଠି ବିନା ସୂଚନା ଫଳକରେ ନିମ୍ନମାନର କାମ କରି ଠିକାଦାର ଛତ୍ରଭଙ୍ଗ ଦେଇଛନ୍ତି। ଏହି ବ୍ଲକର ତଳଗଡ଼ ପଞ୍ଚାୟତ ମଙ୍ଗରାଜପୁର(ବନ୍ଦି) ନିକଟରେ ଥିବା ଭଙ୍ଗାବନ୍ଧ ମରାମତି ନାମରେ ଠିକାଦାର ଲକ୍ଷାଧିକ ଟଙ୍କା ଚଳୁ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଏହି ଭଙ୍ଗାବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉନ୍ନତିକରଣ ପାଇଁ ଯାଜପୁର ଏମ୍‌ଆଇପି ବିଭାଜନ ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷରେ ୫୮ ଲକ୍ଷ ୪୦ ହଜାର ୮୨ ଟଙ୍କା ବ୍ୟୟ ବରାଦ ହୋଇଥିଲା। ଏହି ପ୍ରକଳ୍ପ ୪।୨।୨୦୧୯ରୁ କାର୍ଯ୍ୟ ଆରମ୍ଭ ହୋଇ ୩।୧୨।୨୦୧୯ ତାରିଖ ସୁଦ୍ଧା ଶେଷ କରିବାକୁ ଚୁକ୍ତିନାମା ରହିଥିଲା। ମଙ୍ଗରାଜପୁର, ବନ୍ଦି ଓ କଣ୍ଟାଝରି ଗ୍ରାମ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ ହେବା ସହିତ ୭୦ ଏକରରୁ ଉର୍ଦ୍ଧ୍ୱ ଜମିକୁ ଜଳସେଚନ କରିବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ ଥିଲା। ହେଲେ ଠିକାଦାରଙ୍କ ମନମୁଖୀ କାମ ଓ ବିଭାଗୀୟ ଅଧିକାରୀଙ୍କ ଲାଭଖୋର ମନୋଭାବ ପାଇଁ ଉକ୍ତ ପ୍ରକଳ୍ପ ଅଧାରେ ଅଟକିଥିବା ଗ୍ରାମବାସୀ କହିଛନ୍ତି। ୫୮ ଲକ୍ଷ ଟଙ୍କାର ଏହି କାର୍ଯ୍ୟକୁ ଯେନେତେନ କରି ଠିକାଦାର ବିଲ କରିବାକୁ ମସୁଧା କରୁଥିବା ଗ୍ରାମବାସୀ କହିଛନ୍ତି। ଅଭିଯୋଗ କ୍ରମେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜି. ରାମାକୃଷ୍ଣନ ଉକ୍ତ ସ୍ଥାନରେ ପହଞ୍ଚି ଠିକାଦାରଙ୍କୁ ତାଗିଦ କରିବା ସହିତ ଠିକ ଭାବେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଏହି ପ୍ରକଳ୍ପରେ ସମ୍ପୃକ୍ତ ଠିକାଦାର ୩୦୦ ମିଟର ଡ୍ରେନେଜ ନିର୍ମାଣ ଓ ମରାମତି ନାମରେ ଚିଠା ପ୍ରସ୍ତୁତ କରି ୨୧ ଲକ୍ଷ ୮୫ ହଜାର ଟଙ୍କା ବିଲ କରିନେଇଥିଲେ। ଗ୍ରାମବାସୀ ଠିକାଦାରଙ୍କ ଏହି ମନମୁଖୀ କାମକୁ ବିରୋଧ କରିବା ଫଳରେ ଅଧିକ ଲାଭ ନ ମିଳିବାରୁ ଠିକାଦାର ଅଧାପନ୍ତରିଆ କାମ କରି ଛତ୍ରଭଙ୍ଗ ଦେଇଥିବା ଚର୍ଚ୍ଚା ହେଉଛି। ଏହି ପ୍ରକଳ୍ପ କାମ ଅଧାପନ୍ତରିଆ ହୋଇଥିବା କାରଣରୁ ମଙ୍ଗରାଜପୁର, ବନ୍ଦି ଏବଂ କଣ୍ଟାଝରି ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଏମ୍‌ଆଇପି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଜି. ରାମାକ୍ରିଷ୍ଣନଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ପ୍ରକଳ୍ପରେ ଜମି ବିବାଦ ରହିଥିବାରୁ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏନେଇ ରାଜସ୍ୱ ବିଭାଗର ସହଯୋଗ ନିଆଯାଇଛି। ତେବେ ମିଥ୍ୟା ବିଲ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି।

## ପୋଲିସ ଗାଡ଼ିକୁ ଆକ୍ରମଣ ଘଟଣା: ଆଉ ୩ ଗିରଫ

ଯାଜପୁର ଟାଉନ,୧୦।୫(ଡି.ଏନ.ଏ.)

ଜୁଆ ଆଡ୍ଡାରେ ଚଢ଼ାଉ ବେଳେ ପୋଲିସ ଗାଡ଼ିକୁ ଆକ୍ରମଣ ଘଟଣାରେ ପୋଲିସ ଆଉ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମିରଚାନ୍ଦପୁର ଗ୍ରାମର ଅଜୟ ଜେନା, ପ୍ରଶାନ୍ତ ଜେନା ଓ ରଞ୍ଜନ ଜେନା। ଜାମିନ୍ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଯାଜପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏପ୍ରିଲ ୧୪ ତାରିଖରେ ଯାଜପୁରସଦର ଥାନା ଅନ୍ତର୍ଗତ ଯାହାନପୁର ପଞ୍ଚାୟତ ମିରଚାନ୍ଦପୁର ଗ୍ରାମରେ ଜୁଆ ଖେଳ ଚାଲିଥିଲା। ଖବର ପାଇ ପୋଲିସ ପହଞ୍ଚି ଜୁଆଡ଼ିମାନଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲା। ଏହି ସମୟରେ କେତେଜଣ ଜୁଆଡ଼ି ପୋଲିସ ଗାଡ଼ି ଉପରକୁ ଟେକା ପଥର ମାଡ଼ କରିଥିଲେ। ଏହାପରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୧୧୩/୨୨ ରୁଜୁ ହୋଇଛି।

# ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା




ଛାତ୍ରୀଛାତ୍ରଙ୍କ ସହ ଗ୍ରାମବାସୀ ଧାରଣାରେ ବସିଛନ୍ତି।

ଚଣ୍ଡିଖୋଲ,୧୦।୫(ଡି.ଏନ.ଏ.)

### ବିଦ୍ୟାଳୟ ବନ୍ଦ ନିଷ୍ପତ୍ତିର ପ୍ରତିବାଦ

ଛାତ୍ରୀଛାତ୍ର କମ୍ ଥିବାରୁ ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ଶାଳପଡ଼ା ପଞ୍ଚାୟତର ଝାଟିଆପଡ଼ା ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ୍ କରି ଦିଆଯାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ବଡ଼ଚଣା ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି। ତୁରନ୍ତ ସମ୍ପୃକ୍ତ ବିଦ୍ୟାଳୟକୁ ଚାଲୁ କରିବାକୁ ସେମାନେ ଦାବି କରିଛନ୍ତି। ସରକାର ୨୦୧୯ରେ ୨୦ରୁ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବାର ନିଷ୍ପତ୍ତି ନେଇ ଏହାକୁ ୨୦୨୦ ମସିହାରେ କାର୍ଯ୍ୟକାରୀ କଲେ। ସେଥିପାଇଁ ଝାଟିଆପଡ଼ା ପ୍ରାଥମିକ ବିଦ୍ୟାଳୟରେ କମ୍ ପିଲା ଥିବାରୁ ଏହାକୁ ସାଇଲପଡ଼ା ପ୍ରାଥମିକ ବିଦ୍ୟାଳୟ ସହିତ ମିଶ୍ରଣ କଲେ। ତେବେ ସମ୍ପୃକ୍ତ ଗ୍ରାମବାସୀଙ୍କ ଅଭିଯୋଗ ଯେ, ବିଦ୍ୟାଳୟରେ ୨୯ଜଣ ଛାତ୍ରୀଛାତ୍ର ଥିବା ବେଳେ କାହିଁକି ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଗଲା। ତେଣୁ ତୁରନ୍ତ ଏହାର ପୁନର୍ବିଚାର କରାଯାଉ। ୨୦୨୦ରେ ଏନେଇ ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ସ୍ଥାନରେ ବିଦ୍ୟାଳୟ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମବାସୀ ଉକ୍ତ କୋର୍ଟର ନିର୍ଦ୍ଦେଶନାମା ଓ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତିର ପୁନର୍ବିଚାର ଦାବିରେ ଏକ ଲିଖିତ ଅଭିଯୋଗ ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ। ଇତିମଧ୍ୟରେ ୨ବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ମଙ୍ଗଳବାର ଗ୍ରାମର ଦୁଃଶାସନ ଦେଉରି, ରତ୍ନାକର ନାୟକ, ଦାମୋଦର ଦେଉରି, ଶରତ ଛୁଆଳ ସିଂ, ନନ୍ଦକିଶୋର ଦେଉରି, ଧରଣୀଧର ରାଉତ, ଦୁଃଶାସନ ରାଉତ, ଅନି ନାୟକ, ଅଞ୍ଜନା ନାୟକ, ଇନ୍ଦ ଦେଉରି, ମିନି ଦେଉରୀ, ପ୍ରମିଳା ଦେଉରି ଓ ହାଡ଼ିବନ୍ଧୁ ଦେଉରୀଙ୍କ ସମେତ ବହୁ ଛାତ୍ରୀଛାତ୍ର ବ୍ଲକ ଶିକ୍ଷାଧିକାରୀଙ୍କ କାଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏ ନେଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁ ସମୟରେ ଆମର ସର୍ଭେ କରାଯାଇଥିଲା ସେ ସମୟରେ ଆବଶ୍ୟକ ସଂଖ୍ୟକ ଛାତ୍ରୀଛାତ୍ର ନ ଥିଲେ। ସେଥିପାଇଁ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ସ୍କୁଲକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ଗ୍ରାମ୍ୟ ରାସ୍ତାକୁ ମିଳିବ ଗ୍ରେଡ୍ ୱାନ୍ ମାନ୍ୟତା

ରସୁଲପୁର,୧୦।୫(ଡି.ଏନ.ଏ.)

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ ସ୍ଥଳ ବୁଲିଲେ ବ୍ଲକ୍ ଅଧକ୍ଷ, ବିଡିଓ

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ବ୍ଲକ ପକ୍ଷରୁ ନିର୍ମାଣ ହେଉଥିବା ମାଟିମୋରମ ରାସ୍ତାକୁ ଗ୍ରେଡ୍ ୱାନ୍ ମାନ୍ୟତା ମିଳିବ। ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ, ବିଡିଓ ଉମାକାନ୍ତ ପରିଡ଼ା ଓ କୋରେଇ ବିଧାୟକଙ୍କ ପ୍ରତିନିଧି ଶ୍ରୀଧର ବିଶ୍ୱାଳ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିବା ସମୟରେ ଏଭଳି ପ୍ରସ୍ତାବ ରଖିଛନ୍ତି। ପଞ୍ଚାୟତ ଅଧୀନସ୍ଥ ବିଲିପଡ଼ା ଗ୍ରାମର ୧୬ନଂ. ଜାତୀୟ ରାଜପଥରୁ ଗ୍ରାମର ପାନୀୟ ଜଳ ପ୍ରକଳ୍ପ ନିକଟସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ସଂଯୋଗ କରୁଥିବା ଉକ୍ତ ରାସ୍ତା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ନିର୍ମାଣ କରାଯାଉଛି।

ବ୍ଲକ ଅଧିକାରୀମାନେ ନିର୍ମାଣାଧୀନ ରାସ୍ତାକୁ ଦେଖି ଖୁସି ପ୍ରକଟ କରିବା ସହ ଉକ୍ତ ରାସ୍ତାକୁ ଗ୍ରେଡ୍‌ୱାନ ରାସ୍ତାରେ ପରିଣତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କନିଷ୍ଠ ଯନ୍ତ୍ରୀ ଅନିତା ବେହୁରାଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ତେବେ ରାସ୍ତା ନିର୍ମାଣରେ କେତେକ ତ୍ରୁଟିବିଚ୍ୟୁତି ଥିବା ବିଡିଓ ପରିଡ଼ା ଓ ଅଧକ୍ଷ ରାଉତଙ୍କ ନଜରକୁ ଆସିଥିଲା। ସେଥିରେ ସୁଧାର ଆଣିବା ପାଇଁ ଉଭୟ ଅଧିକାରୀ ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ଯୁବନେତା ମନୋଜ ରାଉତ, ନାଏବ ସରପଞ୍ଚ କେଦାର ଦେଓ, ଶ୍ରମିକ ମୁଖ୍ୟ ଗୋପାଳ ମଲିକ, ରଞ୍ଜନ କୁମାର ଦେଓ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ରାସ୍ତାକୁ ଉଚ୍ଚା କରିବା ସହ ଉଭୟ ପାର୍ଶ୍ୱର ଉନ୍ନତୀକରଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ରାସ୍ତା ଉପରେ ମାଟି ପକାଇବା ପରେ ଭଲଭାବେ ରୋଲିଂ କରିବା ଓ ମୌସୁମୀ ଆସିବା ପରେ ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ କରିବାକୁ ମତ ରଖିଥିଲେ। ବିଡିଓ ପରିଡ଼ାଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରାଯିବା ନେଇ ଗ୍ରାମବାସୀ ଉପସ୍ଥିତ ଅଧିକାରୀଙ୍କୁ ଜଣାଇଥିଲେ।

ପ୍ରକାଶଥାଉ କି, ବିଲିପଡ଼ା ଗ୍ରାମ ଭିତରକୁ ଭାରିଯାନ ଯାଆସ କରିବାରେ ଅସୁବିଧା ହେଉଛି। ଉକ୍ତ ରାସ୍ତା ନିର୍ମାଣ ଶେଷ ହୋଇଗଲେ ଗାଁକୁ ଏକ ବିକଳ୍ପ ଗମନାଗମନର ସୁବିଧା ସୃଷ୍ଟି ହୋଇପାରିବ। ଉକ୍ତ ଗାଁକୁ ଗାଡ଼ି ଯାତାୟାତ କରିବାରେ ରହିଆସିଥିବା ଅସୁବିଧା ଦୂର ହୋଇଯିବ ବୋଲି ଗାଁ ମୁରବି ଭାସ୍କର ଆଏଚ, ଜିତେନ୍ଦ୍ର ଆଏଚ, ଆତୁଳ ମଲିକ, କେଦାର କୁମାର ଆଏଚ ଓ ପୂର୍ଣ୍ଣଚନ୍ଦ୍ର ଆଏଚ ପ୍ରମୁଖ ମତ ରଖିଛନ୍ତି।



ବ୍ଲକ ଅଧକ୍ଷ, ବିଡିଓଙ୍କ ସମେତ ଅନ୍ୟମାନେ ରାସ୍ତା କାର୍ଯ୍ୟ ବୁଲି ଦେଖୁଛନ୍ତି।

## ବିରଜା କୃପା ସାହିତ୍ୟ ପରିବାରର ବାର୍ଷିକ ଉତ୍ସବ

ଯାଜପୁର ଟାଉନ,୧୦।୫(ଡି.ଏନ.ଏ.)

ଯାଜପୁର ବିରଜା କୃପା ସାହିତ୍ୟ ପରିବାରର ପ୍ରଥମ ବାର୍ଷିକୋତ୍ସବ ବିରଜା ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଦ୍ୟୁତ୍‌ପ୍ରଭା ମିଶ୍ରଙ୍କ ଅଧକ୍ଷତାରେ ଐତିହାସିକ ଓ ଗବେଷକ ଏକାଦଶୀ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଓଡ଼ିଆ ତାଙ୍କ ମାତୃଭାଷାକୁ ଗୁରୁତ୍ୱାରୋପ କଲେ ସାହିତ୍ୟ ବଞ୍ଚିବ ବୋଲି ମତବ୍ୟକ୍ତ କରିଥିଲେ। ତେବେ ଯାଜପୁର ଜିଲାର ବହୁ ଯୁବପ୍ରତିଭା ସାମାଜିକ ଗଣମାଧମ ଦ୍ୱାରା ସେମାନଙ୍କ କବିତା, ପ୍ରବନ୍ଧ ଓ ଗଳ୍ପ ଆଦି ଲେଖି ନିଜର ପରିଚୟ ସୃଷ୍ଟି କରିପାରିଥିବାରୁ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ଗୀତିକବି ବସନ୍ତ କୁମାର ଦାସ, ସମ୍ମାନିତ ଅତିଥି ନାଟ୍ୟ, ସଂଗୀତ ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମ, ଭୂପତି ଭୂଷଣ ମିଶ୍ର ପ୍ରମୁଖ ଯୋଗଦେଇ ଯାଜପୁରର ଐତିହ୍ୟ, ସଂସ୍କୃତି ଓ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଏହି ମାଟିକୁ ସାହିତ୍ୟ ଏବଂ ବିଭିନ୍ନ କ୍ଷେତ୍ରରେ ସମୃଦ୍ଧ କରିଥିବା ମନିଷୀଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବୈଦ୍ୟନାଥ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ 'ବିରଜା କୃପା' ଓ ବିଦ୍ୟୁତ୍‌ପ୍ରଭା ମିଶ୍ରଙ୍କ ଦ୍ୱାରା ରଚିତ 'କବିତାଞ୍ଜଳି' ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପ୍ରାରମ୍ଭରେ କବିତା ପାଠୋତ୍ସବ କରାଯାଇଥିବା ବେଳେ ସତ୍ୟରଞ୍ଜନ ସ୍ୱାଇଁ, ଅମୂଲ୍ୟ କୁମାର ପଣ୍ଡା, ଅନୁପମା ରଣା, ରଞ୍ଜିତା ଦାଶ, ବିନୋଦିନୀ ଦାଶ, ଅଭୟ କୁମାର ତ୍ରିପାଠୀଶର୍ମା, ଭରତବନ୍ଧୁ ବିଶ୍ୱାଳ, ଶ୍ରୀନିବାସୀ ବିଶ୍ୱାଳ ଓ ବିରଞ୍ଚି ନାରାୟଣ ଧଳ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୬ଜଣ ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ମା'ବିରଜା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ରସୁଲପୁର,୧୦।୫(ଡି.ଏନ.ଏ.)

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମରେ ୨୨ତମ ମା' ବିରଜା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଅକ୍ଷୟ ତୃତୀୟାଠାରୁ ୫ଦିନ ବ୍ୟାପୀ ଯଜ୍ଞ ଚାଲିଥିଲା। ବେତଣ୍ଡା ଗ୍ରାମର ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଅନୁଷ୍ଠିତ ଯଜ୍ଞ ଅବସରରେ ପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିକଟରେ ପାରମ୍ପରିକ ପୂଜା ନୀତି ଅନୁଷ୍ଠିତ ହୋଇଥିଲା। ଯଜ୍ଞକାର୍ଯ୍ୟରେ ନିୟୋଜିତ ଯାଜ୍ଞିକ ପଣ୍ଡିତଙ୍କ ଦ୍ୱାରା ପ୍ରାତଃ ସମୟରେ ସୂର୍ଯ୍ୟପୂଜା, ଗୋପୂଜା, କୁଣ୍ଡମଣ୍ଡଳ ପୂଜା ଆଦିସହ ଯଜ୍ଞାହୁତି ପ୍ରଦାନ କରାଯାଇଥିଲା। ଶତାଧିକ ଭକ୍ତ ପହଞ୍ଚି ଠାକୁରଙ୍କୁ ଘିଅ ଅର୍ଘ୍ୟ ପ୍ରଦାନ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ପ୍ରଶାନ୍ତ ନାୟକ, ସ୍ତ୍ରୀ ସବିତାରାଣୀ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ମହେଶ୍ୱର ଶତପଥୀ, ସୁଧୀର ଚନ୍ଦ୍ର ପତି, ସୁଦର୍ଶନ ପତି, ପବିତ୍ର କୁମାର ଦାସ, ଉଦୟନାଥ ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଯଜ୍ଞ ପରିଚାଳନା କମିଟି ପକ୍ଷରୁ ଜିତେନ୍ଦ୍ର ନାୟକ, ବିବେକାନନ୍ଦ ରାଉତ, ରାଜାରାମ ରାଉତ, କଳ୍ପତରୁ ରାଉତ, ରଞ୍ଜନ ରାଉତ, ପରମାନନ୍ଦ ରାଉତ, ଭୈରବ ରାଉତ, ରାଜକିଶୋର ସ୍ୱାଇଁ, ସୋନୁ ରାଉତ, ଦୁଃଶାସନ ରାଉତ, ସୁନାକର ପାତ୍ର, ଅରବିନ୍ଦ ନାୟକ, କାହ୍ନୁ ନାୟକ, ସତ୍ୟପ୍ରିୟ ନାୟକ, ମୁନା ନାୟକ, ପିକୁନ ସ୍ୱାଇଁ ପ୍ରମୁଖଙ୍କ ସମେତ ବେତଣ୍ଡା ଗ୍ରାମବାସୀ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ଏଠାରେ ପ୍ରତ୍ୟହ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିରଜା ବିଶ୍ୱଜ୍ୟୋତି ପରିଷଦର ସଦସ୍ୟମାନେ ପରିଚାଳନା କରିଥିଲେ।

# ଏନ୍‌ଜିଟି ଦ୍ୱାରସ୍ଥ ହେବେ ଗ୍ରାମବାସୀ

ରଗଡି,୧୦।୫(ଡି.ଏନ.ଏ.)

### ନିଶଙ୍କପୁର ଘାଟରୁ ବାଲି ଚୋରିକୁ ବିରୋଧ

ବ୍ୟାସନଗର ତହସିଲ ଅଞ୍ଚଳରେ ଲଘୁ ଖଣିଜ ସମ୍ପଦ ପ୍ରଚୁର ପରିମାଣରେ ରହିଛି। ହେଲେ ଯେଉଁ ପରିମାଣରେ ରାଜସ୍ୱ ଆଦାୟ ହେବା କଥା ତାହା ହେଉନାହିଁ। ବିଭାଗୀୟ ଅଧିକାରୀ ଏବଂ ବାଲି ବ୍ୟବସାୟୀଙ୍କ ମଧ୍ୟରେ ସଲାସୁତୁରା ହେଉଥିବାରୁ ସରକାର ରାଜସ୍ୱ ହରାଉଥିବା ଅଭିଯୋଗ ହୋଇଛି। ଏହିକ୍ରମରେ ବର୍ତ୍ତମାନ ଓ ପୂର୍ବରୁ ଦାୟିତ୍ୱରେ ରହିଥିବା ରାଜସ୍ୱ ଅଧିକାରୀଙ୍କ ଆୟବର୍ହିଭୂତ ସମ୍ପତ୍ତି ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ପାରନ୍ତା ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ତହସିଲ ଅଧୀନ ବୈତରଣୀ ନଦୀର ନିଶଙ୍କପୁର ବାଲି ଘାଟରୁ ପ୍ରତିଦିନ ବ୍ୟବସାୟୀ ୮ରୁ ଉର୍ଦ୍ଧ୍ୱ ମେଶିନ ଲଗାଇ ହାଇୱାରେ ଶତାଧିକ ଟ୍ରିପ ବାଲି ଚୋରା ଚାଲାଣ କରୁଛନ୍ତି। ଏହି କାରବାରରେ ଶାସକ ଦଳର ଜଣେ ନେତାଙ୍କ ହାତ ଥିବା ଚର୍ଚ୍ଚା ହେଉଛି। ବୈତରଣୀ ନଦୀର ନିଶଙ୍କପୁର ମୌଜା ଖତିୟାନ ନଂ. ୧୨୨ରୁ ୧୨ ଏକର ଜମି ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ଜଣେ ବ୍ୟକ୍ତିଙ୍କୁ ଲିଜ୍ ଦିଆଯାଇଛି। ହେଲେ ସମ୍ପୃକ୍ତ ଲିଜ୍‌ଧାରୀ କେତେଜଣ ମୁଷ୍ଟିମେୟ ଲୋକ ଓ ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀଙ୍କୁ ହାତ କରି ଲିଜ୍ ଏରିଆ ବାହାରୁ ୨୫ ଏକରରୁ ଉର୍ଦ୍ଧ୍ୱ ଜମିରୁ ବାଲି ଉତ୍ତୋଳନ କରୁଥିବା ନିଶଙ୍କପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନଦୀ ଜଳ ପ୍ରବାହ ପଥରେ ବନ୍ଧ ପକାଇ ବାଲି ଉତ୍ତୋଳନ କରୁଥିବାରୁ ସାମାନ୍ୟ ବନ୍ୟା ଆସିଲେ ନିକଟସ୍ଥ ଗ୍ରାମଗୁଡ଼ିକ ନଦୀଗର୍ଭରେ ଲୀନ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଭାରିଯାନ ଚଳାଚଳ କରିବା ଦ୍ୱାରା ଗ୍ରାମର ରାସ୍ତାଘାଟ ବିପର୍ଯ୍ୟସ୍ତ ହେବା ସହିତ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ପୃକ୍ତ ବ୍ୟବସାୟୀ ରୀତିମତ ନଦୀର ପ୍ରାକୃତିକ ସମତୁଲ ପ୍ରକ୍ରିୟାକୁ ବ୍ୟାହତ କରିଚାଲିଛନ୍ତି। ବେଆଇନ ବାଲି ଉତ୍ତୋଳନ ପାଇଁ ନଦୀବନ୍ଧ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପ୍ରଶାସନ କିପରି ବେଆଇନ ବାଲି ଚୋରିକୁ ସବୁଜ ସଙ୍କେତ ଦେଉଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଗ୍ରାମବାସୀ ବ୍ୟାସନଗର ତହସିଲ, ଜିଲା ପ୍ରଶାସନ ନିକଟରେ ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଶେଷରେ ଏହି ବେଆଇନ ବାଲି ଘାଟ ପ୍ରସଙ୍ଗରେ ସମ୍ପୃକ୍ତ ଲିଜଧାରୀ ଓ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଅତିଷ୍ଠ ଗ୍ରାମବାସୀ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ର ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।



# ରାସ୍ତା ଉନ୍ନତୀକରଣ ହେଲେ ପର୍ଯ୍ୟଟକ ସଂଖ୍ୟା ବଢ଼ିବ

ଚଣ୍ଡିଖୋଲ,୧୦।୫(ଡି.ଏନ.ଏ.)

ବରୁହାଁଠାରୁ ବାଲିଚନ୍ଦ୍ରପୁର ୨୪ କିଲୋମିଟର ରାସ୍ତା ମଧ୍ୟରେ ମାଣ୍ଡୁକାଠାରୁ ଗଡ଼ଜିତ୍ ପର୍ଯ୍ୟନ୍ତ ୪ କିଲୋମିଟର ରାସ୍ତା ନିମ୍ନମାନର ହୋଇ ରହିଛି। ଏହାର ଉଚ୍ଚତା ବୃଦ୍ଧି ହେଲେ ଯାଜପୁରକୁ ସିଧାସଳଖ ସଂଯୋଗ ହେବ। ଏଥିସହିତ ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ର ଉଦୟଗିରି, ରତ୍ନଗିରି ଓ ଲଳିତଗିରିକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ଚାରିବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ରହିଥିବା ଏହି ରାସ୍ତାର ରୁକୁଟିପାଟଠାରେ ସେତୁ ନ ଥିବାରୁ ଏହା ବାଲିଚନ୍ଦ୍ରପୁରକୁ ସଂଯୋଗ କରିପାରୁ ନ ଥିଲା। ସେତୁ କ୍ରିୟାନୁଷ୍ଠାନ କମିଟି ଉଦ୍ୟମ କ୍ରମେ ରୁକୁଟିପାଟଠାରେ ବିରୂପା ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ମାଣ୍ଡୁକାଠାରୁ ଗଡ଼ଜିତ୍ ପର୍ଯ୍ୟନ୍ତ ଏହି ରାସ୍ତାର ଉଚ୍ଚତା ବୃଦ୍ଧି ପାଇଲେ ହୀରକ ତ୍ରିଭୁଜ ସଂଲଗ୍ନ ସମସ୍ତ ବୌଦ୍ଧ ପୀଠକୁ ପର୍ଯ୍ୟଟକମାନେ ସୁବିଧାରେ ଆସିପାରିବେ ବୋଲି ପୂର୍ବତନ ମନ୍ତ୍ରୀ ତଥା ବଡ଼ଚଣା ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି। ସେତୁ କ୍ରିୟାନୁଷ୍ଠାନ କମିଟି



ସେତୁ କ୍ରିୟାନୁଷ୍ଠାନ କମିଟି ସଭାରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

### ସେତୁ କ୍ରିୟାନୁଷ୍ଠାନ କମିଟିର ସାଧାରଣ ସଭା

ଆନୁକୂଲ୍ୟରେ ସୋମବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ରୁକୁଟିପାଟଠାରେ ଏକ ସାଧାରଣ ସଭା ପୂର୍ବତନ ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷ ନିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରାସ୍ତାର ଉଚ୍ଚତା ବୃଦ୍ଧି ପାଇଁ ୧୪ବର୍ଷ ତଳେ ଟେଣ୍ଡର ହୋଇଥିଲାବେଳେ ଏହାକୁ ଜନ ପ୍ରତିନିଧି ବିରୋଧ କରିଥିଲେ। ତେଣୁ ଏକ ବର୍ଷ ମଧ୍ୟରେ ନିର୍ମାଣ ଶେଷ ହେବାର ରହିଥିଲାବେଳେ ଅଦ୍ୟାବଧି ତାହା ଶୀତଳ ଭଣ୍ଡାରରେ ରହିଛି। ସମସ୍ତ ଜନସାଧାରଣ ଏଥିପାଇଁ ସଂଘର୍ଷ କରିବାକୁ ପଡ଼ିବ ବୋଲି ସେ କ୍ଷୋଭ ପ୍ରକାଶ କରି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ୟୁନିଷ୍ଟ ନେତା ଦିବାକର ବିଶ୍ୱାଳ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ମହାନ୍ତି, ପୂର୍ବତନ ଜିଲାପରିଷଦ ସଭ୍ୟ ମାନଭଞ୍ଜନ ରାଉତରାୟ, ରମେଶ ଚନ୍ଦ୍ର ଗଡ଼ନାୟକ, ଦେବେନ୍ଦ୍ର ସାମଲ, ମିହିର ରାୟ ଓ ଖବରଦାତା ଏକାଦଶୀ ସେଠୀ ପ୍ରମୁଖ ଯୋଗଦେଇ ଏସମ୍ପର୍କରେ ମତବକ୍ତ କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ। ଧର୍ମରାଜ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସେଠୀ, ଅମିୟ ସାହାଣୀ, ରଞ୍ଜନ ମହାରଣା, ଦିଲୀପ ରାଉତ ଓ ସମ୍ପଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରବୀନ୍ଦ୍ର କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଗାଲେକ୍ସି ସିନେମା ହଲ୍ ସିଜ୍: ୯୭ ହଜାର ଜରିମାନା

ସୁନାବେଡ଼ା/ ସେମିଲିଗୁଡ଼ା, ୧୦।୫ (ସ୍ୱ.ପ୍ର.): ଅନୁମତିପତ୍ର ନବୀକରଣ ନ କରି ସିନେମା ହଲ୍ ଚଳାଇବା ଏହାର ମାଲିକଙ୍କୁ ମହଙ୍ଗା ପଡ଼ିଛି। ମଙ୍ଗଳବାର ପ୍ରଶାସନ ଉକ୍ତ ସିନେମା ହଲ୍‌କୁ ସିଜ୍ କରିଛି। ସେମିଲିଗୁଡ଼ା ଆର୍‌ଆଇ ଅଫିସ୍ ସମ୍ମୁଖରେ ଥିବା ଗାଲେକ୍ସି ସିନେମା ହଲ୍‌କୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଲଳିତ କହଁର ସିଜ୍ କରିଛନ୍ତି। ୨୦୧୯ରୁ ସିନେମା ହଲ୍ ମାଲିକ ଲାଇସେନ୍ସ ନବୀକରଣ ନ କରି ବେଆଇନ ଭାବେ ହଲ୍ ଚଳାଇ ଆସୁଥିଲେ। ଏନେଇ ଜିଲା ପ୍ରଶାସନ ନୋଟିସ ଦେଇଥିଲେ ମଧ ସେ ଶୁଣି ନ ଥିଲେ। ସୁରକ୍ଷା ନିୟମ ଅନୁଯାୟୀ ସିନେମା ହଲ୍‌ରେ ଅଗ୍ନି ନିର୍ବାପକ ଯନ୍ତ୍ର କାର୍ଯ୍ୟକ୍ଷମ ନ ଥିବାରୁ ୯୭ ହଜାର ୪ଶହ ଟଙ୍କା ମାଲିକଙ୍କୁ ଜରିମାନା କରାଯାଇଛି। ଏହି ଚଢ଼ାଉରେ ଅତିରିକ୍ତ ତହସିଲଦାର ଦେବବ୍ରତ କରାଟି, ରାଜସ୍ୱ ସୁପରଭାଇଜର ଗୌରୀଶଙ୍କର ରାଓ, ଆର୍‌ଆଇ ଅନୁପ ନାଗ, ଏଆର୍‌ଆଇ ପଦ୍ମନ ବାଘ , ସୁନାବେଡ଼ା ଥାନା ଅଧିକାରୀ ସସ୍ମିତ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

### ଫସଲ ଋଣ, ଆନୁଷଙ୍ଗିକ କୃଷି କାର୍ଯ୍ୟ ପାଇଁ ପୁଞ୍ଜି ଲଗାଣ ସୀମା ନିର୍ଦ୍ଧାରଣ

ଭୁବନେଶ୍ୱର,୧୦।୫(ବ୍ୟୁରୋ): ଚଳିତ ବର୍ଷ ଖରିଫ ୨୦୨୨ ଏବଂ ରବି ୨୦୨୨-୨୩ ଋତୁ ନିମନ୍ତେ ବ୍ୟାଙ୍କଗୁଡ଼ିକ ଦ୍ୱାରା ଦିଆଯାଉଥିବା ଏକର ପିଛା ବିଭିନ୍ନ ଫସଲ ଋଣର ପରିମାଣ ଏବଂ ଆନୁଷଙ୍ଗିକ କୃଷି କାର୍ଯ୍ୟ ପାଇଁ ଚଳନ୍ତି ପୁଞ୍ଜି ଲଗାଣର ସର୍ବାଧିକ ସୀମା ନିର୍ଦ୍ଧାରଣ କରାଯାଇଛି। ରାଜ୍ୟସ୍ତରୀୟ ବୈଷୟିକ କମିଟି ଦ୍ୱାରା ସ୍ଥିର କରାଯାଇଥିବା ଋଣର ସୀମା ନିର୍ଦ୍ଧାରଣକୁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅନୁମୋଦନକ୍ରମେ ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କୃଷି ଉତ୍ପାଦନ କମିଶନରଙ୍କ ଅଧକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ବୈଷୟିକ କମିଟିର ସୁପାରିସ ଅନୁଯାୟୀ ୩୦ ଜିଲା ପାଇଁ ୨୪ଗୋଟି ଫସଲର ଏକର ପିଛା ଭିନ୍ନଭିନ୍ନ ସର୍ବାଧିକ ଋଣ ପରିମାଣ ଏବଂ ଆନୁଷଙ୍ଗିକ କୃଷି କ୍ଷେତ୍ର ପାଇଁ ଆବଶ୍ୟକ ଚଳନ୍ତି ପୁଞ୍ଜି ଲଗାଣର ସର୍ବାଧିକ ସୀମାକୁ ନିର୍ଦ୍ଧାରଣ କରାଯାଇଛି। ନାବାର୍ଡ ଦ୍ୱାରା ଜାରି କରାଯାଇଥିବା ସଂଶୋଧିତ ମାର୍ଗଦର୍ଶିକା, ଜିଲାପାଳଙ୍କ ଅଧକ୍ଷତାରେ ଗଠିତ ଜିଲାସ୍ତରୀୟ ବୈଷୟିକ କମିଟିର ସୁପାରିସ, ସାମ୍ପ୍ରତିକ ମଜୁରି ହାର, ବିହନ, ସାର, କୀଟନାଶକ, ବୀମାରାଶି ପ୍ରିମିୟମ ଦେୟ ଆଦିକୁ ବିଚାରକୁ ନେଇ ପ୍ରତିବର୍ଷ ବିଭିନ୍ନ ଜିଲା ନିମନ୍ତେ ଭିନ୍ନ ଭିନ୍ନ ଫସଲ ଚାଷ ପାଇଁ ଏକର ପିଛା ସର୍ବାଧିକ ଋଣ ପ୍ରଦାନର ସର୍ବାଧିକ ସୀମା ନିର୍ଦ୍ଧାରଣର ପରିମାଣ ସ୍ଥିର କରାଯାଏ। ଚାଷୀମାନେ ଫସଲ ଚାଷ ଏବଂ ଆନୁଷଙ୍ଗିକ କୃଷି କାର୍ଯ୍ୟ ପାଇଁ ବ୍ୟାଙ୍କଗୁଡ଼ିକରୁ ସହଜରେ ଋଣ ପାଇବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ସମବାୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିକୁ ଚାଷୀମାନଙ୍କ ଅବଗତି ନିମନ୍ତେ ସମସ୍ତ ଜିଲାପାଳ, ସମବାୟ ସମିତି ନିବନ୍ଧକ, ସମ୍ପୃକ୍ତ ବିଭାଗ ଓ ନିର୍ଦ୍ଦେଶାଳୟ ଏବଂ ବ୍ୟାଙ୍କଗୁଡ଼ିକର ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ମିମ୍‌ସାର କାର୍ଯ୍ୟକ୍ଷମ ଆଶା ଉଜ୍ଜୀବିତ

ତାଳଚେର/ ଅନୁଗୋଳ ଅଫିସ,୧୦।୫



ବୈଠକରେ ଜିଲାପାଳ ଓ ତାଳଚେର ବିଧାୟକ ଉପସ୍ଥିତ ଅଛନ୍ତି।

■ ସରକାର ପ୍ରସ୍ତୁତ ଥିବା କହିଲା ଅନୁଗୋଳ ଜିଲା ପ୍ରଶାସନ
■ ବାର୍ଷିକ ଖର୍ଚ୍ଚ ବହନ ନେଇ ଏମ୍‌ସିଏଲ୍‌ର ଲିଖିତ ପ୍ରତିଶ୍ରୁତିକୁ ଅପେକ୍ଷା
■ ଅଧାରୁ ପ୍ରତ୍ୟାହୃତ ହେଲା ତାଳଚେର ବନ୍ଦ ପାଳନ

ଅନୁଗୋଳ ଜିଲା ତାଳଚେରଠାରେ ନିର୍ମାଣ ହୋଇଥିବା ୧୦୦ ଶଯ୍ୟା ବିଶିଷ୍ଟ ମହାନଦୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟର (ମିମ୍‌ସାର) ଶୀଘ୍ର କାର୍ଯ୍ୟକ୍ଷମ ଦିଗରେ ଆଶା ଉଜ୍ଜୀବିତ ହୋଇଛି। ମଙ୍ଗଳବାର ତାଳଚେର ବନ୍ଦ ପାଳନ କରୁଥିବା ତାଳଚେର ସୁରକ୍ଷା ମଞ୍ଚ ସହ ଅନୁଷ୍ଠିତ ଏକ ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ମିମ୍‌ସାର ପରିଚାଳନା ନେଇ ରାଜ୍ୟ ସରକାର ପ୍ରସ୍ତୁତ ଥିବା କୁହାଯାଇଛି। ଏପରି କି କେବଳ ବାର୍ଷିକ ଖର୍ଚ୍ଚ ବହନ ନେଇ ଏମ୍‌ସିଏଲ୍ ଲିଖିତ ପ୍ରତିଶ୍ରୁତିକୁ ଅପେକ୍ଷା କରାଯାଇଛି ବୋଲି ପ୍ରଶାସନ କହିବା ପରେ ମିମ୍‌ସାର ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଚର୍ଚ୍ଚା ହେଉଛି। ପ୍ରଶାସନର ଏହି ସୂଚନା ପରେ ତାଳଚେର ବନ୍ଦ ପାଳନ ଅଧାରୁ ପ୍ରତ୍ୟାହୃତ ହୋଇଛି।

ପ୍ରକାଶ ଯେ, ମିମ୍‌ସାର ତୁରନ୍ତ କାର୍ଯ୍ୟକ୍ଷମ, ତାଳଚେର ଷ୍ଟେଶନ ଠାରୁ ଅନୁଗୋଳ ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ଏବଂ ତାଳଚେର-ପୁରୀ ପାସେଞ୍ଜରକୁ ଏନ୍‌ଟିପିସି କଣିହାଁ ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି ନେଇ ତାଳଚେର ସୁରକ୍ଷା ମଞ୍ଚ ସଭାପତି ମୁରଲୀଧର ସାହୁଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ କରାଯାଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଏଥିରେ ସାମିଲ ହୋଇଥିଲେ। ଫଳରେ ଆନ୍ଦୋଳନର ପ୍ରଭାବ ତାଳଚେର କୋଇଲା ଖଣି ଅଞ୍ଚଳ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଦେଖିବାକୁ ମିଳିଥିଲା। କୋଇଲା ଖଣିର ଉତ୍ପାଦନ ବ୍ୟାହତ ହେବା ସହ ପରିବହନ ବାଧାପ୍ରାପ୍ତ ହୋଇଥିଲା। ପରେ ଏ ନେଇ ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମାଧାନ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ତାଳଚେର ବିଧାୟକ ପ୍ରଧାନ, ଏମ୍‌ସିଏଲ୍ ଓ ରେଲ୍‌ୱେର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ବୈଠକରେ ଜିଲାପାଳ କହିଥିଲେ ଯେ, ମିମ୍‌ସାର କାର୍ଯ୍ୟକ୍ଷମ ନେଇ ରାଜ୍ୟ ସରକାର ଓ ଏମ୍‌ସିଏଲ୍ ମଧ୍ୟରେ ପୂର୍ବରୁ ଆଲୋଚନା ସରିଛି। ଏମ୍‌ସିଏଲ୍ ବାର୍ଷିକ ପରିଚାଳନା ବାବଦ ଖର୍ଚ୍ଚ ବହନ ନେଇ ଲିଖିତ ଭାବେ ଜଣାଇବା ପରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଏ ନେଇ ସରକାର ପ୍ରସ୍ତୁତ ଥିବା ଜିଲାପାଳ ପ୍ରକାଶ କରିଥିଲେ।

## ଶୀଘ୍ର ଦାୟିତ୍ୱ ନେବାକୁ ଭାଜପାର ଦାବି

ତାଳଚେର,୧୦।୫(ନି.ପ୍ର): ତାଳଚେରରେ ଏମ୍‌ସିଏଲ୍ ଦ୍ୱାରା ନିର୍ମାଣ କରାଯାଇଥିବା ତାଳଚେର ମେଡିକାଲ କଲେଜ (ମିମ୍‌ସାର)ର ବାର୍ଷିକ ପରିଚାଳନା ଖର୍ଚ୍ଚ ବହନ କରିବାକୁ ଏମ୍‌ସିଏଲ୍ ପକ୍ଷରୁ ଗତ ଏପ୍ରିଲ ୨୧ ତାରିଖରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇସାରିଛି। ଏଥିସହ ପରିଚାଳନା ଦାୟିତ୍ୱ ଶୀଘ୍ର ସରକାର ନିଅନ୍ତୁ ବୋଲି ଉକ୍ତ ଚିଠିରେ ଅନୁରୋଧ କରାଯାଇଛି। ତେଣୁ ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଲେ ଅନୁଗୋଳ ଜିଲା ସମେତ ପଡ଼ୋଶୀ ଜିଲା ଢେଙ୍କାନାଳ, ଦେବଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ ଏବଂ ନୟାଗଡ଼ର ପାଖାପାଖି ୭୦ ଲକ୍ଷ ଲୋକ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ପାଇବେ। ଏଥିସହ ରାଜ୍ୟର ଛାତ୍ରୀଛାତ୍ରମାନେ ମେଡିକାଲ ପାଠ ପଢ଼ିବାର ଅଧିକ ସୁଯୋଗ ପାଇବେ ବୋଲି ମଙ୍ଗଳବାର ତାଳଚେରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ଚରଣ ସାମଲ ପ୍ରକାଶ କରିଛନ୍ତି। ସାମଲ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ମାର୍ଚ୍ଚ ୯ରେ କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଯୋଷୀଙ୍କୁ ଭେଟି ତାଳଚେର ମେଡିକାଲ କଲେଜ ଓ ହସ୍ପିଟାଲର ପରିଚାଳନା କାର୍ଯ୍ୟ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ ଆଲୋଚନା କରିବା ସହ ଏ ସଂକ୍ରାନ୍ତୀୟ ଚିଠି ପ୍ରଦାନ କରିଥିଲେ। ପରେ କୋଇଲା ମନ୍ତ୍ରୀ ଯୋଷୀ ଏମ୍‌ସିଏଲ୍‌କୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏପ୍ରିଲ ୨୧ରେ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ହସ୍ପିଟାଲର ପରିଚାଳନା ଦାୟିତ୍ୱ ନେବାକୁ ଅନୁରୋଧ କରିଥିଲେ। ଏହାସହ ଏମ୍‌ସିଏଲ୍ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବା ପାଇଁ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ବ୍ୟବସ୍ଥା କରିବ ବୋଲି ଉକ୍ତ ପତ୍ରରେ ଉଲ୍ଲେଖ କରିଥିଲେ। ତେଣୁ ଜିଲାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତାଳଚେର ବିଧାୟକ ଏ ଦିଗରେ ସହଯୋଗ କରିବା ନେଇ ସାମଲ ଆଶାବ୍ୟକ୍ତ କରିଛନ୍ତି।

## ସ୍ୱତନ୍ତ୍ର ପରୀକ୍ଷା ଦାବିରେ ବିକ୍ଷୋଭ



ମାଷ୍ଟରକ୍ୟାଣ୍ଟିନ ଛକରେ ଓଡ଼ିଶା ବିପିୟୁଟି ଛାତ୍ରସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ସବୁ ବିପିୟୁଟି, ଡିପ୍ଲୋମା କଲେଜ ବନ୍ଦ ଚେତାବନୀ ଦେଲା ବିପିୟୁଟି ଛାତ୍ରସଂଘ**

ଭୁବନେଶ୍ୱର, ୧୦।୫(ବ୍ୟୁରୋ) ସ୍ୱତନ୍ତ୍ର ପରୀକ୍ଷା କରାଯିବା ସମେତ ଅନ୍ୟାନ୍ୟ ଦାବି ନେଇ ଓଡ଼ିଶା ବିପିୟୁଟି ଛାତ୍ରସଂଘ ତରଫରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କରୋନା ଯୋଗୁ ଦୁଇବର୍ଷରୁ ଊର୍ଦ୍ଧ୍ୱ ହେବ ବିପିୟୁଟିରେ ଛାତ୍ରୀଛାତ୍ରମାନେ ପରୀକ୍ଷାଜନିତ ସମସ୍ୟା ସହ ଫଳ ପ୍ରକାଶନକୁ ନେଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିଭଳି ବିପିୟୁଟି କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ଏବଂ ଅବହେଳା ଯୋଗୁ ଦୁଇବର୍ଷ ଧରି ଅଷ୍ଟମ ସେମିଷ୍ଟର ପରେ ହେଉଥିବା ସ୍ୱତନ୍ତ୍ର ପରୀକ୍ଷାକୁ ବନ୍ଦ କରିଦିଆଯାଇଛି। ଫଳରେ ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସ୍ୱତନ୍ତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହେବା ସହ ସାର୍ଟିଫିକେଟ ପାଇପାରୁନାହାନ୍ତି। ତେଣୁ ବିପିୟୁଟି ଛାତ୍ରୀଛାତ୍ରମାନେ କୌଣସି ନିଯୁକ୍ତି ସୁଯୋଗ ପାଇପାରୁନାହାନ୍ତି କି ଉଚ୍ଚଶିକ୍ଷା ପାଇଁ ଆବେଦନ କରିପାରୁନାହାନ୍ତି ବୋଲି ଛାତ୍ରସଂଘ ଅଭିଯୋଗ କରିଛି। ତୁରନ୍ତ ସ୍ୱତନ୍ତ୍ର ପରୀକ୍ଷା କରିବା ପାଇଁ ବିପିୟୁଟି କର୍ତ୍ତୃପକ୍ଷଙ୍କୁ ଛାତ୍ରସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଛି। ଯଦି ଆଗାମୀ ୧୫ ଦିନ ମଧ୍ୟରେ କୌଣସି ପଦକ୍ଷେପ ନିଆ ନ ଯାଏ, ତେବେ ସାରା ରାଜ୍ୟରେ ଥିବା ବିପିୟୁଟିର ସମସ୍ତ ଇଞ୍ଜିନିୟରିଂ କଲେଜକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବା ସହ ଓଡ଼ିଶା ବିପିୟୁଟି ଛାତ୍ରସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ ଛାତ୍ରସଂଘର ଉପଦେଷ୍ଟା ଇଂ. ପାର୍ଥସାରଥି ମୁଦୁଲି, ମୁଖ୍ୟ ସଙ୍ଗଠକ ଇଂ. ଶକ୍ତିପ୍ରସାଦ ରଥ, କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ଦେଶର ପ୍ରଥମ ଭିନ୍ନକ୍ଷମ ପାର୍କ ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୫ (ବ୍ୟୁରୋ)


ସେନ୍‌ସୋରି ପାର୍କକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରୁଛନ୍ତି।

**ବ୍ରହ୍ମପୁର, ସମ୍ବଲପୁରରେ ସାଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା ହେବ**

ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ୍) ପକ୍ଷରୁ ନିର୍ମିତ ସେନ୍‌ସୋରି ପାର୍କ ଭିନ୍ନକ୍ଷମ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ। ଦେଶର ପ୍ରଥମ ଭିନ୍ନକ୍ଷମ ପାର୍କ ଭାବେ ଏହା ଓଡ଼ିଶା ସରକାରଙ୍କ ଏକ ଅଭିନବ ପ୍ରୟାସ। ଏଥିରେ ଭିନ୍ନକ୍ଷମ ଶିଶୁଙ୍କ ଶାରୀରିକ, ମାନସିକ ତଥା ସୃଜନଶୀଳ ଅଭିବୃଦ୍ଧି ପାଇଁ ବିଭିନ୍ନ ସୁବିଧା ରହିଛି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ମଙ୍ଗଳବାର ଶହୀଦନଗରଠାରେ ଏହି ପାର୍କ ଉଦ୍‌ଘାଟନ କରି ମନ୍ତ୍ରୀ ପଣ୍ଡା କହିଛନ୍ତି, ଏପରି ଉଦ୍ୟମ ଫଳରେ ସାମାଜିକ ମହାସ୍ରୋତରେ ଭିନ୍ନକ୍ଷମଙ୍କ ସମ୍ପୃକ୍ତି ଆହୁରି ସଶକ୍ତ ହୋଇପାରିବ। ସେହିପରି ସେନ୍‌ସୋରି ପାର୍କର ପରିଚାଳନା ଓ ତତ୍ତ୍ୱାବଧାନରେ ନାଗରିକ ସମାଜ ପ୍ରଯତ୍ନ କରିବାକୁ ପଡ଼ିବ। ଆଗାମୀ ଦିନରେ ଭୁବନେଶ୍ୱରରେ ଥିବା ଭିନ୍ନକ୍ଷମ ସଶକ୍ତୀକରଣ ପ୍ରତିଷ୍ଠାନ ଢାଞ୍ଚାରେ ବ୍ରହ୍ମପୁର ଓ ସମ୍ବଲପୁରରେ ୨ଟି ସାଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଆଗାମୀ ଦିନରେ ଜିଲାସ୍ତରରେ ଏଭଳି ପାର୍କ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ମେୟର ସୁଲୋଚନା ଦାସ ଯୋଗଦେଇ, ଆସେସିବିଲିଟି କ୍ଷେତ୍ରରେ ଦେଶରେ ଓଡ଼ିଶା ୧ ନଂ. ସ୍ଥାନରେ ରହିଛି ବୋଲି କହିଛନ୍ତି। ଭୁବନେଶ୍ୱରକୁ ଆସେସିବିଲିଟି ସହର ଭାବେ ପରିଣତ କରିବା ପାଇଁ ପ୍ରଚେଷ୍ଟା ରହିଛି ବୋଲି ସେ ସୂଚନା ଦେଇଛନ୍ତି।

୧୩୬୮ ବର୍ଗମିଟର ପରିମିତ ଅଞ୍ଚଳରେ ୦.୯୯ କୋଟି ଟଙ୍କା ବ୍ୟୟରେ ଏହି ପାର୍କ ନିର୍ମାଣ କରାଯାଇଛି । ପାର୍କରେ ପାଥ୍‌ୱେ, ପାନୀୟଜଳ, ଚଟାଣ ସହିତ ଇନସୁଲେଟ ପଥ (ଇପିଡିଏମ୍), ବିଭିନ୍ନ ଖେଳ ଉପକରଣ, ସ୍ୱତନ୍ତ୍ର ଓପନ ଏୟାର ଜିମ୍ ଉପକରଣ, ହୁଇଲ ଚେୟାର ଦୋଳି, ବାଲ୍ଟି ସୁଇଙ୍ଗ, ମଲ୍ଟି ଲାଇନ ସୁଇଙ୍ଗ, ମ୍ୟୁଜିକାଲ ପୋଲ୍ ଏବଂ ସାଉଣ୍ଡ ପ୍ଲେ, ଡ୍ରମ୍ ଟ୍ରାକ୍, ମ୍ୟୁଜିକାଲ ପ୍ୟାନେଲ, ସାଉଣ୍ଡ ପ୍ଲେ ଟେବୁଲ, ସୋଲଡର ବିଲଡର, ୩ ସିଟ ଗ୍ରାଉଣ୍ଡ ଅନ୍ତର୍ଭୁକ୍ତ ମେରୀ-ଗୋ-ରାଉଣ୍ଡ, ମଲ୍ଟି ସିଟ ଏମ୍‌ଜିଆର୍ , ହ୍ୱିଲ ଚେୟାର ଏମ୍‌ଜିଆର୍, ସ୍ଲାଇଡ, ଟୁ ସିଟର ସ୍ପ୍ରିଙ୍ଗ ସିସ, ଡବଲ ବାର୍ ସିସ୍, ମଙ୍କିବାର କ୍ଲାଇମ୍ବର, ଆଡଭେଞ୍ଚର କ୍ଲାଇମ୍ବର, ବଲ୍‌ପୁଲ, ବ୍ରେଲି ବର୍ଣ୍ଣମାଳା କାନ୍ଥ, ବାସ୍କେଟବଲ ପୋଲ୍ ପ୍ରଭୃତି ରହିଛି। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, ୩୦ ନଂ. ୱାର୍ଡ କର୍ପୋରେଟର ରାଜକିଶୋର ଦାସ, ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଓ ବିନୟ କୁମାର ଦାସ ଉପସ୍ଥିତ ଥିଲେ। ବିଏସ୍‌ସିଏଲ୍ ସାଧାରଣ ପ୍ରବନ୍ଧକ କମଲଜିତ ଦାସ ସ୍ୱାଗତ ଭାଷଣ ଏବଂ ନାଗରିକ ସମାଜ ପକ୍ଷରୁ ଡା. ଅରୁଣ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୪ବର୍ଷର ପୁଅଙ୍କୁ ହତ୍ୟା

କାମାକ୍ଷାନଗର, ୧୦।୫ (ଡି.ଏନ୍.ଏ.)

■ ଖେଳୁଥିବା ବେଳେ ନିଖୋଜ ଥିଲେ
■ ଜଙ୍ଗଲରୁ ମିଳିଲା କ୍ଷତାକ୍ତ ମୃତଦେହ

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ସୋଗର ଗ୍ରାମର ଜଣେ ୪ବର୍ଷର ଶିଶୁପୁତ୍ରକୁ ଅପହରଣ ପରେ ନିର୍ମମ ଭାବେ ହତ୍ୟା କରାଯାଇଛି। ଗ୍ରାମ ନିକଟ କାଜୁ ଜଙ୍ଗଲରୁ ତାଙ୍କର କ୍ଷତାକ୍ତ ମୃତଦେହ ମଙ୍ଗଳବାର ସନ୍ଧ୍ୟାରେ ଜବତ ହୋଇଛି। ଏହି ଘଟଣାକୁ ନେଇ ଗ୍ରାମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି କେହି ଏଭଳି ନାରକୀୟ କାଣ୍ଡ ଘଟାଇଥିବା କେତେଜଣ କହୁଥିବାବେଳେ ବଳି ପାଇଁ ଅବୋଧ ଶିଶୁଙ୍କୁ ହତ୍ୟା କରାଯାଇଥିବା ମଧ ଚର୍ଚ୍ଚା ହେଉଛି। ଅନ୍ୟପଟେ ଏଭଳି ସମ୍ବେଦନଶୀଳ ଘଟଣାରେ ପୋଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ହତ୍ୟାକାଣ୍ଡ ପଛର କାରଣ ଜାଣିବା ଏବଂ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ଲାଗି ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।

ମୃତ ଶିଶୁ ହେଲେ ସୋଗର ଗ୍ରାମର ରାଜେନ୍ଦ୍ର ମଲ୍ଲିକଙ୍କ ପୁଅ ରୁଦ୍ରାକ୍ଷ। ପରିବାର ଲୋକଙ୍କ କହିବା ମୁତାବକ ରୁଦ୍ରାକ୍ଷ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଗାଁଦାଣ୍ଡରେ ଖେଳୁଥିବାବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଦିନସାରା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ସନ୍ଧାନ ମିଳି ନ ଥିଲା। ଗାଁ ନିକଟ ଝଗଡ଼ପଦା କାଜୁ ଜଙ୍ଗଲରୁ ସନ୍ଧ୍ୟାରେ ରୁଦ୍ରାକ୍ଷଙ୍କ ମୃତଦେହ ଠାବ କରାଯାଇଥିଲା। ପରିବାର ଲୋକେ ତାଙ୍କୁ ଅଁଳାବେରେଣୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଆସିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ରୁଦ୍ରାକ୍ଷଙ୍କ ତଣ୍ଟିଚିପି ହତ୍ୟା କରାଯାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। କାରଣ ମୃତଶିଶୁର ମୁହଁରୁ ରକ୍ତ ବାହାରିଥିବାବେଳେ ମୁଣ୍ଡର ପଛପଟେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହା ଏକ ଅତି ସମ୍ବେଦନଶୀଳ ଘଟଣା ହୋଇଥିବାରୁ କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେ ସଦଳବଳ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିବାବେଳେ ପୋଲିସ୍ ନିଜଆଡ଼ୁ ଖୋଳତାଡ଼ ଆରମ୍ଭ କରିଛି। ପରିବାର ଲୋକଙ୍କ ସୂଚନା ଆଧାରରେ ପଚରାଉଚୁରା ଚାଲିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ। ରିପୋର୍ଟ ଆସିବା ପରେ କେଉଁ କାରଣରୁ ମୃତ୍ୟୁ ହେଲା, ତାହା ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

**ପରିବାର ଧୈର୍ଯ୍ୟହରା**

ଦୁଇ ଝିଅ ପରେ ଜନ୍ମ ହୋଇଥିଲା ପୁଅ। ସବୁଠାରୁ ସାନ ହୋଇଥିବାରୁ ଅତି ଗେଲବସରରେ ବଢ଼ିଥିଲେ। ମରିବା ପରେ ମୁହଁରେ ନିଆଁ ଦେବ ବୋଲି ଭାବିଥିଲୁ। ହେଲେ ଆଜି ତା'ର ମୃତଦେହ କାନ୍ଧରେ ବୋହିବା ବେଳକୁ ଆଉ ଧୈର୍ଯ୍ୟ ନାହିଁ ବୋଲି କୋହଭରା କଣ୍ଠରେ କହିଛନ୍ତି ବାପା ରାଜେନ୍ଦ୍ର। ଏଭଳି ଦୁଃଖଦ ଘଟଣା ପରିବାର ଲୋକଙ୍କୁ ବାକ୍‌ଶୂନ୍ୟ କରି ଦେଇଥିବାବେଳେ କାହାରି ଆଖିରୁ ଲୁହ ଶୁଖୁନି। ସୂଚନାଯୋଗ୍ୟ, ରାଜେନ୍ଦ୍ରଙ୍କ ଦୁଇଝିଅଙ୍କ ମଧ୍ୟରୁ ଜଣଙ୍କ ବୟସ ୯ବର୍ଷ ହୋଇଥିବାବେଳେ ଅନ୍ୟ ଜଣେ ୭ବର୍ଷର।

## ଲକ୍ଷେ ନେଇ ଭିଜିଲାନ୍ସ ଜାଲରେ ଫରେଷ୍ଟର

ବଲାଙ୍ଗୀର ଅଫିସ,୧୦।୫: ମଙ୍ଗଳବାର ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଫରେଷ୍ଟ ଡିଭିଜନର ସିନ୍ଧେକେଲା ବିଟ୍ ଦାୟିତ୍ୱରେ ଥିବା ଫରେଷ୍ଟର ହରିହର ସ୍ୱାଇଁ ଜଣେ ଶ୍ରମିକଙ୍କଠାରୁ ୧ ଲକ୍ଷ ୩୦୦ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ବନ ବିଭାଗର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କଠାରୁ ଫରେଷ୍ଟର ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସମ୍ପର୍କରେ ଜଣେ ଶ୍ରମିକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଭିଜିଲାନ୍ସ ଟିମ୍ ସିନ୍ଧେକେଲା ବିଟ୍ ସେକ୍‌ଶନ ଅଫିସ୍‌ରେ ସମ୍ପୃକ୍ତ ଶ୍ରମିକଙ୍କଠାରୁ ଲାଞ୍ଚ ନେଉଥିବା ଫରେଷ୍ଟର ସ୍ୱାଇଁଙ୍କୁ କାବୁ କରିଥିଲା। ତାଙ୍କଠାରୁ ୧ଲକ୍ଷ ୩୦୦ ଟଙ୍କା ଜବତ କରାଯାଇଥିଲା । ଏହାପରେ ସମ୍ପୃକ୍ତ ଅଫିସ୍, ବଲାଙ୍ଗୀର ଠିକାଦାର ପଡ଼ାରେ ଥିବା ଭଡ଼ାଘର ଓ ଚିମିନିଭାଟିରେ ନିର୍ମାଣାଧୀନ ଘର ଉପରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ସେଠାରୁ ମଧ ୧ ଲକ୍ଷ ୭୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିଲା। ଭିଜିଲାନ୍ସ ବିଭାଗ ପକ୍ଷରୁ ଫରେଷ୍ଟରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶଥାଉ କି, ବଲାଙ୍ଗୀର-ସୋନପୁର-ବରଗଡ଼ ଭିଜିଲାନ୍ସ ବିଭାଗର କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିଲେ।

### ୪୫ ଲକ୍ଷ ଗଞ୍ଜେଇ ଜବତ, ୨ ଗିରଫ

କୋରାପୁଟ, ୧୦।୫ (ସ୍ୱ.ପ୍ର.): ଏକ ମିନି ଟ୍ରକରେ ଫୁଲକୁଣ୍ଡ ତିଆରି ଛାଞ୍ଚ ଭିତରେ ଗଞ୍ଜେଇ ଚାଲାଣ ବେଳେ କୋରାପୁଟ ଅବକାରୀ ବିଭାଗ ଧରିଛି। ଏଥିରୁ ୯୦୭ କେଜି ଗଞ୍ଜାଇ ଜବତ ହୋଇଛି। ଟ୍ରକ ଡ୍ରାଇଭର ଧର୍ମବୀର ସିଂ ଓ ହେଲପର ଭରତ ସିଂଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୪୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧୀକ୍ଷକ ମନୋଜ ସେଠୀ ସୂଚନା ଦେଇଛନ୍ତି। ଆନ୍ଧ୍ରର ରାଜମୁନ୍ଦ୍ରି ଅଞ୍ଚଳରୁ ୟୁପିର ଆଗ୍ରା ଯାଉଥିବା ଏହି ଟ୍ରକ (ୟୁପି ୮୩-ଟି ୦୧୪୬) ସମ୍ପର୍କରେ ସୂଚନା ପାଇ ଅବକାରୀ ପୋଲିସ କୋରାପୁଟ ଡିଆଇଜି କାର୍ଯ୍ୟାଳୟ ସମ୍ମୁଖରେ ଏହାକୁ ଅଟକାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଯାଞ୍ଚ କରି ଜବତ କରିଥିଲା।

### ପେନ୍‌ସନ ପାଇଁ ଆଉ ସମସ୍ୟା ହେବନି: ମନ୍ତ୍ରୀ

ଭୁବନେଶ୍ୱର, ୧୦।୫ (ବ୍ୟୁରୋ) ରାଜ୍ୟରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ପ୍ରାୟ ୪୮ଲକ୍ଷ ୫୦ହଜାର ହିତାଧିକାରୀ ଅଛନ୍ତି। ସେମାନଙ୍କ ମଧ୍ୟରେ ବିଭିନ୍ନ ବର୍ଗର ହିତାଧିକାରୀ ଥିବାବେଳେ ୪ରୁ ୫ଲକ୍ଷ ଦିବ୍ୟାଙ୍ଗ ରହିଛନ୍ତି। ଠିକ୍ ସମୟରେ ପେନ୍‌ସନ ମିଳୁ ନ ଥିବା ନେଇ ଅନେକ ସମୟରେ ଅଭିଯୋଗ ଆସୁଛି। ତେଣୁ ଏହାର ସମାଧାନ କରିବା ତଥା ପେନ୍‌ସନ ଯୋଜନାକୁ ଅଧିକ ସରଳୀକରଣ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି ବୋଲି ମଙ୍ଗଳବାର ଶହୀଦନଗରଠାରେ ସେନ୍‌ସୋରି ପାର୍କ ଉଦ୍‌ଘାଟନ ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ଡିଷ୍ଟ୍ରିକ୍ଟ ସୋସିଆଲ ସିକ୍ୟୁରିଟି ଅଫିସରଙ୍କୁ ନିୟୋଜିତ କରାଯିବ। ଏମାନେ ବିଏମ୍‌ସି କାର୍ଯ୍ୟାଳୟରେ ପେନ୍‌ସନ କାର୍ଯ୍ୟ ତଦାରଖ କରିବେ। ଫଳରେ ହିତାଧିକାରୀଙ୍କୁ ଆଉ ସମସ୍ୟା ହେବ ନାହିଁ। ସେହିପରି ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ମୋଟୋରାଇଜ୍ ହୁଇଲ ଚେୟାର ଓ ମୋଟୋରାଇଜ୍ ଟ୍ରାଇ ସାଇକେଲ୍‌କୁ ପ୍ରକଳ୍ପରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟରେ ୮ଟି ଡିଷ୍ଟ୍ରିକ୍ଟ ଡିଜାବିଲିଟି ରିହାବିଲିଟେଶନ ଥିବାବେଳେ ଡିଏମ୍‌ଏଫ୍‌ରେ ଆଉ ୪/୫ଟି ସେଣ୍ଟର ଖୋଲାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ମନେ ପଡ଼ନ୍ତି

**ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ଶୁଭାଶିଷ (ଚିଙ୍କୁ) ମିଶ୍ର
ହେରାଗୋହିରୀ ସାହି, ଓମ୍ ଜୁଏଲାରୀ ନିକଟ, ପୁରୀ
ଆବିର୍ଭାବ:୩୦.୦୮.୧୯୮୪
ତିରୋଧାନ:୨୨.୦୫.୨୦୨୧
ତୁ ଗଲାଦିନୁ ଏ ପରିବାରରେ ଆଉ ସୁଖ ଶାନ୍ତିର ପରଶ ନାହିଁ, ଅନ୍ୟ କେହିବି ସକ୍ଷମ ନୁହନ୍ତି ତୋ ଶୂନ୍ୟତା ଭରିବା ପାଇଁ !! ମନୁ ଲିଭୁନି ତୋ'ର ସେ ଆଶ୍ୱାସନା 'ଆମେ ବଞ୍ଚିବା ଭଲ୍ ସେ'। ଦଇବ ସାଜିଲା ବଇରୀ ଆମ ପାଇଁ ଅକାଳ ମୃତ୍ୟୁର ଡାକରା ଦେଇ !! ନିଷ୍ଠୁର ଈଶ୍ୱର କାହିଁକି ଦେଲ ଏ ଶାସ୍ତି ଏହା କ'ଣ ଥିଲା ତବ ଠିକ୍ ନିଷ୍ପତି...
ଶୋକସନ୍ତପ୍ତ
ନନା, ବୋଉ, ବଡ ବୋଉ, ଭାଇନା, ଭାଉଜ, ଭଉଣୀ, ଭିଣୋଇ, ଧର୍ମ ପତ୍ନୀ, ଭଣଜା, ଭାଣେଜି, ଝିଆରି, ଝିଅ (ଚିଙ୍କୀ), ପୁତୁରା ଓ ଆତ୍ମୀୟସ୍ୱଜନ ଗଣ
ଧ-୩୯୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ଲୋକନାଥ ପ୍ରସାଦ ମହାନ୍ତି
ପୂର୍ବତନ ଉପସଚିବ, କୃଷି ବିଭାଗ, ଓଡ଼ିଶା ସରକାର
ପ୍ଲଟ୍ ନଂ.-୨୦୧/୧୦, ୟୁନିଟ୍-୯, ଭୁବନେଶ୍ୱର
ଆବିର୍ଭାବ: ୨୧।୦୨।୧୯୩୮
ତିରୋଧାନ: ୨୧।୦୫।୨୦୨୧
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ସହୃଦୟତା ଆମ ଜୀବନର ପାଥେୟ ଓ ପ୍ରେରଣାର ଉତ୍ସ ହେଉ। ତୁମର ଅନୁପସ୍ଥିତି ଆମ ମନରେ ଓ ପରିବାରରେ ଗଭୀର ଶୂନ୍ୟତା ସୃଷ୍ଟି କରିଛି। ଆମ୍ଭେମାନେ ସମସ୍ତେ ତୁମକୁ ଝୁରୁଛୁ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୩୪୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ବିଶ୍ୱେଶ୍ୱର ମହାନ୍ତି
ଆବିର୍ଭାବ : ୧୩/୦୭/୧୯୩୭
ତିରୋଧାନ : ୨୨/୦୫/୨୦୨୧
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭର ବିନମ୍ର ପ୍ରାର୍ଥନା ।
-: ଶୋକସନ୍ତପ୍ତ :-
ଆପଣଙ୍କର ସମସ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୭୧୯୯

HAPPY 40TH MARRIAGE ANNIVERSARY



Amarendra Rath and Sabita Rath
May God always keep you happy and healthy.
-:Best Wishes From:-
Family & Friends
D-390

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀ ପାଇଁ ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ପ୍ରତିଚୀ ଡ଼ାଏରୀ ପ୍ରଡ଼କ୍ଟ ପ୍ରା.ଲି଼.
ପ୍ଲଟ୍ ନଂ-୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ।
Email : pratichidairyproducts@gmail.com
Mob : 9853003317

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9470149388
Whatsapp: 9470149608

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଲାଗିଲେ..

**ସୂ**ର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍‌ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ଦମନ ଲାଗି ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ। କଳଙ୍କି ରୋଗ ଦମନ ଲାଗି ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।



## ଫଳଚାଷ ପୂର୍ବରୁ...

**ଆମ** ରାଜ୍ୟ ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ, ନଡିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ଦୁଇ ତିନି ଓଡ଼ ଚାଷ କରିଦେବା ଉଚିତ୍। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡ଼ିଆ, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ଏକ ମିଟର ଗଭୀର ଓ ଏକ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧମିଟର ଗୋଲେଇର ଗାତ ଦରକାର। ସପୁରୀ ପାଇଁ ୩୦ ସେମି ଚଉଡା ଓ ୧୫ ସେମି ଗଭୀରର ନାଳୀ ଖୋଳାଯାଏ।



## ସୋରିଷରେ ପାଉଁଶିଆ ରୋଗ ଦମନ

**ସୋ**ରିଷ ଚାଷରେ ପାଉଁଶିଆ ରୋଗ ଦମନ ସକାଶେ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି.-୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛଦା ପୋକର ଦମନ ଲାଗି ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସୋରିଷ ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଧିକ ଅମଳକ୍ଷମ ସୋରିଷ ଚାଷ ଲାଗି ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖା ଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ।



# କୃଷିଜୀବୀ ମହିଳା ଓ ଖାଦ୍ୟ ପ୍ରକ୍ରିୟାକରଣ



ଡ. କଳ୍ପନା ରାୟଗୁରୁ

**କୃ**ଷିଭିତ୍ତିକ ଅର୍ଥନୀତିକୁ ଅନୁଶୀଳନକଲେ ଜଣାପଡ଼େ ଯେ କୃଷିକ୍ଷେତ୍ରରେ ମହିଳା ମାନଙ୍କର ପର୍ଯ୍ୟାପ୍ତ ଅବଦାନ ରହିଛି। ଅମଳ ହେଉଥିବା ପ୍ରତ୍ୟେକ ଫସଲକୁ ଖାଇବା ସ୍ତରକୁ ପହଞ୍ଚାଇବା ପାଇଁ କିଛି ପ୍ରକ୍ରିୟାକରଣ କରାଯାଇଥାଏ। ଏହି ଖାଦ୍ୟପଦାର୍ଥର ଦାମ୍ ମୂଳ ଫସଲର ଦାମ୍ ଅପେକ୍ଷା ଅଧିକ ହୋଇଥାଏ । ତେଣୁ ଗ୍ରାମାଞ୍ଚଳରେ ଅମଳ ହେଉଥିବା ନିର୍ଦ୍ଦିଷ୍ଟ ଫସଲକୁ ଅଳ୍ପ ପୁଞ୍ଜି ବିନିଯୋଗିକରି ସହଜ ଓ ସରଳ ଜ୍ଞାନକୌଶଳ ଦ୍ୱାରା ଲାଭଜନକ ବ୍ୟବସାୟ କରାଯାଇପାରିବ ଯାହା କୃଷିଜୀବୀ ମହିଳାମାନଙ୍କର ଆୟବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟକ ହୋଇପାରିବ।

**ଖାଦ୍ୟପ୍ରକ୍ରିୟାକରଣର ସୁଯୋଗ :** ଆମ ରାଜ୍ୟରେ ପ୍ରଚୁର ପରିମାଣରେ ଶସ୍ୟଜାତୀୟ, ପନିପରିବା, ଫଳ ଓ ମସଲା ଆଦି କୃଷିଜାତ ଦ୍ରବ୍ୟ ଅମଳ ହୋଇଥାଏ। କିନ୍ତୁ ଉପଯୁକ୍ତ ପ୍ରକ୍ରିୟାକରଣ ଓ ପରିଚାଳନା ଅଭାବରୁ ଶତକଡ଼ା ୧୦ ରୁ ୪୦ ଭାଗ ପର୍ଯ୍ୟନ୍ତ ଫସଲ ନଷ୍ଟ ହୋଇଥାଏ। ତେଣୁ ଅମଳ ସମୟରେ ଶସ୍ତାରେ ମିଳୁଥିବା ଫସଲରୁ ଖାଦ୍ୟ ପ୍ରକ୍ରିୟାକରଣ ଦ୍ୱାରା ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରାଯାଇପାରିବ, ଯାହା ଅନେକଦିନ ପର୍ଯ୍ୟନ୍ତ ସୁରକ୍ଷିତ ହୋଇ ରହିପାରିବ।

**ଶସ୍ୟ ଜାତୀୟ ଫସଲ :** ଆମ ରାଜ୍ୟରେ ଧାନରୁ ଚାଉଳ ପ୍ରସ୍ତୁତ କରିବା ଏକ ମୁଖ୍ୟ ପ୍ରକ୍ରିୟା। ଏଥିପାଇଁ ଆଜିକାଲି ବିଭିନ୍ନ କ୍ଷମତା ବିଶିଷ୍ଟ ଆଧୁନିକ ଧାନକଳ ମିଳୁଛି ଯାହାକୁ ବ୍ୟବସାୟିକ ଭିତ୍ତିରେ ବ୍ୟବହାର କରାଯାଇପାରିବ। ସେହିପରି ଆମର ବିଭିନ୍ନ ଡାଲିଜାତୀୟ ଫସଲ ଯଥା: ମୁଗ, ବିରି, ହରଡ଼, ମଟର, କୋଳଥ ଆଦିର ଚୋପା ଛଡ଼େଇ ସେଥିରୁ ଫାଳ ପ୍ରସ୍ତୁତି ପାଇଁ ବିଭିନ୍ନ ଡାଲିକଳ ମିଳୁଛି ଯାହାକି କୃଷିଜୀବୀ ମହିଳା ବ୍ୟବସାୟିକ ସ୍ତରରେ ବ୍ୟବହାର କରିପାରିବେ। ଏସବୁ ଛଡ଼ା ଧାନକଳ ଓ ଡାଲିକଳରୁ ବାହାରୁଥିବା ଭଙ୍ଗା ଚାଉଳ ଓ ଗୁଣ୍ଡ ଡାଲି ଇତ୍ୟାଦିର ଉପଯୋଗରେ ଆଧୁନିକ ଯୁଗର ଚାହିଦା ମୁତାବକ ବିଭିନ୍ନ ପ୍ରକାର ଜଳଖିଆ, ସ୍ନାକ୍ସ, ନୁଡୁଲ୍ସ, ପାସ୍ତା ଇତ୍ୟାଦି ପ୍ରସ୍ତୁତ କରାଯାଇପାରିବ। ଏହା ଏକ ଲାଭଜନକ ପଦ୍ଧତି କାରଣ ଏହି କଞ୍ଚାମାଲଗୁଡ଼ିକ ଗୋଖାଦ୍ୟ ଭାବରେ ବ୍ୟବହୃତ ହୁଏ ଏବଂ ଶସ୍ତା ଦରରେ ମିଳିଥାଏ। ଧାନ ଓ ଡାଲି ଜାତୀୟ ଫସଲ ଛଡ଼ା ଆମ ରାଜ୍ୟରେ ଚାଷ ହେଉଥିବା ଅନ୍ୟାନ୍ୟ କ୍ଷୁଦ୍ର ଶସ୍ୟ ଯଥା ମାଣ୍ଡିଆ ଚାଷ ଆଦୌ ଖର୍ଚ୍ଚ ସାପେକ୍ଷ ନୁହେଁ। ଏଥିରେ ଥିବା ପୋଷକ ତତ୍ତ୍ୱ ଉଚ୍ଚକୋଟୀର ହେଲେ ମଧ୍ୟ ଏହି କ୍ଷୁଦ୍ର ଶସ୍ୟର ପ୍ରକ୍ରିୟାକରଣ ଅପେକ୍ଷାକୃତ କଷ୍ଟକର ହୋଇଥିବାରୁ ଏହାର ଚାଷ ପାଇଁ ଅନାଗ୍ରହ ପରିଲକ୍ଷିତ ହେଉଛି। କିନ୍ତୁ ଖୁସିର କଥା, ଆଜିର ଦିନରେ କମ୍ କ୍ଷମତା ବିଶିଷ୍ଟ କିଛି ଯନ୍ତ୍ର ଉପଲବ୍ଧ ହେଉଛି, ଯେଉଁଥିରେ କେଣ୍ଡାରୁ ଶସ୍ୟ ଓ ଶସ୍ୟର ଉପର ପତଳା ଚୋପାକୁ ବାହାର କରାଯାଇପାରିବ। ଏହାବ୍ୟତୀତ ଅତି ସହଜ ବୈଷୟିକ ପଦ୍ଧତି ଅବଲମ୍ବନ କରି କିଛି ମୂଲ୍ୟବର୍ଦ୍ଧକ ପଦାର୍ଥ ଯଥା: ଶିଶୁଖାଦ୍ୟ ବା ମାଲ୍‌ଟ, କେକ୍, ମୁଡ୍‌କି, କୁକିସ୍ ଓ ନୁଡୁଲ୍ସ ତିଆରି ହେଉଛି, ଯାହା ସୁସ୍ୱାଦୁ ହେବା ସଙ୍ଗେ ସଙ୍ଗେ ଅଧିକ ଦିନ ସଂରକ୍ଷିତ ହୋଇ ରହିପାରୁଛି। ତେଣୁ ଏସବୁକୁ ଆକର୍ଷଣୀୟ ପ୍ୟାକେଟରେ ପ୍ୟାକିଂ କରି ବିକ୍ରି କରି କୃଷିଜୀବୀ ମହିଳା ଲାଭଜନକ ବ୍ୟବସାୟ କରିବା ସହ ଖାଉଟି ସ୍ୱାସ୍ଥ୍ୟ ପାଇଁ ହିତକର ଖାଦ୍ୟପଦାର୍ଥ ଯୋଗେଇ ଦେଇପାରିବେ।



"ଅମଳ ହେଉଥିବା ପ୍ରତ୍ୟେକ ଫସଲକୁ ଖାଇବା ସ୍ତରକୁ ପହଞ୍ଚାଇବା ପାଇଁ କିଛି ପ୍ରକ୍ରିୟାକରଣ କରାଯାଇଥାଏ। ଏହି ଖାଦ୍ୟପଦାର୍ଥର ଦାମ୍ ମୂଳ ଫସଲର ଦାମ୍ ଅପେକ୍ଷା ଅଧିକ ହୋଇଥାଏ । ତେଣୁ ଗ୍ରାମାଞ୍ଚଳରେ ଅମଳ ହେଉଥିବା ନିର୍ଦ୍ଦିଷ୍ଟ ଫସଲକୁ ଅଳ୍ପ ପୁଞ୍ଜି ବିନିଯୋଗିକରି ସହଜ ଓ ସରଳ ଜ୍ଞାନକୌଶଳ ଦ୍ୱାରା ଲାଭଜନକ ବ୍ୟବସାୟ କରାଯାଇପାରିବ ଯାହା କୃଷିଜୀବୀ ମହିଳାମାନଙ୍କର ଆୟବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟକ ହୋଇପାରିବ।"





**ପନିପରିବା ଜାତୀୟ ଫସଲ:** ପନିପରିବାର ଜଳୀୟ ଅଂଶ ଅଧିକ ଥିବାରୁ ଏହାର ସଂରକ୍ଷଣ କ୍ଷମତା ଅତି କମ୍ । ତେଣୁ ପ୍ରକ୍ରିୟାକରଣ ଦ୍ୱାରା ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦ ପ୍ରସ୍ତୁତ କରି ସାଇତି କରି ରଖିବା ଉଚିତ ଯାହାକି ବର୍ଷତମାମ ବ୍ୟବହୃତ ହୋଇପାରିବ। କୃଷିଜୀବୀ ମହିଳାମାନେ କୁଟୀରଶିଳ୍ପ ସ୍ତରରେ ଟମାଟୋ ପ୍ୟୁରି, ସସ୍, ଆଚାର, କଦଳୀ ଓ ଆଳୁଚିପ୍ସ ଓ ଅନ୍ୟାନ୍ୟ ପନିପରିବା ଆଚାର ଇତ୍ୟାଦି ପ୍ରସ୍ତୁତ କରିପାରିବେ। ଏସବୁ ଛଡ଼ା ପନିପରିବାକୁ ବିଜ୍ଞାନ ସମ୍ମତ ପଦ୍ଧତିରେ ଶୁଖାଇ ଉପଯୁକ୍ତ ପ୍ୟାକିଂ ଏବଂ ବିକ୍ରୟ ବ୍ୟବସ୍ଥା ଦ୍ୱାରା ବର୍ଷର ଯେକୌଣସି ସମୟରେ ସହରରେ ଅଧିକ ଦାମ୍‌ରେ ବିକ୍ରି କରାଯାଇପାରିବ । ବିଭିନ୍ନ ପନିପରିବା ଯଥା ଫୁଲକୋବି, ବନ୍ଧାକୋବି, ଗାଜର, କଲରା, ଭେଣ୍ଡି ଓ ଛତୁ ଇତ୍ୟାଦିକୁ ପ୍ରାଥମିକ ସ୍ତରର ପ୍ରକ୍ରିୟାକରଣ ପରେ ନିର୍ଦ୍ଦିଷ୍ଟ ଭାବରେ କାଟି ଖଣ୍ଡ କରି ବିଦ୍ୟୁତ୍ ଓ ସୌରଚାଳିତ ଯନ୍ତ୍ରରେ ଶୁଖାଯାଇପାରିବ। ବିଶେଷକରି ଛତୁ, ଲଙ୍କା ଓ କଖାରୁ ଇତ୍ୟାଦିକୁ ଫ୍ଲେକ୍ସ କିମ୍ବା ଗୁଣ୍ଡକରି ମଧ୍ୟ ସାଇତି କରି ରଖାଯାଇପାରିବ।

**ଫଳଜାତୀୟ ଫସଲ:** ପନିପରିବା ଭଳି ବିଭିନ୍ନ ଫଳ ଯଥା: ଆମ୍ବ, ଲେମ୍ବୁ, କମଳା, କଦଳୀ, ପଣସ, ଅଁଳା ଓ ଅମୃତଭଣ୍ଡା ଆଦି ଶୀଘ୍ର ନଷ୍ଟ ହୋଇଯାଉଥିବାରୁ ଏଥିରୁ ରସ ବାହାରକରି ବିଭିନ୍ନ ମୂଲ୍ୟବର୍ଦ୍ଧକ ଉତ୍ପାଦ ଯଥା: ମୃଦୁପାନୀୟ, ସ୍ନାକ୍ସ, ଜେଲି, ଜାମ୍, ମାରମାଲେଡ୍ ଆଦି ପ୍ରସ୍ତୁତ ହୋଇପାରିବ । ସେହିଭଳି ଆମ୍ବ ଓ ପଣସ ଆଦି ରସରୁ ଶଢ଼ା ପ୍ରସ୍ତୁତ ହୋଇପାରିବ। କଞ୍ଚାଆମ୍ବ ଶୁଖେଇ ଗୁଣ୍ଡକରି ଆମଚୁର ପାଉଡର ପ୍ରସ୍ତୁତ କରାଯାଇପାରିବ। ସପୁରି ଭଳି କିଛି ନିର୍ଦ୍ଦିଷ୍ଟ ଫଳକୁ ଚିନି ଶିରାରେ ବୁଡ଼ାଇ ଶୁଖାଯାଇ ଅନେକଦିନ ପର୍ଯ୍ୟନ୍ତ ସାଇତିକରି ରଖାଯାଇପାରିବ। ଏସବୁ ଜିନିଷର ଚାହିଦା ସହରାଞ୍ଚଳରେ ଅଧିକ ଥିବାରୁ ଏହା କୃଷିଜୀବୀ ମହିଳାଙ୍କ ପାଇଁ ଏକ ରୋଜଗାରର ମାଧ୍ୟମ ହୋଇପାରିବ।

ଆମ ରାଜ୍ୟରେ ଅଣପାରମ୍ପରିକ ପଦ୍ଧତିରେ ଉତ୍ପାଦିତ ହେଉଥିବା ଅନେକ ଫଳ ଯଥା: ବେଲ, ଲଙ୍କାଆମ୍ବ, ଓଉ, କରମଙ୍ଗା ଓ ମହୁଲ ଇତ୍ୟାଦି ଘର ବଗିଚାରେ ବାଟଘାଟ ଓ ଜଙ୍ଗଲରେ ପ୍ରଚୁର ପରିମାଣରେ ଫଳିଥାଏ । ଏସବୁରେ କିଛି ଭଲ ନ ଲାଗିବା ପରି ଉପାଦାନ ରହିଥିବାରୁ ଲୋକଙ୍କର ପସନ୍ଦଯୋଗ୍ୟ ହୋଇ ନ ଥାଏ । ତେଣୁ ଏହାର ଉପଯୁକ୍ତ ବ୍ୟବହାର ହୋଇ ନ ପାରି ନଷ୍ଟ ହୋଇଯାଏ । ଏହାଦ୍ୱାରା ଯଥେଷ୍ଟ ପରିମାଣରେ ପରିବେଶ ପ୍ରଦୂଷଣ ମଧ୍ୟ ହୋଇଥାଏ। ପରୀକ୍ଷାକରି ଦେଖାଯାଇଛି, ଏସବୁରେ ଅନେକ ରୋଗ ପ୍ରତିରୋଧକ ଓ ଶରୀର ହିତକାରୀ ଉପାଦାନ ରହିଛି । ତେଣୁ ଗବେଷଣା ଦ୍ୱାରା ଏସବୁ ଫଳରୁ ଅନାବଶ୍ୟକ ଉପାଦାନଟିକୁ ବାହାର କରିବା ପରେ ସେହି ଫଳରସରୁ ଅନେକ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରାଯାଇପାରୁଛି । ଫଳଗୁଡ଼ିକ ଅତି ଶସ୍ତାରେ, ଏପରିକି ଅନେକ ସମୟରେ ମାଗଣାରେ ମିଳୁଥିବାରୁ ଏସବୁରୁ ଲାଭଜନକ କୃଷି ଶିଳ୍ପ ପ୍ରତିଷ୍ଠା ହୋଇପାରିବ ।

**ମସଲାଜାତୀୟ ଫସଲ:** ମସଲାଜାତୀୟ କୃଷିଜାତ ଦ୍ରବ୍ୟ ଯଥା ହଳଦୀ, ସୋରିଷ, ଧନିଆ, ଗୋଲମରିଚ ଇତ୍ୟାଦି ଗୋଟା ମସଲା ଭାବରେ ବିକ୍ରି ହୁଏ । ଏସବୁକୁ ସଫାକରି ଆବଶ୍ୟକସ୍ଥଳେ ଧୋଇ, ଖରା କିମ୍ବା ଶୁଖାଇବା ଯନ୍ତ୍ରରେ ଶୁଖାଇ ଦିଆଯାଏ। ତା'ପରେ ମସଲାକୁ ଆକାର ଅନୁସାରେ ବର୍ଗୀକରଣ କରି ପ୍ୟାକିଂ କରାଯାଏ। ଗୁଣ୍ଡ ମସଲା ପାଇଁ ତାକୁ ଗୁଣ୍ଡକରି ଟିକିଏ ଥଣ୍ଡା ହେବାପରେ ପ୍ୟାକିଂ କରାଯାଏ। ଗୁଣ୍ଡ ମସଲା ସାଧାରଣତଃ ବାୟୁରୁ ଜଳୀୟ ଅଂଶ ଶୋଷିଦେଇଥାଏ ଓ ଶୀଘ୍ର ନଷ୍ଟ ହୋଇଯାଏ। ସେଥିପାଇଁ ମସଲାର ସୁଗନ୍ଧକୁ ସୁରକ୍ଷିତ ରଖିବା ଲାଗି ସ୍ୱତନ୍ତ୍ର ପ୍ୟାକିଂ ପଦ୍ଧତି ଅନୁସରଣ କରିବାକୁ ପଡ଼େ । ନିର୍ଦ୍ଦିଷ୍ଟ ମସଲାର ଆବଶ୍ୟକତା ଅନୁସାରେ ଚାପରହିତ, ଲାମିନେଟେଡ୍ ଓ ବହୁସ୍ତର ବିଶିଷ୍ଟ ପଲିପ୍ୟାକ ବ୍ୟବହୃତ ହେବା ଦ୍ୱାରା ମସଲାରେ ଥିବା ସୁଗନ୍ଧ ନଷ୍ଟ ହୋଇଯାଏ ନାହିଁ । ଅଧିକ ଜଳୀୟ ଅଂଶ ରହୁଥିବା ମସଲା ଯଥା: ଅଦା, ରସୁଣ, ପିଆଜ ଆଦିକୁ ଛୋଟ ଛୋଟ ଖଣ୍ଡ କରି କାଟି, ଶୁଖାଇ ଗୁଣ୍ଡକରି ପ୍ୟାକିଂ କରାଯାଏ। ଅଦାରସ ଓ ତେନ୍ତୁଳିରସ ସହିତ ଫଳରସ ବ୍ୟବହାରକରି ଅନେକ ପ୍ରକାର ମିଶ୍ରିତ ପାନୀୟ ପ୍ରସ୍ତୁତ କରାଯାଇପାରେ। (କ୍ରମଶଃ..)

-ପ୍ରଫେସର,ସିଏଇଟି, ଓୟୁଏଟି
ମୋ : ୭୭୩୫୧୮୭୫୭୮

## ଚାଷୀଙ୍କ ପାଇଁ



- ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।
- ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।
- ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ ।

## ଖରିଫ ଫସଲ ସମ୍ପର୍କରେ..

**ବ**ର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡ଼ିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତ ମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ। ଘରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା- ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ।



## ଜାଣିରଖନ୍ତୁ

- ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ। ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୨ ମି.ଲି. କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ପ୍ରୟୋଗ କରନ୍ତୁ। ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।
- ମକା ବିହନ ବୁଣିବା ପୂର୍ବରୁ ଜମି ପ୍ରସ୍ତୁତ କରି ହେକ୍ଟର ପ୍ରତି ୨୦ କି.ଗ୍ରା. ବିହନ ବିଶୋଧନ କରି ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ବୁଣିଲାବେଳେ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ ।



## ଅଣଧାନ ଫସଲ ଚାଷ କରୁଥିଲେ...

**ଧାନ** ବଦଳରେ ଅଣଧାନ ଫସଲ ଯଥା: ମକା,ବରଗୁଡି,ହରଡ଼,ବିରି,ମାଣ୍ଡିଆ,ଚିନା ବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣି ସଞ୍ଚୟ କରି ରଖନ୍ତୁ। ଗଡାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃ ଫସଲ ଚାଷ କରନ୍ତୁ। ଢ଼ିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହିପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।





ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ମେ ୧୧/୨୦୨୨ Bhubaneswar, Wednesday, May 11/ 2022


## ସଂକ୍ଷେପରେ

### ଏସିଆ କପ୍ ଆର୍ଚେରି: ଭାରତକୁ ୩ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ

**ସୁଲେମାନିୟା (ଇରାକ୍), ୧୦।୫ (ପି.ଟି.):** ଭାରତୀୟ ତୀରନ୍ଦାଜମାନେ ଏଠାରେ ଚାଲିଥିବା ଏସିଆ କପ୍ ଲେଗ୍-୨ରେ ୩ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ସହ ସେମାନଙ୍କ ଖାତା ଖୋଲିଛନ୍ତି। ପ୍ରଣୀତ କୌର, ଅଦିତି ସ୍ୱାମୀ ଓ ଶଶି ଚୌଧାରୀଙ୍କୁ ନେଇ ମହିଳା ଦଳ ଜାଜାଖସ୍ତାନକୁ ୨୦୪-୨୦୧ରେ ପରାସ୍ତ କରି ଭାରତ ପାଇଁ ମହାଦେଶୀୟ ଚାମ୍ପିୟନଶିପ୍‌ରେ ପ୍ରଥମ ସ୍ୱର୍ଣ୍ଣ ପଦକ ଆଣି ଦେଇଥିଲେ। ପ୍ରଥମେଶ ଫୁଗେ, ରିଷଭ ଯାଦବ ଓ ଜାକର ସମାଧାନଙ୍କୁ ନେଇ ପୁରୁଷ ଦଳ ଫାଇନାଲରେ ବାଂଲାଦେଶକୁ ୨୨୪-୨୮୧ରେ ପରାସ୍ତ କରିବା ଦ୍ୱାରା ଭାରତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ପାଇଥିଲା।ସମାଧାନ ଏକ ସଂଘର୍ଷପୂର୍ଣ୍ଣ ବ୍ରୋଞ୍ଜ ପ୍ଲେ-ଅଫ୍‌ରେ କାଜାଖସ୍ତାନର ସର୍ଗେ ଖ୍ରିଷ୍ଟିଚ୍‌ଙ୍କୁ ୧୪୭-୧୪୫ରେ ହରାଇ ତାଙ୍କ ଦ୍ୱିତୀୟ ପଦକ ହାସଲ କରିଥିଲେ। ସମାଧାନଙ୍କ ବ୍ରୋଞ୍ଜ ପଦକ ଯୋଗୁ ଭାରତ ବ୍ୟକ୍ତିଗତ ପୁରୁଷ କମ୍ପାଉଣ୍ଡ ବିଭାଗରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। କାରଣ ଏହି ବିଭାଗର ସ୍ୱର୍ଣ୍ଣ ପଦକ ମୁକାବିଲା ବୁଧବାର ଦୁଇ ଭାରତୀୟ ପ୍ରଥମେଶ ଫୁଗେ ଓ ରିଷଭ ଯାଦବଙ୍କ ମଧ୍ୟରେ ହେବ। ଭାରତକୁ ଏହାର ତୃତୀୟ ସ୍ୱର୍ଣ୍ଣ କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ମିଳିଛି।

### ଗ୍ରାହମ ଥର୍ପେ ହସ୍ପିଟାଲରେ



**ଲଣ୍ଡନ, ୧୦।୫ (ଏପି):** ଇଂଲଣ୍ଡର ପୂର୍ବତନ ବ୍ୟାଟର ଓ କୋଚ୍ ଗ୍ରାହମ ଥର୍ପେ ଗୁରୁତର ଭାବେ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଦେଶର ପ୍ରଫେସନାଲ କ୍ରିକେଟର୍ସ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଏ ବିଷୟରେ ସୂଚନା ଦିଆଯାଇଛି। ଜାନୁୟାରୀରେ ଆଶେଷ ସିରିଜ ପରେ ୫୨ ବର୍ଷୀୟ ଥର୍ପେ ଇଂଲଣ୍ଡ କୋଚିଂ ଷ୍ଟାଫ୍‌ରୁ ଅବ୍ୟାହତି ନେବା ପରେ ଆଫଗାନିସ୍ତାନର ମୁଖ୍ୟ କୋଚ ହୋଇଥିଲେ। ତାଙ୍କ ଅସୁସ୍ଥତାର କାରଣ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ଥର୍ପେ ୨୦୦୫ରେ ଅବସର ନେବା ପୂର୍ବରୁ ଇଂଲଣ୍ଡ ପାଇଁ ୧୦୦ ଟେଷ୍ଟ ମ୍ୟାଚ ଖେଳି ୧୬ ଶତକ ହାସଲ କରିଥିଲେ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡରେ ଜଣେ ବ୍ୟାଟିଂ କୋଚ ଭାବେ ଯୋଗଦେବା ପୂର୍ବରୁ ସେ ଅଷ୍ଟ୍ରେଲିଆରେ ତାଙ୍କ କୋଚିଂ କ୍ୟାରିୟର ଆରମ୍ଭ କରିଥିଲେ। ଟ୍ରେଭର ବେଲିସ ଓ କ୍ରିସ୍ ସିଲ୍‌ଭରଉଡ୍‌ଙ୍କ ଅଧୀନରେ ସେ ପୁରୁଷ ଦଳର ସହକାରୀ କୋଚ୍ ଭାବେ କାର୍ଯ୍ୟ କରୁଥିଲେ।

### କ୍ୱାର୍ଟର ଫାଇନାଲରେ ଭାରତୀୟ ମହିଳା ଦଳ

**ମୁମ୍ବାଇ,୧୦।୫:** ଚଳିତ ଉବର କପ୍ ଟୁର୍ନାମେଣ୍ଟରେ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଦଳ ତା'ର ବିଜୟ ଅଭିଯାନ ଜାରି ରଖିଛି। ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍ ଡି' ମୁକାବିଲାରେ ଭାରତ ୪-୧ରେ ଆମେରିକାକୁ ହରାଇ ଦେଇଛି। ଏଥିଯୋଗୁ ଦଳ ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ପୂର୍ବରୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ସମାନ ବ୍ୟବଧାନରେ କାନାଡାକୁ ହରାଇଥିଲା। ଦୁଇ ଥର ଅଲିମ୍ପିକ୍ ପଦକଧାରୀ ପି ଭି ସିନ୍ଧୁ ପୁଣି ଥରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ସେ ପ୍ରଥମେ ୨୧-୧୦, ୨୧-୧୧ ଗେମ୍‌ରେ ଜାନି ଗାଇଙ୍କୁ ପରାସ୍ତ କରି ଭାରତକୁ ୧-୦ରେ ଅଗ୍ରଣୀ ଆଣି ଦେଇଥିଲେ। ଡବଲ୍ସରେ ତନିଶା କ୍ରାଷ୍ଟୋ ଓ ତ୍ରିଶା ଜଲି ୨୧-୧୯, ୨୧-୧୧ ଗେମ୍‌ରେ ଫ୍ରାନ୍ସିସ୍କା କର୍ବେଟ୍ ଓ ଅଲିସନ ଲିଙ୍କୁ ହରାଇ ଦେଇଥିଲେ। ଦ୍ୱିତୀୟ ସିଙ୍ଗଲ୍ସ ମ୍ୟାଚ୍‌ରେ ଆକାଶି କଶ୍ୟପ ୨୧-୧୮, ୨୧-୧୧ ଗେମ୍‌ରେ ଏସ୍ଥର ଶିଙ୍କୁ ହରାଇ ଭାରତୀୟ ଦଳର ବିଜୟ ସୁନିଶ୍ଚିତ କରିଥିଲେ। ଯୁବା ଡବଲ୍ସ ଯୋଡ଼ି ସିମରନ ସିଙ୍ଘି ଓ ରିତିକା ଠାକର ୧୨-୨୧, ୨୧-୧୭, ୧୩-୨୧ ଗେମ୍‌ରେ ଲରେନ ଲାମ ଓ କୋଡି ଟାଙ୍ଗ ଲିଙ୍କଠାରୁ ପରାସ୍ତ ହୋଇଥିଲେ। ଅନ୍ତିମ ମ୍ୟାଚ୍‌ରେ ଅଶମିତା ଚାଲିହା ୨୧-୧୮, ୨୧-୧୩ ଗେମ୍‌ରେ ନାଟାଲିଆ ଚିଙ୍କୁ ହରାଇ ଦେବାରୁ ଭାରତ ୪-୧ରେ ମୁକାବିଲାକୁ ଜିତି ନେଇଥିଲା।

# ପ୍ଲେ-ଅଫ୍‌ରେ ଗୁଜରାଟ ଟାଇଟାନ୍ସ



ପ୍ଲେୟର ଅଫ୍ ଦି ମ୍ୟାଚ୍ ଶୁବମନ ଗିଲ।

**ପୁଣେ,୧୦।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ୬୨ ରନରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସକୁ ପରାସ୍ତ କରିଛି। ଏଥିସହ ୧୨ ମ୍ୟାଚରୁ ୧୮ ପଏଣ୍ଟ ସହ ପ୍ରଥମ ଦଳଭାବେ ଗୁଜରାଟ ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ଗୁଜରାଟ ୨୦ ଓଭରରେ ୪ ଉଇକେଟରେ ୧୪୪ ରନ୍ କରିଥିଲା। ଜବାବରେ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଲକ୍ଷ୍ନୌ ୧୩.୫ ଓଭରରେ ମାତ୍ର ୮୨ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦୀପକ ହୁଡା ସର୍ବାଧିକ ୨୭ ରନ କରିଥିବାବେଳେ ୮ ଜଣ ବ୍ୟାଟର ଦୁଇଅଙ୍କ ସ୍ପର୍ଶକରିପାରି ନ ଥିଲେ। ଗୁଜରାଟ ବୋଲର ରଶିଦ ଖାଁ ସର୍ବାଧିକ ୪ଟି ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଗୁଜରାଟ ଟାଇଟାନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ମାତ୍ର ଋଦ୍ଧିମାନ ଶାହା (୫), ମାଥ୍ୟୁ ୱେଡ୍ (୧୦) ଓ ନିଜେ ହାର୍ଦ୍ଦିକ (୧୧) ଫେଲ ମାରିବାରୁ ଦଳ ୯.୧ ଓଭରରେ ୫୧ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସ୍ଥିତିରେ ଶୁଭମନ ଗିଲଙ୍କ ସହ ଡେଭିଡ୍ ମିଲର ମିଶି ଚତୁର୍ଥ ଉଇକେଟ ପାଇଁ ୪୧ ବଲରେ ୫୨ ରନ୍ ଯୋଡ଼ିଥିଲେ। ମିଲର ୨୬ ରନ୍ କରି ଆଉଟ ହୋଇଥିବାବେଳେ ଗିଲ ଓ ରାହୁଲ ଟେୱାଟିଆ ଅନ୍ତିମ ୪ ଓଭରରେ ୪୧ ରନ୍ ଯୋଡ଼ି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇ ଥିଲେ। ଗିଲ ୪୯ ବଲ୍‌ରୁ ୬୩ (୭ ଚୌକା) ରନକରି ଅପରାଜିତ ରହିଥିଲେ। ଲକ୍ଷ୍ନୌ ପକ୍ଷରୁ ଆଭେଶ ଖାଁ ୨ଟି ଏବଂ ମୋହସିନ ଖାଁ ଓ ଜାସନ ହୋଲ୍ଡର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୧୪୪/୪(ଶୁବମନ ଗିଲ-୬୩*, ଡେଭିଡ୍ ମିଲର-୨୬, ରାହୁଲ ଟେୱାଟିଆ-୨୨, ଅଭେଶ ଖାଁ-୨/୨୬, ମହସିନ ଖାଁ-୧/୧୮, ଜାସନ ହୋଲ୍ଡର- ୧/୪୧)। ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୧୩.୫ ଓଭରରେ ୮୨/ଅଲ୍‌ଆଉଟ (ଦୀପକ ହୁଡା-୨୭, ରଶିଦ ଖାଁ-୪/୨୪, ୟାଶ୍ ଦୟାଲ-୨/୨୪, ଆର. ସାଇ କିଶୋର-୨/୭, ମହମ୍ମଦ ଶାମି-୧/୫)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୨ | ୯ | ୩ | ୧୮ | +୦.୩୭୬ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୨ | ୮ | ୪ | ୧୬ | +୦.୩୮୫ |
| ରାଜସ୍ଥାନ ରୟାଲ୍ସ | ୧୧ | ୭ | ୪ | ୧୪ | +୦.୩୨୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୭ | ୫ | ୧୪ | -୦.୧୧୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୫ | ୬ | ୧୦ | +୦.୧୫୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୫ | ୬ | ୧୦ | -୦.୦୩୧ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | -୦.୦୫୭ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୨୩୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୪ | ୭ | ୮ | +୦.୦୨୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୨ | ୯ | ୪ | -୦.୮୯୪ |

# ଓଡ଼ିଶା ୧୧-୦ରେ କେରଳକୁ ହରାଇଲା



ଓଡ଼ିଶା ସିନିୟର ମହିଳା ହକି ଦଳ।

**ଭୁବନେଶ୍ୱର, ୧୦।୫ (କ୍ରୀଡ଼ା ପ୍ରତିନିଧି)**

**ଜାତୀୟ ସିନିୟର ମହିଳା ହକି**

**■ ପୁନମ ବାର୍ଲା, ରୋଜିତା କୁଜୁର, ଦୀପ୍ତି ଲାକ୍ରା, ଜାହ୍ନବୀ ପ୍ରଧାନଙ୍କ ଡବଲ ଗୋଲ**

ଭୋପାଳରେ ଚାଲିଥିବା ଜାତୀୟ ସିନିୟର ମହିଳା ହକିରେ ଓଡ଼ିଶା ମଙ୍ଗଳବାର ୧୧-୦ ଗୋଲରେ କେରଳକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଏହା ହେଉଛି ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ। ନିଜର ପ୍ରଥମ ମ୍ୟାଚରେ ଦଳ ୧୪-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଥିଲା। ୨ ବିଜୟ ସହ ଓଡ଼ିଶା ପୁଲ୍ 'ଏଚ୍'ରେ ୬ ପଏଣ୍ଟ ସହିତ ନିଜ ଶୀର୍ଷସ୍ଥାନକୁ ସୁଦୃଢ଼ କରିଛି। ଦଳ ୨୫ଟି ଗୋଲ ଦେଇ ସାରିଥିଲେ ହେଁ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ବରଣ କରିନାହିଁ। ଏହି ଗ୍ରୁପ୍‌ର ଅନ୍ୟତମ ଦଳ ହିମାଚଳ ପ୍ରଦେଶ ମଧ୍ୟ ୨ ମ୍ୟାଚରୁ ୬ ପଏଣ୍ଟ ପାଇଛି। ତେବେ ଗୋଲ ବ୍ୟବଧାନରେ ଏହି ଦଳ ବହୁ ପଛରେ ରହିଛି। ଓଡ଼ିଶା ଓ ହିମାଚଳ ମଧ୍ୟରେ ଗ୍ରୁପ୍ ମ୍ୟାଚ ୧୩ ତାରିଖରେ ଅନୁଷ୍ଠିତ ହେବ।

ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚରେ ଓଡ଼ିଶା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ପୁନମ ବାର୍ଲା (୧୦, ୩୪), ରୋଜିତା କୁଜୁର (୨୦, ୫୩), ଦୀପ୍ତି ଲାକ୍ରା (୨୧, ୪୨) ଓ ଜାହ୍ନବୀ ପ୍ରଧାନ (୫୨, ୫୬ ମିନିଟ) ୨ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେହା ଲାକ୍ରା ୩୬, ସୁନୀତା ଲାକ୍ରା ୪୦ ଓ ବିମଳା ବାରୱା ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଗ୍ରୁପ୍ 'ଏଚ୍'ର ଅନ୍ୟ ଏକ ମ୍ୟାଚରେ ହିମାଚଳ ୮-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ନରିନ୍ଦର କୌର ୧୬, ୨୭ ଓ ୪୨ତମ ମିନିଟରେ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ରିତୁ ରାଣୀ ୧୦ ଓ ୪୩, ମହିମା ଚୌହାନ ୪୬ ଓ ୪୯ ଦୁଇଟି ଲେଖାଏ ଏବଂ ହରଦୀପ କୌର ୧୪ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ପୁଲ୍ 'ଇ'ର ଏକ ମ୍ୟାଚରେ ଝାଡ଼ଖଣ୍ଡ ୧୦-୦ ଗୋଲରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ଏହି ପୁଲ୍‌ରେ ଝାଡ଼ଖଣ୍ଡ ୨ ମ୍ୟାଚରୁ ୬ ପଏଣ୍ଟ ସହିତ ଟେବୁଲରେ ପ୍ରଥମସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ୧୪ରେ, ସେମିଫାଇନାଲ ୧୬ରେ ଏବଂ ଫାଇନାଲ ୧୭ ତାରିଖରେ ଅନୁଷ୍ଠିତ ହେବ।

# ଐଶ୍ୱର୍ଯ୍ୟାଙ୍କୁ ଖୋଜୁଛନ୍ତି ଡୋପ୍ ଟେଷ୍ଟର

**ନୂଆଦିଲ୍ଲୀ, ୧୦।୫ (ପି.ଟି.)**

ଡୋପ୍ ଟେଷ୍ଟରମାନେ ମହାରାଷ୍ଟ୍ର କ୍ୱାର୍ଟରମାଇଲର ଐଶ୍ୱର୍ଯ୍ୟା ମିଶ୍ରାଙ୍କ ସନ୍ଧାନରେ ଅଛନ୍ତି। ଏହି ଆଥ୍‌ଲେଟ ଗତ ମାସରେ ଫେଡେରେଶନ କପ୍ ନ୍ୟାଶନାଲ ଚାମ୍ପିୟନଶିପ୍ ଜିତିବା ପରେ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି। କର୍ତ୍ତୃପକ୍ଷଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇଛି। ଐଶ୍ୱର୍ଯ୍ୟା ଏପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ ପଦକ ହାସଲ କରିପାରି ନାହାନ୍ତି। କିନ୍ତୁ କୋଝିକୋଡ୍‌ଠାରେ ଅନୁଷ୍ଠିତ ଫେଡେରେଶନ କପ୍ (ଏପ୍ରିଲ ୨ରୁ ୬) ମହିଳା ୪୦୦ ମିଟର ଇଭେଣ୍ଟ ୫୧.୧୮ ସେକେଣ୍ଡ ଟାଇମିଂରେ ଜିତିଛନ୍ତି। ଏହାଦ୍ୱାରା ସେ ଭାରତର ତୃତୀୟ ଦ୍ରୁତତମ କ୍ୱାର୍ଟରମାଇଲର ବିବେଚିତ ହୋଇଛନ୍ତି। ପ୍ରଭାବୀ ପ୍ରଦର୍ଶନ ଯୋଗୁ ଐଶ୍ୱର୍ଯ୍ୟା ଜୁଲାଇରେ ଯୁକ୍ତରାଷ୍ଟ୍ର ଆମେରିକାରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। କେବଳ ହିମା ଦାସ (୫୦.୭୯ ସେକେଣ୍ଡ, ଜାତୀୟ ରେକର୍ଡ) ଓ ମନଜିତ୍ କୌର (୫୧.୦୫) ତାଙ୍କଠାରୁ ଦ୍ରୁତତର ଅଛନ୍ତି। ପ୍ରତିଯୋଗିତା ପରେ ସାମ୍ପଲ ସଂଗ୍ରହ ପାଇଁ ବିଶ୍ୱ ଆଥଲେଟିକ୍ସ ଦ୍ୱାରା ପ୍ରତିଷ୍ଠିତ ସ୍ୱାଧୀନ ସଂସ୍ଥା ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ(ଏଆଇୟୁ) ଏବଂ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ଐଶ୍ୱର୍ଯ୍ୟାଙ୍କୁ ଖୋଜୁଛି। ହେଲେ ତାଙ୍କର ଖୋଜଖବର ମିଳୁନାହିଁ। ଫେଡେରେଶନ କପ୍‌ରେ ପ୍ରଭାବୀ ଟାଇମିଂ ଯୋଗୁ ତାଙ୍କୁ ଭାରତୀୟ କ୍ୱାର୍ଟରମାଇଲର ଦଳରେ ସାମିଲ କରାଯାଇଛି, ଯେଉଁମାନେ କି ରାଜ୍ୟଗୋଷ୍ଠୀ କ୍ରୀଡ଼ା ସମେତ ଆଗାମୀ ପ୍ରମୁଖ ଇଭେଣ୍ଟଗୁଡ଼ିକ ଲାଗି ତୁର୍କୀରେ ଟ୍ରେନିଂ ନେବେ। ମାତ୍ର ସେ ଗସ୍ତରେ ସାମିଲ ହେବା ଲାଗି ଆସିନାହାନ୍ତି। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ରେ ପଞ୍ଜୀକୃତ ହୋଇଥିବା ଐଶ୍ୱର୍ଯ୍ୟାଙ୍କ ଫୋନ୍‌କୁ ରିଙ୍ଗ୍ କଲେ 'ରଙ୍ଗ୍ ନମ୍ବର' ବୋଲି ମେସେଜ ଆସୁଛି। ଏଏଫ୍‌ଆଇ ଏବଂ ଏହାର ମହାରାଷ୍ଟ୍ର ଶାଖା ଏହି ଆଥ୍‌ଲେଟଙ୍କ ସନ୍ଧାନ ନେବାକୁ ଯାଇ ତାଙ୍କ ପୂର୍ବତନ କୋଚ ଏବଂ ବର୍ତ୍ତମାନ କୋଚ୍‌ଙ୍କ ସହ ଯୋଗାଯୋଗ କରିଛି। ଜାତୀୟ କ୍ୟାମ୍ପରେ ଯୋଗଦେବା ଲାଗି ଐଶ୍ୱର୍ଯ୍ୟାଙ୍କୁ ପ୍ରବର୍ତ୍ତାଇବା ଲାଗି ସେମାନଙ୍କୁ କୁହାଯାଇଥିଲା। ମାତ୍ର ଆଥ୍‌ଲେଟଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରୁ ନାହିଁ। ୨୦୧୯ରେ ମୁମ୍ବାଇ ୟୁନିଭର୍ସିଟି ଇଣ୍ଟରକଲେଜିଏଟ୍ ଆଥଲେଟିକ୍ସ ମିଟ୍‌ରେ ପ୍ରଭାବୀ ୫୨.୪୦ ସେକେଣ୍ଡ ଟାଇମିଂ ପରେ ଐଶ୍ୱର୍ଯ୍ୟା ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ତୁରନ୍ତ ଜାତୀୟ କ୍ୟାମ୍ପରେ ଯୋଗ ଦେଇଥିଲେ। ସେତେବେଳେ ମଧ୍ୟ ତୁର୍କୀରେ ଟ୍ରେନିଂ ପାଇଁ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିଲା। ତାଙ୍କର ଆକସ୍ମିକ ଉନ୍ନତି ଯୋଗୁ ସେ ଅନେକଙ୍କ ଚକ୍ଷୁଶୀଳର ଶିକାର ହୋଇଥିଲେ।



ଐଶ୍ୱର୍ଯ୍ୟା ମିଶ୍ରା

### ଅଷ୍ଟ୍ରେଲିଆ ବିପକ୍ଷରେ ଟି୨୦ ସିରିଜ ଖେଳିବ ଭାରତ

**ମେଲବୋର୍ନ, ୧୦।୫ (ପି.ଟି.):** ଆସନ୍ତା ଆଇସିସି ଟି୨୦ ବିଶ୍ୱକପ୍ ପାଇଁ ପ୍ରସ୍ତୁତିର ଅଂଶବିଶେଷ ଭାରତ ନିଜ ଦେଶରେ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟ ପାଇଁ ନିଜକୁ ପ୍ରସ୍ତୁତ କରିବା ଲାଗି ମଧ୍ୟ ନିଜ ଦେଶରେ ଜିମ୍ବାୱେ, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ବିପକ୍ଷରେ ଟି୨୦ ମ୍ୟାଚ ଖେଳିବ। ଟି୨୦ ବିଶ୍ୱକପ୍ ଚଳିତବର୍ଷ ଅକ୍ଟୋବର ଓ ନଭେମ୍ବରରେ ଅଷ୍ଟ୍ରେଲିଆରେ ଆୟୋଜିତ ହେବ। କାର୍ଯ୍ୟସୂଚୀ ଅନୁସାରେ ଭାରତ ନିଜ ଦେଶରେ ଜୁନ୍ ୯ରୁ ୧୯ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବ। ପରେ ଦଳ ଆୟର୍ଲାଣ୍ଡ ଟୁର୍‌ରେ ଯିବ। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ପୁନଃନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟେଷ୍ଟ ଜୁଲାଇ ୧ରୁ ଖେଳିବ। ଗତବର୍ଷ ଭାରତୀୟ କ୍ୟାମ୍ପରେ କୋଭିଡ୍ ସଂକ୍ରମଣ ଦେଖାଦେବାରୁ ଏହି ମ୍ୟାଚକୁ ସ୍ଥଗିତ ରଖାଯାଇଥିଲା। ଭାରତୀୟ ଦଳ ଏହା ପରେ ଇଂଲଣ୍ଡ ବିପକ୍ଷରେ ଏକ ହ୍ୱାଇଟ୍‌ବଲ୍ ସିରିଜ ଖେଳିବ।

### ଆଇପିଏଲ୍-୧୫

**ଆଜିର ମ୍ୟାଚ**

ରାଜସ୍ଥାନ ରୟାଲ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ






# ୭ମ ବ୍ୟାଚ୍ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୧୦।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଉତ୍କଳ କରାଟେ ସ୍କୁଲ ଦ୍ୱାରା ଓଡ଼ିଶାର ବିଭିନ୍ନ ଜିଲାରୁ +୩ ଛାତ୍ରୀମାନଙ୍କୁ ଦିଆଯାଇଆସୁଥିବା ଆତ୍ମରକ୍ଷା କୌଶଳ 'ରିଆକ୍ଟ'ର ସପ୍ତମ ବ୍ୟାଚ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ବ୍ୟାଚରେ ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ାରୁ ମୋଟ ୧୧୦ଜଣ ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉଚ୍ଚଶିକ୍ଷା ଓ କୃଷି ବିଭାଗ ମନ୍ତ୍ରୀ ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗର ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଉପ ଶାସନ ସଚିବ ଉମେଶ ଚନ୍ଦ୍ର ବେହେରା,ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ, ଉଚ୍ଚଶିକ୍ଷା ବିଭାଗର ଅଧିକାରୀ ପୀତାମ୍ବର ମୁର୍ମୁ, ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକ ଗୌରୀ ମହାନ୍ତି, ଦୀପକ ସାମନ୍ତରା, ଅନୁପମା ସ୍ୱାଇଁ, ଅନୁରାଧା ପାତ୍ର, ସୁସ୍ମିନି ପାଲ୍‌ଟା ସିଂ, ଡି. ଭଗବାନ ରେଡ୍ଡୀ, ମହେଶ ଦୋରା, କୃଷ୍ଣଚନ୍ଦ୍ର ମହାରଣା, ସୋମାଲିନା ଓ ମଧୁପ୍ରିୟା ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ ଟ୍ରେନରଙ୍କ ସହ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ନକଲି ଶ୍ରମିକ କାର୍ଡ ଦେଇଥିବା ୨ ଦଲାଲ ଜେଲ ଗଲେ

**ନୟାଗଡ଼ ଅଫିସ,୧୦।୫**

ନକଲି ଶ୍ରମିକ କାର୍ଡ ଦେବା ଅଭିଯୋଗରେ ନୟାଗଡ଼ ସଦର ଥାନା ପୋଲିସ ଏକତାଳ ଗାଁର ନାଦ ନାୟକ(୫୦), ନୂଆଗାଁ ଥାନା ନୂଆଗାଁ ଉଠାଣି ସାହିର ସନ୍ତୋଷ କୁମାର ମହାନ୍ତି(୪୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ମଙ୍ଗଳବାର ଉଭୟ ଦଲାଲଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ସେହିପରି ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପାଖରେ ସନ୍ତୋଷ କରିଥିବା ଅଫିସକୁ ପୋଲିସ ସିଲ୍ କରିଛି। ଅନ୍ୟପକ୍ଷେ ନୟାଗଡ଼ ଜିଲାର ନିର୍ମାଣ ଶ୍ରମିକଙ୍କୁ ଖୋର୍ଦ୍ଧା ଜିଲାର ନକଲି ପରିଚୟ ପତ୍ର ଦେବା ମହଙ୍ଗା ପଡ଼ିଛି । ଏହି କାର୍ଡ ଦେବା ପାଇଁ ୧ ହଜାର ଟଙ୍କା ଦଲାଲ ନେଇଥିଲେ। ଏନେଇ ୨୦୨୧ ଫେବୃୟାରୀ ୯ରେ ଧରିତ୍ରୀରେ ଏକତାଳରେ ୧୫୦ରୁ ଉର୍ଦ୍ଧ୍ୱ ନକଲି ଶ୍ରମିକ କାର୍ଡ ଶୀର୍ଷକରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଏହାପରେ ଜିଲା ଶ୍ରମ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏପରି କି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଧରିତ୍ରୀ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ପ୍ରକାଶଯେ ଏକତାଳ ଗାଁରେ ୧୫୦ରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ନକଲି ଶ୍ରମିକ କାର୍ଡ ବଣ୍ଟନ ହୋଇଥିଲା । ନୟାଗଡ଼ ଜିଲାରେ କିପରି ଖୋର୍ଦ୍ଧା ଜିଲାର ନିର୍ମାଣ ଶ୍ରମିକ ପରିଚୟ ପତ୍ର ବଣ୍ଟନ କରାଗଲା ତାହା ସନ୍ଦେହ ହୋଇଥିଲା। ଦଲାଲ ଏହି କାର୍ଡ କରିବାକୁ ୧ ହଜାର ଟଙ୍କା ଲାଞ୍ଚ ନେଇଥିଲେ । ନକଲି ନିର୍ମାଣ ଶ୍ରମିକ ପରିଚୟପତ୍ର ନୟାଗଡ ଜିଲାରେ ବାହାରିବା ପରେ ଶ୍ରମିକମାନେ ଏକଜୁଟ ହୋଇ କାର୍ଡ ବାଣ୍ଟିଥିବା ଦଲାଲ ଦ୍ୱୟଙ୍କୁ ପଚାରିଥିଲେ । ହେଲେ ଦଲାଲଦ୍ୱୟ ସନ୍ତୋଷଜନକ ଉତ୍ତର ନ ଦେଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରିଥିଲେ । ଏଭଳି ଅନିୟମିତତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଠକେଇର ଶିକାର ହୋଇଥିବା ଶ୍ରମିକମାନେ ନୟାଗଡ଼ ଜିଲାପାଳ ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । ସେ ସମୟରେ ଧରିତ୍ରୀ ପକ୍ଷରୁ ଦଲାଲ ନାଦ ନାଏକଙ୍କୁ ପଚରାଯାଇଥିଲା । ସେ କାର୍ଡ ନେଇ ପଇସା ଫେରାଇ ଦେବେ କହି ଶ୍ରଦ୍ଧାଞ୍ଜଳି ସାହୁଙ୍କୁ ୭୦୦ ଟଙ୍କା ଫେରାଇ ଥିଲେ। ସେ ସମୟରେ ଧରିତ୍ରୀକୁ ଏକତାଳ ଗାଁର ସାବିତ୍ରୀ ସାହୁ କହିଥିଲେ ମୋ ଠାରୁ ୨ ବର୍ଷ ତଳେ ଆମ ଗାଁର ନାଦ ନାଏକ ନିର୍ମାଣ ଶ୍ରମିକ କାର୍ଡ କରାଇ ଦେବେ କହି ୭୦୦ ଟଙ୍କା ନେଇଥିଲେ । ପରେ କାର୍ଡ ଦେଲା ପରେ ୩୦ ଟଙ୍କା ଓ ୩୦୦ ଟଙ୍କା ଏପରି ୩୩୦ ଟଙ୍କା ଅନୁରୂପ ଭାବେ ନେଲେ । ୬ମାସ ପରେ ବାର୍ଷିକ ଦେୟ ଜମା କରି ରିନୁଆଲ କରିବାକୁ କହିଥିଲେ। ରିନୁଆଲ ପରେ ସରକାରୀ ସହାୟତା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ଜାଲ କାର୍ଡ ଜଣାପଡ଼ିବା ପରେ ତଦନ୍ତ ପାଇଁ ନିବେଦେନ କରିଥିଲେ। ଏନେଇ ଆଇଆଇସି ଦୀପକ କୁମାର ଖଣ୍ଡାୟତ ରାୟ କୁହନ୍ତି, ନକଲି କାର୍ଡ ବଣ୍ଟନ ନେଇ ଜିଲା ଶ୍ରମ ଅଧିକାରୀଙ୍କ ଅଭିଯୋଗ ପରେ ୪୨୦, ୪୬୮ ଦଫାରେ ୫୧/୬।୪।୨୦୨୧ରେ ମାମଲା ରୁଜୁ ହୋଇଥିଲା । ଏହି ଘଟଣାରେ ଦୁଇ ଦଲାଲ ଗିରଫ ହୋଇ ଜେଲ ଯାଇଛନ୍ତି। ଜିଲା ଶ୍ରମିକ ମହାସଂଘର ସଭାପତି ଶୂନ୍ୟଜୟୀ ମିଶ୍ର କୁହନ୍ତି, ନକଲି ଶ୍ରମକାର୍ଡ ଖବର କେବଳ ଧରିତ୍ରୀରେ ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ ହୋଇଛି । ସେ ସମୟରେ ଏହି ଘଟଣାରେ ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିଲା ।


ନକଲି ଶ୍ରମିକ କାର୍ଡ ପ୍ରଦାନ କରିଥିବା ଅଭିଯୋଗରେ ଗିରଫ ୨ ଦଲାଲ।

**ଧରିତ୍ରୀ ପ୍ରଭାବ**
- ସିଲ୍ ହେଲା ଦଲାଲଙ୍କ ନୂଆଗାଁ କାର୍ଯ୍ୟାଳୟ
- ନୟାଗଡ଼ ଜିଲା ଶ୍ରମିକଙ୍କୁ ମିଳିଥିଲା ଖୋର୍ଦ୍ଧାର କାର୍ଡ
- ୧ହଜାର ଟଙ୍କା ନେଇ ଦଲାଲ ବାଣ୍ଟୁଥିଲେ ପରିଚୟପତ୍ର




## ଅସ୍ଥାୟୀ ଆଶ୍ରୟସ୍ଥଳ ଅନୁଧ୍ୟାନ କଲେ ଅଧିକାରୀ

**ଆସିକା,୧୦।୫(ଡି.ଏନ.ଏ.):** ବାତ୍ୟା 'ଅସାନି' ପ୍ରଭାବ୧ରେ ଆସିକା ତଥା ଆଖପାଖ ଅଞ୍ଚଳରେ ସୋମବାର ରାତିରୁ ଝିପିଝିପି ବର୍ଷା ଲାଗି ରହିଛି। ଅନ୍ୟପକ୍ଷରେ ବାତ୍ୟା ପରିସ୍ଥିତିର ମୁକାବିଲା ଲାଗି ବ୍ଲକ ଓ ଏନଏସି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ବର୍ଷା ଓ ବାତ୍ୟା ହେଲେ ପ୍ରଭାବିତ ହେବାକୁ ଥିବା ଲୋକଙ୍କୁ ଥଇଥାନ ଲାଗି ଅସ୍ଥାୟୀ ଆଶ୍ରୟସ୍ଥଳ ସବୁ ଚିହ୍ନଟ କରାଯାଇଛି। ଆସିକା ବିଡିଓ ରୋଶନ ଶତପଥୀ ଓ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ଏହି କେନ୍ଦ୍ର ସବୁ ବୁଲି ଦେଖି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଗର୍ଭବତୀଙ୍କୁ ଚିହ୍ନଟ କରି ଡାକ୍ତରଖାନାରେ ପହଞ୍ଚାଇବା ଲାଗି ବ୍ୟବସ୍ଥା କରାଯାଇଥିବା ବିଡିଓ ଶତପଥୀ ସୂଚନା ଦେଇଛନ୍ତି । ସେହିପରି ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ଅଧ୍ୟକ୍ଷତାରେ ଏନଏସି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ଲାଗି ଏନଏସି ପକ୍ଷରୁ ପଦକ୍ଷେପ ନିଆଯାଇଥିବା ନିର୍ବାହୀ ଅଧିକାରୀ ବେଜ ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେଲେ ସାମାଜିକ କର୍ମୀ

**ନୟାଗଡ଼ ଅଫିସ,୧୦।୫**

ନୟାଗଡ଼ ବ୍ଲକ ସୁନାଲଟି ଗାଁର ୭୦ ବର୍ଷୀୟ ବୃଦ୍ଧ ସୁଦର୍ଶନ ଲେଙ୍କା ଅନାହାରରେ ରହିବା ଘଟଣା ଉପରେ ସାମାଜିକ କର୍ମୀ ଜୟନ୍ତ କୁମାର ଦାସ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି । ସେହିପରି ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ରାଜ୍ୟପାଳ, ନୟାଗଡ଼ ବିଧାୟକ, ନୟାଗଡ଼ ଜିଲାପାଳଙ୍କୁ ଅନୁରୂପ ଭାବେ ସେ ଅବଗତ କରାଇଛନ୍ତି ।

ସୂଚନା ଅନୁଯାୟୀ, ଖଣ୍ଡପଡ଼ାର ସୁଦର୍ଶନଙ୍କ ସ୍ତ୍ରୀ ପକ୍ଷାଘାତରେ ୧୮ ବର୍ଷ ତଳେ ପ୍ରାଣ ହରାଇଥିଲେ। ୩୭ ବର୍ଷର ପୁଅର ବି ୪ବର୍ଷ ତଳେ ମୃତ୍ୟୁ ଘଟିଥିଲା । ପୁଅର ସ୍ପାଇନାଲ କଡ ନଷ୍ଟ ହୋଇଯିବା ଯୋଗୁ ଚିକିତ୍ସା ପାଇଁ ବହୁ ଟଙ୍କା ଖର୍ଚ୍ଚ ହୋଇଥିଲା । ପୁଅ ଓ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ହୋଇଥିବା ଧାରକରଜ ପରିଶୋଧ କରିବାକୁ ଯାଇ ନିଜର ଘର ବିକ୍ରି କରିଦେଇଥିଲେ ସୁଦର୍ଶନ । ଏହାପରେ ଶ୍ୱଶୁର ଘର ଖଣ୍ଡପଡ଼ା ବ୍ଲକ ଶାଳଝରିଆ ପଞ୍ଚାୟତର ବିରିଡି ଗାଁରେ ସେ ରହିଥିଲେ । ହେଲେ ଶ୍ୱଶୁର ଘର ପର କରିଦେବା ପରେ ସୁଦର୍ଶନଙ୍କ ଜୀବନ ବଦଳି ଯାଇଥିଲା। ସୁଦର୍ଶନ ଡାଇବେଟିସ୍ ଓ ଫାଇଲେରିଆ ରୋଗରେ ଆକ୍ରାନ୍ତ ହୋଇ କଷ୍ଟ ଭୋଗୁଛନ୍ତି । ସରକାରୀ ସହାୟତା ତାଙ୍କ ପାଇଁ ସ୍ୱପ୍ନ ହୋଇଛି । ରାଶନ କାର୍ଡ ନ ଥିବାବେଳେ ଭତ୍ତା ମଧ୍ୟ ପାଉ ନାହାନ୍ତି । ପୁଣି ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ । ଶ୍ୱଶୁର ଘର ବାଟ ବନ୍ଦ ହୋଇଯିବା ପରେ ଖଣ୍ଡପଡ଼ା ବ୍ଲକ ଯୋଗିଆପଲ୍ଲୀ ଘାଟିର ଠାକୁରାଣୀ ପୀଠରେ ଠାକୁରଙ୍କ ଭୋଗ ଖାଇ ୫ଦିନ ହେଲା ଅସହାୟ ଜୀବନ ବିତାଉଥିଲେ ସୁଦର୍ଶନ । ମନ୍ଦିର ଚଟାଣ ପାଲଟିଥିଲା ତାଙ୍କ ପାଇଁ ଆଶ୍ରୟସ୍ଥଳ । ଏନେଇ ଗତ ୯ ତାରିଖ ଧରିତ୍ରୀରେ ଅନାହାରରେ ବୃଦ୍ଧ ସୁଦର୍ଶନ ଶୀର୍ଷକରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ବୃଦ୍ଧଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ସୁସ୍ଥ ପରେ ବୃଦ୍ଧାଶ୍ରମରେ ତାଙ୍କୁ ରଖିବାର ବ୍ୟବସ୍ଥା ହୋଇଛି ।


ଯୋଗିଆପଲ୍ଲୀ ଘାଟିର ଠାକୁରାଣୀ ପୀଠରେ ସୁଦର୍ଶନ।

**ବୃଦ୍ଧ ସୁଦର୍ଶନଙ୍କ ଅନାହାର ପ୍ରସଙ୍ଗ**

## ପୋତିହୋଇଛି ମାଛଧରା ଜେଟି ମୁହାଣ

**ଛତ୍ରପୁର,୧୦।୫(ଡି.ଏନ.ଏ.)**

ଆର୍ଯ୍ୟପଲ୍ଲୀ ନିକଟରେ ଥିବା ମତ୍ସ୍ୟ ବିଭାଗର ମାଛଧରା ଜେଟି ମୁହାଣ ପୋତି ହୋଇଯାଇଛି। ଦୀର୍ଘବର୍ଷ ଧରି ଏପରି ସ୍ଥିତି ଲାଗି ରହିଥିବାରୁ ମତ୍ସ୍ୟଜୀବୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଲାଗି ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି। ସାନ ଆର୍ଯ୍ୟପଲି - ବଡ଼ ଆର୍ଯ୍ୟପଲ୍ଲୀ ମଧ୍ୟରେ ଏକ ନୂତନ ମାଛଧରା ଜେଟି ନିର୍ମାଣ ଲାଗି ପରିକଳ୍ପନା ହୋଇଥିଲା। ଏଥିପାଇଁ ବାରମ୍ବାର ଦେଶର ବିଭିନ୍ନ ସ୍ଥାନରୁ ବିଶେଷଜ୍ଞ ଟିମ ଆସି ସର୍ଭେ କରିଛନ୍ତି। ନୂତନ ଜେଟି ନିର୍ମାଣ ପାଇଁ ପ୍ରାୟ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଉଥିଲା। ତେବେ ଏହା ପ୍ରତିଷ୍ଠା ନେଇ ସରକାର କୌଣସି ପଦକ୍ଷେପ ନେଉ ନଥିବାରୁ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏବେ ଯେଉଁ ମାଛଧରା ଜେଟି ଗୋପାଳପୁର ପୋର୍ଟ ପରିସରରେ ରହିଛି, ମୁହାଣ ପୋତି ହୋଇଯାଇଥିବାରୁ ମତ୍ସ୍ୟଜୀବୀଙ୍କୁ ସେମାନଙ୍କ ଡଙ୍ଗାଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ଆଣିବାରେ ଅସୁବିଧା ହେଉଛି। ଡଙ୍ଗା ଗୁଡ଼ିକୁ ଉପରକୁ ଦଉଡ଼ି ସହାୟତାରେ ଟାଣି ଟାଣି ଆଣିବାକୁ ପଡୁଛି।

## ପିଲା ଚୋର ସନ୍ଦେହରେ ପରିବା ବ୍ୟବସାୟୀଙ୍କୁ ମାଡ଼

**ନୟାଗଡ଼ ଅଫିସ,୧୦।୫**

ନୟାଗଡ଼ ଜିଲା ଶରଣକୁଳ ଥାନା ପଞ୍ଚରିଡା ପାଇକବାଡ ଗାଁରେ ଜଣେ ପରିବା ବ୍ୟବସାୟୀ ସୋମବାର ୨ ବର୍ଷର ଶିଶୁକୁ ନିଜ ବାଇକ୍‌ରେ ବସାଇ ବୁଲାଇବା ମହଙ୍ଗା ପଡିଛି। ଗାଁଲୋକ ପରିବା ବ୍ୟବସାୟୀଙ୍କୁ ଶିଶୁ ଚୋର ଭାବି ଅଟକ ରଖି ମାରପିଟ୍ କରିଥିଲେ । ଏପରି କି ଶରଣକୁଳ ଥାନା ପୋଲିସ ଜିମା ଦେଇଥିଲେ । ତେବେ ପୋଲିସ ଘଟଣାର ଅନୁସନ୍ଧାନ କରି ଜାଣି ପାରିଥିଲା ଅଟକ ଥିବା ବ୍ୟକ୍ତି ଜଣେ ପରିବା ବ୍ୟବସାୟୀ । ସେ ପିଲା ଚୋର ନୁହନ୍ତି । ଅନ୍ୟପକ୍ଷେ ପିଲାଚୋରି ନେଇ ଥାନାରେ ଅଭିଯୋଗ ନ ଥିବାରୁ ଏନେଇ ମାମଲା ରୁଜୁ ହୋଇ ନାହିଁ ।

ସୂଚନା ଅନୁସାରେ ଶରଣକୁଳ ଥାନା ଗୋଡିପଡା ନିକଟସ୍ଥ ମକାମାରୁ ଗାଁର ରଙ୍କ ମହାରଣା ନାମକ ଜଣେ ବ୍ୟକ୍ତି ବାଇକ୍‌ରେ ଆସି ପଞ୍ଚରିଡା ପାଇକବାଡ ସମେତ ଶରଣକୁଳ ଅଞ୍ଚଳରେ ପରିବା ବିକ୍ରି କରନ୍ତି । ସୋମବାର ସନ୍ଧ୍ୟାରେ ରଙ୍କ ପରିବା ବିକୁଥିବାବେଳେ ସେହି ଗାଁର ଅଜୟ ମୁଦୁଲିଙ୍କ ୨ ବର୍ଷର ଝିଅ ସମ୍ପୂର୍ଣ୍ଣା ଗାଁଦାଣ୍ଡରେ ଖେଳୁଥିଲେ। ରଙ୍କ ଝିଅକୁ ଧରି ବାଇକ୍‌ରେ ବସାଇ ଗାଁ ବୁଲାଇ ଘର ପାଖରେ ନେଇ ଛାଡି ଦେଇଥିଲେ । ଏହି ସମୟରେ ଗାଁର କେତେଜଣ ଲୋକ ଶିଶୁଚୋର ଭାବି ରଙ୍କଙ୍କୁ ନିସ୍ଥୁକ ପିଟିଥିଲେ। ଏପରିକି ରଙ୍କଙ୍କୁ ଅଟକ ରଖି ପଚରାଉଚୁରା କରିଥିଲେ । ଏନେଇ ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ପାଇକବାଡ ଗାଁରେ ଶିଶୁଚୋର ଧରାପଡିଛି ମୌଖିକ ଅଭିଯୋଗ ମିଳିଥିଲା । ପୋଲିସ ତୁରନ୍ତ ଘଟଣାସ୍ଥଳକୁ ଯାଇ ଅଟକ ବ୍ୟକ୍ତିଙ୍କୁ ନିଜ ହେପାଜତକୁ ନେଇ ପଚରାଉଚୁରା କରିଥିଲା । ତେବେ ଶିଶୁ ଚୋରି ନେଇ ଅଭିଯୋଗ ହୋଇ ନ ଥିଲା । ପୁଣି ଉଭୟ ପକ୍ଷର ଲୋକ ଘଟଣାର ସମାଧାନ କରିଥିଲେ । ସେହିପରି ରଙ୍କ ମହାରଣା ଶିଶୁଟିକୁ ବାଇକରେ ବସାଇ ବୁଲାଇବା ଠିକ ନ ଥିଲା ବୋଲି କହିଛନ୍ତି । ଶିଶୁ ଚୋର ମାଡିଥିବାବେଳେ ସେ ଏପରି କରିବା ଭୁଲ ଥିଲା। ଏଣୁ ପୋଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ।

**ଶିଶୁକୁ ବାଇକ୍‌ରେ ବୁଲାଇବା ମହଙ୍ଗା ପଡିଲା**


ଗ୍ରାମବାସୀଙ୍କ ଦ୍ୱାରା ଅଟକ ପରିବା ବ୍ୟବସାୟୀ ରଙ୍କ ମହାରଣା।

**ବ୍ୟାଙ୍କ ଅଫ୍ ବରୋଦା Bank of Baroda**

**ଆଞ୍ଚଳିକ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ଫ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
E-mail: armcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ପରିଶିଷ୍ଟ-୪-ଏ (ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬) ଏବଂ ୬(୨) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। **ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।**

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସୁରକ୍ଷିତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ/ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଦଖଲ ସମ୍ପତ୍ତିର ସ୍ଥିତି (ଗଠନାତ୍ମକ (ସାଙ୍କେତିକ)/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ |
|---|---|---|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ଲକ୍ଷ୍ମୀ ଗଣପତି ଷ୍ଟିଲ୍ସ ପ୍ରା. ଲିଃ.,** ସା.: ତଳ ମହଲା, ବସୁନ୍ଧରା ବିଲ୍ଡିଂ, ଟାଉନ ପ୍ଲାନିଂ, ପଦ୍ମା ବଜାର, ଢ଼େଙ୍କାନାଳ-୭୫୯୦୧୩ / **ଜାମିନ୍‌ଦାରମାନେ: ୧) ଶ୍ରୀ ଏମ୍. ବାବୁରାଓ,** ପିତା: ଏମ୍ କୁପ୍ପୋସ୍ୱାମୀ, **୨) ଶ୍ରୀମତୀ ଏମ୍. ବାଣୀ,** ସ୍ୱାମୀ: ଏମ୍. ବାବୁ ରାଓ, କ୍ର. ନଂ. ୧ ଏବଂ ୨ଙ୍କ ଠିକଣା- ମାର୍ଫତ: ଡଃ. ବି.କେ. ପଣ୍ଡା, ଫ୍ଲଟ୍ ନଂ.: ୪୨, ଗାୟତ୍ରୀ ନଗର, ନୂଆ ଶାସନ, ଢ଼େଙ୍କାନାଳ-୭୫୯୦୦୧, **୩) ଶ୍ରୀ ହେମନ୍ତ କୁମାର ମହାନ୍ତି,** ପିତା: ଶରତ ଚନ୍ଦ୍ର ମହାନ୍ତି, ମିନା ବଜାର, ଢ଼େଙ୍କାନାଳ-୭୫୯୦୦୧, **୪) ଶ୍ରୀ. ଭି. ସୁରେଶ,** ମାର୍ଫତ: ଏସ୍.କେ. ଆଋର୍ଯ୍ୟ, ଟାଉନ ପ୍ଲାନିଂ, ପଦ୍ମା ବଜାର, ଢ଼େଙ୍କାନାଳ-୭୫୯୦୧୩, **୫) ଶ୍ରୀ ସୁରେଶ ଚନ୍ଦ୍ର ବିଶ୍ୱାଳ,** ପିତା: ଭାଲୁ ବିଶ୍ୱାଳ, **୬) ଶ୍ରୀମତୀ ଗୀତାଞ୍ଜଳୀ ବିଶ୍ୱାଳ,** ସ୍ୱାମୀ: ସୁରେଶ ଚନ୍ଦ୍ର ବିଶ୍ୱାଳ, କ୍ର. ନଂ. ୫ ଏବଂ ୬ଙ୍କ ଠିକଣା- ମହିଷାପାଟ, ଢ଼େଙ୍କାନାଳ-୭୫୯୦୦୧, **୭) ଶ୍ରୀ ଏମ୍. ସତ୍ୟା ଶିବା ରାଓ,** ବିଜୟଲକ୍ଷ୍ମୀ ଆପାର୍ଟମେଣ୍ଟସ୍, ଚେଞ୍ଚୁପେଟା, ସା/ପୋ.: ତେନାଲି, ଥାନା: ତେନାଲି, ଜିଲ୍ଲା: ଗୁଣ୍ଟୁର-୫୨୨୨୦୨, **୮) ଶ୍ରୀ ସଚ୍ଚିଦାନନ୍ଦ ମହାନ୍ତି,** ପିତା: ବୈକୁଣ୍ଠନାଥ ମହାନ୍ତି, ସା/ପୋ.: ଗୋବିନ୍ଦପୁର, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, **୯) ଶ୍ରୀ ଦିପ୍ତିଶ କୁମାର ପଟ୍ଟନାୟକ, ୧୦) ଶ୍ରୀ ଦିନେଶ କୁମାର ପଟ୍ଟନାୟକ, ୧୧) ଶ୍ରୀ କ୍ଷାତିଶ କୁମାର ପଟ୍ଟନାୟକ, ୧୨) ଶ୍ରୀ ଧିରେନ କୁମାର ପଟ୍ଟନାୟକ, ୧୩) ଶ୍ରୀ ନିରେନ କୁମାର ପଟ୍ଟନାୟକ,** କ୍ର. ନଂ. ୯, ୧୦, ୧୧, ୧୨ ଏବଂ ୧୩ଙ୍କ ପିତା: ଚକ୍ରଧର ପଟ୍ଟନାୟକ, ସମସ୍ତଙ୍କ ଠିକଣା- ସା.: ମିନା ବଜାର, ଗାନ୍ଧୀ ମନ୍ଦିର ରୋଡ୍, ଢ଼େଙ୍କାନାଳ-୭୫୯୦୦୧ | ଶ୍ରୀ ଏମ୍. ବାବୁରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ୱାର୍ଡ ନଂ. ୧୨, ବ୍ଲକ୍ ନଂ. ୫, ତହସିଲ ନଂ. ୨୯୩, ମ୍ୟୁନିସିପାଲ ଡ଼ୋର ନଂ. ୪-୧୪/୫/୨ (କ୍ଷେତ୍ର: ଆପାତତଃ ୧୫୭.୫ ବର୍ଗ ୟାର୍ଡ), କାକୁମାନୁଭରି ଷ୍ଟ୍ରିଟ, ଇଠାନଗର, ତେନାଲି ଟାଉନ, ଜିଲ୍ଲା: ଗୁଣ୍ଟୁର, ଆନ୍ଧ୍ର ପ୍ରଦେଶ | ୧୬.୦୫.୨୦୧୨ / ୨୩.୧୧.୨୦୧୨ / ଟ.୫,୫୫,୦୨,୯୨୪.୦୫ + ୦୧.୦୫.୨୦୧୨ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ ବିଯୁକ୍ତ ପରିଶୋଧ ରାଶି ଯଦି ଥାଏ ଏବଂ ବର୍ତ୍ତମାନ ସୁଦ୍ଧା ଚୁକ୍ତି ଅନୁଯାୟୀ ବକେୟା ଦେୟ ଟ.୧୧,୮୫,୩୬,୧୨୩.୫୪ (ଯୁକ୍ତ ଖର୍ଚ୍ଚ ଏବଂ ଦେୟ) | ୩୧.୦୫.୨୦୨୨ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୨୧,୧୫,୦୦୦/- / ଟ.୨,୧୧,୫୦୦/- / ଟ.୧୦,୦୦୦/- | ଗଠନାତ୍ମକ (ସାଙ୍କେତିକ) | ୨୬.୦୫.୨୦୨୨ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ମଧ୍ୟରେ (ସମ୍ପତ୍ତିକୁ କେବଳ ବାହାର ପାର୍ଶ୍ୱରୁ ନିରୀକ୍ଷଣ କରିହେବ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ :
https://www.bankofbaroda.in/e-auction.htm ଏବଂ https://ibapi.in ଦେଖନ୍ତୁ।
ସମସ୍ତ ସମ୍ଭାବ୍ୟ ବିଡ୍‌ରମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରବେ।

**ନିମ୍ନଲିଖିତ ବିଷୟ ପ୍ରତି ମଧ୍ୟ ଦୃଷ୍ଟି ଦିଅନ୍ତୁ:**
୧. କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରାକ୍ ବିଜ୍ଞପ୍ତି ବିନା କୌଣସି ବିଡ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ/ନାକଚ/ବିକ୍ରୟର ନିଲାମ ଓ ସର୍ତ୍ତାବଳୀର ସଂଶୋଧନ ସହିତ ପୂର୍ବ ନିଲାମଧାରୀ ଅକୃତକାର୍ଯ୍ୟ ହେବା କାରଣରୁ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ ଡକାଇବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି।
୨. କ୍ରେତା ଯଦି ନିଲାମ ତାରିଖର ଠିକ୍ ଦୁଇ ଦିନ ପୂର୍ବରୁ କେୱାଇସି କାଗଜାତ୍ ଦାଖଲ କରିଥାନ୍ତି ତେବେ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀଙ୍କର କେୱାଇସି ଯାଞ୍ଚ ସମ୍ପୂର୍ଣ୍ଣ କରିବା ଏବଂ ଅମାନତ ରାଶି ଗ୍ରହଣ କରିବାର ସମ୍ପୂର୍ଣ୍ଣ ସ୍ୱାଧିନତା ରହିଛି। ଏଭଳି ସ୍ଥିତିରେ କ୍ଷମତାପ୍ରାପ୍ତ ଅଧିକାରୀ ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀ କେୱାଇସି କାଗଜାତ୍ ଯାଞ୍ଚ କରିବାରେ ବିଳମ୍ବିତ/ବିଫଳତା ଏବଂ ଇଏମ୍‌ଡି ୱାଲେଟ୍‌କୁ ଟ୍ରାନ୍ସଫର ବିଫଳତା ପାଇଁ ଦାୟୀ ରହିବେ ନାହିଁ। ନିଲାମ ତାରିଖ ଓ ସମୟରେ ବିଡ୍‌ରଙ୍କ ଗ୍ଲୋବାଲ ୱାଲେଟ୍‌ରେ ପର୍ଯ୍ୟାପ୍ତ ବାଲାନ୍ସ (>=ଇଏମ୍‌ଡି ରାଶି) ଥିଲେ ଇଚ୍ଛୁକ ନିଲାମଧାରୀ ନିଲାମ ତାରିଖରେ ବିଡ୍ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ।

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍।**

ସ୍ଥାନ: କଟକ, ତାରିଖ: ୧୦.୦୫.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ **''ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି'' ଏବଂ ''ସେଠାରେ ଯାହା ଅଛି'' ଭିତ୍ତିରେ ଇ-ନିଲାମ ମାଧ୍ୟମରେ** ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ସମ୍ପତ୍ତିଗୁଡିକର ତନଖି କରିବାର ତାରିଖ ଓ ସମୟ: ୨୬.୦୫.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

**ଇ-ନିଲାମ ତାରିଖ ଏବଂ ସମୟ: ତା୩୦.୦୫.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ସୋନାଲି ଆଇସ୍ ପ୍ଲାଣ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରସନ୍ନ କୁମାର ସାହୁ,** ପିତା: ୰ ଅଦ୍ୱୈତ ଚରଣ ସାହୁ / **୰ ଅଦ୍ୱୈତ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ ପ୍ରସନ୍ନ କୁମାର ସାହୁ,** ପିତା: ୰ ଅଦ୍ୱୈତ ଚରଣ ସାହୁ, **୨) ଶ୍ରୀମତୀ ଶାନ୍ତିଲତା ସାହୁ,** ସ୍ୱାମୀ: ୰ ଅଦ୍ୱୈତ ଚରଣ ସାହୁ, **୩) ଶ୍ରୀ ପ୍ରଶାନ୍ତ କୁମାର ସାହୁ,** ପିତା: ୰ ଅଦ୍ୱୈତ ଚରଣ ସାହୁ, **୪) ଶ୍ରୀ ବସନ୍ତ ଚରଣ ସାହୁ,** ପିତା: ୰ ଅଦ୍ୱୈତ ଚରଣ ସାହୁ, **୫) ଶ୍ରୀ ଶିବ ଶଙ୍କର ସାହୁ,** ପିତା: ୰ ଅଦ୍ୱୈତ ଚରଣ ସାହୁ, ସମସ୍ତଙ୍କ ଠିକଣା ସା: କୁମ୍ଭାର ସାହି, ଚୌଦ୍ୱାର, କଟକ-୭୫୪୦୨୫, **୬) ଶ୍ରୀମତୀ ମିନତୀ ସାହୁ,** ସ୍ୱାମୀ: ଭୁର୍ବ ଚରଣ ସାହୁ, ସା: କନ୍ତୋଲ, ଆଠଗଡ, ଜିଲ୍ଲା: କଟକ-୭୫୪୦୨୯, **୭) ଶ୍ରୀମତୀ ଝୁନୁବାଳା ସାହୁ,** ସ୍ୱାମୀ: ଶିବ ପ୍ରସାଦ ସାହୁ, ସା: ବକ୍ସି ବଜାର, କଟକ-୭୫୩୦୦୧, **୮) ଶ୍ରୀମତୀ ଉର୍ମିଳା ସାହୁ,** ସ୍ୱାମୀ: ପଦ୍ମ ଚରଣ ସାହୁ, ପୁର୍ଣ୍ଣଗଡ, ଜିଲ୍ଲା: ଅନୁଗୁଳ-୭୫୯୧୨୨ / **ଆକାଉଣ୍ଟ ନଂ.: ୩୬୨୩୫୧୦୮୭୩୯, ୩୫୭୭୫୨୭୫୩୭୩** | **୰ ଅଦ୍ୱୈତ୍ୟ ଚରଣ ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଚୌଦ୍ୱାର, ଖାତା ନଂ.: ୫୩୪/୩୩, ପ୍ଲଟ୍ ନଂ.: ୮୪୪/ ୧୯୩୯, କ୍ଷେତ୍ର: ଏକର ୦.୦୧୬ ଡିସିମିଲି, କିସମ: ଘରବାରୀ | ଟ.୨୧,୬୮,୦୦୦/- / ଟ.୨,୧୬,୮୦୦/- / ଟ. ୫୦,୦୦୦/- | ତା୦୬.୦୫.୨୦୨୧ରିଖ ସୁଦ୍ଧା ଟ.୨୯,୯୨,୭୯୩/- + ସେବାବଦ ତତ୍‌ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୩୦.୧୧.୨୦୧୯ |
| ୨. | **ଋଣଗ୍ରହୀତାମାନେ: ୧) ଶ୍ରୀ ଯୁଧିଷ୍ଠିର ସାମଲ,** ପିତା: ଇନ୍ଦ୍ରମଣି ସାମଲ, **୨) ଶ୍ରୀ ବିଜୟ କୁମାର ସାମଲ,** ପିତା: ଇନ୍ଦ୍ରମଣି ସାମଲ, **୩) ଶ୍ରୀ କୈଳାସ ଚନ୍ଦ୍ର ସାମଲ,** ପିତା: ଇନ୍ଦ୍ରମଣି ସାମଲ, ସମସ୍ତଙ୍କ ଠିକଣା- ସା: ଫତେପୁର, ପୋ.: ଗୋପିଆକୁଦ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର (ଓଡ଼ିଶା) / **ଆକାଉଣ୍ଟ ନଂ: ୬୨୨୧୫୧୫୨୦୫୨** | **ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ ସାମଲ** ଏବଂ **ଶ୍ରୀ କୈଳାସ ଚନ୍ଦ୍ର ସାମଲ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଫତେପୁର, ତହସିଲ/ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୫୯୦/୧୯୬, ପ୍ଲଟ୍ ନଂ.: ୭୩୨/୧୪୫୫, କ୍ଷେତ୍ର: ଏକର୦.୨୬ଡିସିମିଲି, କିସମ: ଘରବାରୀ | ଟ.୪୧,୦୫,୩୫୦/- / ଟ.୪,୧୦,୫୩୫/- / ଟ. ୫୦,୦୦୦/- | ତା୩୧.୦୧.୨୦୧୮ରିଖ ସୁଦ୍ଧା ଟ.୧୯,୧୭,୮୮୪/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୧୩.୦୨.୨୦୧୮ |
| ୩. | **ଋଣଗ୍ରହୀତା: ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ.,** ସା./ପୋ.: ସମିଆ କଳାକଳ, ବରୀ, ଜିଲ୍ଲା: ଯାଜପୁର-୭୫୪୦୮୨, ଓଡ଼ିଶା/ **ପରିଚଳାନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର,** ସା: ପ୍ଲଟ୍ ନଂ.: ୭୮/୧୬୫୪, ବିଡାନାସୀ, ବାସେଲୀଗଡା, କଟକ-୭୫୩୦୧୪, **ନିର୍ଦ୍ଦେଶକ: ଶ୍ରୀମତୀ ବନଶ୍ରୀ ମହାପାତ୍ର,** ସ୍ୱାମୀ: ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, ସା: ପ୍ଲଟ୍ ନଂ.: ୭୮/୧୬୫୪, ବିଡାନାସୀ, ବାସେଲୀଗଡା, କଟକ-୭୫୩୦୧୪ / **୧) ଶ୍ରୀମତୀ ବନଶ୍ରୀ ମହାପାତ୍ର,** ସ୍ୱାମୀ: ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, **୨) ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର,** ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୭୮/୧୬୫୪, ବିଡାନାସୀ, ବାସେଲୀଗଡା, କଟକ-୭୫୩୦୧୪, **୩) ଶ୍ରୀମତୀ ସଂଘମିତ୍ରା ମହାପାତ୍ର,** ଗାୟତ୍ରୀ ଭବନ, ଗୋପବନ୍ଧୁ ଲେନ୍, ଅରୁଣୋଦୟ ମାର୍କେଟ, କଟକ-୧୨ / **ଆକାଉଣ୍ଟ ନଂ: ୩୧୯୬୫୭୧୨୮୨୯, ୩୧୬୮୪୯୦୯୩୦୨** | **୧) ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ.** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସମିଆ, ତହସିଲ: ଦର୍ପଣ, ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୯୯୮/୭୩, ପ୍ଲଟ୍ ନଂ.: ୩୫୬୯/୪୫୪୬, କ୍ଷେତ୍ର: ଏକର୫.୦୧ ଡିସିମିଲି, କିସମ: ଘରବାରୀ, ଖାତା ନଂ.: ୯୯୮/୭୨, ପ୍ଲଟ୍ ନଂ.: ୬୧୧/୪୫୪୪, କ୍ଷେତ୍ର: ଏକର୧.୫୪ ଡିସିମିଲି, କିସମ: ଘରବାରୀ, ପ୍ଲଟ୍ ନଂ.: ୩୫୬୯/୪୫୪୫, କ୍ଷେତ୍ର: ଏକର୧.୪୬ ଡିସିମିଲି, କିସମ: ଘରବାରୀ, ଖାତା ନଂ.: ୯୯୮/୧୦୩, ପ୍ଲଟ୍ ନଂ.: ୩୫୬୯/୪୫୬୫, କ୍ଷେତ୍ର: ଏକର୦.୨୮ ଡିସିମିଲି, କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୮.୨୯ ଡିସିମିଲି**<br>**୨) କାରଖାନାରେ ଥିବା ଯନ୍ତ୍ରପାତି ଓ କଳକବ୍ଜା** | (୧) ଟ.୨,୬୫,୫୦,୦୦୦/- / ଟ.୨୬,୫୫,୦୦୦/- / ଟ. ୫,୦୦,୦୦୦/-<br>(୨) ଟ.୧୨,୮୬,୦୦୦/- / ଟ.୧,୨୮,୬୦୦/- / ଟ. ୫୦,୦୦୦/- | ତା୦୫.୦୪.୨୦୨୨ରିଖ ସୁଦ୍ଧା ଟ.୭,୮୬,୨୪,୦୦୦/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୩୦.୦୩.୨୦୧୫ |

ଇଚ୍ଛୁକ ବିଡରମାନେ ଇ-ନିଲାମ ଶେଷ ହେବା ପୂର୍ବରୁ MSTC ରେ ପ୍ରାକ୍ ବିଡ୍ ଅମାନତ ରାଶି ଜମା କରିପାରିବେ । ପ୍ରାକ୍ ବିଡ୍ ଅମାନତ ରାଶିର କ୍ରେଡିଟ୍ ବିଡ୍‌ରଙ୍କୁ କେବଳ MSTC ର ବ୍ୟାଙ୍କ ଆକାଉଣ୍ଟରେ ଦେୟ ରସିଦ୍ ଏବଂ ଇ-ନିଲାମ ୱେବସାଇଟ୍‌ରେ ସୂଚନା ଅପଡେଟ୍ କରିବା ପରେ ପ୍ରଦାନ କରାଯିବ । ବ୍ୟାଙ୍କିଙ୍ଗ୍ ପ୍ରକିୟା ଅନୁଯାୟୀ ଏହା କିଛି ସମୟ ନେଇପାରେ, ତେଣୁ ବିଡ୍‌ରମାନେ ଶେଷ ମୁହୂର୍ତ୍ତରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ପାଇଁ ନିଜ ଇଚ୍ଛା ଅନୁସାରେ ପ୍ରାକ ବିଡ୍ ଅମାନତ ରାଶି ଯଥେଷ୍ଟ ପୂର୍ବରୁ ଦାଖଲ କରିବାକୁ ଅନୁରୋଧ କରାଯାଉଛି ।

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଏନ୍ କେ ପଣ୍ଡା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୩୨୭୭୭୧୭୫୨, ଶ୍ରୀମତୀ ପି ଏକ୍କା (ସିଟି କେସ୍ ଅଫିସର), ମୋ.: ୭୯୭୮୩୫୧୯୯୮, ଏବଂ ଶ୍ରୀ ମୁକ୍ତିକାନ୍ତ ଶତପଥୀ (ସିଟି କେସ୍ ଅଫିସର), ମୋ.: ୯୦୭୮୧୩୬୧୯୯

**ସମସ୍ତ ସମ୍ପତ୍ତି ବ୍ୟାଙ୍କରେ ସାଙ୍କେତିକ ଦଖଲରେ ଅଛି**

ତାରିଖ : ୧୦.୦୫.୨୦୨୨
ସ୍ଥାନ : କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ଭାଜପାର ସମୀକ୍ଷା ବୈଠକ

**ଖଣ୍ଡପଡ଼ା,୧୦।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଖଳିସାହି ଦୋଳ ପଡିଆସ୍ଥିତ ଅଭ୍ୟର୍ଥନା କକ୍ଷରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ପଞ୍ଚାୟତ ଓ ପୌର ନିର୍ବାଚନକୁ ନେଇ ଭାଜପାର ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାଜପା ଜିଲା ସଭାପତି ଲାଲା ମନୋଜ ରାୟ ଅଧକ୍ଷତା କରିଥିଲେ । ଅନ୍ୟତମ ଅତିଥି ଭାବେ ରାଜ୍ୟ ତରଫରୁ ପ୍ରଭାରୀ ନିରଞ୍ଜନ ମିଶ୍ର, ରାଜ୍ୟ ମୁଖପାତ୍ର ପବିତ୍ର ମୋହନ ଦାଶ ଓ ପୂର୍ବତନ ଜିଲା ସଭାପତି ପ୍ରସନ୍ନ କୁମାର ଦାଶ ପ୍ରମୁଖ ଯୋଗଦେଇ ଗତ ନିର୍ବାଚନରେ ଭାଜପାର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉପସ୍ଥିତ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲା ପରିଷଦ ଜୋନ ଓ ଖଣ୍ଡପଡ଼ା ପୌରାଞ୍ଚଳର ଭାଜପା କର୍ମୀ, କର୍ମକର୍ତ୍ତାଙ୍କ ସହ ବରିଷ୍ଠ ନେତାମାନେ ବିଭିନ୍ନ ୱାର୍ଡ ଓ ପଞ୍ଚାୟତର ନିର୍ବାଚନରେ ଭାଜପାର ସଫଳତା ଓ ବିଫଳତା ସମ୍ପର୍କରେ ବିଶ୍ଳେଷଣ କରିଥିଲେ। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଇଂ. ଅର୍ଚ୍ଚନା ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ବୈଠକରେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଭାପୁର, ଖଳିସାହି, କରବର, ବନମାଳୀପୁର, ବାଇଗୁଣିଆ ପଞ୍ଚାୟତର ଭାଜପା ସଭାପତି ଯଥାକ୍ରମେ କାର୍ତ୍ତିକ ନାୟକ, ଭରତ ବିଶ୍ୱାଳ, ସୁନୋଜ ଧଳ, ଅଜୟ ନାୟକ ଓ ପ୍ରକାଶ ମହାରଣା,ଜିଲା ପରିଷଦ ପ୍ରାର୍ଥୀ ସଞ୍ଜୟ ଦାସ, କାଉନସିଲର ଶ୍ୟାମ ସୁନ୍ଦର ରାମ, ମଧୁ ସୁଦନ ପଣ୍ଡା, ସଙ୍ଗଠକ ଇଂ.ଶ୍ରୀନିବାସ ଦାଶଙ୍କ ସମେତ ବିଭିନ୍ନ ମଣ୍ଡଳର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

### ମହାମାୟୀଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

**ଦଶପଲ୍ଲା,୧୦।୫(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧଖଣ୍ଡ ପଞ୍ଚାୟତର ୨ନଂ. ୱାର୍ଡ ଡିମ୍ବିରି ସାହି ଓ ମହାନ୍ତି ସାହିରେ ପୂଜା ପାଉଥିବା ମା'ମହାମାୟୀଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମାତୃ ମଣ୍ଡଳୀ ସଂକୀର୍ତ୍ତନ ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ। ପଣ୍ଡିତ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ଦ୍ୱାରା ମା'ଙ୍କ ନୀତିକାନ୍ତି ଶେଷ ହୋଇଥିଲା । ସାହିର ସୁରେଶ କୁମାର ଖମାରୀ, ସନ୍ତୋଷ କୁମାର ଘଣ୍ଟା, ଜାଗର ପ୍ରଧାନ, ଶେତ ସ୍ୱାଇଁ, ଚକ୍ରଧର ପ୍ରଧାନଙ୍କ ନେତୃତ୍ୱ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୬ ଦଳ ମାତୃ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ । ସ୍ଥାନୀୟ ଜନସାଧାରଣ ଏଥିରେ ସହଯୋଗ କରିଥିଲେ। ଗତ ଦୁଇ ବର୍ଷ ହେଲା କରୋନା କଟକଣା ଯୋଗୁ ଅଷ୍ଟପ୍ରହରୀ ନାମ ଯଜ୍ଞ ବନ୍ଦ ରହିଥିଲା ।

### ୨ ଅଭିଯୁକ୍ତ ଜେଲ ଗଲେ

**ଗଞ୍ଜାମ,୧୦।୫(ଡି.ଏନ.ଏ.):** ବାଲି ଚୋରା ଚାଲାଣ ଚଢ଼ାଉ ବେଳେ ମାଫିଆମାନେ ଅତିରିକ୍ତ ତହସିଲଦାର ଶୁଭେନ୍ଦୁ କୁମାର ଜେନା, ଆରଆଇ ଭାସ୍କର ସାହୁ, ସୀତାରାମ ସାହୁ ଓ ସୁଶାନ୍ତ କୁମାର ବେହେରାଙ୍କୁ ଆକ୍ରମଣ କରିଥିବା ମହଙ୍ଗା ପଡିଛି। ଉକ୍ତ ଘଟଣାରେ ପୋଲିସ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଲ୍ୟାଣପୁର ଗ୍ରାମର ଆର୍ ସୁନୀଲ ରେଡ୍ଡୀ ଓ ଡି ହରି ରେଡ୍ଡୀ। ପୂର୍ବରୁ ଏ ନେଇ ପୋଲିସ ନଂ. ୬୯/୨୨ରେ ମାମଲା ରୁଜୁ କରିଥିଲା। ଏହାର ତଦନ୍ତ ଭାର ଖୋଦ ଏସ୍‌ଡିପିଓ ଗୌତମ କିସାନ ନେଇଥିଲେ।

# ବାଲ୍ୟ ବିବାହକୁ ରୋକି ହେଉନି

ନୟାଗଡ଼ ଅଫିସ,୧୦।୫

କନ୍ୟା ଭ୍ରୁଣ ହତ୍ୟା ଓ ବାଲ୍ୟ ବିବାହକୁ ନୟାଗଡ଼ ଜିଲାରେ ରୋକି ହେଉନି । ଏହି ଦୁଇ ବ୍ୟବସ୍ଥାକୁ ବନ୍ଦ ପାଇଁ ଲକ୍ଷାଧିକ ଟଙ୍କା ଅନୁଦାନରେ ବେଟି ବଚାଅ ବେଟି ପଢ଼ାଅ କାର୍ଯ୍ୟକ୍ରମ ସରକାରୀସ୍ତରରେ ଚାଲିଛି । ପୁଣି ବାଲ୍ୟ ବିବାହ ବନ୍ଦ ପାଇଁ ସଚେତନତା ସୃଷ୍ଟି କରାଯାଉଛି । ଏହା ପରେ ବି ସେଥିରେ ସୁଧାର ଆସିନି । ୨୦୨୧ରୁ ଜାନୁୟାରୀରୁ ୨୦୨୨ ଏପ୍ରିଲ ପର୍ଯ୍ୟନ୍ତ ୧୬ ମାସରେ ୧୫୧ ବାଲ୍ୟ ବିବାହ ଚାଇଲ୍ଡ ଲାଇନ ବନ୍ଦ କରିବା ପରେ ସଚେତନତା କାମ କରୁ ନ ଥିବା ସ୍ପଷ୍ଟ ହେଉଛି । ବେସରକାରୀ ଭାବେ ଏହାର ସଂଖ୍ୟା ୩ରୁ ୪ଗୁଣ ହେବ ବୋଲି କୁହାଯାଉଛି । ବାଲ୍ୟ ବିବାହ ବନ୍ଦ ପାଇଁ ଚାଲିଥିବା ସଚେତନତା କାର୍ଯ୍ୟକ୍ରମରେ କିଛି ତ୍ରୁଟି ଯୋଗୁ ତାହା ଲୋକଙ୍କ ମଧ୍ୟରେ ଗ୍ରହଣୀୟ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି । ଏ ନେଇ କାରଣ ଖୋଜିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି।

**ଲୋକ ଦେଖାଣିଆ ଶପଥ ପାଠ:** ନୟାଗଡ଼ ଜିଲାରେ ବାଲ୍ୟ ବିବାହ ବଢ଼ୁଥିବାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଏବଂ ଆକ୍ସନ ଏଡ୍ ମିଳିତ ସହଯୋଗରେ ଜିଲା ସଦର ମହକୁମାରେ ମଙ୍ଗଳବାର ଜିଲାପାଳ ପୋମା ଟୁଡୁଙ୍କ ଅଧକ୍ଷତାରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ଏବଂ ଆକ୍ସନ ଏଡ୍ ପ୍ରୟାସରେ ସମଗ୍ର ଜିଲାରେ ଚାଲିଥିବା 'ବାଲ୍ୟ ବିବାହକୁ ନାଁ କହିବା ଓ ବିଦ୍ୟାଳୟକୁ ହଁ କହିବା' ଶପଥ ପାଠ କାର୍ଯ୍ୟକ୍ରମ ଏକ ଅଂଶବିଶେଷ ବୋଲି କୁହାଯାଉଛି । ଏଥିରେ ପଞ୍ଚାୟତସ୍ତରରେ ସ୍ୱୟଂସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକା,ବାଳକ, ବ୍ଲକସ୍ତରରେ ସ୍ୱୟଂ ସହାୟିକା ମହାସଂଘର ସଭ୍ୟା, ସୁପରଭାଇଜର, ସିଡିପିଓ ଯୋଗ ଦେଇଥିଲେ । ସେହିପରି ଜିଲାସ୍ତରରେ ଜିଲାପାଳ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲା ସମାଜ ମଙ୍ଗଳ ଅଧିକାରୀ ଉପେନ୍ଦ୍ରନାଥ ବଡ଼ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ,ନୟାଗଡ଼ ସିଡିପିଓ ଲକ୍ଷ୍ମୀ ଦାଶ, ଜିଲା ସୁରକ୍ଷା ତଥା ବାଲ୍ୟ ବିବାହ ନିଷେଧ ଅଧିକାରିଣୀ , ଆକ୍ସନ ଏଡ୍‌ର ଜିଲା ପରାମର୍ଶ ଦାତ୍ରୀ ଇପ୍‌ସିତା ଅଗ୍ରୱାଲ, ମମତାର ଜିଲା ସଂଯୋଜିକା, ଏନ୍‌ଓପି ପରିଚାଳକ, ଜିଲା ସୁରକ୍ଷା ଅଧିକାରୀ ପ୍ରମୁଖ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା । କାର୍ଯ୍ୟକ୍ରମ ଶେଷ ପରେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଧାପନ୍ତରିଆ ଭାବେ ଏ ସଂକ୍ରାନ୍ତରେ ସୂଚନା ଦେଇଥିଲେ । ପ୍ରଶାସନ କାହିଁକି ଏପରି କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ସାମିଲ କରୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।


ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି।

- ୧୬ ମାସରେ ୧୫୧ ବାଲ୍ୟ ବିବାହ ବନ୍ଦ
- ସଚେତନତା ପରେ ବି ପରିବର୍ତ୍ତନ ନାହିଁ

## ଆଇନ କଡ଼ାକଡ଼ି ହେଉ

ବାଲ୍ୟବିବାହ ବଢ଼ୁଥିବା ନେଇ ଆଇନଜୀବୀ ଅମୀୟ ପଟ୍ଟନାୟକ କୁହନ୍ତି, ବାଲ୍ୟ ବିବାହ ପାଇଁ ରହିଥିବା ଆଇନଗତ ଢ଼ାଞ୍ଚା ବଦଳାଇବାକୁ ପଡିବ । ଯେଉଁମାନେ ବାଲ୍ୟ ବିବାହ କରାଉଛନ୍ତି ସେମାନଙ୍କ ବିରୋଧରେ ଥାନାରେ ମାମଲା ହେବା ସହ ଗିରଫ କରାଯାଉ । ପୁଣି ପ୍ରଶାସନ ଏହି କାର୍ଯ୍ୟକ୍ରମରେ ଗଣମାଧକୁ ସାମିଲ କରୁ । ଏନେଇ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟଙ୍କୁ ସଚେତନତା କରାଇ ସେମାନଙ୍କ ସହଯୋଗ ନିଆଯାଉ । ଅନ୍ୟପକ୍ଷେ ବିବାହ ପଞ୍ଜିକୃତ ବାଧତାମୂଳକ କରାଗଲେ ନାବାଳିକା ବିବାହ ବନ୍ଦ ହେବାରେ ସହଯୋଗ ହେବ ବୋଲି ସମାଜିକ କର୍ମୀ ଉଷାରାଣୀ ପଟ୍ଟନାୟକ କହିଛନ୍ତି। ଉଷାରାଣୀଙ୍କ ସୂଚନା ଅନୁସାରେ ନାବାଳିକା ବିବାହ ସମ୍ପର୍କୀୟ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ ଦରକାର । ସମସ୍ତଙ୍କୁ ନେଇ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରାଗଲା ସଫଳତା ନିଶ୍ଚିତ ମିଳିବ । ବହୁଦିନର ସାମାଜିକ ସମସ୍ୟାକୁ ବଦଳାଇବାକୁ ହେଲେ ସମୟ ଦରକାର । କାରଣ ଏହା ଏକ ବ୍ୟାଧି ହୋଇ ସାରିଛି। ଏନେଇ ସମସ୍ତେ ସଚେତନତା ନାହାନ୍ତି ବୋଲି ସେ କହିଛନ୍ତି ।

## ବିବାହ ପୂର୍ବରୁ ନାବାଳିକା ଛାତ୍ରୀ ଉଦ୍ଧାର

ଭାପୁର,୧୦।୫(ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ କରବର ପଞ୍ଚାୟତ ଅଧୀନ କରବର ଗ୍ରାମରୁ ମଙ୍ଗଳବାର ଜଣେ ୧୭ବର୍ଷୀୟା ନାବାଳିକାଙ୍କୁ ଉଦ୍ଧାର କରାଯାଇଛି । ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ଏହି ନାବାଳିକାଙ୍କୁ ପରିବାର ଲୋକେ ମଙ୍ଗଳବାର କଟକ ଜିଲା ନରସିଂହପୁର ଅଞ୍ଚଳର ଜଣେ ୨୪ ବର୍ଷୀୟ ଅଟୋ ଡ୍ରାଇଭରଙ୍କୁ ସ୍ଥାନୀୟ ମନ୍ଦିରରେ ବିବାହ କରିବାକୁ ପ୍ରସ୍ତୁତି ଚଳେଇଥିଲେ । ଏଥିପାଇଁ ନାବାଳିକାଙ୍କ ଘରେ ବନ୍ଧୁବାନ୍ଧବ ପହଞ୍ଚି ସାରିଥିଲେ । କୌଣସି ସୂତ୍ରରୁ ଚାଇଲ୍ଡ ଲାଇନ ଖବର ପାଇ ଫତେଗଡ଼ ଥାନା ପୋଲିସ ସହାୟତାରେ କରବର ଗ୍ରାମରେ ଚଢ଼ାଉ କରିଥିଲା । ଉଦ୍ଧାର ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ ସମିତି ଶିଶୁଗୃହରେ ରଖାଯାଇଛି । ଏହି ଚଢାଉରେ ନୟାଗଡ଼ ଚାଇଲ୍ଡ ଲାଇନ ସଦସ୍ୟ ମନୋଜ କୁମାର ପରିଡ଼ା, ସ୍ୱର୍ଣ୍ଣଲତା ଜେନା,ଭାପୁର ଚାଇଲ୍ଡ ଲାଇନ ସୁପରଭାଇଜର ସଦସ୍ୟା ଜ୍ୟୋତିମୟୀ ସାହୁ, ସନ୍ତୋଷନୀ ପାଣି ଓ ଫତେଗଡ଼ ପୋଲିସ ସାମିଲ ହୋଇ ଥିଲେ । ଏ ସଂକ୍ରାନ୍ତରେ ଭାପୁର ବ୍ଲକ ସିଡିପିଓ ରେଣୁବାଳା ନନ୍ଦ କହିଛନ୍ତି, ଗାଁଗହଳିରେ ଲୋକମାନଙ୍କୁ ଏ ସଂକ୍ରାନ୍ତରେ ସଚେତନ କରାଯାଉଛି । ଘର ଘର ବୁଲି ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ବୁଝାଉଛନ୍ତି । ହେଲେ କେତେଜଣ ଅମାନିଆ ବ୍ୟକ୍ତି ସଚେତନ ହେଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି ।

# ବାଲି ବୋଝେଇ ହାଇୱା ଉପରେ କଟକଣା ଲାଗୁ

ଖଣ୍ଡପଡ଼ା,୧୦।୫(ସ୍ୱ.ପ୍ର.)

କଣ୍ଟିଲୋ,ପଥରଚକଡା, ସିଧାମୂଳା ଦେଇ ପ୍ରବାହିତ ମହାନଦୀର ବିଭିନ୍ନ ଘାଟରୁ ବାଲି ବୋଝେଇ କରି ହାଇୱାଗୁଡିକ ଗ୍ରାମାଞ୍ଚଳର ବିଭିନ୍ନ ଅଣଓସାରିଆ ରାସ୍ତା ଦେଇ ଯାତାୟତ କରୁଥିବାରୁ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏହାକୁ ନେଇ ଧନଜୀବନ କ୍ଷତି ଘଟୁଥିବାରୁ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି । ବିଶେଷ କରି କଣ୍ଟିଲୋରୁ ବେଣାଗାଡିଆ, ଖଳିସାହି, ଖଣ୍ଡପଡା ଦେଇ ବାଲି ବୋଝେଇ ହାଇୱା ନୟାଗଡ଼ର ବିଭିନ୍ନ ସ୍ଥାନକୁ ବାଲି ନେଉଛି । ଅନୁରୂପ ଭାବେ ସିଧାମୂଳା ଦେଇ ବଡମ୍ବା, ନରସିଂହପୁର, ମାଧପୁର, ଫତେଗଡ ଦେଇ ଖୋର୍ଦ୍ଧାକୁ ମଧ୍ୟ ମହାନଦୀରୁ ବାଲି ଚାଲାଣ ହେଉଛି । ଭାରିଯାନ ଚଳାଚଳ ଫଳରେ କଣ୍ଟିଲୋକୁ ଚାରିପାଖରୁ ସଂଯୋଗ କରୁଥିବା ରାସ୍ତା ଦବି ଯାଇ ଶତାଧିକ ଖାଲଖମା ସୃଷ୍ଟି ହୋଇଛି। ହାଇୱା ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଅଞ୍ଚଳବାସୀ ବିଭିନ୍ନ ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୭ ତାରିଖ ରାତିରେ ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତାର ବେଣାଗାଡିଆଗ୍ରାମ ନିକଟ କୁଆଁରିଆ ସେତୁ ବୁଲାଣିରେ ୨ ହାଇୱା ଦୁର୍ଘଟଣା ଗ୍ରସ୍ତ ହେବା ଯୋଗୁ ଉକ୍ତ ରାସ୍ତା ଦେଇ ଯାନବାହନ ଚଳାଚଳ ବହୁ ସମୟ ଧରି ବନ୍ଦ ରହିଥିଲା । ଫଳରେ ଯାତ୍ରୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ପରେ ଖଣ୍ଡପଡା ଥାନାଧିକାରୀ ବିଶ୍ୱଜିତ ରାଉତରାୟଙ୍କ ହସ୍ତକ୍ଷେପ ପରେ ଦୁର୍ଘଟଣାଗ୍ରସ୍ତ ହାଇୱାକୁ ରାସ୍ତା ଉପରୁ ହଟାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା । ତେଣୁ ବାଲି ବୋଝେଇ ହାଇୱା ଚଳାଚଳ ଉପରେ ପ୍ରଶାସନ କଟକଣା ଲାଗୁ କରିବାକୁ ସାଧରଣରେ ଦାବି ହେଉଛି ।


ଦୁର୍ଘଟଣାଗ୍ରସ୍ତ ବାଲି ବୋଝେଇ ହାଇୱା।

# ଆହାର କେନ୍ଦ୍ରରେ ଏନ୍‌ଏସି ଅଧିକାରୀଙ୍କ ଚଢ଼ାଉ

ଦଶପଲ୍ଲା,୧୦।୫(ଡି.ଏନ.ଏ.)

ଦଶପଲ୍ଲା ଆହାର କେନ୍ଦ୍ର ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି । ଏ ସଂକ୍ରାନ୍ତରେ ଅଭିଯୋଗ ପାଇବା ପରେ ଦଶପଲ୍ଲା ଏନ୍‌ଏସି ଅଧିକାରୀ ଦେବବ୍ରତ କର ମଙ୍ଗଳବାର ଆହାର କେନ୍ଦ୍ରରେ ପହଞ୍ଚି ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ । ଲୋକମାନଙ୍କୁ ଠିକ୍ ଓ ଶୁଦ୍ଧ ଖାଦ୍ୟ ପ୍ରଦାନ କରିବାକୁ ତାଗିତ କରିଛନ୍ତି । ଆହାର କେନ୍ଦ୍ରକୁ ଆସୁଥିବା ଗରିବ ଲୋକମାନେ ଖାଦ୍ୟ ପାଉ ନ ଥିବା ଅଭିଯୋଗ ହୋଉଛି । ଏହାକୁ ଭିତ୍ତିକରି ଏନ୍‌ଏସି ଅଧିକାରୀ କର ରେଜିଷ୍ଟର ଯାଞ୍ଚ କରିବା ସହିତ ଗରିବ ଲୋକମାନେ ଯେପରି ଖାଦ୍ୟ ବିନା ନ ଫେରନ୍ତି ସେ ସଂକ୍ରାନ୍ତରେ ଦୃଷ୍ଟି ହେବାକୁ ଅନୁରୋଧ କରିଥିଲେ । ଏଥିସହିତ ବାହାରକୁ ପ୍ୟାକେଟରେ ଖାଦ୍ୟ ନ ପଠାଇବା ପାଇଁ କହିଥିଲେ ।


ଏନ୍‌ଏସି ଅଧିକାରୀ ରେଜିଷ୍ଟର ଯାଞ୍ଚ କରୁଛନ୍ତି ।

# କୃଷି କାର୍ଯ୍ୟାଳୟ ସମ୍ମୁଖରେ ସୂଚନା କର୍ମୀଙ୍କ ଧାରଣା



ଧାରଣାରେ ବସିଛନ୍ତି ସୂଚନା କର୍ମୀ କେଶବ ମହାକୁଡ ।

ନୂଆଗାଁ,୧୦।୫(ଡି.ଏନ.ଏ.)

- ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି
- ତଥ୍ୟ ମାଗିଲେ ମିଳୁନି
- ଅଭିଯୋଗ ଶୁଣୁ ନାହାନ୍ତି ବିଭାଗୀୟ ଅଧିକାରୀ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୃଷି ବିଭାଗର ବିଭିନ୍ନ କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ମଙ୍ଗଳବାର ନୂଆଗାଁ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ସୂଚନା କର୍ମୀ କେଶବ ମହାକୁଡ । ଚାଷୀଙ୍କ ଉନ୍ନତି ପାଇଁ ସରକାର ଯୋଜନା ପରେ ଯୋଜନା କରୁଛନ୍ତି। ବାସ୍ତବ କ୍ଷେତ୍ରରେ ତାହା ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏପରି କି ଚାଷୀଙ୍କ ନିମନ୍ତେ ଆସୁଥିବା ମୁଗ ବିହନ, ସାର, ପିଡ଼ିଆ ଆଦି ପ୍ରକୃତ ହିତାଧିକାରୀ ପାଇ ପାରୁନାହାନ୍ତି। ଏ ନେଇ ବାରମ୍ବାର ତଥ୍ୟ ମାଗିବା ସହିତ ଅଭିଯୋଗ କରାଯାଉଥିଲେ ମଧ୍ୟ ତଥ୍ୟ ଦିଆ ଯାଉନାହିଁ କିମ୍ବା ଅଭିଯୋଗ ଶୁଣୁ ନାହାନ୍ତି ବିଭାଗୀୟ ଅଧିକାରୀ । ଖୋଦ୍ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ନିଜ ବ୍ଲକ ଏବଂ ନିଜ ଗାଁରେ ମୁଗ ଚାଷୀଙ୍କୁ ବିହନ ନ ଦେଇ ହଡପ୍ କରାଯାଇଛି । ଏ ସଂକ୍ରାନ୍ତରେ ଅଭିଯୋଗ ହୋଇଥିଲେ ମଧ୍ୟ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଦିଆଯାଉନାହିଁ । ଚାଷୀଙ୍କ ପାଇଁ ସରକାର ଯୋଗାଇ ଦେଉଥିବା ସାମଗ୍ରୀକୁ ଲୋକଙ୍କୁ ନ ଦେଇ ବାଟମାରଣା କରାଯାଉଛି । ଏ ସଂକ୍ରାନ୍ତରେ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରିବାକୁ ଦାବି କରି ସୂଚନା କର୍ମୀ ମହାକୁଡ ଧାରଣା ଦେଇଛନ୍ତି।

## ନୀଳମାଧବ କ୍ଷେତ୍ରକୁ ୪ ଦୂରଗାମୀ ସରକାରୀ ବସ୍ ଚାଲିଲା

ଖଣ୍ଡପଡ଼ା,୧୦।୫(ସ୍ୱ.ପ୍ର.)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ନୟାଗଡ଼ ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପ୍ରଭୁ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ରାଜ୍ୟ ତଥା ରାଜ୍ୟ ବାହାରରୁ ବର୍ଷ ତମାମ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସଡ଼କ ପରିବହନ ବିଭାଗ ପକ୍ଷରୁ କଣ୍ଟିଲୋକୁ ୪ଟି ଦୂରଗାମୀ ଯାତ୍ରୀବାହୀ ବସ ଚଳାଚଳ ଆରମ୍ଭ ହୋଇଛି। ଭୁବନେଶ୍ୱରରୁ ଖଣ୍ଡପଡ଼ା ଓ କଣ୍ଟିଲୋ ଦେଇ ବୌଦ୍ଧ ସହରକୁ ୨ଟି ଯାତ୍ରୀବାହୀ ବସ ଚଳାଚଳ ଆରମ୍ଭ ହୋଇଥିବା ବେଳେ ଅନୁରୂପ ଭାବେ ବ୍ରହ୍ମପୁରରୁ କଣ୍ଟିଲୋ ଦେଇ ଗଣିଆ ଓ ଜୟପୁର ସହରରୁ କଟକ ଜିଲା ଅଧୀନ ନରସିଂହପୁରକୁ କଣ୍ଟିଲୋ ଦେଇ ଯାତ୍ରୀବାହୀ ବସ ସେବା ଆରମ୍ଭ ହୋଇଛି। ଦୂରଗାମୀ ଯାତ୍ରୀବାହୀ ବସ ସେବା ଆରମ୍ଭ ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟ ସରକାରଙ୍କ ସଡ଼କ ପରିବହନ ବିଭାଗ ପକ୍ଷରୁ ବାରିପଦାରୁ କଟକ, ଭୁବନେଶ୍ୱର, ନୟାଗଡ଼, ଖଣ୍ଡପଡ଼ା ଦେଇ କଣ୍ଟିଲୋକୁ ବସସେବା ଚାଲୁ ରହିଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେହି ବସ ସେବା ବନ୍ଦ ହୋଇଯାଇଥିଲା। ପୁଣିଥରେ ଦୂରଗାମୀ ବସ୍ ଚାଲୁ କରିବାକୁ ସାଧାରଣରେ ଦାବି ହେଉଛି। ଏଥିପ୍ରତି ରାଜ୍ୟ ସରକାରଙ୍କ ସଡ଼କ ଓ ପରିବହନ ବିଭାଗ କର୍ତ୍ତୃପକ୍ଷ, ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବାଲ୍ୟବିବାହମୁକ୍ତ ପଞ୍ଚାୟତ ଗଠନ ଉପରେ ସଚେତନତା

ଭାପୁର,୧୦।୫(ଡି.ଏନ.ଏ.)

ବାଲ୍ୟବିବାହ ଭଳି ସାମାଜିକ ବ୍ୟାଧି ନୟାଗଡ଼ ଜିଲାରେ ଏବେ ବି ଚାଲିଛି । ଏଥିପାଇଁ ନୟାଗଡ଼ ଜିଲା ପ୍ରଶାସନର ପରାମର୍ଶକ୍ରମେ ଭାପୁର ବ୍ଲକର ବାଘୁଆପଲ୍ଲୀ ଓ ରାକମା ପଞ୍ଚାୟତକୁ ବାଲ୍ୟବିବାହ ମୁକ୍ତ ପଞ୍ଚାୟତ ଗଠନ କରିବା ପାଇଁ ପ୍ରୟାସ ଜାରି ରହିଛି । ଭାପୁର ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ମଙ୍ଗଳବାର ବାଲ୍ୟବିବାହ ସଚେତନତା ସୃଷ୍ଟି ପାଇଁ ଛାତ୍ରୀଛାତ୍ରଙ୍କୁ ନେଇ ଏ ଶୋଭାଯାତ୍ରା ବାହାରିଥିଲା । ସେହିପରି ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ଦୁବପଲ୍ଲୀ ଗ୍ରାମରେ ବାଲ୍ୟବିବାହ ଓ ଶିଶୁ ସୁରକ୍ଷା ଉପରେ ଆଲୋଚନା ସହିତ ଘରକୁ ଘର ବୁଲି ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କିଶୋର କିଶୋରୀଙ୍କୁ ଶପଥ ପାଠ କରାଯାଇଥିଲା । ଏଥିରେ ଦୁବପଲ୍ଲୀ ଅଙ୍ଗନୱାଡି କର୍ମୀ ବିନୋଦିନୀ ପଣ୍ଡା, ସହାୟିକା ରଞ୍ଜିତା ସାହୁ, ୱାର୍ଡ ସଭ୍ୟା ଦିପ୍ତିମୟୀ ପଣ୍ଡା, ଯଶୋଦା ପଣ୍ଡା ,ସୁଲୋଚନା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି ସଚେତନ ଶିବିରରେ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଶିଶୁର ସ୍ୱାସ୍ଥ୍ୟ, ବାଲ୍ୟବିବାହର କାରଣ ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚକମାନେ ଆଲୋଚନା କରିଥିଲେ । ଶେଷରେ ବାଲ୍ୟବିବାହ ମୁକ୍ତ ପଞ୍ଚାୟତ ଗଠନ ପାଇଁ ସମସ୍ତେ ଶପଥ ନେଇଥିଲେ ।



ବାଲ୍ୟ ବିବାହ ବିରୋଧରେ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା।

# ଅବ୍ୟବସ୍ଥା ଘେରରେ ଡିମିରିପଲି ସରକାରୀ ହାଇସ୍କୁଲ

ନୂଆଗାଁ,୧୦।୫(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଡିମିରିପଲିଠାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ତରଫରୁ ଗୁମି ପଞ୍ଚାୟତ ଡିମିରିପଲିଠାରେ ଏକ ହାଇସ୍କୁଲ ପ୍ରତିଷ୍ଠା କରାଯାଇଥିଲା । ହେଲେ ନାନା ଅବ୍ୟବସ୍ଥା ମଧ୍ୟରେ ସେହି ସ୍କୁଲ ଚାଲିଥିବା ଅଭିଯୋଗ ହୋଇଛି ।

୧୯୫୬ରେ ପ୍ରତିଷ୍ଠା ହୋଇଥିବା ଏହି ହାଇସ୍କୁଲରେ ରାଜ୍ୟର ବିଭିନ୍ନ ଜିଲାରୁ ଆଦିବାସୀ ହରିଜନ ତଥା ପଛୁଆ ବର୍ଗର ଛାତ୍ରମାନେ ଛାତ୍ରାବାସରେ ରହି ପାଠ ପଢୁଛନ୍ତି । ଏହାସହ ସ୍ଥାନୀୟ ଛାତ୍ରୀଛାତ୍ରମାନେ ଉକ୍ତ ସ୍କୁଲରେ ଅଧ୍ୟୟନ କରୁଛନ୍ତି। ଛାତ୍ରାବାସରେ ରହୁଥିବା ପଛୁଆବର୍ଗର ଛାତ୍ରମାନଙ୍କ ପାଇଁ ସରକାର ସବୁ ସୁବିଧା ସୁଯୋଗ ଯୋଗାଇ ଦେଉଥିବା ବେଳେ ସେସବୁ ଅନ୍ତେବାସୀଙ୍କ ପାଖରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି। ଚଳିତବର୍ଷ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୩୯ ଛାତ୍ରୀଛାତ୍ର ପଢୁଛନ୍ତି । ସେଥିମଧ୍ୟରୁ ୧୦୫ ଜଣ ଛାତ୍ର ଛାତ୍ରାବାସରେ ରହୁଛନ୍ତି। ହେଲେ ଛାତ୍ରାବାସରେ ୩ ମାସ ହେଲା ପାଣିର ସୁବିଧା ନାହିଁ । କୌଣସି ପାଇଖାନାରେ କବାଟ କିମ୍ବା ପାଣି ଟ୍ୟାପ ନାହିଁ । ଫଳରେ ଛାତ୍ରାବାସ ଦୁର୍ଗନ୍ଧରେ ଫାଟି ପଡୁଛି । ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପୋଷାକ ପାଇଁ ସରକାର ଟଙ୍କା ଦେଉଛନ୍ତି । ଗତବର୍ଷ ଏ ବାବଦରେ ୩୪ହଜାର ୮ଶହ ଟଙ୍କା ଆସିଥିବା ବେଳେ ତାହା ଛାତ୍ରୀଛାତ୍ରଙ୍କୁ ନ ଦେଇ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହେଉଛି । ସେହିଭଳି ଚଳିତ ବର୍ଷ ଆଦିବାସୀ ହରିଜନ କଲ୍ୟାଣ ବିଭାଗରୁ ପୋଷାକ ପାଇଁ ଜଣ ପିଛା ୧୦୦୦ ଟଙ୍କା ଆସିଥିବା ବେଳେ ୯୫୦ ଟଙ୍କା ଦିଆଯାଇଛି । ଦଶମ ଶ୍ରେଣୀ ପରୀକ୍ଷା ଫର୍ମ ପୂରଣ ମାଗଣା କରିବାର ନିୟମ ରହିଥିବା ବେଳେ ପ୍ରତି ଛାତ୍ରୀଛାତ୍ରଙ୍କ ପିଛା ୫୦୦ ଟଙ୍କା ଆଦାୟ କରାଯାଇଛି ବୋଲି ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କୁ ପଚାରିବାରୁ ସେ କହନ୍ତି, ଗତବର୍ଷ ପୋଷାକ ବାବଦରେ ଆସିଥିବା ଟଙ୍କା ପିଲାଙ୍କୁ ଦିଆ ନ ଯାଇ ସ୍କୁଲ ଉନ୍ନୟନ କାମରେ ବ୍ୟୟ କରାଯାଇଛି। ଚଳିତ ବର୍ଷ ପୋଷାକ ପାଇଁ ୯୫୦ ଟଙ୍କା ଦିଆଯାଇଛି । ଫର୍ମ ପୂରଣ ପାଇଁ ୫୦୦ ନୁହେଁ ୫୦ ଟଙ୍କା ଲେଖାଏଁ ଆଦାୟ କରାଯାଇଥିବା ସେ ସ୍ୱୀକାର କରିଛନ୍ତି । ଅନ୍ୟପକ୍ଷେ ସ୍କୁଲରେ ୧୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିବାର ନିୟମ ରହିଥିବା ବେଳେ ବର୍ତ୍ତମାନ ୭ ଜଣ ଅଛନ୍ତି। ସ୍କୁଲରେ ବିଏ ବିଇଡି କିମ୍ବା ବିଏସସି ବିଇଡି ଶିକ୍ଷାଗତ ଯୋଗ୍ୟତା ଥିବା କୌଣସି ଶିକ୍ଷୟିତ୍ରୀ, ଶିକ୍ଷକ ନ ଥିବାରୁ ପାଠ ପଢାଇବାରେ ବାଧା ଉପୁଜୁଥିବା କହିଛନ୍ତି ପ୍ରଧାନ ଶିକ୍ଷକ ସାହୁ। ସରକାରୀ ସ୍କୁଲର ଏପରି ଅବ୍ୟବସ୍ଥା ବିଷୟରେ ନୂଆଗାଁ ବ୍ଲକ ସମାଜମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ଡବ୍ଲୁଓ) ମଳୟ ରଞ୍ଜନ ଚିନରାଙ୍କୁ ପଚାରିବାରେ ଅବ୍ୟବସ୍ଥା ବାବଦରେ ମୁଁ ବିଡିଓଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି । ପୋଷାକ ଟଙ୍କା ଆତ୍ମସାତ୍ ବାବଦରେ ହୋଇଥିବା ଅଭିଯୋଗକୁ ନେଇ ତଦନ୍ତ କରାଯିବ ବୋଲି ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି ।



- ଦୁର୍ଗନ୍ଧରେ ଫାଟି ପଡୁଛି ଛାତ୍ରାବାସ
- ଛାତ୍ରୀଛାତ୍ରଙ୍କ ପୋଷାକ ଟଙ୍କା ଆତ୍ମସାତ୍ ଅଭିଯୋଗ
- ଫର୍ମ ପୂରଣ ପାଇଁ ନିଆଯାଉଛି ଟଙ୍କା
- ନାହାନ୍ତି ଆବଶ୍ୟକ ଶିକ୍ଷୟିତ୍ରୀ,ଶିକ୍ଷକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୧ ମେ, ୨୦୨୨



# ପଦବୀ ୨୪, ଅଛନ୍ତି ୧୪ ଡାକ୍ତର

ଭଞ୍ଜନଗର,୧୦।୫(ଡି.ଏନ.ଏ.)

- ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନା
- ମେଡ଼ିସିନ, ଅସ୍ତ୍ରିଶଲ୍ୟ ଡାକ୍ତର ପଦବୀ ପୂରଣ
- ଖୋଲିବ ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ର

ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର, ନର୍ସ ଅଭାବ ଏକ ମୁଖ୍ୟ ସମସ୍ୟା। ଏଠାରେ ବର୍ଷ ବର୍ଷ ଧରି ବହୁ ଡାକ୍ତର ପଦବୀ ଖାଲି ପଡ଼ିଛି। ଏହି ହସ୍ପିଟାଲକୁ ବ୍ରହ୍ମପୁରସ୍ଥିତ ଜିଲା ହସ୍ପିଟାଲ ଠାରୁ ଅଧିକ ରୋଗୀ ଦୈନନ୍ଦିନ ଆଉଟଡ଼ୋର ଏବଂ ଇନଡ଼ୋରକୁ ଚିକିତ୍ସା ପାଇଁ ଆସୁଛନ୍ତି । ଡାକ୍ତର ଏବଂ ନର୍ସ ପଦବୀ ଖାଲିଥିବା ଯୋଗୁ ବିଭିନ୍ନ ସମୟରେ ରୋଗୀ ସେବା ପ୍ରଭାବିତ ହେଉଛି । କର୍ମଚାରୀମାନେ ଅନେକ ସମୟରେ ରୋଗୀଙ୍କୁ ଉଚିତ ସେବା ଯୋଗାଇ ପାରୁନାହାନ୍ତି। ଯାହାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ଏବଂ କର୍ମଚାରୀଙ୍କ ମଧ୍ୟରେ ପୂର୍ବରୁ ବହୁବାର ବଚସା ହୋଇଥିବା ନଜିର ଅଛି। ୫ବର୍ଷରୁ ଉର୍ଦ୍ଧ୍ୱ ହେବ ସର୍ଜରୀ ଏବଂ ଅସ୍ତ୍ରିଶଲ୍ୟ ବିଶେଷଜ୍ଞ ପଦବୀ ଖାଲିପଡ଼ିଥିଲା। ତେଣୁ କେହି ଆହତ ହୋଇ ଏଠାକୁ ଆସିଲେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଉଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଥିଲା । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାରୁ କିଛିଦିନ ପୂର୍ବେ ମେଡ଼ିସିନ ଏବଂ ଅସ୍ତ୍ରିଶଲ୍ୟ ଦୁଇଜଣ ନୂତନ ଡ଼ାକ୍ତର କାର୍ଯ୍ୟରେ ଯୋଗ ଦେଇଛନ୍ତି ।

ଭଞ୍ଜନଗର ମେଡ଼ିକାଲ ପାଇଁ ୨୪ ଡ଼ାକ୍ତର ପଦବୀ ଅନୁମୋଦନ ହୋଇଛି । ବର୍ତ୍ତମାନ ୧୭ଜଣ ଅଛନ୍ତି । ସେଥିମଧ୍ୟରୁ ୩ଜଣ ଡେପୁଟେଶନରେ ଅଛନ୍ତି। ଭଞ୍ଜନଗର ବ୍ଲକ ଗାଲେରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଏଠାରୁ ୨ଜଣଙ୍କୁ ଡ଼େପୁଟେଶନରେ ପଠାଯାଇଛି । ସ୍ତ୍ରୀ ଓ ପ୍ରସୂତି ବିଭାଗର ଜଣେ ଡାକ୍ତର ୨ ବର୍ଷ ହେବ ବ୍ରହ୍ମପୁର ଡେପୁଟେଶନରେ ଯାଇଛନ୍ତି । ଭଞ୍ଜନଗର ମେଡ଼ିକାଲରେ ଡାକ୍ତର ଅଭାବ ଲାଗି ରହିଥିବା ବେଳେ ଏଠାରୁ ବ୍ରହ୍ମପୁର ପଠାଇବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପଟେ ନିଶ୍ଚେତକ ଡାକ୍ତର ମଧ ଏକ ମାସରୁ ଉର୍ଦ୍ଧ୍ୱ ହେବ ଛୁଟିରେ ଅଛନ୍ତି। ତେଣୁ ମେଡ଼ିକାଲରେ କୌଣସି ରୋଗୀ ଅପରେଶନ ହେବାକୁ ଚାହିଁଲେ ସମ୍ଭବ ହୋଇପାରୁନାହିଁ । ଗୋଟିଏ ପଟେ ୧୦ ଡ଼ାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ଅନ୍ୟପଟେ କାର୍ଯ୍ୟଚାପ ଯୋଗୁ କର୍ମଚାରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି। ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲ ୮୦ ଶଯ୍ୟା ବିଶିଷ୍ଟ ହୋଇଥିଲେ ମଧ୍ୟ ଦୈନନ୍ଦିନ ୧୩୦ରୁ ଉର୍ଦ୍ଧ୍ୱ ରୋଗୀ ଇନଡ଼ୋରରେ ଚିକିତ୍ସିତ ହେଉଛନ୍ତି । ଆଉଟଡ଼ୋରରେ ଦିନକୁ ପ୍ରାୟ ୪ଶହ ରୋଗୀ ଚିକିତ୍ସିତ ହେଉଛନ୍ତି। ଏତେ ସଂଖ୍ୟକ ରୋଗୀ ଦେଖିବା ପାଇଁ ଆବଶ୍ୟକ ଡ଼ାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ନାହାନ୍ତି। ଏଠାରେ ୩୦ ନର୍ସ ରହିବା ବଦଳରେ ବର୍ତ୍ତମାନ ରେଗୁଲାର ୭ଜଣ ଠିକାରେ ୬ଜଣ ନର୍ସ ଅଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ଆଉଟସୋର୍ସିଂ ମାଧ୍ୟମରେ ୪ ଜଣ ନର୍ସଙ୍କୁ ୩ମାସ ପାଇଁ ନିଯୁକ୍ତି ଦିଆଯାଇଛି । ସେମାନଙ୍କ କାର୍ଯ୍ୟକାଳ ୨ମାସ ପରେ ସରିଯିବ। ପ୍ରତ୍ୟେକ ଗୁରୁବାର ଏବଂ ପ୍ରତିମାସ ୯ ତାରିଖ ମାତୃ ସୁରକ୍ଷା ଅଭିଯାନ ଦିବସରେ ରୋଗୀଙ୍କ ଅଲଟ୍ରାସାଉଣ୍ଡ କରାଯାଉଛି । ଅନ୍ୟ ଦିନ ଗୁଡ଼ିକରେ ତାହା ହୋଇପାରୁନାହିଁ । ମେଡ଼ିକାଲର ଭିତ୍ତିଭୂମି ସୁଦୃଢ଼ ଅଛି । ତଥାପି ଆଗକୁ ରୋଗୀ ସଂଖ୍ୟାକୁ ଦେଖି କୋଟି କୋଟି ଟଙ୍କା ବ୍ୟୟରେ ନୂଆ କୋଠା ନିର୍ମାଣ ଚାଲିଛି । ତେଣୁ ଏବେ ଖାଲିଥିବା ସର୍ଜରୀ, ନିଶ୍ଚେତକ ଡ଼ାକ୍ତର ପଦବୀ ସମେତ ନର୍ସ ପଦବୀ ଗୁଡ଼ିକ ତୁରନ୍ତ ପୂରଣ ପାଇଁ ସାଧାରଣରେ ଦାବି ହୋଇଛି । ଏ ନେଇ ମେଡ଼ିକାଲ ଅଧୀକ୍ଷକ ଡ଼.ସିତାଂଶୁ ଶେଖର ଶତପଥୀଙ୍କ ସହ ଯୋଗାଯୋଗ କରିବାରୁ ମେଡ଼ିକାଲର ଉନ୍ନତି ପାଇଁ ସବୁପ୍ରକାର ପଦକ୍ଷେପ ନିଆଯାଇଛି । ଧିରେଧିରେ ଖାଲିଥିବା ପଦବୀ ପୂରଣ ହେଉଛି ବୋଲି କହିଛନ୍ତି। ଭଞ୍ଜନଗର ସହର ଖାନସାହି ସ୍କୁଲରେ ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ର ଖୋଲିବ । ଏ ନେଇ ମରାମତି ପାଇଁ ଅର୍ଥ ଆସିଯାଇଛି। ସେଠାରେ ଆଉଟଡୋର ଏବଂ ଟିକା ସୁବିଧା ମିଳିବ। ଜଣେ ଡାକ୍ତର ଓ ଅନ୍ୟ କର୍ମଚାରୀ ସେଠାରେ ରହିବେ ବୋଲି ସୂଚନା ମିଳିଛି। ମଙ୍ଗଳବାର ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ମେଡ଼ିକାଲ ଅଧୀକ୍ଷକ ଶତପଥୀ, ଏନଏସି ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ପ୍ରମୁଖ ପ୍ରସ୍ତାବିତ ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ର ବୁଲି ଦେଖିଥିଲେ।



ଭଞ୍ଜନଗର ଉପଖଣ୍ଡ ହସପିଟାଲ ।

## ସଂକ୍ଷେପରେ

### ପୁଣି ବଦଳିଲେ ଗଞ୍ଜାମ ଥାନାଧିକାରୀ

**ଗଞ୍ଜାମ,୧୦।୫(ଡି.ଏନ.ଏ.):** ଦୁଇ ସପ୍ତାହ ମଧ୍ୟରେ ଗଞ୍ଜାମ ଥାନାରେ ୩ ଅଧିକାରୀ ବଦଳକୁ ନେଇ ସହରରେ ଚର୍ଚ୍ଚା ଜୋର ଧରିଛି। ଗତ କିଛିଦିନ ତଳେ ଗଞ୍ଜାମ ଥାନାରେ କାର୍ଯ୍ୟରତ ଶୁଭେନ୍ଦୁ କୁମାର ସାହୁଙ୍କ ଗାଙ୍ଗପୁର ଥାନାକୁ ବଦଳି ହୋଇଥିଲା। ତାଙ୍କ ସ୍ଥାନରେ ଦାୟିତ୍ୱ ନେଇଥିଲେ ପି. ସ୍ୱରୂପ କିଷନ। ସେ ଦାୟିତ୍ୱ ନେବାର ଦୁଇ ସପ୍ତାହ ନ ପୂରୁଣୁ ତାଙ୍କର ମଧ ରମ୍ଭା ଥାନାକୁ ବଦଳି ହୋଇଥିବା ବେଳେ ଗଞ୍ଜାମ ଥାନାରେ ସୁଦୀପ୍ତ କୁମାର ସାହୁ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ରମ୍ଭା ଥାନାରୁ ଦୀପ୍ତି ରଞ୍ଜନ ବେହେରା ଦିଗପହଣ୍ଡି ଥାନାକୁ ବଦଳି ହୋଇଛନ୍ତି ଏବଂ ତାଙ୍କ ସ୍ଥାନରେ ପି. ସ୍ୱରୂପ କିଷନ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡିଛି।

### ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ, ଯୁବକ ଗିରଫ

**କାଶୀନଗର,୧୦।୫:** କାଶୀନଗର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ପ୍ରେମ ପରେ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କ ପ୍ରେମିକଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ପିଣ୍ଡିଟି ଜଗଦିଶ (୩୫)। ସମ୍ପୃକ୍ତ ଯୁବତୀଙ୍କ ସହ ହୋଟେଲ ମାଲିକ ଦଗଦିଶ ପ୍ରେମ କରି ବିବାହ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଯୁବତୀଙ୍କୁ ଧୋକ୍କା ଦେଇ ଦୀର୍ଘ ୬ ମାସ ହେବ ଫେରାର ହୋଇଯାଇଥିଲେ। ଯୁବତୀଙ୍କ ଏତଲା କ୍ରମେ କାଶୀନଗର ଥାନାରେ ନଂ. ୧୩୪/୨୨ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି।

### ଉପଜିଲାପାଳଙ୍କ ବାତ୍ୟା ସମୀକ୍ଷା

**କାଶୀନଗର,୧୦।୫:** ସମ୍ପ୍ରତି ବଙ୍ଗୋପସାଗରରେ ଦେଖାଦେଇଥିବା ବାତ୍ୟା ଆସାନିର ମୁକାବିଲା ନିମନ୍ତେ ପାରଳାଖେମୁଣ୍ଡି ଉପଜିଲାପାଳ ଦିଲୀପ କୁମାର ମହାରଣା ବ୍ଲକ କାର୍ଯ୍ୟାଳୟ ଠାରେ ତହସିଲଦାର ତଥା ବିଡିଓ ଡ.ଲକ୍ଷ୍ମୀ ପ୍ରସାଦ ସାହୁ, ନିର୍ବାହୀ ଅଧିକାରୀ ଡା. ସତ୍ୟ ସମ୍ପନ୍ନା ରାଉତ, ଥାନାଧିକାରୀ ସୁଶାନ୍ତ କୁମାର ସାହୁ, ଅଗ୍ନିଶମ ବିଭାଗ, ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ସମୀକ୍ଷା କରି କିପରି ସଜାଗ ହୋଇ କର୍ମଚାରୀମାନେ କାର୍ଯ୍ୟ କରିବେ ନିର୍ଦ୍ଦେଶ ଦେଇଥିଲେ।

### ବ୍ଲକ ଜନ ପ୍ରତିନିଧିଙ୍କୁ ବିଡିଓଙ୍କ ଅଣଦେଖା ଅଭିଯୋଗ

**ବାଲିଗୁଡ଼ା,୧୦।୫(ଡି.ଏନ.ଏ.):** ବାଲିଗୁଡ଼ା ବ୍ଲକ କାର୍ଯ୍ୟାଳୟରେ ବିଡିଓ ଅଧକ୍ଷାଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏ ନେଇ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ମଲିକ, ବ୍ଲକ ଅଧକ୍ଷା ମିଶାବତୀ ମଲିକ, ଏନ୍ଏସି ଅଧକ୍ଷ ଗୋବିନ୍ଦ ପ୍ରଧାନ, ବ୍ଲକ ଉପାଧକ୍ଷା ନିକଜିନୀ ଦିଗାଳ ବିଡିଓ ଡ.ଷଡ଼ଙ୍ଗୀଙ୍କୁ ଘେରିଥିଲେ। ଦାୟିତ୍ୱ ନେବାର ଦେଢ଼ମାସ ବିତି ଯାଇଥିଲେ ମଧ ବିଡିଓ ଦିନେ ବି ଅଧକ୍ଷାଙ୍କୁ ଭେଟିନାହାନ୍ତି। ବାଲିଗୁଡ଼ା ବିଡିଓ ଅଧକ୍ଷାଙ୍କୁ ଉନ୍ନୟକ କାର୍ଯ୍ୟ ବିଷୟରେ ସୂଚନା ଦେଉନଥିବା, ପରିଦର୍ଶନରେ ଯିବା କିମ୍ବା କାର୍ଯ୍ୟାଳୟକୁ ଯାତାୟାତ ନିମନ୍ତେ ବ୍ଲକ ପକ୍ଷରୁ ଗାଡ଼ି ନ ଦେବା ଏବଂ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରିବା, ବ୍ଲକ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ କୌଣସି ଆଲୋଚନା ନ କରି ନିଜ ଇଚ୍ଛା ମୁତାବକ ସବୁ କାମ ବିଡିଓ କରି ଚାଲିଛନ୍ତି ବୋଲି ବିଧାୟକ ଓ ଅନ୍ୟମାନେ ଅଭିଯୋଗ କରିଛନ୍ତି । ବ୍ଲକ ଅଧକ୍ଷାଙ୍କୁ ଅଣଦେଖା ବରଦାସ୍ତ କରାଯିବ ନାହିଁ ବୋଲି ବିଡିଓଙ୍କ ସହ ପ୍ରବଳ ଯୁକ୍ତିତର୍କ କରି ତାଙ୍କୁ ଘେରିଥିଲେ। କିଛିସମୟ ପରେ ସମସ୍ତ ଜନପ୍ରତିନିଧି ବିଡିଓଙ୍କ କାର୍ଯ୍ୟାଳୟରୁ ବାହାରି ଚାଲି ଯାଇଥିଲେ। ସେପଟେ ନିର୍ବାଚିତ ପ୍ରତିନିଧିଙ୍କ ଅଭିଯୋଗକୁ ବିଡିଓ ଖଣ୍ଡନ କରିଛନ୍ତି ।

### ରଜତ କରଙ୍କ ବିୟୋଗରେ ଶୋକସଭା

**ଭଞ୍ଜନଗର,୧୦।୫(ଡି.ଏନ.ଏ):** ପଦ୍ମଶ୍ରୀ ଡ. ରଜତ କୁମାର କରଙ୍କ ବିୟୋଗରେ ସୋମବାର ସନ୍ଧ୍ୟାରେ ଭଞ୍ଜନଗର ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୋମନାଥ ନାୟକଙ୍କ ବାସଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚ ସଭାପତି ନାୟକ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ. କଳ୍ପପାଣି ସାମନ୍ତ ମୁଖ୍ୟ ଅତିଥି, ଅବସରପ୍ରାପ୍ତ କଲେଜ ଅଧକ୍ଷ ଶିବରାମ ପଣ୍ଡା ସମ୍ମାନିତ ଅତିଥି ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ପୃଥ୍ୱୀରାଜ ପ୍ରତାପ ସିଂ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ପାଦକ ରବୀନ୍ଦ୍ର ଆଚାର୍ଯ୍ୟ, ଉପ ସଭାପତି ବାଳକୃଷ୍ଣ ବେହେରା, କାର୍ଯ୍ୟକାରୀ ସଭ୍ୟ ଲଡୁ କିଶୋର ପ୍ରଧାନ, ନୀଳମଣି ବେହେରା, ହରେକୃଷ୍ଣ ସାହୁ, ଜଗଦୀଶ ପାଣିଗ୍ରାହୀ, ଜଗନ୍ନାଥ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବାତ୍ୟା ଅସାନିକୁ ନେଇ ପ୍ରଶାସନ ସଜାଗ

ପାରଳାଖେମୁଣ୍ଡି,୧୦।୫(ଡି.ଏନ୍.ଏ.)

ସମ୍ଭାବ୍ୟ ବାତ୍ୟା 'ଅସାନି'କୁ ନେଇ ଗଜପତି ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଗଜପତି ଜିଲାକୁ ୟେଲୋ ୱାର୍ଣିଂ ଜାରି କରାଯାଇଛି। ମଙ୍ଗଳବାର ସକାଳୁ ବାତ୍ୟା ଅସାନି ପ୍ରଭାବରେ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି । ଆସନ୍ତା ଦୁଇ ଦିନ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ । ଯଦି ବର୍ଷା ଅଧିକା ହୁଏ ଭୂସ୍ଖଳନ ହେବାର ସମ୍ଭାବନା ଥିବାରୁ ପରିସ୍ଥିତି ଦେଖି ପ୍ରଶାସନ ପଦକ୍ଷେପ ନେବା ପାଇଁ ସଜାଗ ରହିଛି। ଜିଲାର ରାୟଗଡା ବ୍ଲକ, ଆର୍ ଉଦୟଗିରି ବ୍ଲକ, ଗୁମ୍ମା ବ୍ଲକ, ମୋହନା ବ୍ଲକ, ନୂଆଗଡ ବ୍ଲକର ପାଖାପାଖି ୧୭ ଜାଗା ଅତିସମ୍ବେଦନଶୀଳ ଥିବାରୁ ସେହି ଜାଗାରେ ଅତ୍ୟଧିକ ବୃଷ୍ଟିପାତ ହେଲେ ଭୂସ୍ଖଳନ ହେବାର ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଗଜପତି ଜିଲା ପ୍ରଶାସନ ସ୍ଥାନୀୟ ଅଞ୍ଚଳରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତୁତ ରହିଛି। ମୋହନା ବ୍ଲକ ଅଡବା ନିକଟସ୍ଥ ହରଭଙ୍ଗି ଡ୍ୟାମର ତଳି ଅଞ୍ଚଳରେ ବସବାସ କରୁଥିବା ଗ୍ରାମଗୁଡ଼ିକରେ ହରଭଙ୍ଗୀ ଜଳସେଚନ ବିଭାଗ ପକ୍ଷରୁ ପ୍ରତ୍ୟେକ ଗ୍ରାମକୁ ଯାଇ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସତର୍କ କରାଯାଉଛି। ଗ୍ରାମବାସୀ ଓ ଗୃହପାଳିତ ପଶୁମାନଙ୍କୁ ନଦୀକୁ ଯିବା ଲାଗି ବାରଣ କରାଯାଇଛି।

## ନିର୍ଭୟା କଢ଼ି, ବାଲ୍ୟ ବିବାହକୁ ନା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଖଲ୍ଲିକୋଟ,୧୦।୫(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଗ୍ରାମ ବାଦପଲ୍ଲୀ ସେବାଶ୍ରମ ସ୍କୁଲ ପରିସରରେ 'ନିର୍ଭୟା କଢ଼ି, ବାଲ୍ୟ ବିବାହକୁ ନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମାକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଦପଲ୍ଲୀ ସରପଞ୍ଚ ନିର୍ମଳା ଶବର, ସମିତିସଭ୍ୟ ମିନତୀ ଜାନୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ସୁନ୍ଦରୀ ମଲ୍ଲିକ, ଜିଲା ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ସାଧନ ଚନ୍ଦ୍ର ଦାସ, ଜିଲା ସଂଯୋଜକ ଦେବବ୍ରତ ମହନ୍ତ, ଖଲ୍ଲିକୋଟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶୁଭଶ୍ରୀ ପାତ୍ର, ଅଙ୍ଗନୱାଡ଼ି ସୁପରଭାଇଜର ବାସନ୍ତୀ ତ୍ରିପାଠୀ, ଭାଗ୍ୟଲତା ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ବିବାହ ଦୂରୀକରଣ ପାଇଁ ସରକାରୀ ନିୟମକାନୁନ ବୁଝାଇବା ସହ ବାଲ୍ୟ ବିବାହ ସମ୍ପୂର୍ଣ୍ଣ ବନ୍ଦ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀ, ଅଙ୍ଗନୱାଡ଼ି କର୍ମୀ, ମିଶନ ଶକ୍ତି ମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅଙ୍ଗନୱାଡ଼ି କର୍ମୀଙ୍କୁ ରନ୍ଧନ ଗ୍ୟାସ ବଣ୍ଟନ କରାଯାଇଥିଲା।

## ବରଯାତ୍ରୀ ଭ୍ୟାନ ଦୁର୍ଘଟଣାଗ୍ରସ୍ତ, ୩୦ ଆହତ

ଚିତ୍ରକୋଣ୍ଡା,୧୦।୫(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଏକ ପିକ୍ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଖବରରୁ ଜଣାପଡିଛି କୋରୁକୋଣ୍ଡା ବ୍ଲକ ତାରାଲାକୋଟା ସିଦ୍ଧିପୁଟ ଗ୍ରାମରୁ ବିବାହ କାର୍ଯ୍ୟ ନିମନ୍ତେ ବର ଘରର ଲୋକେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପଣଷପୁଟ ବେଜିଙ୍ଗ ଗ୍ରାମର ଝିଅ ଘରକୁ ଯାଉଥିଲେ । ଏମାନେ ପ୍ରଥମେ ଡାଇକ ଥ୍ରୀ ଘାଟରୁ ଲଞ୍ଚ ଯୋଗେ ଯାଇ ଓରାପଦରରେ ଓହ୍ଲାଇ ପିକଅପ ଭ୍ୟାନରେ ବେଜିଙ୍ଗ ଅଭିମୁଖେ ଯାଉଥିବା ବେଳେ ପିକଅପ ଭ୍ୟାନଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଆହତଙ୍କୁ ତୁରନ୍ତ ଯୋଡ଼ାମ୍ବ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଇଥିଲା ସେମାନଙ୍କ ମଧ୍ୟରୁ ୭ଜଣ ଗୁରୁତର ଥିବାରୁ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇ ଚିକିତ୍ସା କରାଯାଉଛି।

## ଗଞ୍ଜେଇ ବୋଝେଇ କାର୍ ଜବତ

ଦିଗପହଣ୍ଡି,୧୦।୫(ଡି.ଏନ.ଏ.)

ପାଟପୁର ପୋଲିସ ଟିମ ମଙ୍ଗଳବାର ଭୋର ୫ଟାରେ ରାତ୍ରୀକାଳୀନ ପାଟ୍ରୋଲିଂ ସାରି ଥାନାକୁ ଫେରୁଥିବା ବେଳେ ପଳାସପୁର ରାସ୍ତାର ହରିଣା ଗ୍ରାମ ନିକଟରେ ଦ୍ରୁତ ଗତିରେ ଯାଉଥିବା ଏକ କାରକୁ ଅଟକାଇ ଖାନ ତଲାସ କରିବାରୁ ସେଥିରେ ୨ ଜରି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। କାରରେ ଥିବା ପାଟପୁର ଥାନା କଂସାମାରି ଗ୍ରାମର ମୋହନ ଦୋରା ଏବଂ ନୂଆଦିଲ୍ଲୀର ଆକାଶ ଗୁପ୍ତାଙ୍କୁ ଗିରଫ କରାଯାଇଛି। ଏ ନେଇ ପାଟପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସିକା ଏସ୍ଡିପିଓ ଉମା ଶଙ୍କର ସିଂ ଏବଂ ପାଟପୁର ଆଇଆଇସି ସବ୍ୟସାଚୀ ମଲ୍ଲ ସୂଚନା ଦେଇଥିଲେ। ଗଞ୍ଜେଇ ଚୋରା ଚାଲାଣରେ ଦିଲ୍ଲୀର ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାରୁ ବ୍ୟବସାୟର ଚେର ଦିଲ୍ଲୀ ଯାଏ ଲମ୍ବିଥିବା ଚର୍ଚ୍ଚା ହେଉଛି। ପରେ ସାନଖେମୁଣ୍ଡି ତହସିଲଦାରଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବାରୁ ୭୫ କେ.ଜି ୨ ଶହ ଗ୍ରାମ ହୋଇଥିଲା। ଉଭୟ ଅଭିଯୁକ୍ତଙ୍କୁ ଥାନା ମାମଲା ନଂ.୧୫୦/୨୨ ଅନୁଯାୟୀ ବ୍ରହ୍ମପୁର ଜିଲା ଜଜ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବ୍ରହ୍ମପୁର ଜେଲ୍କୁ ପଠାଯାଇଛି।

## ଚୋରାମଦ ବିକ୍ରି ଅଭିଯୋଗ, ସମିତି ସଭ୍ୟାଙ୍କ ସ୍ୱାମୀ ଗିରଫ

ଦିଗପହଣ୍ଡି,୧୦।୫(ଡି.ଏନ.ଏ.)

ଚୋରାମଦ ବିକ୍ରି ଅଭିଯୋଗରେ କେ.ନୂଆଗାଁ ଥାନା ପୋଲିସ ମଙ୍ଗଳବାର ଦିଗପହଣ୍ଡି ବ୍ଲକ ଚଷା ନିମଖଣ୍ଡି ପଞ୍ଚାୟତ ସମିତି ସଭ୍ୟା ମମତା ମଲ୍ଲିକଙ୍କ ସ୍ୱାମୀ ଶ୍ୟାମ ସୁନ୍ଦରପୁର ଗ୍ରାମର ମିଟୁ ମଲ୍ଲିକଙ୍କୁ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୧୧୫/୨୨ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ଜେଲକୁ ପଠାଯାଇଛି। ସୋମବାର ଅପରାହ୍ନରେ ପୋଲିସ ଗ୍ରାମରେ ଅତର୍କିତ ଚଢ଼ାଉ କରି ଅଭିଯୁକ୍ତଙ୍କ ଘରୁ ୫୦ ଲିଟର ଚୋରା ଦେଶୀମଦ ୧୨ କେଜି ମହୁଲ ଏବଂ ୨ କେଜି ଗୁରିଆ ଜବତ କରିଥିଲା। ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁଙ୍କ ସୂଚନା ପ୍ରକାରେ ଅଭିଯୁକ୍ତ ମିଟୁ ଦୀର୍ଘ ବର୍ଷ ଧରି ଘର ଭିତରେ ଅପମିଶ୍ରିତ ମଦ ପ୍ରସ୍ତୁତ କରି ବେଆଇନ ଭାବେ ବିକ୍ରି କରୁଥିଲେ। ଗ୍ରାମବାସୀ ବାରମ୍ବାର ଅଭିଯୁକ୍ତ ମିଟୁଙ୍କୁ ଗ୍ରାମରେ ମଦ ବିକ୍ରି ନ କରିବା ପାଇଁ ତାଗିଦ କରୁଥିଲେ ମଧ ସେ ଧମକ ଚମକ ଦେଉଥିବା ଗ୍ରାମବାସୀ ପୂର୍ବରୁ ଅଭିଯୋଗ କରିଥିଲେ।

## ମୋହନା ପଞ୍ଚାୟତ ସମିତି ବୈଠକ

ଆର.ଉଦୟଗିରି,୧୦।୫(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ଅତିଥି ।

ମୋହନା ବ୍ଲକରେ ମଙ୍ଗଳବାର ପ୍ରଥମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷ ରଞ୍ଜୀବ ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଉପଧକ୍ଷା କୁନ୍ତଳା ମଲ୍ଲିକ, ବ୍ଲକ ଉପଧକ୍ଷା ବାଲ୍ମୀନା ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତପସ୍ୱିନୀ ହାଂସଦା, ଜିଲା ପରିଷଦ ସଭ୍ୟ ଚନ୍ଦ୍ର କୁମାର ମଲ୍ଲିକ ଏବଂ ସୁନୀଲ କୁମାର ବିଷୋୟୀ ପ୍ରମୁଖଙ୍କ ସମେତ ମୋହନା ବ୍ଲକର ସରପଞ୍ଚ, ସମିତି ସଭ୍ୟା ସଭ୍ୟଙ୍କ ସହ ମୋହନା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ସମିତି ବୈଠକ ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ପ୍ରଥମ ଥର ଅନୁଷ୍ଠିତ ହୋଇଥିଲା। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ବୈଠକରେ ପାନୀୟ ଜଳ ସମସ୍ୟା କିପରି ସୁଧାର ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହ ପ୍ରତିନିଧିମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ଶିଶୁ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଦାୟିତ୍ୱରେ ଥିବା ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ଖଗେଶ୍ୱର ଭୂୟାଁ ଉପସ୍ଥିତ ଥିବା ଅଧିକାରୀଙ୍କୁ ସ୍ୱାଗତ କରିଥିବା ବେଳେ ବ୍ଲକ ଅଧକ୍ଷ ରଞ୍ଜୀବ ଶବର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତପସ୍ୱିନୀ ହାଂସଦା ବ୍ଲକରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ।

## ବୋଲେରୋ-ଟ୍ରକ୍ ଧକ୍କା

ରାୟଗଡା ଅଫିସ, ୧୦।୫

୩୨୬ ନମ୍ବର ଜାତୀୟ ରାଜପଥର ଗୁମ୍ମା ନିକଟରେ ମଙ୍ଗଳବାର ଅପରାହ୍ନରେ ବୋଲେରୋ ଓ କୋଇଲା ବୋଝେଇ ଟ୍ରକ ଧକ୍କାରେ ୮ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ଅଛନ୍ତ। ସୂଚନାନୁଯାୟୀ, କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ବଡ଼ମାରିଭଟା ଗାଁର ଗୋଟିଏ ପରିବାରର ୭ଜଣ ଏକ ବୋଲେରୋ ରାୟଗଡାରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଆସୁଥିଲେ। ଏହି ସମୟରେ ଗୁମ୍ମା ନିକଟ ତଳଗୁମ୍ମାଠାରେ ଏକ କୋଇଲା ବୋଝେଇ ଟ୍ରକ ତାକୁ ଧକ୍କା ଦେଇଥିଲା।

## ଲକ୍ଷ୍ମୀ ନୃସିଂହ ଯାତ୍ରା ପ୍ରସ୍ତୁତି ବୈଠକ

ହିଞ୍ଜିଳିକାଟୁ,୧୦।୫ (ଡି.ଏନ.ଏ.)

ଆସନ୍ତା ୧୪ଠାରୁ ୩ ଦିନ ପାଇଁ ହେବାକୁ ଥିବା କାଟୁ ଶ୍ରୀ ଲକ୍ଷ୍ମୀ ନୃସିଂହ ଯାତ୍ରା ଶାନ୍ତି ଶୃଙ୍ଖଳା ସହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପୌର ପରିଷଦ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୌର ନିର୍ବାହୀ ଅଧିକାରୀ ଡ.ମନୋରଞ୍ଜନ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଅଧକ୍ଷ ସୁବାସ ଚନ୍ଦ୍ର ପଲେଇ, ତହସିଲଦାର ପ୍ରଭାତ କୁମାର ପରିଡା, ଆଇଆଇସି ଅଭିମନ୍ୟୁ ଦାସ ଯୋଗ ଦେଇଥିଲେ। ଏଥିରେ କାଟୁ ଯାତ୍ରା ରଙ୍ଗଣୀ ବାଡ଼, କେଉଟ ବାଡ଼ ଓ ପାଟଣା ସାହି ଯାତ୍ରା କମିଟି ସଦସ୍ୟ ଆଲୋଚନାରେ ଭାଗ ନେଇଥିଲେ। ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ। ଶାନ୍ତି ଶୃଙ୍ଖଳା ସହ ନୀତି ନିୟମ ପ୍ରକାରେ ଯାତ୍ରା ଆୟୋଜନ ପାଇଁ ଆଲୋଚନା ହୋଇଥିଲା।

## ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ



ମଞ୍ଚାସୀନ ଅତିଥିମାନେ।

ଆସିକା,୧୦।୫(ଡି.ଏନ.ଏ.)

ଆସିକା ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟବସାୟ କରୁଥିବା ବିଭିନ୍ନ ଜାତୀୟକରଣ ଓ ଘରୋଇ ବ୍ୟାଙ୍କ କର୍ମକର୍ତ୍ତାଙ୍କୁ ନେଇ ମଙ୍ଗଳବାର ବ୍ଲକ ସଭା ଗୃହରେ ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବିଡିଓ ରୋଶନ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସିଡିପିଓ ଭାରତୀ ମହାପାତ୍ର, ବ୍ଲକ କୃଷି ଅଧିକାରୀ ବସନ୍ତ ଦେ, ବ୍ୟାଙ୍କ ମ୍ୟାନେଜର ଦେବାଷିଶ ସାମନ୍ତ ସିଂହାର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମତ୍ସ୍ୟ ପୋଖରୀ ଯୋଜନା, ବଳରାମ ଯୋଜନା, ପ୍ରଧାନମନ୍ତ୍ରୀ କର୍ମନିଯୁକ୍ତି ଯୋଜନା, ସୁଯୋଗ ଯୋଜନା, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବ୍ୟାଙ୍କ ସହାୟତା ଏବଂ ୫୦ ପ୍ରତିଶତରୁ ଅଧିକ ସଦସ୍ୟ ଥିବା ଅନୁସୂଚିତ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିଭିନ୍ନ ଯୋଜନାରେ ଋଣ ସହାୟତା ପ୍ରଦାନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

## ଗଜପତିରେ ହକି ଖେଳ ପ୍ରଦର୍ଶନ

ପାରଳାଖେମୁଣ୍ଡି,୧୦।୫(ଡି.ଏନ୍.ଏ.)

ଗଜପତି ଜିଲାର କ୍ରୀଡ଼ା ବିଭାଗ ତରଫରୁ ବିଭିନ୍ନ ଆବାସ ଆଶ୍ରମ ବିଦ୍ୟାଳୟର ଖେଳ ପଡିଆଠାରେ ହକି ପ୍ରଦର୍ଶନ କରାଯାଇଛି। ଏହି ପରିପକ୍ଷୀରେ ଜିଲାର ରାୟଗଡ଼ା ବ୍ଲକ ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍ପିସିର ତୃଣମୂଳ ସଂଯୋଜକ ଶେଖର ଚନ୍ଦ୍ର ବେହେରା ଓ ଗଜପତି ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ଚନ୍ଦ୍ର ନାୟକ, ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ତଥା ସହକାରୀ ଜିଲାପାଳ ନଟବର ଗରଡ଼ା ଯୋଗଦେଇ ଜାତୀୟ କ୍ରୀଡା ହକି ଖେଳର ବିଭିନ୍ନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ବିଶେଷ କରି ହରିଜନ ଓ ଆଦିବାସୀ ପିଲାଙ୍କୁ ଓଡ଼ିଶା ସରକାର ହକି ଖେଳରେ ଅଧିକ ଗୁରୁତ୍ୱ ଦିଆଯାଇଛି ।

## ସିଡିଏମ୍ଓଙ୍କୁ ଭେଟିଲେ ଭୃଗୁବକ୍ସି ପାତ୍ର


ଭୃଗୁବକ୍ସି ପାତ୍ର ରମ୍ଭା ଅଞ୍ଚଳର ସମସ୍ୟା ଉପରେ ଆଲୋଚନା କରୁଛନ୍ତି।

ରମ୍ଭା,୧୦।୫

ରମ୍ଭା ଏନ୍ଏସି ଅଧକ୍ଷା ମାନସୀ ସ୍ୱାଇଁ ଓ ପ୍ରତିନିଧି ମଣ୍ଡଳୀଙ୍କ ସହ ସୋମବାର ସୌଜନ୍ୟମୂଳକ ସାକ୍ଷାତ ସମୟରେ ରାଜ୍ୟ ଭାଜପା ଉପସଭାପତି ତଥା ବ୍ରହ୍ମପୁର ଏମ୍ପି ପ୍ରାର୍ଥୀ ଭୃଗୁବକ୍ସି ପାତ୍ର ରମ୍ଭା ଅଞ୍ଚଳର ବହୁବିଧ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏଥିସହ ଦ୍ରୁତଗାମୀ ରେଳ ଚଳାଚଳ, ସରକାରୀ ଚିକିତ୍ସାଳୟର ଉନ୍ନତୀକରଣ, ରମ୍ଭା ବାଦପଲ୍ଲୀ ରାସ୍ତାର ଓଭରବ୍ରିଜ ନିର୍ମାଣ ସହିତ ଅନେକ ମୌଳିକ ସମସ୍ୟା ଉପରେ ଦୃଷ୍ଟି ଗୋଚର କରାଯାଇଥିଲା। ପର୍ଯ୍ୟାୟ କ୍ରମେ ନିକଟରେ ଦ୍ରୁତଗାମୀ ରେଳ ରହଣି ପାଇଁ ରମ୍ଭାରେ ଡିଆର୍ଏମ୍ ଆଗମନ ସମୟରେ ରମ୍ଭା ଅଧକ୍ଷାଙ୍କ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ତତ୍ସହିତ ଭୃଗୁବକ୍ସି ପାତ୍ରଙ୍କ ଅଧକ୍ଷତାରେ ଉପାଧକ୍ଷ କାଳିଆ ତରେଇ, ମଣ୍ଡଳ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଅଧକ୍ଷାଙ୍କ ପ୍ରତିନିଧି କାହ୍ନା ସ୍ୱାଇଁ, ଗଞ୍ଜାମ ଜିଲା ଭାଜପା ଉପସଭାପତି ଭୀମସେନ ବେହେରା ପ୍ରମୁଖ ଗଞ୍ଜାମ ସିଡିଏମ୍ଓ ଉମାଶଙ୍କର ମିଶ୍ରଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଗକୁ ଚନ୍ଦନ ଯାତ୍ରାକୁ ଲକ୍ଷ୍ୟ ରଖି ବହୁବିଧ ସମସ୍ୟା ଉପରେ ଦୃଷ୍ଟିଗୋଚର କରାଯାଇଥିଲା। ସିଡିଏମ୍ ମିଶ୍ର ସ୍ୱତନ୍ତ୍ର ଯାତ୍ରା ୭ ଦିନ ପାଇଁ ଅଭିଜ୍ଞ ଡାକ୍ତର ପ୍ରଦାନ କରିବା ସହ ଆନୁଷଙ୍ଗିକ ଅଭାବ ଅସୁବିଧାକୁ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରିବା ସହ ୨୩ ତାରିଖ ପରେ ଦୁଇଜଣ ତାଲିମ ପ୍ରାପ୍ତ ଡାକ୍ତରଙ୍କୁ ପଠାଇବା ଲାଗି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।